

୧୯୭୭



ଭୁବନେଶ୍ୱରସ୍ଥ ପୂର୍ବାଞ୍ଚଳ ଶିକ୍ଷା କେନ୍ଦ୍ରର ସପ୍ତମ ବାର୍ଷିକ ସମାବର୍ତ୍ତନ ଉତ୍ସବରେ ନୂଆଦିଲ୍ଲୀ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟର କୁଳପତି ଶ୍ରୀ ବି. ଡି. ନାଗ୍‌ଚୌଧୁରୀ ଗତ ଏପ୍ରିଲ ୨୯ ତାରିଖ ଦିନ କୃତୀ ବିଦ୍ୟାର୍ଥୀମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରୁଛନ୍ତି ।



ଓଡ଼ିଶାର ରାଜ୍ୟପାଳ ଶ୍ରୀ ହରଚରଣ ସିଂହ ବ୍ରାର୍ ଗତ ମଇ ୨ ତାରିଖ ଦିନ ଭୁବନେଶ୍ୱରଠାରେ ବିଭାଗୀୟ ଶାସନ ସଚିବମାନଙ୍କୁ ଉଦ୍‌ବୋଧନ ଦେଉଛନ୍ତି ।




ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ତୃତୀୟ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ ଉତ୍ସବରେ ସମ୍ମାନିତ ଶିଳ୍ପୀବୃନ୍ଦ ।

# ଉତ୍କଳ ପ୍ରସଙ୍ଗ

୧୯୭୭ ମଇ/ଜୁନ୍ : ଜ୍ୟେଷ୍ଠ/ଆଷାଢ଼
୧୮୯୯ ଶକାବ୍ଦ
୩୩ଶ ଖଣ୍ଡ : ଦଶମ-ଏକାଦଶ ସଂଖ୍ୟା

...ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ... ଓ ଅନ୍ୟାନ୍ୟ ଦରକାରୀ ତଥ୍ୟର ସଂକ୍ଷିପ୍ତ ...'ଉତ୍କଳ ପ୍ରସଙ୍ଗ'ରେ ପ୍ରକାଶିତ ହୋଇ- ... ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ... ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରା- ...। ସେହିସବୁ ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁ- ... ପାଠ ବୋଲି ଧରିବା ଉଚିତ୍ ନୁହେଁ।

...ପ୍ରସଙ୍ଗ' ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ...) ବିଭାଗ ତରଫରୁ ପ୍ରକାଶ ପାଉଥିଲେ ... ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ... ସବୁକରେ ଓଡ଼ିଶା ସରକାରଙ୍କର ... ବୁଝିବାକୁ ହେବ ନାହିଁ।

ମୁଖ୍ୟ ସମ୍ପାଦକ :
ଶ୍ରୀ ଅଦ୍ୱୈଧ ନାରାୟଣ ଭଣ୍ଡାରୀ
ଆଇ. ଏ. ଏସ୍.

ସମ୍ପାଦକ :
ମହାପାତ୍ର ନୀଳମଣି ସାହୁ

ସହକାରୀ ସମ୍ପାଦକ :
...ଶ୍ରୀ ସତ୍ୟନାରାୟଣ ନନ୍ଦ

ସହଯୋଗୀ ସମ୍ପାଦକ :
ଶ୍ରୀ ବ୍ରଜମୋହନ ପଟ୍ଟନାୟକ
ଶ୍ରୀ କିଶୋର ଚନ୍ଦ୍ର ବେହେରା

ପ୍ରଚ୍ଛଦପଟ :
ଶ୍ରୀ ଅସିତ ମୁଖାର୍ଜୀ

ଅଙ୍ଗ ସଜ୍ଜା :
ଶ୍ରୀରାମଚନ୍ଦ୍ର ରାଉତ

ମୁଦ୍ରଣ :
...ସରକାରୀ ମୁଦ୍ରଣାଳୟ, କଟକ

...ଦେୟ—ଟ ୧୦·୦୦ ପ୍ରତିଖଣ୍ଡ—ଟ୧·୦୦

## ସୂଚୀପତ୍ର

### ପ୍ରସଙ୍ଗ କ୍ରମେ

ପାଠାଗାର ଆନ୍ଦୋଳନ ..... ୧
ବୈଦିକ ଗବେଷଣା ଓ ବିଦେଶୀ ସାଧକ ..... ୪
ବିଶ୍ୱ କୃଷ୍ଣଚେତନା ସଂଘ ସଭ୍ୟଙ୍କ ଶ୍ରୀମନ୍ଦିର ପ୍ରବେଶ ..... ୮
ସଂଗୀତର ସୁର ..... ୧୧
ପାଠ ପଢ଼ିବା ପାଇଁ ପିଲାଙ୍କୁ ଦଣ୍ଡଦେବା ଉଚିତ କି ? ..... ୧୪
ମୀରାବାଈ ..... ୨୧
ସନାତନ ସଂସ୍କୃତିର ସ୍ମାରକ ସାବିତ୍ରୀ ବ୍ରତ ..... ୨୩
କ୍ଷୁଦ୍ର ସମ୍ବାଦପତ୍ର ଓ ଓଡ଼ିଶା ..... ୨୮
ଓଡ଼ିଆ ଚଳଚିତ୍ର ପୁରସ୍କାର ପ୍ରଦାନ ଉତ୍ସବ—ଏକ ସମୀକ୍ଷା ୩୨
ଧାନ ଓ ଶ୍ୟାମଳ ଉପରେ ଲବଣାକ୍ତ ପ୍ରଭାବ ..... ୩୩
ସୁନା ସୁନା ଆହୁରି ସୁନା ..... ୩୬
ଓଡ଼ିଶାର ଲବଣ ଶିଳ୍ପ ..... ୪୨
ଟୋମସ୍ ସୁନ୍ଦରଶ୍ରୀ ..... ୪୭
ଠକଦଳ ଧରାପଡ଼ିଲେ ..... ୫୧
ଅପରାଧ ..... ୫୩
ସଦାଶିବପୁରରେ ସବୁଜ ବିପ୍ଳବ ..... ୫୬
ଟିଟିଲାଗଡ଼ ପଂଚାୟତ ସମିତିର ଅଗ୍ରଗତି ..... ୫୯

### ଶିଷ୍ଟ ଓ ବିଶିଷ୍ଟ

ଡାଗିରି ସ୍ୱାଇଁ ସେତୁବନ୍ଧର ଗୁଣ୍ଡୁଚିଟିଏ ..... ୬୧
ମଧୁରେଣ ..... ୬୪

## ପ୍ରସଙ୍ଗ କ୍ରମେ

# ପାଠାଗାର ଆନ୍ଦୋଳନ

ଦେଶରେ ବିଭିନ୍ନ ରାଜ୍ୟରେ ପାଠାଗାର ଆନ୍ଦୋଳନ କେତେ ବର୍ଷ ଧରି ଖୁବ୍ ଦ୍ରୁତ ଗତିରେ ଆଗେଇ ଛି । ଆମ ଓଡ଼ିଶାରେ ମଧ୍ୟ ଏହି କେତେବର୍ଷ ମଧ୍ୟରେ ଜିଲ୍ଲାରେ ପାଠାଗାର ସ୍ଥାପନ ପାଇଁ ତୁମୁଳ ଆଗ୍ରହ ହୋଇଯାଇଛି ଏବଂ ପାଠାଗାର ଆନ୍ଦୋଳନ ରେ ଅଗ୍ରଗତି କରିଛି । ଇତିମଧ୍ୟରେ ଆମ ରେ ସ୍ୱୀକୃତିପ୍ରାପ୍ତ ୧୬୨ଟି ପାଠାଗାର ପାଇଁ ରାଜା ମୋହନ ରାୟ ପାଠାଗାର ପ୍ରତିଷ୍ଠାନ ତରଫରୁ ୭୬ ମସିହା ଶେଷସୁଦ୍ଧା ୪ ଲକ୍ଷ ଟଙ୍କା ଆର୍ଥିକ ସହାୟତା ମିଳିଥିବାର ଜଣା ଯାଉଛି ଏବଂ ରାଜା ରାମ ମୋହନ ପାଠାଗାର ପ୍ରତିଷ୍ଠାନର ପରାମର୍ଶ କ୍ରମେ ଆଉ ଟି ସ୍ୱୀକୃତିପ୍ରାପ୍ତ ପାଠାଗାରକୁ ଆଉ ୪ ଲକ୍ଷ ଟଙ୍କା ଦେବାକୁ ସ୍ଥିର କରାଯାଇଛି । ଆମ ରାଜ୍ୟର ୬୮ଟି ପାଠାଗାର ବର୍ତ୍ତମାନ ଏହି ଆର୍ଥିକ ସ୍ୱାୟ ଉପକୃତ ହେବେ ।

ରେ ଏକ ବୈଠକରେ ରାଜା ରାମମୋହନ ରାୟ ପ୍ରତିଷ୍ଠାନର ସଦସ୍ୟ-ସମ୍ପାଦକ ଶ୍ରୀଯୁକ୍ତ ସାହା ପ୍ରକାଶ କଲେ ଯେ ଓଡ଼ିଶାର ବିଭିନ୍ନ ସ୍ଥାନରେ ଣ ପାଠାଗାର କେନ୍ଦ୍ରମାନ ତୁରନ୍ତ ଖୋଲିବା ଏବଂ ରାଜ୍ୟର ଗ୍ରାମପଞ୍ଚାୟତଗୁଡ଼ିକ ଏଥିରେ ଖୁବ୍ ପ୍ରକାଶ କରିବା ଉଚିତ । ଶ୍ରୀଯୁକ୍ତ ସାହା କହିଛନ୍ତି ପଞ୍ଚାୟତମାନେ ଏହି ଗ୍ରାମ୍ୟମାଣ ପାଠାଗାର ପାଇଁ ଆଗ୍ରହୀ ହେବେ—ସେମାନଙ୍କୁ ପ୍ରତିଷ୍ଠାନ ସାଇକେଲ ଓ ପୁସ୍ତକ ସରବରାହ କରିବା ଲାଗି ସରଞ୍ଜାମମାନ ମଧ୍ୟ ଯୋଗାଇ ଦିଆଯିବ ସଙ୍ଗେ ସଙ୍ଗେ ପୁସ୍ତକ ମଧ୍ୟ ଯୋଗାଇ ଦିଆ-

ବାଦାର ଆମ ରାଜ୍ୟ ପାଠାଗାର ଯୋଜନା ସଂସ୍ଥା ପାଠାଗାର ଆନ୍ଦୋଳନକୁ ଖୁବ୍ ଉତ୍ସାହ ଓ ସାହାଯ୍ୟ କରୁଛନ୍ତି । ପଞ୍ଚମ ଯୋଜନାର ଅବଶିଷ୍ଟ ୨ ବର୍ଷ ମଧ୍ୟରେ ପ୍ରାୟ ୬୦୦ ପାଠାଗାର ଖୋଲା ଯିବାର ମଧ୍ୟ ସରକାରୀ ମନ୍ତବ୍ୟ ରହିଛି । ଏ ଦୃଷ୍ଟିରୁ ଓଡ଼ିଶାର ଜନ-ସାଧାରଣ ଓ ପଞ୍ଚାୟତ ସମିତିର କର୍ମକର୍ତ୍ତାମାନେ ଏ ଦିଗରେ ଯଥେଷ୍ଟ ସକ୍ରିୟ ହେବେ ବୋଲି ଆମେ ଆଶା କରୁଛୁ ।

କୌଣସି ସଭ୍ୟ ଓ ସଂସ୍କୃତିସମ୍ପନ୍ନ ଜାତି ଲାଗି ପାଠାଗାରର ଆବଶ୍ୟକତା ଅତ୍ୟନ୍ତ ଅପରିହାର୍ଯ୍ୟ । ଏହାଛଡ଼ା ଗତ ଦଶ ବର୍ଷ ମଧ୍ୟରେ ଯାହା ଦେଖାଯାଉଛି—ଆମର ଗାଁ ଗହଳରେ ବହୁ ନିମ୍ନ ପ୍ରାଇମେରୀ, ମାଇନର ଓ ହାଇସ୍କୁଲ ଖୋଲିଯିବା ଫଳରେ ଗାଁ ଗହଳରେ ବର୍ତ୍ତମାନ ଶିକ୍ଷିତ ସଂଖ୍ୟା ବହୁତ ବଢ଼ି ଗଲାଣି ଏବଂ ଯେଉଁ ଶିକ୍ଷିତ ଓ ଅର୍ଦ୍ଧ ଶିକ୍ଷିତମାନେ ଗ୍ରାମରେ ରହୁଛନ୍ତି ଓ ଗ୍ରାମର ଉନ୍ନୟନ ଦାୟିତ୍ୱ ନିଜ ହାତକୁ ନେଉଛନ୍ତି—ସେମାନଙ୍କର ଜ୍ଞାନର ସମ୍ପ୍ରସାରଣ ଉପରେ ସାରା ଦେଶର ସମୃଦ୍ଧି ଓ ପ୍ରଗତି ନିର୍ଭର କରେ । ଅଜିକାଲି ସବୁ କ୍ଷେତ୍ରରେ ଜ୍ଞାନ ବିଜ୍ଞାନ ଯେପରି ଦ୍ରୁତ ଗତିରେ ଆଗେଇ ଚାଲିଛି, ସେଥିରେ ଯଦି ଆମର ଜନସାଧାରଣ ସେ ସବୁ ଅନୁସରଣ ନକରି ପଛରେ ପଡ଼ିଯାନ୍ତି ତେବେ ଆମର ଗଣତନ୍ତ୍ର ବା ସମାଜବାଦ ଆଦୌ କାର୍ଯ୍ୟକାରୀ ହୋଇ ପାରିବ ନାହିଁ । ସମସ୍ତଙ୍କ ପକ୍ଷରେ ବି. ଏ., ଏମ୍. ଏ. ପାଶ୍ କରିବା ସହଜ ନୁହଁ ଏବଂ ଯଦିବା ବି. ଏ., ଏମ୍. ଏ. ପାଶ୍ କରି ଜୀବନସାରା ଆଉ ଜ୍ଞାନ ବିଜ୍ଞାନର ଧାର ନ ଧାରିଲେ ସେହି ପାଶ୍ କରା ବୁଦ୍ଧିର ମଧ୍ୟ ଆଉ ବିକାଶ ହୋଇ ପାରିବ ନାହିଁ । ତା'ଛଡ଼ା ସମଗ୍ର ଦେଶର ବା ରାଜ୍ୟର ବିଭିନ୍ନ ସମସ୍ୟାମାନଙ୍କୁ ବିଶ୍ଳେଷଣ କରି ବୁଝି ସେ ସମ୍ବନ୍ଧେ ନିଜର ମତାମତ ଦେବା ଲାଗି ଯେଉଁ ମାନସିକ କ୍ଷମତା ଆବଶ୍ୟକ, ତାହା ବିଭିନ୍ନ ବିଷୟ ଅଧ୍ୟୟନ ନ କଲେ କେହି ଅର୍ଜନ କରି ପାରନ୍ତି ନାହିଁ । ସେହିପରି ବ୍ୟକ୍ତିଗତ ଜୀବନର ବିଭିନ୍ନ ସମସ୍ୟା-ବଳୀକୁ ମଧ୍ୟ ବୁଝି ସମୁଚିତ ନିୟନ୍ତ୍ରଣ କରିବା ଦିଗରେ ଏହି ଅଧ୍ୟୟନ ଖୁବ୍ ସାହାଯ୍ୟ କରିଥାଏ । ଏଥିରେ ସନ୍ଦେହ ନାହିଁ ଯେ ଆମ ଦେଶର ଜନଗଣ ଆନ୍ତରିକତାରେ ଓ

ସାଧାରଣଙ୍କଠାରେ ପୃଥିବୀର ଯେ କୌଣସି ଦେଶର ଜନ-ସଣଙ୍କଠାରୁ ଯଥେଷ୍ଟ ଉନ୍ନତ ହେଲେ ହେଁ—ଜୀବନ ଓ ସମାଜର ବିଭିନ୍ନ ଦିଗପ୍ରତି ସେମାନଙ୍କ ବୌଦ୍ଧିକ ଦୃଷ୍ଟି ବିକଶିତ ହେବା ନିହିତ ତାହା ତଦନୁରୂପ ଆଶାଜନକ ଅବସ୍ଥାକୁ ଏପର୍ଯ୍ୟନ୍ତ ଆସି ନାହିଁ । କହିବା ବାହୁଲ୍ୟ—ଆମ ଜନ-ସାଧାରଣଙ୍କ ପଠନବୃତ୍ତି ଓ ଅଧ୍ୟୟନ ପ୍ରବଣତା ବଢ଼ିଲେ—ତାହାର ବୌଦ୍ଧିକତା ନିଶ୍ଚୟ ଖୁବ୍ ଶୀଘ୍ର ବୃଦ୍ଧି ପାଇ-ଯିବ ।

ବର୍ତ୍ତମାନ କେନ୍ଦ୍ର ଓ ରାଜ୍ୟସରକାର ମାନେ ଏବଂ ରାଜା ରାମମୋହନ ପାଠାଗାର ପ୍ରତିଷ୍ଠାନ ଏହି ପାଠାଗାର ଆନ୍ଦୋଳନକୁ ଯେପରି ଉତ୍ସାହିତ କରୁଛନ୍ତି, ଏତିକିବେଳେ ଓଡ଼ିଶାର ଜନସାଧାରଣ, ବିଶେଷତଃ ଗାଁଗହଳର ଜନତା ଓ ନେତୃବୃନ୍ଦ ତାର ପୂର୍ଣ୍ଣସଦୁପଯୋଗ କରିବା ...ବୋଲି ଆମ୍ଭେମାନେ ଆଶାକରୁଛୁ ।

ଏହି ପ୍ରସଙ୍ଗରେ—ଆମେ ପୁସ୍ତକ ପ୍ରକାଶକ ... ପୁସ୍ତକ ବ୍ୟବସାୟୀମାନଙ୍କୁ ମଧ୍ୟ ଅନୁରୋଧ କରୁଛୁ ... ସେମାନେ ଯେପରି ବହୁସଂଖ୍ୟକ ଉତ୍ତମ ଭିତ୍ତିର ... ପୁସ୍ତକମାନ ପ୍ରକାଶ କରି ସୁଲଭ ମୂଲ୍ୟରେ ... ପାଖେ ପହଞ୍ଚାଇ ଦେବେ । ସେ ଦିଗରେ ... ହୁଅନ୍ତୁ । ସ୍କୁଲ କଲେଜ ପାଠ୍ୟପୁସ୍ତକ ସରକାର ... ନେଲାପରେ—ବହୁଳ ସାଧାରଣ ପାଠ୍ୟପୁସ୍ତକ ପ୍ରକାଶ ... ଓ ପ୍ରଚଳନ ଦିଗରେ ଓଡ଼ିଶାର ପୁସ୍ତକପ୍ରକାଶକ ... ଏତିକିବେଳେ ହିଁ ଆତଭର ହେବା ନିତାନ୍ତ ... ମନେହୁଏ ।

# ପୁଣି ନିର୍ବାଚନ

ଲୋକସଭା ନିର୍ବାଚନ ପରେ ଜନତାଦଳ କେନ୍ଦ୍ରରେ ଶାସନଭାର ଗ୍ରହଣ କଲେ । ଏବେ ପୁଣି ଭାରତର କେତେକ ରାଜ୍ୟରେ ଆସନ୍ନ ନିର୍ବାଚନ ହେବାକୁ ଯାଉଛି । ରାଜ୍ୟ ବିଧାନସଭା ପାଇଁ ଯେଉଁ ନିର୍ବାଚନ ହେବାକୁ ଯାଉଛି—ସେଥିରେ ବିଭିନ୍ନଦଳ ସେମାନଙ୍କର ଆଦର୍ଶକୁ ଜନସାଧାରଣଙ୍କ ସମ୍ମୁଖରେ ରଖି ଜନସାଧାରଣଙ୍କ ସମର୍ଥନ ପାଇବାକୁ ପ୍ରାର୍ଥୀ ହେଉଛନ୍ତି ।

ଗତ ଲୋକସଭା ନିର୍ବାଚନରେ ଭାରତର ଜନ-ସାଧାରଣ ଅପୂର୍ବ ଗଣତାନ୍ତ୍ରିକ ମନୋଭାବ ପ୍ରଦର୍ଶନ କରିଛନ୍ତି । ଏତେବଡ଼ ଉପମହାଦେଶରେ ଯେଉଁପ୍ରକାର ଶାନ୍ତିଶୃଙ୍ଖଳାର ସହିତ ଏତେବଡ଼ ନିର୍ବାଚନ କାର୍ଯ୍ୟର ସମାପନ ହେଲା—ତାହା ଦେଖି ସାରା ବିଶ୍ୱ ଆଜି ସ୍ତମ୍ଭିତ । ବର୍ତ୍ତମାନ ଏହି ବିଧାନସଭା ନିର୍ବାଚନ ପୂର୍ବରୁ ଓଡ଼ିଶାର ବିଭିନ୍ନ ଦଳ ସେମାନଙ୍କର ନିର୍ବାଚନ ଇସ୍ତାହାର ପ୍ରକାଶ କରୁଛନ୍ତି । ରାଜ୍ୟବାସୀ ସ୍ଥିର ଚିତ୍ତରେ, ଦେଶର ମଙ୍ଗଳ ଦୃଷ୍ଟିରୁ ଏହି ନିର୍ବାଚନରେ ସେମାନଙ୍କର ସିଦ୍ଧାନ୍ତ ଦେବେ ଏଥିରେ ଆମର ଯଥେଷ୍ଟ ବିଶ୍ୱାସ ଅଛି । ବର୍ତ୍ତମାନ ଦେଶବାସୀ ଖୁବ୍ ସଚେତନ । ଦିଲ୍ଲୀ ବା ଭୁବନେଶ୍ୱରରେ ଯାହା କିଛି ଘଟୁଛି—ତାର ମର୍ମ ବୁଝି ପାରୁଛି କୋରାପୁଟର ଆଦିବାସୀ ବୃଦ୍ଧାଟିଏ କିମ୍ବା ସମୁଦ୍ର କୂଳର ଧୀବରଟିଏ । ସେମାନଙ୍କୁ ଆଉ କେହି କିଛି ବୁଝାଇବା ବା ପ୍ରବର୍ତ୍ତାଇବା ଦରକାର ପଡୁନାହିଁ । ଜନସାଧାରଣ ବର୍ତ୍ତମାନ ବହୁ କଥା ବୁଝିଗଲେଣି । ଆମେ ଯେଉଁମାନେ ନିଜକୁ ଖୁବ୍ ଚତୁର ମନେକରୁ—ବା ଆମେ ଯେଉଁମାନେ ଅନ୍ୟ ଆଖିରେ ଧୂଳି ପକାଇ ଆମ ମନଇଚ୍ଛା କାମ ... ଯିବାକୁ ପ୍ରୟାସ କରୁ—ସେ ସବୁ ଉଦ୍ଧତା ଆଉ ... ଚଳିବ ନାହିଁ । ସାଧାରଣ ଲୋକଟିର ସରଳ ... ଦୃଷ୍ଟିରେ ଯେତେବଡ଼ ଧୂର୍ତ୍ତ ଚତୁର ବ୍ୟକ୍ତିର ... ମନୋଭାବ ସହଜରେ ଧରାପଡ଼ିଯାଉଛି । ମୁଁ ... ପାଇଁ ଏକଥା କହୁଛି ବା ଏକଥା କରୁଛି—କିମ୍ବା ... କୋଉ ଉଦ୍ଦେଶ୍ୟରେ ସେକଥା କହୁଛନ୍ତି ବା ସେ ... କରୁଛନ୍ତି—ସେହି ଗୁପ୍ତ ଉଦ୍ଦେଶ୍ୟଟିକୁ ଅତି ସହଜ ... ବୁଝିବାର କ୍ଷମତା ଆମ ଭୋଟଦାତାଙ୍କର ଅଛି । ... ତେଣୁ ଏଣିକି ଭାରତବର୍ଷରେ ଗଣତନ୍ତ୍ର ପ୍ରତି ଆଉ ... ନାହିଁ । ଲୋକେ ସବୁ ବୁଝିଛନ୍ତି, ବୁଝୁଛନ୍ତି ଓ ବୁଝିବେ ଏବଂ ଯେତେବେଳେ ଯାହା ଉଚିତ ତାହା କରିବେ ।

ଏହି ବୁଝାମଣାରେ ଆମର ନେତୃବୃନ୍ଦ ଓ ଶିକ୍ଷିତ ... ଉଚ୍ଚଶିକ୍ଷିତ ବ୍ୟକ୍ତିମାନେ ଦେଶର ସମସ୍ୟାକୁ ... ତାର ସମାଧାନ ବାହାର କରିବେ । ଲୋକଙ୍କ ହାତରେ ... ପ୍ରକୃତ କ୍ଷମତା ରହିବ ବୋଲି ତାଙ୍କର ... ଗାନ୍ଧୀ ବାରମ୍ବାର କହିଛନ୍ତି ଏବଂ ଯେଉଁ ... ଏହି ଲୋକନିହିତ କ୍ଷମତାର ସଦୁପଯୋଗ କରିବେ ... କରିବେ ସେମାନେ ଯେପରି ସେମାନଙ୍କ ଆଦର୍ଶ ... ନୀତିରେ ଶୁଦ୍ଧ ଓ ନିର୍ମଳ ରହିବେ । ଯୋଉ ... ହୁଅନ୍ତୁ ନା କାହିଁକି ଲୋକେ ସେମାନଙ୍କର ... ଶୁଦ୍ଧତା, ଦେଶପ୍ରାଣତା ଓ ଜୀବନାଦର୍ଶକୁ ... ଭୋଟ ଦେବେ । କ୍ଷମତା ପାଇଁ ରାଜନୀତିରେ ...

...ଙ୍କ ଆଉ ଯାହା ଅଛି—ତା' ମଧ୍ୟ ଶୁଭ୍ ... ଥିବେ । ଯେଉଁମାନେ ଦେଶ ଓ ଜାତିର କଲ୍ୟାଣ ... ଅନୁକୂଳ, ଯେଉଁମାନେ ନିଜ ସ୍ୱାର୍ଥ ବିନିମୟରେ ... ସ୍ୱାର୍ଥ ସଂରକ୍ଷଣ କ୍ଷତି ଆଗଭର ସେଇମାନେଇ ଦେଶବାସୀଙ୍କ ହୃଦୟର ସମର୍ଥନ ଲାଭ କରିବେ । ଏହି ଅବସରରେ ଆମ୍ଭେମାନେ ଓଡ଼ିଶାର ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆବେଦନ କରୁଛୁ—ଓଡ଼ିଶା-ପାଇଁ ଆସନ୍ତା ନିର୍ବାଚନ ଶୁଭଙ୍କର ହେଉ ।

# ନବକଳେବର

... ଦିନ ଧରି ଉପକୂଳ ଅଞ୍ଚଳର ପ୍ରଧାନ ରାସ୍ତା ... ଦିନେ ଦିନେ ସେହି ଅପୂର୍ବ ପବିତ୍ର ଦୃଶ୍ୟଟି ... ମିଳୁଛି । ଶତ ଶତ ଆବାଳବୃଦ୍ଧବନିତାଙ୍କ ... ଘଣ୍ଟ, ମୃଦଙ୍ଗ, କାହାଳି ବାଜଣା ଭିତରେ— ... ହରିବୋଲ ହୁଳହୁଳି ଓ ସଂକୀର୍ତ୍ତନ ଭିତରେ ... ମାନଙ୍କର ଦାରୁ ବିଭିନ୍ନ ଜାଗାରୁ ବୁହାହୋଇ ... ଯାତ୍ରା କରୁଛନ୍ତି । ସୁଦର୍ଶନ, ବଳଭଦ୍ର, ସୁଭଦ୍ରାଙ୍କ ... ପୁରୁଷୋତ୍ତମରେ ପହୁଁଚି ଗଲେଣି । ଏହାପରେ ... ନିକଟରୁ ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ଦାରୁ ... ଯୋଗନାଥେ କର୍ତ୍ତିତ ହୋଇ କ୍ଷେତ୍ରକୁ ବୁହା ... ହେବ । ଏ ଦୃଶ୍ୟ ଦେଖିଲା ମାତ୍ରେ ଶ୍ରଦ୍ଧାଳୁ ... ବିମୋହିତ ହେବ—ନୟନ ଲୋତକାପ୍ଲୁତ ... ଅଞ୍ଚଳ ରାସ୍ତା ଉପରେ ଏହାଠାରୁ ବଳି ପବିତ୍ର ... ଦୃଶ୍ୟ ଆଉ କଣ ଥାଇପାରେ ?

ଏ ବର୍ଷ ଯୋଡ଼ା ଆଷାଢ଼ ପଡ଼ିଛି । ମହାପ୍ରଭୁମାନଙ୍କର ନବକଳେବର ହେବ । ପରମବ୍ରହ୍ମ ନୂତନ ବିଗ୍ରହ ମଧ୍ୟରେ ଶୋଭମାନ ହେବେ । ପୁଣି ଅଉ କେତେବର୍ଷ ପରେ ଏ ଯୋଗ ପଡ଼ିବ କିଏ ଜାଣେ ?

ଏ ବର୍ଷର ନବକଳେବର କିନ୍ତୁ ଦେଶପକ୍ଷରେ ବଡ଼ ତାତ୍ପର୍ଯ୍ୟପୂର୍ଣ୍ଣ ମନେ ହେଉଛି । ଦେଶର ରାଜନୈତିକ, ଅର୍ଥନୈତିକ; ସାମାଜିକ ଓ ନୈତିକ ଜୀବନରେ ମଧ୍ୟ ହୁଏତଃ ଏପରି ଏକ ନବକଳେବର ଚେତନା ଅପରିହାର୍ଯ୍ୟ ହୋଇ ଆସୁଛି । ପୁରାତନ ସମୟର ବହୁ ଗ୍ଳାନିକର ଅବସ୍ଥା ପାରିହୋଇ ଆମ୍ଭେମାନେ ଯେପରି ଏକ ନୂତନ ଆଶାତନକ ସମୁଜ୍ଜ୍ୱଳ ସ୍ତରରେ ପହୁଁଚି ପାରିବୁ ସେଥିପାଇଁ ଆମେ ପରମେଶ୍ୱରଙ୍କୁ ପ୍ରାର୍ଥନା କରୁଛୁ ।

## ୫୯,୯୩୭ ଜଣ ବାସହୀନ ଲୋକଙ୍କୁ ଘରଡ଼ିହ ଯୋଗାଇ ଦିଆଯାଇଛି

... ଚଳିତ ଆର୍ଥିକ ବର୍ଷ ଅର୍ଥାତ୍ ୧୯୭୬-୭୭ ମସିହାର ପ୍ରଥମ ୧୦ ମାସ ମଧ୍ୟରେ ରାଜ୍ୟର ବାସହୀନ ... ନଙ୍କ ମଧ୍ୟରେ ୧,୨୧୬·୧୫୭ ଏକର ଘରଡ଼ିହ ଜମି ବଣ୍ଟାଯାଇଛି । ୧୯୭୭ ଜାନୁଆରୀ ... ଅନୁଯାୟୀ ମୋଟ ୪,୫୯୦·୭୯୪ ଏକର ଘରଡ଼ିହ ଜମି ବାସହୀନ ଲୋକମାନଙ୍କ ମଧ୍ୟରେ ବଣ୍ଟନ ... ଛି । ବାସଗୃହ ନିର୍ମାଣ ପରିକଳ୍ପନା ଅନୁଯାୟୀ ତଫସିଲଭୁକ୍ତ ସଂପ୍ରଦାୟର ୨୩,୨୮୬ ଜଣ ... ମଧ୍ୟରେ ୨,୦୪୩·୪୫୨ ଏକର, ୧୪,୯୮ ଜଣ ତଫସିଲଭୁକ୍ତ ଜାତିର ଲୋକଙ୍କ ମଧ୍ୟରେ ... ୦ ଏକର ଏବଂ ଅନ୍ୟାନ୍ୟ ୧୪,୨୫୨ ଜଣ ବାସହୀନ ଲୋକଙ୍କ ମଧ୍ୟରେ ୧,୫୫୨·୮୭୨ ଏକର ଜମି ବଣ୍ଟା ଯାଇଥିଲା ।

# ବୈଦିକ ଗବେଷଣା ଓ ବିଦେଶୀ ସାଧକ

ବେଦ ଅପୌରୁଷେୟ—ଋଷିଗଣ ଗମ୍ଭୀର ଧ୍ୟାନମଗ୍ନ
ଏହି ସତ୍ୟ ଶବ୍ଦ ରୂପରେ ବ୍ୟକ୍ତ ହୋଇଥିଲ—
ଭଗବାନହିଁ ଏହାକୁ ବ୍ୟକ୍ତ କରିଥିଲେ—ଏହାର ମ
ବୁଝିବାପାଇଁ ଏକନିଷ୍ଠ ସାଧନା ଅପରିହାର୍ଯ୍ୟ—
ସାଧକମାନେ ବେଦାନୁଶୀଳନ ପାଇଁ ଆତ୍ମତ
ସେମାନଙ୍କର ଆଦର୍ଶ ମନେ ରଖି ଆମେ ନିଜର ସା
ସମ୍ପର୍କରେ ଆବଶ୍ୟକୀୟ ଜ୍ଞାନ ଲାଭପାଇଁ ଆର୍ଷ ପ୍ରତି
ବିଦେଶୀ ମନୀଷିମାନଙ୍କୁ ସ୍ମରଣ କରିବା ଉଚି

ଚିନ୍ତାମଣି

ନିକଟ ଅତୀତରେ ଉତ୍କଳୀୟ ସଂସ୍କୃତିର ପ୍ରାଣକେନ୍ଦ୍ର ଜଗନ୍ନାଥଧାମ ଶ୍ରୀକ୍ଷେତ୍ରରେ ଏକ ବୈଦିକ ଆଲୋଚନା-ଚକ୍ର 'ବେଦଭବନ' ଠାରେ ଅନୁଷ୍ଠିତ ହୋଇଥିବା ଆମ ପକ୍ଷରେ ଗର୍ବ ଓ ଗୌରବର ବିଷୟ ନିଶ୍ଚୟ । ଏହି ସମାବେଶରେ ଭାରତର ବିଭିନ୍ନ ସ୍ଥାନରୁ ସମାଗତ କେତେକ ବେଦଜ୍ଞ ପଣ୍ଡିତ ଓ ବିଦ୍ୱାନ୍ ଆଲୋଚନା-ଚକ୍ରରେ ଅଂଶ ଗ୍ରହଣ କରିଥିବାର ସଂବାଦ ମଧ୍ୟ ବିଭିନ୍ନ ପତ୍ର ପତ୍ରିକାରେ ପ୍ରକାଶିତ ହୋଇଥିବା ଦେଶବାସୀଙ୍କୁ ସୁବିଦିତ । ମାତ୍ର ଏପରି ସମାବେଶ ଓ ଆଲୋଚନା-ଚକ୍ର ବୈଦିକ ଜ୍ଞାନଚର୍ଚ୍ଚା, ଅନୁଶୀଳନ ଓ ଗବେଷଣା-ପାଇଁ ଉପଯୁକ୍ତ ପରିସର ଓ ପରିବେଶ ସୃଷ୍ଟି କରିବା ଦିଗରେ ସହାୟକ ହୋଇଛି କି ନା ଏବଂ ଦେଶ-ବାସୀଙ୍କ ପ୍ରାଣରେ ବୈଦିକ ସାହିତ୍ୟ ପ୍ରତି ଅନୁରାଗ ଓ ଶ୍ରଦ୍ଧା ଆନୟନ କରିବା ଦିଗରେ ସକ୍ରିୟ ଚିନ୍ତା ଓ ଚେତନା ସୃଷ୍ଟି କରିବାରେ ସମର୍ଥ ହୋଇପାରିଛି କି ନା ତାହା ଦେଶବାସୀଙ୍କର ବିଚାର୍ଯ୍ୟ । ଏ ପ୍ରସଙ୍ଗରେ ଏକଦା ଯେଉଁ ବିଦେଶୀ ସାଧକବୃନ୍ଦ ଅପୂର୍ବ ତ୍ୟାଗ-ସ୍ୱୀକାର-ପୂର୍ବକ ଏକଲବ୍ୟ-ସାଧନା ବଳରେ ଏ ଦେଶର ବିପୁଳାୟତନ ବୈଦିକ-ସାହିତ୍ୟକୁ ବିଶ୍ୱର ଲୋକଲୋଚନକୁ ଆଣିବାପାଇଁ ସମର୍ଥ ହୋଇଥିଲେ ଏବଂ ଯେଉଁମାନଙ୍କର ତ୍ୟାଗ ଓ ସାଧନା ଫଳରେ ଏଦେଶରେ ଯଥାର୍ଥତଃ ଏକ ରେନେସା ବା ନବ-ଜାଗରଣର ଯୁଗ ସୃଷ୍ଟି ହୋଇପାରିଥିଲା, ସେମାନଙ୍କର କୃତି ଓ କୃତିତ୍ୱ ଅତି ସ୍ୱାଭାବିକ ଭାବରେ ସ୍ମରଣୀୟ ।

ୟୁରୋପୀୟ ଜାତିମାନଙ୍କର ଭାରତ-ଆଗମନ ଏବଂ ଇଂଲଣ୍ଡ କର୍ତ୍ତୃକ ଭାରତର ଅଧିକାର-ଗ୍ରହଣ, ଆମମାନଙ୍କ ପକ୍ଷରେ କେଉଁପରିମାଣରେ ମଙ୍ଗଳ ବା ଅମଙ୍ଗଳ

ସାଧନ କରିଅଛି, ସେ ତର୍କସଙ୍କୁଳ ବିଷୟ
କରିବାକୁ ମୁଁ ଅନିଚ୍ଛୁକ । ମାତ୍ର ଏହି
ଅସ୍ୱୀକାର କରିବାକୁ ଅସମର୍ଥ ଯେ ପ୍ରତ
ମାନଙ୍କ ଅସାମାନ୍ୟ ଶ୍ରମ ଓ ସାଧନା ଫଳ
ଅତୀତ-ଗୌରବର ସ୍ମୃତି ସମୁଜ୍ଜ୍ୱଳ ହୋ
ଭାରତବାସୀଙ୍କ ଦ୍ୱାରା ଭାରତାତ୍ମାର
ନବଜାଗରଣର ଯୁଗରେ ସମ୍ଭବପର
ପାରିଛି । ବସ୍ତୁତଃ ଉନବିଂଶ ଶତକର ତ୍ରି
ଭାରତର ଧାର୍ମିକ ଓ ସାରସ୍ୱତ କ୍ଷେତ୍ରରେ
ଜାଗରଣର ଯୁଗରୂପେ ସ୍ୱୀକୃତ ଏବଂ
ଭିତ୍ତିନିର୍ମାଣ ଓ ପ୍ରତିଷ୍ଠାରେ ବହୁ ବିଦେଶ
ପଥିକୃତ୍ ମାନଙ୍କ ଅକୁଣ୍ଠ ଶ୍ରମଦାନ ସର୍ବଦା
ଓ ସ୍ମରଣୀୟ ।

କିଞ୍ଚିଦଧିକ ଦେଢ଼ଶହ ବର୍ଷ ପୂର୍ବେ ଯେଉଁ
ନାମମାତ୍ର ବର୍ତ୍ତମାନ ରହିଥିଲା, ବୃହତ
ଏକଖଣ୍ଡ ମାତ୍ର ସୁଲଭ ଥିଲା କି ନା ସନ୍ଦେ,
ବେଦ, ବ୍ରାହ୍ମଣ, ଆରଣ୍ୟକ, ଉପନିଷଦ,
ରାମାୟଣ, ମହାଭାରତ, ସ୍ମୃତି, ପୁରାଣ, ଦର୍ଶନ,
ସଂସ୍କୃତ କାବ୍ୟ ଓ ନାଟକାଦି ପର୍ଯ୍ୟନ୍ତ ସେହ
ପଣ୍ଡିତମାନଙ୍କ ପ୍ରଚେଷ୍ଟା ଫଳରେ ହିଁ ଆମ
ପ୍ରାପ୍ତ ହୋଇଅଛୁ । ଏହି ପ୍ରାପ୍ତି ଓ ପ୍ରାପ୍ତି
କାହାଣୀ ଏଠାରେ ସମ୍ୟକ୍ ଭାବରେ ଆଲୋଚିତ ।

୧୬୦୬ ଖ୍ରୀ:ଅ:ରେ ଫାଦାର ରବର୍ଟ ଡି ନୋ
ନାମକ ଜଣେ ଖ୍ରୀଷ୍ଟାନ ଧର୍ମପ୍ରଚାରକ ମା
ମାଦୁରା ନାମକ ନଗରକୁ ଆଗମନ କରନ୍ତି । ସେ
ଦାକ୍ଷିଣାତ୍ୟର ବ୍ରାହ୍ମଣମାନଙ୍କୁ ସମ୍ମାନିତ

...ପ୍ରଥମେ ସଂସ୍କୃତଭାଷା ଶିକ୍ଷା କରିବାକୁ ଆରମ୍ଭ ...ମାନଙ୍କ ଉପରେ ପ୍ରଭାବ ବିସ୍ତାର କରିବା ... ଯେ ବିଶେଷ ନାମ ରଖିଥିଲେ ତତ୍ତ୍ୱବୋଧ ସ୍ୱାମୀ । ...ଶପ୍ରିୟତର ମହାଶୟ ଜଣେ ଚତୁର ବ୍ରାହ୍ମଣଙ୍କ- ...ଜୁର୍ବେଦ' ନାମକ ଖଣ୍ଡିଏ ପୁସ୍ତକ ପ୍ରଣୟନ ... ନିଜ ନାମରେ ହିଁ ପ୍ରସ୍ତୁତ କରନ୍ତି । ୧୭୬୬ ...: ରେ ନୋବିଲୀଙ୍କ ମୃତ୍ୟୁପରେ ଏହି ଗ୍ରନ୍ଥର ...ପଣ୍ଡିଚେରୀସ୍ଥ ରାଜକୀୟ ପୁସ୍ତକାଳୟରେ ...ସ୍ଥଳରେ ସୁରକ୍ଷିତ ହୁଏ । ଏହାର ଏକଶହ ...ରେ ୧୭୬୧ ଖ୍ରୀ:ଅ: ରେ ଏହି ପୁସ୍ତକ ଫରାସୀ ... ଅନୂଦିତ ହୋଇ ସୁପ୍ରସିଦ୍ଧ ଫରାସୀଲେଖକ ...ଙ୍କ ନିକଟକୁ ପ୍ରେରିତ ହୁଏ । ୧୭୭୮ ...: ରେ ଏହା ପ୍ୟାରିସ୍ ନଗରୀରେ ମୁଦ୍ରିତ ... । ଏହି କୃତ୍ରିମ ବେଦ ପାଠକରି ସଂଶୟବାଦୀ ...ର ଲେଖିଥିଲେ—"The most precious ...for which the West has ever been ...ted to the East".

...୭୬ ଖ୍ରୀ:ଅ: ରେ ଗଭର୍ଣ୍ଣର ହେଷ୍ଟିଂଙ୍କ ...ରେ ନାଥାନିୟାଲ ବ୍ରସି ହାଲହେଡ ନାମକ ... ଜଣେ ସଂସ୍କୃତ ପଣ୍ଡିତମାନଙ୍କ ସହାୟତାରେ ...e Code of Gentoo Law" ନାମକ ...ବ୍ୟବହାର-ବିଷୟକ ପୁସ୍ତକ ପ୍ରଣୟନ କରନ୍ତି । ... ପୁସ୍ତକରେ ସଂସ୍କୃତଭାଷା ସମ୍ପର୍କରେ ଗୋଟିଏ ...ପ୍ରକାଶିତ ହୁଏ ଏବଂ ଏହାହିଁ ସଂସ୍କୃତ ଭାଷାର ...ର ସର୍ବପ୍ରଥମ ଇଂରାଜୀ ପ୍ରବନ୍ଧ । କର୍ଣ୍ଣେଲ ... ସର୍ବପ୍ରଥମେ ବେଦ-ସଂଗ୍ରହରେ ପ୍ରବୃତ୍ତ ... । ସେ ୧୭୭୮ ଖ୍ରୀ:ଅ: ରେ ସୁପ୍ରସିଦ୍ଧ ପଣ୍ଡିତ ...ଅନନ୍ତରାମଙ୍କ ସାହାଯ୍ୟରେ ଜୟପୁରାଧିପତି ... ପ୍ରତାପସିଂହଙ୍କ ଗ୍ରନ୍ଥାଗାରରୁ ପାରସ୍ୟ ...ଅନୁବାଦ ସହ ସ୍ୱରଚିତ ବେଦ ପ୍ରାପ୍ତ ହୁଅନ୍ତି । ...ଗୁଡ଼ିକ ସଂଗ୍ରହକରି ୧୭୮୯ ଖ୍ରୀ:ଅ: ରେ ...ଜୋସେଫ ବ୍ୟାଙ୍କ ସାହେବଙ୍କ ଦ୍ୱାରା ଲଣ୍ଡନସ୍ଥ ...ବ୍ରିଟିଶମ୍ୟୁଜିୟମକୁ ପ୍ରେରଣ କରନ୍ତି । ଇତିପୂର୍ବେ ... ହେଲହେଡ୍ ସାହେବ ବେଦ ସଂଗ୍ରହର ... ଜନୈକ ମହାରାଷ୍ଟ୍ରୀୟ ବ୍ରାହ୍ମଣଙ୍କ ଦ୍ୱାରା ... ଦୁହନ୍ତି । ପୋଲିୟରଙ୍କ ଦ୍ୱାରା ସଂଗୃହୀତ ...ଜର୍ମାନ୍ ଅଧ୍ୟାପକ Rosen ଋଗ୍‌ବେଦର ... ରହିଥିବାର ଅବଲୋକନ କରି ଭାରତ- ...ରାମମୋହନ ରାୟ ଚମତ୍କୃତ ହୋଇ- ...ହା ପୂର୍ବରୁ ସେ ବେଦ-ଦର୍ଶନର ସୁଯୋଗ ...ଥିଲେ ।

ସର୍ବପ୍ରଥମେ ଯେ ସଂସ୍କୃତଭାଷା ସୁନ୍ଦର ଭାବରେ ଶିକ୍ଷା କରନ୍ତି, ସେ ହେଉଛନ୍ତି ଜଣେ ଇଂରେଜ ; ତାଙ୍କର ନାମ ଉଇଲ୍‌କିନସ୍ । ତତ୍‌କୃତ ଭଗବଦ୍‌ଗୀତାର ଅନୁବାଦ 'ଇଷ୍ଟ ଇଣ୍ଡିଆ କୋମ୍ପାନୀ' ଦ୍ୱାରା ଲଣ୍ଡନ ନଗରୀରେ ୧୭୮୫ ଖ୍ରୀ:ଅ: ରେ ପ୍ରକାଶିତ ହୁଏ । ଏହି ଅନୁବାଦରୁ ହିଁ ପ୍ରଥମେ ଫରାସୀ ଓ ପରେ ଜର୍ମାନ ଭାଷାରେ ଗୀତାର ଅନୁବାଦ ପ୍ରକାଶିତ ହୋଇଥିଲା ।

୧୭୮୪ ଖ୍ରୀ:ଅ: ରେ କଲିକତାରେ 'ଏସିୟାଟିକ୍ ସୋସାଇଟୀ' ନାମକ ଗୋଟିଏ ସଂସ୍ଥା ସ୍ଥାପିତ ହୁଏ । ଏହି ସଂସ୍ଥା ସହିତ ସୁପ୍ରସିଦ୍ଧ ପଣ୍ଡିତ ସାର୍ ଉଇଲିୟମ ଜୋନ୍‌ସଙ୍କ ନାମ ବିଶେଷ ଭାବରେ ସଂଶ୍ଳିଷ୍ଟ । ସାର୍ ଜୋନ୍‌ସ ୧୭୮୧ ଖ୍ରୀ:ଅ: ରେ କଲିକତା ସୁପ୍ରିମକୋର୍ଟର ବିଚାରପତି ଭାବରେ ନିଯୁକ୍ତ ହୋଇ ବଙ୍ଗଦେଶକୁ ଆଗମନ କରନ୍ତି । ସେ ବହୁ ପ୍ରାଚ୍ୟ ଭାଷା ଶିକ୍ଷା ପୂର୍ବକ ଏ ଦେଶକୁ ଆସି ବିଶେଷ ଯତ୍ନ ସହକାରେ ସଂସ୍କୃତଭାଷା ଶିକ୍ଷା କରନ୍ତି । ସେ ମହାକବି କାଳିଦାସଙ୍କର "ଅଭିଜ୍ଞାନ ଶାକୁନ୍ତଳମ୍" ନାମକ ମହାନାଟକର ଇଂରାଜି ଅନୁବାଦ ପ୍ରକାଶ କରନ୍ତି । ଏହି ଅନୁବାଦ ପାଠକରି ଜର୍ମାନ୍ କବି ଗ୍ୟେଟେ ଆନନ୍ଦବିହ୍ୱଳ ଚିତ୍ତରେ ଲେଖିଥିଲେ—

Would'st thou the young year's
blossom and the fruits of its decline ?

And all by which the soul is charmed,
enraptured, feasted, fed ?

Would'st thou the earth and heaven
itself in one sole name combine ?

I name thee, O Sakuntala !
and all atonce is said.

(ଇଂରାଜୀ ଅନୁବାଦ)

କବିଗୁରୁ ଗ୍ୟେଟେଙ୍କର ଏହି ସପ୍ରସଙ୍ଗ ଉକ୍ତି ପାଠକରି ୟୁରୋପରେ, ବିଶେଷତଃ ଜର୍ମାନ୍ ବିଦ୍ୱାନମଣ୍ଡଳୀ ମଧ୍ୟରେ ସଂସ୍କୃତ ଭାଷାର ସମଧିକ ଅନୁଶୀଳନ ଆରମ୍ଭ ହୁଏ । ଜୋନ୍‌ସଙ୍କ ପ୍ରଯତ୍ନରେ 'ଏସିୟାଟିକ୍ ସୋସାଇଟୀ'ରୁ 'Asiatic Researches' ନାମରେ ବିବିଧ ତତ୍ତ୍ୱ ଓ ଗବେଷଣାପୂର୍ଣ୍ଣ ୨୧ ଖଣ୍ଡ ଅମୂଲ୍ୟ ପୁସ୍ତକ ପ୍ରକାଶିତ ହୋଇଥିଲା । ସ୍ୱୟଂ ଜୋନ୍‌ସ ବେଦ ସମ୍ବନ୍ଧରେ ବିବିଧ ମୌଳିକ ପ୍ରବନ୍ଧ ରଚନା କରିଯାଇଛନ୍ତି ଏବଂ 'ମନୁସଂହିତା'ର ଅନୁବାଦ କରି ଦେଶବିଦେଶରେ ପ୍ରଶଂସାଭାଜନ ହୋଇଛନ୍ତି ।

ଜୋନ୍‌ସଙ୍କ ମୃତ୍ୟୁପରେ ଯିଏ ପ୍ରେରିତ ଭାବରେ ଏ ଦେଶକୁ ଆସନ୍ତି ସେ ହେଲେ ଟମାସ୍ କୋଲବ୍ରୁକ୍ । ମ୍ୟାକ୍‌ସମୁଲର ତାଙ୍କୁ "The founder and father of true sanskrit scholarship of Europe" ବୋଲି ଅଭିନନ୍ଦିତ କରିଥିଲେ । ସେ ନାନାସ୍ଥାନରୁ ପାଣ୍ଡୁଲିପି ସଂଗ୍ରହକରି ସମଗ୍ର ଦର୍ଶନ, ଗଣିତ ଓ ବ୍ୟବହାର ଶାସ୍ତ୍ର ଇଂରାଜୀରେ ଅନୁବାଦ କରିଯାଇଛନ୍ତି । ୧୮୦୫ ଖ୍ରୀ:ଅ: ରେ ବେଦର ଅନୁବାଦ କରି ୟୁରୋପୀୟ ବିଦ୍ୱାନ୍ ସମାଜରେ ସେ ବିସ୍ମୟ ଉତ୍ପାଦନ କରିଥିଲେ । ତାଙ୍କର 'Sacred writing of the Hindus' ବା ବେଦତତ୍ତ୍ୱ ଖଣ୍ଡିଏ ଉତ୍କୃଷ୍ଟ ଗ୍ରନ୍ଥ ଭାବରେ ପରିଗଣିତ ହୋଇ ଆସୁଅଛି । ସେ ସର୍ବ-ପ୍ରଥମେ ବେଦ ଅଧ୍ୟୟନ ଓ ଇଂରାଜୀ ଭାଷାରେ ସଂସ୍କୃତ ବ୍ୟାକରଣ ରଚନା କରନ୍ତି । ତାଙ୍କର 'On the Vedas' ନାମକ ପ୍ରବନ୍ଧ (୧୮୦୫) ବେଦବିଷୟକ ସର୍ବପ୍ରଥମ ଇଂରାଜୀ ପ୍ରବନ୍ଧ । ବୈଦିକ ସାହିତ୍ୟର ଏହି ମହାନ୍ ବିଦେଶୀ ସାଧକ ୧୭୬୫ ଖ୍ରୀ:ଅ: ଜୁନ୍ ତା ୧୫-ରେ ଇଂଲଣ୍ଡରେ ଜନ୍ମଗ୍ରହଣ କରି ୧୮୩୬ ଖ୍ରୀ:ଅ: ମାର୍ଚ୍ଚ ତା୧୦ ରେ ଇହଲୀଳା ସାଙ୍ଗ କରିଥିଲେ ।

କୋଲବ୍ରୁକଙ୍କ ପରେ ହୋରେସ୍ ହେମ୍ୟାନ୍ ଉଇଲ-ସନଙ୍କ ନାମ ଉଲ୍ଲେଖ ଯୋଗ୍ୟ । ୧୮୦୮ ଖ୍ରୀ:ଅ: ରେ ସେ ଏ ଦେଶକୁ ଆସିଥିଲେ ଏବଂ ସେ ଋଗ୍‌ବେଦର ସୁନ୍ଦର ଅନୁବାଦ କରିଥିଲେ ମଧ୍ୟ ତାଙ୍କର ପ୍ରତିଭା ପରବର୍ତ୍ତୀ ସଂସ୍କୃତ ସାହିତ୍ୟର ଅନୁବାଦ ଉପରେ ହିଁ ବିକଶିତ ହୋଇଥିଲା । ମହାକବି କାଳିଦାସଙ୍କ କୃତି 'ମେଘଦୂତ' ର ଅନୁବାଦର କାର୍ଯ୍ୟ ସମାପ୍ତ କରି ସେ ପ୍ରଭୂତ ଯଶର ଅଧିକାରୀ ହୋଇଥିଲେ । ତତ୍‌କୃତ ସଟୀକ 'ବିଷ୍ଣୁପୁରାଣ' ର ଅନୁବାଦ ଅଦ୍ୟାବଧି ଅବିନ-ଶ୍ୱର କୀର୍ତ୍ତିରୂପରେ ବିଦ୍ୟମାନ ଏବଂ ତାଙ୍କର ସଂସ୍କୃତ-ଇଂରାଜୀ ଅଭିଧାନ ଓ ଭାରତବର୍ଷୀୟ ଧର୍ମ-ସଂପ୍ରଦାୟୀ ଗୁଡ଼ିକର ବିବରଣ ସବିଶେଷ ଉଲ୍ଲେଖଯୋଗ୍ୟ ।

ଭାଷାତତ୍ତ୍ୱ ନିର୍ଣ୍ଣୟ ଓ ପ୍ରାଚୀନ ଭାରତର ସଭ୍ୟତା ସମ୍ବନ୍ଧରେ ଗବେଷଣା କରିବା ନିମନ୍ତ ଫରାସୀ ଓ ଜର୍ମାନୀ ପଣ୍ଡିତମାନଙ୍କ ଦୃଷ୍ଟି ସଂସ୍କୃତ ଭାଷାପ୍ରତି କ୍ରମେ ଆକୃଷ୍ଟ ହୁଏ । ସେମାନଙ୍କ ମଧ୍ୟରେ ଫରାସୀ ପଣ୍ଡିତ ବାର୍ନୁଫ (Eugine Burnouf) ଙ୍କ ନାମ ଅଗ୍ରଗଣ୍ୟ । ସେ ସୁପ୍ରାଚୀନ ଜେନ୍ଦ୍ ଭାଷା ସହିତ ବୈଦିକ ଭାଷାର ସାଦୃଶ୍ୟ ଆବିଷ୍କାର କରି ବୈଦିକ ଗବେଷଣାର ନୂତନ ଦ୍ୱାର ଉଦ୍‌ଘାଟନ କରିଛନ୍ତି । ସେ ଅସୁର (Assyria) ଦେଶୀୟ ଶଙ୍କୁଲିପିର ପାଠୋଦ୍ଧାର କରି ସମଗ୍ର ପ୍ରତୀଚ୍ୟ ଓ ପ୍ରାଚ୍ୟ ପଣ୍ଡିତ ସମାଜର ବିସ୍ମୟ ଉତ୍ପାଦନ କରିଛନ୍ତି । ଏହା ନିଃସନ୍ଦେହ ଯେ, ବାର୍ନୁଫ ... ନ କରିଥିଲେ ରୋଥ୍, ମ୍ୟାକ୍‌ସମୁଲର, ବପ୍, ... ହାମ୍‌ବୋଲଡ୍ ପ୍ରଭୃତି ମନୀଷୀମାନଙ୍କ ପ୍ରତିଭା ... ପ୍ରାପ୍ତ ହୋଇନଥାନ୍ତା । ସୁବିଖ୍ୟାତ ମ୍ୟାକ୍‌ସମୁଲର ... ରୋଥ୍ ବାର୍ନୁଫଙ୍କର ଦୁଇଜଣ ପଟଶିଷ୍ୟ ।

ଜର୍ମାନ୍ ପଣ୍ଡିତମାନଙ୍କ ପ୍ରଚେଷ୍ଟା ଫଳରେ ... ତତ୍ତ୍ୱ (Comparative Philology) ... ନିକ ଭିତ୍ତି ଉପରେ ପ୍ରତିଷ୍ଠିତ ହୋଇଛି । ... ଉଇଲିୟମ୍ ଜୋନ୍‌ସ ପ୍ରକାଶ କରିଥିଲେ ଯେ ... ଗ୍ରୀକ ଓ ଲାଟିନ୍ ପ୍ରଭୃତି ଭାଷା ମଧ୍ୟରେ ... ସାଦୃଶ୍ୟ ପରିଦୃଶ୍ୟ । ଜର୍ମାନ୍ ପଣ୍ଡିତ ଫ୍ରେଡ଼ରିକ୍ ... ପ୍ରମାଣ କଲେ ଯେ କେବଳ ସାଦୃଶ୍ୟ ... ସେମାନଙ୍କର ଧାତୁ ଓ ବ୍ୟାକରଣ-ଗଠନ ମଧ୍ୟ ... ଏ ବିଷୟରେ ୧୮୦୮ ଖ୍ରୀ:ଅ: ରେ ପ୍ରକାଶିତ ... the Indian Language, Literature ... Philosophy" ନାମକ ପ୍ରବନ୍ଧ ଅନୁ... ଉଇଲିୟମ୍ ଭନ୍ ହାମବୋଲ୍‌ଟ, ବପ୍, ଗ୍ରିମ୍, ... ପ୍ରଭୃତି ଜର୍ମାନ୍ ପଣ୍ଡିତଗଣ ସଂସ୍କୃତ, ଜେନ୍, ... ଲାଟିନ, ସ୍ଲାବ, ଟିଉଟନ ଓ କେଲ୍‌ଟିକ ପ୍ରଭୃତି ଭାଷା... ଶିକ ଆଲୋଚନା ପୂର୍ବକ ଗୋଟିଏ ମୂଳଭାଷାରୁ ... ଭାଷାର ଉତ୍ପତ୍ତି ହୋଇଥିବାର ସିଦ୍ଧାନ୍ତରେ ... ହୋଇଛନ୍ତି । ବପ୍‌ଙ୍କ ପ୍ରଣୀତ "Comparative ... Grammar of the Aryan Languages" ଏ ବିଷୟରେ ଏକ ପ୍ରାମାଣିକ ଗ୍ରନ୍ଥ ରୂପେ ...

Zur Litteratur and Geschichte ... Weda ନାମକ ସୁବିଖ୍ୟାତ ଗ୍ରନ୍ଥ ପ୍ରଣେତା Rudolf Roth ଯାସ୍କୀୟ ନିରୁକ୍ତ ଗ୍ରନ୍ଥର ଅନୁବାଦ ... ରଚନା କରି ବୈଦେଶିକ ବୁଧସମାଜ ସମ୍ମୁଖରେ ... ମନ୍ଦିରର ଦ୍ୱାର ଉଦ୍‌ଘାଟନ କରିଯାଇଛନ୍ତି । ... ପଣ୍ଡିତ ହୁଇଟ୍‌ନୀଙ୍କ ସହାୟତାରେ ସେ ... ଅଥର୍ବ ବେଦ ଆନୟନ କରି ଟୀକା ସହ ତାହା ... କରିଛନ୍ତି । ସେ ଓ ବୋଟଲିଂ (Boehtlingk) ... ଭାବରେ ସଂସ୍କୃତ ଭାଷାର ଯେଉଁ ଅଭିଧାନ ... କରିଛନ୍ତି, ତାହା ବର୍ତ୍ତମାନ ବିଶ୍ୱବିଖ୍ୟାତ । ... (Christian Lassen) "Indische Altertumskunde" ନାମକ ଗ୍ରନ୍ଥ-ପ୍ରଣୟନରେ ଯେଉଁ ... ଧାରଣ ପାଣ୍ଡିତ୍ୟ ଓ ପ୍ରତିଭାର ପରିଚୟ ପ୍ରଦାନ କରି... ସମଗ୍ର ବିଶ୍ୱସାହିତ୍ୟର ଗବେଷଣା କ୍ଷେତ୍ରରେ ତାହା ... ନାୟ ଆର୍ଯ୍ୟ ବେଦାର ଯଜୁର୍ବେଦ (ଶୁକ୍ଳ) ...

ବୃତ୍ତ ଓ କାତ୍ୟାୟନଙ୍କ ଶ୍ରୌତସୂତ୍ରର ଅନୁବାଦ କରି ବୈଦିକ ସାହିତ୍ୟରେ ଅମରତ୍ୱ ଲାଭ କରିଛନ୍ତି । ତାଙ୍କ ଗ୍ରନ୍ଥ 'History of India Literature' ରେ ବୈଦିକ ଓ ପରବର୍ତ୍ତୀ ସାହିତ୍ୟର ବିଭିନ୍ନ ବିଷୟ ବିସ୍ତୃତ ଭାବରେ ଆଲୋଚିତ । ବେନଫି (Benfey) ସାମବେଦ ସଭାଷ୍ୟ 'ସାମବେଦ' ଅନୁବାଦ କରି ଯଶସ୍ୱୀ ହୋଇଛନ୍ତି । ...ଫୋର୍ଡ଼ ବିଶ୍ୱବିଦ୍ୟାଳୟର ସଂସ୍କୃତ ଭାଷାର ଅଧ୍ୟାପକ ...ର ମିଉର ପାଞ୍ଚଖଣ୍ଡରେ ସମାପ୍ତ 'Original Sanskrit Texts' ନାମକ ଗ୍ରନ୍ଥ ପ୍ରଣୟନ କରି ...ଖ୍ୟାତି ଅର୍ଜନ କରିଛନ୍ତି । Dr. B. C. Burnell, Dr. Roar, Alfred Ludig, Harman Oldenberg, James Prinsap ...ଟ୍ ଅଶୋକଙ୍କ ଶିଳାଲେଖର ପାଠୋଦ୍ଧାରକାରୀ), Dr. Bubler, Dr. Martin Hang, Dr. Thibaut, Aufrecht ଓ Jacoby ପ୍ରଭୃତି ...ବୈଦିକ ସାହିତ୍ୟର ଜୀର୍ଣ୍ଣାଂଶର ବହୁ ସଂସ୍କାର ...ନ କରିଛନ୍ତି । ସୁବିଖ୍ୟାତ ଜର୍ମାନ ବୈଦିକ Pischel ବହୁ ଗ୍ରନ୍ଥର ପ୍ରଣେତା ଏବଂ Pischel and Goldner "Vedische studien" (Vedic Researches ) ଶୀର୍ଷକ ଗ୍ରନ୍ଥ ବିଭିନ୍ନ ...ରେ ପ୍ରକାଶ କରି ଅମରତ୍ୱ ଲାଭ କରିଛନ୍ତି ।

Winternitz ଙ୍କ ପ୍ରଣୀତ 'India Literature', Macdonell ଙ୍କ ରଚିତ History of Sanskrit Literature', Bloomfield ଙ୍କ ଲିଖିତ 'The Religion of the Veda', 'Atharva Vade' Gopatha Brahmana' ସବିଶେଷ ଉଲ୍ଲେଖ-...। ପୌରାଣିକ ଆଲୋଚନା କ୍ଷେତ୍ରରେ Pargitar ...ଉପନିଷଦ ଆଲୋଚନା କ୍ଷେତ୍ରରେ Deuesen ...ନ୍ତି ।

ପ୍ରଫେସର ମ୍ୟାକ୍ସମୁଲର ସାୟନଭାଷ୍ୟ ଓ ଟୀକା-...ସମଗ୍ର ଋଗ୍‌ବେଦ ସଂହିତା ଛଅଟି ଖଣ୍ଡରେ ପ୍ରକାଶ କରିଛନ୍ତି । ଏହି ମହାଗ୍ରନ୍ଥ ସଂପାଦନାରେ ସେ ଯେଉଁ ପାଣ୍ଡିତ୍ୟ ପ୍ରଦର୍ଶନ କରିଛନ୍ତି, ପୃଥିବୀରେ ତାହା ଅଦ୍ୱିତୀୟ କହିଲେ ଅତ୍ୟୁକ୍ତି ହେବନାହିଁ । ସେ ପୃଥକ୍ ଭାବରେ ଋଗ୍‌ବେଦର ପ୍ରଥମ ମଣ୍ଡଳ ଓ ଶାକଲ ପ୍ରଣୀତ ଋଗ୍‌ବେଦୀୟ ପଦପାଠ ପ୍ରକାଶ କରିଛନ୍ତି । ଏ ସମସ୍ତ ବିରାଟ କାର୍ଯ୍ୟ ସଂପାଦନ ବ୍ୟତୀତ ପ୍ରଫେସର ମ୍ୟାକ୍ସ-ମୁଲର ଅନ୍ୟାନ୍ୟ ବହୁଗ୍ରନ୍ଥ ପ୍ରଣୟନ କରି ବୈଦିକ ସାହିତ୍ୟର ଅଙ୍ଗପୁଷ୍ଟି ଓ ଭାରତର ଅତୀତ ଗୌରବ ବହୁ ପରିମାଣରେ ସମୃଦ୍ଧ କରିଛନ୍ତି । ତାଙ୍କରି ସାଧନା ଓ ମନୀଷା ବଳରେ ବୈଦିକ ଶବ୍ଦର ଅର୍ଥନିର୍ଣ୍ଣୟ ଓ ବେଦାଲୋଚନା ଅନେକଙ୍କ ପକ୍ଷରେ ସମ୍ଭବପର ହୋଇଅଛି ।

ଯେଉଁ ସମସ୍ତ ଭାରତୀୟ ପଣ୍ଡିତ ପାଶ୍ଚାତ୍ୟ ପ୍ରଣାଳୀ-ରେ ବୈଦିକ ସାହିତ୍ୟର ଆଲୋଚନା କରି ଗ୍ରନ୍ଥ ପ୍ରଣୟନ ଓ ପ୍ରବନ୍ଧାଦି ରଚନା କରିଛନ୍ତି, ସେମାନଙ୍କ ମଧ୍ୟରେ ଡକ୍ଟର ରାଜେନ୍ଦ୍ରଲାଲ, ଡକ୍ଟର କୃଷ୍ଣମୋହନ, ଡକ୍ଟର ରମଦାସ୍, ଡଃ ରାଓଦାଦ୍, ଆଚାର୍ଯ୍ୟ ଭଣ୍ଡାରକର, ବାଳ-ଗଙ୍ଗାଧର ତିଳକ, ରମେଶଚନ୍ଦ୍ର ଦତ୍ତ, ସ୍ୱାମୀ ବିବେକା-ନନ୍ଦ, ପଣ୍ଡିତ ହରପ୍ରସାଦ ଶାସ୍ତ୍ରୀ, ଆଚାର୍ଯ୍ୟ ରାମେନ୍ଦ୍ର ସୁନ୍ଦର ତ୍ରିବେଦୀ ପ୍ରଭୃତି ମନୀଷୀବୃନ୍ଦଙ୍କ ନାମ ସ୍ମରଣୀୟ ଓ ଉଲ୍ଲେଖଯୋଗ୍ୟ । ଭାରତୀୟ ସଂସ୍କୃତି ଓ ପରଂପରାର ସୁରକ୍ଷା ପାଇଁ ବୈଦିକ ସାହିତ୍ୟର ଚର୍ଚ୍ଚା ଓ ଅନୁଶୀଳନ ଯେ ଏକାନ୍ତ ଆବଶ୍ୟକ, ତାହା ଆଜି ସୁଧୀସମାଜରେ ସର୍ବତ୍ର ସ୍ୱୀକୃତ । ତେଣୁ ଆଧୁନିକ ଭାରତର ମନୀଷୀ-ମାନଙ୍କ ନିକଟରୁ ବୈଦିକ ସାହିତ୍ୟର ଯୁଗୋପଯୋଗୀ ଆଲୋଚନା ଓ ଅର୍ଥଭାଷ୍ୟ ଦେଶବାସୀ ଆଶା କରିବା ସଙ୍ଗେ ସଙ୍ଗେ ଏ ସକଳ ସ୍ମରଣୀୟ ଓ ବରଣୀୟ ବିଦେଶୀ ସାଧକମାନଙ୍କର କୃତି ଓ କୃତିତ୍ୱର ଗୌରବ ଶ୍ରଦ୍ଧାପୂତ ଚିତ୍ତରେ ସ୍ମରଣ କରିବା ଦେଶ ଓ ଜାତି ପକ୍ଷରେ ଏକ ସ୍ୱାଭାବିକ କର୍ତ୍ତବ୍ୟ ।

'ବୈଦିକ ଗବେଷଣା'ର ଆଲୋଚନାମାଳାରୁ ଉପାଦାନ ଗୃହୀତ ।

...ଷ, ଓଡ଼ିଆ ବିଭାଗ
...ଷି ଭରତଚନ୍ଦ୍ର ବିଦ୍ୟାଧର କଲେଜ
...ବନେଶ୍ୱର

ବିଶ୍ୱ କୃଷ୍ଣ-ଚେତନା ସଂଘର ସଭ୍ୟମାନେ ଦେଶ ଭକ୍ତଙ୍କ ଅ
ଶ୍ରୀମନ୍ଦିରରେ ପ୍ରବେଶ କରିବାପାଇଁ ସେମାନଙ୍କର ଯୁକ୍ତି ଜନସାଧାରଣ
ସାମ୍ନାରେ ଉପସ୍ଥାପିତ କରିଛନ୍ତି—ଓଡ଼ିଶାର ପୂର୍ବତନ ମୁଖ୍ୟମ
ଶ୍ରୀ ବିଶ୍ୱନାଥ ଦାସ ସେମାନଙ୍କୁ ସମର୍ଥନ କରାଇ ISKCON
ସଭ୍ୟମାନେ ଶ୍ରୀମନ୍ଦିରକୁ ନ ଗଲେ ସେ ମଧ୍ୟ ମନ୍ଦିରରେ ପ୍ରବେ
କରିବେ ନାହିଁ ବୋଲି କହିଛନ୍ତି—ଏ ସମ୍ପର୍କରେ 'ମୁକ୍ତି ମଣ୍ଡପ'ର
ମତାମତ ଆଣି କରିବା ସ୍ୱାଭାବିକ..

## ବିଶ୍ୱ
## କୃଷ୍ଣ-ଚେତନା ସଂଘ
## ସଭ୍ୟଙ୍କ

# ଶ୍ରୀମନ୍ଦିର ପ୍ରବେଶ

ଶ୍ରୀ ସୋମନାଥ ମିଶ୍ର

'କୃଷ୍ଣ-ଚେତନା' ନାମକ ବିଶ୍ୱସଂସ୍ଥା (International Society of Krishna Consciousness—ISKCON) ବହୁତ ସଂଖ୍ୟାରେ ବିଦେଶୀ ଯୁବକ ଯୁବତୀଙ୍କୁ ଭାରତୀୟ ସଂସ୍କୃତି ଓ ହିନ୍ଦୁ ଧର୍ମ ପ୍ରତି ଆକୃଷ୍ଟ କରିପାରିଛି । ଏହା ଗୋଟିଏ ବିଶୁଦ୍ଧ ବୈଷ୍ଣବ ସଂସ୍ଥା ଏବଂ ଏ ସଂସ୍ଥାର ଲୋକେ ଶ୍ରୀକୃଷ୍ଣ ଓ ଚୈତନ୍ୟଙ୍କ ମହିମାରେ ମୁଗ୍ଧ । ଜୁଆଖେଳ, ମାଦକ ଦ୍ରବ୍ୟ ସେବନ, ମାଂସ ଭକ୍ଷଣ ଓ ଅବୈଧ ଯୌନ ବିଳାସ ସମ୍ପୂର୍ଣ୍ଣ ପରିତ୍ୟାଗ ନ କଲେ କୌଣସି ବ୍ୟକ୍ତି ଏହି ସଂସ୍ଥାରେ ଦୀକ୍ଷିତ ହୋଇପାରିବ ନାହିଁ । ଏହି ଭଳି କଠୋର ନିୟମ ପାଳନ କରି ବହୁ ବିଦେଶୀ ବିଶେଷତଃ ଶ୍ୱେତକାୟ ଯୁବକ ଯୁବତୀ ଏହି ସଂସ୍ଥାରେ ଯୋଗ ଦେଇଛନ୍ତି । ଦୀକ୍ଷିତ ବ୍ୟକ୍ତିମାନେ ପ୍ରତ୍ୟହ ସକାଳ ୪ଟାରେ ଉଠି ନିତ୍ୟକର୍ମ ପରେ ଧ୍ୟାନ କରନ୍ତି; ଭଗବଦ ଗୀତା, ଭାଗବତ ଓ ଚୈତନ୍ୟ ଚରିତାମୃତ ପାଠ କରନ୍ତି । ତାହାପରେ "ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ, ହରେ ରାମ ହରେ ରାମ ରାମ ରାମ ହରେ ହରେ।" ଏହି ମହାମନ୍ତ୍ର ଜପ ବା କୀର୍ତ୍ତନ କରନ୍ତି । ଦିନର ବାକି ସମୟ ସେମାନେ ପ୍ରଚାର କାର୍ଯ୍ୟ, ବହି ବିକ୍ରି, କୃଷି କାର୍ଯ୍ୟ ପ୍ରଭୃତିରେ କଟାନ୍ତି । ସେମାନଙ୍କ ମଧ୍ୟରୁ ଅନେକ ଗ୍ରାମାଞ୍ଚଳରେ ଆଶ୍ରମ ସ୍ଥାପନ କରି ହସ୍ତକର୍ମ ଦ୍ୱାରା କୃଷି ଓ ଅନ୍ୟାନ୍ୟ ବ୍ୟବସାୟ କରନ୍ତି । ସହରର ଆଡ଼ମ୍ବର ଓ କଳ-କବଜା ଜୀବନକୁ ପରିତ୍ୟାଗ କରି ସରଳ ନୈସର୍ଗିକ ଉପାସନା ଜୀବନ ନିର୍ବାହ କରିବା ଏମାନଙ୍କ ବ୍ରତ ।

କୃଷ୍ଣ-ଚେତନାରେ ଯେଉଁଭଳି ଅନ୍ତଃକରଣ ଆପ୍ଲୁତ ହେବ ସେଥିପାଇଁ ଏମାନେ ଏମାନଙ୍କ ମହାଗୁରୁ ଶ୍ରୀ ଅଭୟ ଚରଣ ଭକ୍ତିବେଦାନ୍ତ ସ୍ୱାମୀ ପ୍ରଭୁପାଦଙ୍କ ଲିଖିତ ବହିଗୁଡ଼ା ଅନ୍ୟାନ୍ୟ ପାଠ କରନ୍ତି ଏହି । ଶ୍ରୀମଦ୍ ପ୍ରଭୁପାଦ ବେଦ, ଭଗବଦ ଗୀତା, ଭାଗବତ ପ୍ରଭୃତି ଧର୍ମଗ୍ରନ୍ଥମାନ ଇଂରାଜୀ ଭାଷାରେ ଅନୁବାଦ କରିଛନ୍ତି ଓ କୃଷ୍ଣ-ଚେତନା ଜାଗ୍ରତ କରିବାପାଇଁ ପ୍ରାୟ ୬୦ ଖଣ୍ଡ ଅନ୍ୟାନ୍ୟ ପୁସ୍ତକ ରଚନା କରିଛନ୍ତି । ଏହି ବହିଗୁଡ଼ିକ ହିନ୍ଦି ଓ ୧୦ଟି ବିଦେଶୀ ଭାଷାରେ ଅନୁବାଦିତ ହୋଇଛି ଏବଂ ବହିଗୁଡ଼ିକର ପ୍ରକାଶ ପାଇଁ "ଭକ୍ତିବେଦାନ୍ତ ପୁସ୍ତକ ନ୍ୟାସ" ନାମରେ ଗୋଟିଏ ନ୍ୟାସ ୧୯୭୨ ସାଲରେ ଗଠିତ ହୋଇଛି । ବିଦେଶରେ ଭାରତୀୟ ଧର୍ମ ଓ ସଂସ୍କୃତିର ପ୍ରଚାର ପାଇଁ ଏହା ସର୍ବବୃହତ୍ ନ୍ୟାସ।

ନ୍ୟାସ ଓ ସଂସ୍ଥାର ପ୍ରତିଷ୍ଠାତା ଶ୍ରୀମଦ୍ ପ୍ରଭୁପାଦ ୧୮୯୬ ସାଲରେ ଜନ୍ମଗ୍ରହଣ କରି ୧୯୨୨ ସାଲରେ କଲିକତାଠାରେ ଗୌଡ଼ୀୟ ମଠରେ ଯୋଗଦେଲେ। ୧୯୫୯ ସାଲରେ ସନ୍ନ୍ୟାସ ଗ୍ରହଣ କରି ୧୯୬୫ ସାଲରେ ଶ୍ରୀ ଚୈତନ୍ୟଙ୍କ ସନ୍ଦେଶ ପ୍ରଚାର କରିବା ପାଇଁ ଆମେରିକା ଯାତ୍ରା କଲେ । ପରବର୍ଷ ସେ ନିଉୟର୍କଠାରେ ବିଶ୍ୱ କୃଷ୍ଣ-ଚେତନା ସଂଘ ସ୍ଥାପନ କଲେ । ତାଙ୍କ ଅଦମ୍ୟ ଉତ୍ସାହ ଓ ପ୍ରେରଣାରେ ୧୧ ବର୍ଷ ଭିତରେ ଏହି ସଂଘରେ ଅଗଣିତ ଶ୍ୱେତକାୟ ଲୋକେ ଯୋଗ ଦେଇଛନ୍ତି ଓ ପୃଥିବୀର ସବୁ ମହାଦେଶରେ ଏହି ସଂଘର ପ୍ରାୟ ଶହେ କେନ୍ଦ୍ର ପ୍ରତିଷ୍ଠିତ ହୋଇଛି । ଆମ ଦେଶରେ ବମ୍ବେ, ବୃନ୍ଦାବନ, ହାଇଦରାବାଦ, ମାୟାପୁର (ନବଦ୍ୱୀପ) ପ୍ରଭୃତି ସ୍ଥାନରେ ୬ଟି କେନ୍ଦ୍ର ଅଛି । ମାୟାପୁରଠାରେ ପ୍ରାୟ ୮ ଲକ୍ଷ ଟଙ୍କା ବ୍ୟୟରେ ଗୋଟିଏ ସୁନ୍ଦର ମନ୍ଦିର ମନ୍ଦିର ତଥା ଆଶ୍ରମ ତିଆରି ହୋଇଛି । ପ୍ରତି ଶନି ଓ ରବିବାର ଦିନ ପ୍ରାୟ ୩,୦୦୦ ନିଃସ୍ୱ ପିଲାଙ୍କୁ ଏଠାରେ ଭୋଜନ ଦିଆଯାଏ । ହାଇଦରାବାଦ କେନ୍ଦ୍ରରେ ଏ ପରିଚ

...କୋଟି ୨୦ ଲକ୍ଷ ଟଙ୍କା ବ୍ୟୟିତ ହେଉଛି । ଏହି ସଂଘ ...ର ଅର୍ଥ ସଂଗ୍ରହ କରି ପାରୁଛି । ଏହାର ପ୍ରଧାନ ...ଷ୍ଟି ଓ ଧନାଢ୍ୟ ବ୍ୟକ୍ତିମାନଙ୍କ ସ୍ୱତଃସ୍ଫୂର୍ତ୍ତ ... ଧନକୁବେର ହେନେରି ଫୋର୍ଡଙ୍କ ନାତି ... ସଂଘର ସଭ୍ୟ ଏବଂ ଏ ପର୍ଯ୍ୟନ୍ତ ଆମେରିକାରେ ...ମନ୍ଦିର ପାଇଁ ସେ ପ୍ରାୟ କୋଟିଏ ଟଙ୍କାର ସମ୍ପତ୍ତି ... ଦାନ କରି ସାରିଲେଣି । କୋଟି କୋଟି ଟଙ୍କା ଖର୍ଚ୍ଚ କରି ... ଦେଶର କୁରୁକ୍ଷେତ୍ରଠାରେ ଗୋଟିଏ ସଂସ୍କୃତ ...ବିଦ୍ୟାଳୟ ସ୍ଥାପନ କରିବେ ବୋଲି ସେ ନିଷ୍ପତ୍ତି ...ଛନ୍ତି । ତାଙ୍କର ସଙ୍କଳ୍ପ ଯେ ସେ ତାଙ୍କର ସର୍ବସ୍ୱ ... ପ୍ରଭୁପାଦଙ୍କୁ ଦେଇ ଶେଷରେ ଆସି ବୃନ୍ଦାବନ ...ରେ ଜୀବନାତିପାତ କରିବେ । ଗତବର୍ଷ ବୃନ୍ଦାବନ ...ରେ ଏହି ସଂଘର ମନ୍ଦିର, ବିଶ୍ରାମାଗାର, କୀର୍ତ୍ତନ, ... ପ୍ରଭୃତି ଦେଖିବା ଏହି ଲେଖକର ଭାଗ୍ୟରେ ଘଟି ...। ସେଠାରେ ଅହୋରାତ୍ର ଅଗଣିତ ଶ୍ୱେତକାୟ ସାଧୁ ... ସାଧ୍ୱୀମାନଙ୍କ ମହାମନ୍ତ୍ର କୀର୍ତ୍ତନ ଦେଖି କେହି ଚକିତ ... ହୋଇ ରହିପାରିବ ନାହିଁ । କୀର୍ତ୍ତନରେ ସେମାନଙ୍କ ... ଅତୁଳନୀୟ ଏବଂ ମନେହୁଏ ଏହିମାନଙ୍କ ...ହିଁ ଭାରତବର୍ଷରେ କୃଷ୍ଣଚେତନାର ପୁନରଭ୍ୟୁଦୟ ...ବ । ଯୁଗ ଯୁଗ ଧରି ଦାରିଦ୍ର୍ୟ ଓ ଉତ୍ପୀଡ଼ନ ଯୋଗୁଁ ... ଜନତାର ଆଧ୍ୟାତ୍ମିକ ଚେତନା ମଳିନ ହୋଇ ...ଛି । ସମ୍ଭବ ପାଶ୍ଚାତ୍ୟ ଜନତା ଜ୍ଞାନାଲୋକ ପାଇ ... ସାଧନା ଓ ଆଦର୍ଶ ଦ୍ୱାରା ଏହାକୁ ଆମ ...ରେ ପୁଣି ଉଜ୍ଜୀବିତ କରିପାରିବେ ବୋଲି ଆଶା ।

... ସଦାଚାରୀ ବ୍ୟକ୍ତିମାନଙ୍କୁ ଖାଲି ଶ୍ୱେତକାୟ ... ଥିବାରୁ ମ୍ଳେଚ୍ଛ ବା ଯବନ ଆଖ୍ୟା ଦେଇ ଏପର୍ଯ୍ୟନ୍ତ ... ଜଗନ୍ନାଥ ମନ୍ଦିର ଭିତରେ ପ୍ରବେଶ ଓ ଦେବଦର୍ଶନ ... ଦିଆଯାଉ ନାହିଁ । ଆମର ପୂର୍ବତନ ମୁଖ୍ୟମନ୍ତ୍ରୀ ... ବିଶ୍ୱନାଥ ଦାସ ଏଥିରେ ବ୍ୟଥିତ ହୋଇ ... ସ୍ୱରୂପ ଆଉ ଜଗନ୍ନାଥ ମନ୍ଦିର ଭିତରକୁ ଯାଉ ...ନାହାନ୍ତି । ଅନ୍ୟାନ୍ୟ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମଧ୍ୟ ... ସେବକମାନଙ୍କ ଏପରି ରକ୍ଷଣଶୀଳ ମନୋଭାବକୁ ... କରିପାରୁ ନାହାନ୍ତି । ଉପରୋକ୍ତ ସଂଘର ସଭ୍ୟ- ...ମାନେ ବୃନ୍ଦାବନରେ ସବୁ ମନ୍ଦିର ଭିତରେ ପ୍ରବେଶ କରି ...ମହାମନ୍ତ୍ର କୀର୍ତ୍ତନ କରିପାରୁଛନ୍ତି ଏବଂ ଲଣ୍ଡନ, ନିଉୟର୍କ, ... ପ୍ରଭୃତି ସହରମାନଙ୍କରେ ଜଗନ୍ନାଥ ବିଗ୍ରହ ... କରି ରଥଯାତ୍ରା ଉତ୍ସବ ପାଳନ କରୁଛନ୍ତି । ...ମାନଙ୍କ ମଧ୍ୟରୁ କେତେକ ପ୍ରତିବର୍ଷ ପୁରୀ ରଥଯାତ୍ରା- ... ଉପସ୍ଥିତ ହୋଇ ରଥ ଦାଣ୍ଡରେ ନାଚିନାଚି ...କୀର୍ତ୍ତନ କରୁଥିବା ଆମ ଜନସାଧାରଣ ଲକ୍ଷ୍ୟ ...ଥିବେ । ଶ୍ରୀ ଚୈତନ୍ୟ ଯେପରି ଜଗନ୍ନାଥଙ୍କ ବିଗ୍ରହରେ ଶ୍ରୀକୃଷ୍ଣଙ୍କୁ ପ୍ରତ୍ୟକ୍ଷ ଦେଖି ପାରୁଥିଲେ ଏ ସଂଘର ସଭ୍ୟମାନେ ମଧ୍ୟ ସେହିପରି ଜଗନ୍ନାଥଙ୍କୁ କୃଷ୍ଣଙ୍କ ମୂର୍ତ୍ତି ବୋଲି କଳ୍ପନା କରି ତନ୍ମୟ ହୋଇ ଯାଆନ୍ତି । ଏପରି ପରିସ୍ଥିତିରେ ସେମାନଙ୍କୁ ଜଗନ୍ନାଥ ମନ୍ଦିର ପ୍ରବେଶରୁ ବଞ୍ଚିତ କରିବା ଯୁକ୍ତିଯୁକ୍ତ କାର୍ଯ୍ୟ ନୁହେଁ । ଆମ ଧର୍ମରେ ଭଗବାନ ଭକ୍ତଙ୍କ ଦାସ ବୋଲି ବିଶ୍ୱାସ ଅଛି । ପୁରାଣ-ମାନଙ୍କରେ ଏ ସମ୍ବନ୍ଧରେ ନାନା କାହାଣୀ ଅଛି । ଯେଉଁମାନେ "ଦାର୍ଢ୍ୟତା ଭକ୍ତି" ପୁସ୍ତକ ପଢ଼ିଥିବେ ଜାଣିଥିବେ ଯେ ରମାୟଣ ରଚୟିତା ବଳରାମ ଦାସ ବେଶ୍ୟାସକ୍ତ ଥିଲେ ସୁଦ୍ଧା ଜଗନ୍ନାଥ ଭକ୍ତ ଥିଲେ ।

ରଥଯାତ୍ରାର ଠିକ୍ ପୂର୍ବରାତ୍ରିରେ ବେଶ୍ୟା ଘରେ ରହି ଯାତ୍ରାଦିନ ମଧ୍ୟାହ୍ନ ପର୍ଯ୍ୟନ୍ତ ନିଦ୍ରାଭିଭୂତ ଥିଲେ । ରଥଯାତ୍ରାର ଘଣ୍ଟା ଓ ବାଦ୍ୟ ସ୍ୱନ ଶୁଣି ସିଧା ବେଶ୍ୟା ଗୃହରୁ ରଥ ଉପରକୁ ଦୌଡ଼ି ଆସି ଜଗନ୍ନାଥଙ୍କ ବିଗ୍ରହକୁ କୁଣ୍ଢାଇ ପକାଇଲା ବେଳକୁ ସେବକମାନେ ତାଙ୍କୁ ଭର୍ତ୍ସନା କଲେ ଏବଂ ଲଜ୍ଜିତ ହୋଇ ସେ ସମୁଦ୍ର କୂଳକୁ ପଳାଇଲେ । ସେଠାରେ ଅନୁତପ୍ତ ହୋଇ ବାଲିରେ ଜଗନ୍ନାଥଙ୍କ ମୂର୍ତ୍ତି କରି ପ୍ରାର୍ଥନା ଓ ପୂଜାରେ ଆତ୍ମହରା ହୋଇଗଲେ । ଏଆଡ଼େ ଯେତେଲୋକ ଟାଣିଲେ ସୁଦ୍ଧା ଏବଂ ସବୁ ଉପାୟ ପ୍ରୟୋଗ କରାଗଲେ ସୁଦ୍ଧା ଜଗନ୍ନାଥଙ୍କ ରଥ ପାହୁଣ୍ଡେ ସୁଦ୍ଧା ଘୁଞ୍ଚିଲା ନାହିଁ । ଶେଷରେ ରାଜାଙ୍କୁ ସ୍ୱପ୍ନାଦେଶ ହେଲା ଯେ ଭକ୍ତ ବଳରାମ ଦାସ ଅପମାନିତ ହୋଇ ଥିବାରୁ ରଥ ଗଡ଼ୁନାହିଁ ଏବଂ ରଥ ଗଡ଼ିବାକୁ ହେଲେ ବଳରାମ ଦାସଙ୍କୁ ରଥ ପାଖକୁ ନିମନ୍ତ୍ରଣ କରି ଆଣିବାକୁ ହେବ । ଏ ସମ୍ବନ୍ଧରେ "ଦାର୍ଢ୍ୟତା ଭକ୍ତି"ର ବଳରାମ ଦାସ ସମ୍ବାଦ ଅଧ୍ୟାୟରୁ କେତେପଦ ଉଦ୍ଧାର ନକରି ରହିପାରୁ ନାହିଁ ।

"ଭକତ ମୋହର ଶରୀର
ମୁହିଁ ତାହାର ପ୍ରାଣେଶ୍ୱର ।"

* * * *

"ତୁ ଯେ ଆପଣେ ନୃପରଣ
ଦାସକୁ କୋଳେ ବହାଇଣ ।

ଅନେକ ଗହରତ କରି
ଘେନି ଆସିବୁ ଦଣ୍ଡଧାରୀ ।

ବଜାଇ ନନ୍ଦିଘୋଷ ରଥେ
ବାନ୍ଧିବୁ ପାଟଶାଢ଼ୀ ମାଥେ ।


ତୋଳିବୁ ଯାତ୍ରା ବେଗେ କର
ତେବେ ଚଳିବ ରହୁବର ।

ନୋହିଲେ ନ ଚଳଇ ରଥ
ହେ ସଖା କହିଛିଟି ସତ ।"
* * * *
"ଭକତ ଯିବ ମୋର ଯେଣେ
ମୁହିଁ ନିଶ୍ଚୟ ଯିବି ତେଣେ ।"

ସ୍ୱୟଂ ଜଗନ୍ନାଥଙ୍କ ଏପରି ବାଣୀ ଆମ ପୁରାଣ ବର୍ଣ୍ଣିତ ହୋଇ ଥିବାରୁ ଅନ୍ୟାନ୍ୟ ବ୍ୟବସ୍ଥା ଉପରେ ଜୋର ଦେଇ ଭକ୍ତ ଶ୍ୱେତକାୟମାନଙ୍କୁ ତାଙ୍କ ଦର୍ଶନରୁ ବଞ୍ଚିତ କରିବା ଜଗନ୍ନାଥ ଧର୍ମାନୁମୋଦିତ କାର୍ଯ୍ୟ ନୁହେଁ । "ଦାର୍ଢ୍ୟତା ଭକ୍ତି"ରେ ଏପରି ଅନେକ କାହାଣୀ ଅଛି ଏବଂ ସେ ସବୁର ସାର ହେଲା ଚଣ୍ଡାଳ ମଧ୍ୟ ଭକ୍ତି ଦ୍ୱାରା ଭଗବାନଙ୍କ ଚକ୍ଷୁରେ ଅତି ପବିତ୍ର ଏବଂ ସମସ୍ତଙ୍କର ଅଭିନନ୍ଦନୀୟ ।

ଆଇ. ଏ. ଏସ୍. (ଅବସର ପ୍ରାପ୍ତ)
D-6, କଳ୍ପନା କଲୋନି
ଭୁବନେଶ୍ୱର-୬

ସରଳ-ପ୍ରାଣ ଉତ୍କଳୀୟ ଜନତାର ଏପରି ଧର୍ମ ଭି... ଥିବା ବେଳେ ପ୍ରଚଳିତ କୁସଂସ୍କାର ଦୂରୀଭୂତ ହୋ... ବୈଷ୍ଣବ-ରୀତିରେ ଜୀବନ ନିର୍ବାହ କରୁଥିବା ଶ୍ୱେତକାୟ... ମାନଙ୍କୁ ଜଗନ୍ନାଥ ମନ୍ଦିର ପ୍ରବେଶ ଅଧିକାର ଦିଆଯି... ଉଚିତ । ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ଓ... ଓଡ଼ିଶା ସରକାର ଏ ସମସ୍ୟାର ଆଲୋଚନା କରି ଗୋ... ଗୋଟିଏ ନିଷ୍ପତ୍ତି ନିଅନ୍ତୁ । ଏକଦା ଉପେକ୍ଷିତ ହରିଜନ... ମାନଙ୍କ ପାଇଁ ମନ୍ଦିର ପ୍ରବେଶ ବର୍ତ୍ତମାନ ଅନୁମୋ... ହୋଇଥିଲା ବେଳେ ଅତି ପବିତ୍ର ବୈଷ୍ଣବ ଜୀବନ ଯାପ... କରୁଥିବା କୃଷ୍ଣ-ଚେତନାପନ୍ଥୀଙ୍କ ପ୍ରତି ବିପରୀତ ବ୍ୟବ... ଅନ୍ୟାୟ ହେଉଛି ଏବଂ ଏହା ଜଗନ୍ନାଥ ମନ୍ଦିରକୁ ତୀର୍ଥଯାତ୍ରୀଙ୍କ ପ୍ରତି ଆକର୍ଷଣୀୟ କରିବାରେ ... ଅନ୍ତରାୟ ସୃଷ୍ଟି କରିବ ।



# ସଂଗୀତର ସୁରା

ପଂକୁଆ ପକ୍ଷୀ ପଣ ହବୁବେଳେ ସେ ବୁଢ଼ ହୋଇ ରହିଥିଲା—କିଏ ସେମିତ ତାର ଡେଣା କାଟି ଦେଇଛି—ତାର କଣ୍ଠକୁ କିଏ ଯେମିତ ମୌନ କରି ଦେଇଛି—ଅଥଚ ଖାଲି ଅଠର୍ବର୍ଷର ସେଇ ଗୀତମୟ ଜୀବନ..

ଶ୍ରୀ ଶରତ ଚନ୍ଦ୍ର ପରିଡ଼ା

...ଶ୍ୟାମର ସିଦ୍ଧାନ୍ତ ମୋତେ ଚକିତ କରିଦେଲା । ...ବୃତ୍ତରେ ଏହା କି ସମ୍ଭବ । ଟି. ବି. ର ... ଭିତରକୁ କେହି ଜାଣି ଜାଣି ନିଜକୁ ଫୋପାଡ଼ି ...ଦେଇ ? ପୁଣି କେଉଁ ଲାଭ ଆଶାରେ ? ...ଙ୍କର ସିଦ୍ଧାନ୍ତରେ ତ ତାର ସବୁ ଦୁର୍ଦ୍ଦଶାରୁ ...।

...ବିନୋଦ' ବହି ଦୋକାନରେ ଘନଶ୍ୟାମ ...ଯାଇଥିବାଠାରୁ ତା' ସହ ମୁଁ ବେଶ୍ ପରିଚିତ ...ଯାଇଥିଲି । ତା' ଆଗରୁ ମୁଁ ଘନଶ୍ୟାମକୁ ...ଛି—ରାସ୍ତାରେ ରାସ୍ତାରେ ବୁଲି ଗୀତ ଗାଳ ଗାଇ, ...ତି ଭଣ୍ଡାର ସଫଳ ସଂଗ୍ରହ କରୁଥିବା ଏକ ...ବୃତ୍ତରେ । ତାର ସଂଗୀତମୟ ସ୍ୱର ଓ ଗାଇବାର ...ମୋତେ ବହୁ ସମୟରେ ମୁଗ୍ଧ କରିଛି । ...ବିନୋଦ'ରେ ତାକୁ ପ୍ରଥମେ ଯେଉଁଦିନ ଦେଖିଲି, ...ବୃତ୍ତରେ ମୋ ମୁହଁରୁ ବାହାରି ଯାଇଥିଲା: ...ତମେ ଏଇଠି ?"

...ତାର ଦୁଃଖର କାହାଣୀ କହିଥିଲା କିପରି ...ପୂର୍ବରୁ ଟି. ବି. ର ଜୀବାଣୁ ପ୍ରବେଶ ...କରି ବୋଲି କହି ଡାକ୍ତର ତା' ମୁହଁରେ ହଠାତ୍ ...ଦେଇଥିଲେ । ତାପରେ ଆରମ୍ଭହେଲା ଚିକିତ୍ସା— ...ଔଷଧ ଓ ଇଂଜେକ୍ସନ୍ । ଶେଷରେ ରୁଦ୍ରପୁର ...ସ୍ୱାସ୍ଥ୍ୟାଗାରରେ ନଅମାସର ଜୀବନ । ଅବଶେଷରେ ...ବି, କବଳରୁ ମୁକ୍ତି ପାଇଲା ଘନଶ୍ୟାମ । ମୁକ୍ତି ...ପାଇରେ କିନ୍ତୁ ଘନଶ୍ୟାମ ଜାଣିଲା ଯେ ତାକୁ ତାର ...ବଞ୍ଚାକାଟି ଏଥର ତ୍ୟାଗ କରିବାକୁ ହେବ । ...କହିଲାବେଳେ ଲକ୍ଷକଲି ଘନଶ୍ୟାମର କଣ୍ଠରେ ...ଶୋକର ସ୍ପର୍ଶ ।

...ଆଗେ କାଳେ ଟି. ବି. ହେଲା ମୁଁ ଅନବରତ ...ଗାଇ ରାସ୍ତାରେ ବୁଲିବାରୁ । ଏଥିପାଇଁ ...ଆଉ ଗୀତ ଗାଇ ରାସ୍ତାରେ ରାସ୍ତାରେ ବୁଲି ପାରିବିନି । ଯଦି ପୁଣି ଗୀତ ଗାଇ ଗାଇ ବୁଲେଇ କାଳେ ସେରୋଗ ଆଉଥରେ ବାହାରି ପଡ଼ିବ । ଡାକ୍ତର ମୋତେ ସାବଧାନ କରିଦେଇଛନ୍ତି ।" ମୁଁ କହିଲି "ବେଶ୍ ଭଲ କଥା । ତମେ ରାସ୍ତାର ଖରାତରରେ ବୁଲି ବୁଲି ତଙ୍କା ଏ ପଇସା ରୋଜଗାର କରିବା ଅପେକ୍ଷା ଏହା ବରଂ ଭଲ—ଏଇ ବହିଦୋକାନର ପାଖ ତଳେ ବସିବ, ଆଉ ମାସ ଶେଷରେ ତମ ପାଉଣାତକ ପାଇବ । ଏଥିରେ ପରିଶ୍ରମ ନାହିଁ, ଝିନ୍ଝଟ ନାହିଁ । ତମର ପୂର୍ବ ବ୍ୟବସାୟ ଅପେକ୍ଷା ଏହା ଶତଗୁଣେ ଭଲ ନୁହେଁ କି ?" କିନ୍ତୁ ଦେଖିଲି, ଘନଶ୍ୟାମ ମୋର ଏ ମତସହ ଏକମତ ନୁହେଁ । ମନେହେଲା, ତାର ପୂର୍ବବର୍ତ୍ତୀ ଜୀବନକୁ କଳ୍ପନା ଚକ୍ଷୁରେ ଦେଖି, ସେହି ଜୀବନର ସ୍ୱାଦପାଇଁ ସେ ଯେପରି ଲାଳାୟିତ ହୋଇ ପଡ଼ୁଛି ! ମୁଁ ଏଥିରେ ଆଶ୍ଚର୍ଯ୍ୟ ହେଲି । ଧାନ କଟାର ଅଦ୍ଭୁତ ଏକ ମୁଣାରେ କିତାଏ ବହି ଧରି ସାହି ସାହି ବୁଲି ଦିପହରର ନିଆଁ ଧାସ ଭଳି ଖରାରେ ସିଝିବା ପୁଣି ଘନଶ୍ୟାମ ଦୃଷ୍ଟିରେ ଲୋଭନୀୟ ଏବଂ ଆୟ ବା କେତେ ? ଗୋପୀଭାଷା, ଚଉତିଶା, ଓଷାକଥାର କେତୋଟି ବହି ବିକିଲେ କେତେବା ଲାଭ ? ବରଂ 'ଗ୍ରନ୍ଥବିନୋଦ' ବହି ଦୋକାନର ନିରାପଦ ଜୀବନ ଓ ନିୟମିତ ଆୟ ତା ଅପେକ୍ଷା ଯଥେଷ୍ଟ ଲୋଭନୀୟ ? କିନ୍ତୁ ଘନଶ୍ୟାମର ମନୋଭାବଟି ମୋତେ ରହସ୍ୟମୟ ମନେହେଲା ।

ଘନଶ୍ୟାମ ସହ ମୋର ଦେଖା ବହୁବାର ହୁଏ, କାରଣ 'ଗ୍ରନ୍ଥବିନୋଦ'ର ବର୍ତ୍ତମାନ ସତ୍ତ୍ୱାଧିକାରୀ ପ୍ରକାଶକ ହୃଷୀକେଶବାବୁ ମୋର ଦ୍ୱିତୀୟ ଉପନ୍ୟାସଟି ପ୍ରକାଶ କରିବାର ଭାର ନେଇ ଥାଆନ୍ତି । ହୃଷୀକେଶବାବୁଙ୍କର ଉତ୍ସାହ ଯୋଗୁଁ କବିତା ଲେଖା ପ୍ରାୟ ବନ୍ଦ କରି ମୁଁ ଏଣିକି ଉପନ୍ୟାସ ଲେଖାରେ ହାତ ଦେଇଥାଏ । ହୃଷୀକେଶବାବୁଙ୍କ ମତରେ କବିତା ପ୍ରକାଶ କରିବା ଅର୍ଥ କହିବାହେବ ଭୂତକୁ ନିଜ ମୁଣ୍ଡରେ ଲଦି

ବୁଝିବା । କବିତା କହିଁ ଶିଖିବ କିଏ ? ପଢ଼ିବାକୁ କାହାର ବା ସମୟ ଅଛି ? ତା ଅପେକ୍ଷା ବରଂ ଉପନ୍ୟାସ ଲେଖାଯାଉ । ବିଷୟ ବସ୍ତୁ ଓ ଭାବ ଯେତିକି ତରଳ ହୁଏ, ସେତିକି ଭଲ । ମୋର ପ୍ରଥମ ଉପନ୍ୟାସଟି ଗରମ ପିଠା ଭଳି ବିକ୍ରୀ ହୋଇ ଯାଉଛି । ଆଉ ପ୍ରକାଶକଙ୍କ ମତରେ ଦ୍ୱିତୀୟଟି ମଧ୍ୟ କାଳେ ସେଇ ସୌଭାଗ୍ୟର ଅଧିକାରୀ ହେବ ।

ଏଣୁ 'ଗ୍ରନ୍ଥବିନୋଦ' ଅନେକ ସମୟରେ ମୋତେ ଯିବାକୁ ହୁଏ ।

ଅଧିକାଂଶ ସମୟରେ ଦେଖିଛି ଘନଶ୍ୟାମ କୌଣସି ନା କୌଣସି ବହି ପଢ଼ିବାରେ ନିମଗ୍ନ ରହିଛି । ମୁଁ ତାକୁ ଉତ୍ସାହିତ କରେ । କହେ—

"ସାବାସ୍ ଘନଶ୍ୟାମ । ବେଶ୍ ତ ପଢ଼ିବାର ଅଭ୍ୟାସ କଲଣି ଦେଖୁଛି ।"

ଘନଶ୍ୟାମ କହେ—

"ଆଜ୍ଞା ହଁ । ହୃଦାନନ୍ଦ ପଟ୍ଟନାୟକଙ୍କର କବିତା ପଢ଼ୁଥିଲି । କିନ୍ତୁ ଏ କବିତାର ବିନ୍ଦୁ ବିସର୍ଗ କିଛି ବୁଝି ହେଉନି । ଏହା କବିତା ନା ଛେନା-ଗୁଡ଼ ।"

ମୁଁ ଘନଶ୍ୟାମର ଏ ରାଗ ଦେଖି ଟିକେ ହସିଲି, କହିଲି, —

'ବୁଝିଲ ଘନଶ୍ୟାମ ! ଏ ଯୁଗର କବିତା ବୁଝିବାକୁ ହେଲେ ତୁମକୁ ବହୁତ ପଢ଼ିବାକୁ ହେବ, ବହୁତ ପରିଶ୍ରମ କରିବାକୁ ହେବ । ବିନା ଚେଷ୍ଟାରେ ଯେ ଏ ଯୁଗର କବିତା ବୁଝିଯିବ—ଏ ଆଶା ଛାଡ଼ ।"

ଘନଶ୍ୟାମ ବି ତାର ମତାମତ ସାବ୍ୟସ୍ତ କରିବାକୁ ଅଣ୍ଟା ଭିଡ଼ିଲା । କହିଲା - (‘ଯେଉଁ କବିତାକୁ ପଢ଼ି ଅଙ୍କ କଷିଲା ଭଳି ବୁଝିବାକୁ ହେବ, ତାହା କବିତା ନା ଗଣିତ ? ଏପରି କବିତା କାହା ହୃଦୟକୁ ଛୁଇଁବ ? ଏମିତି କବିତା ଲେଖାହେଲେ କେତେ ଆଉ ନହେଲେ କେତେ ? ମୁଁ ଅଧିକ ଯୁକ୍ତି କଲିନି । ଘନଶ୍ୟାମର କଥା ତ ମିଛ ନୁହେଁ ।

'ଗ୍ରନ୍ଥବିନୋଦ'ର ସ୍ୱଳ୍ପ ବେତନ ଭୋଗୀ ଘନଶ୍ୟାମ ସହ ମୋର ଏହିପରି କିଛି ଆନ୍ତରିକତା ହୋଇ ଆସିଥିବାବେଳେ ଦିନେ ଶୁଣିଲି, ଘନଶ୍ୟାମ ଚାଲିଯାଇଛି— ଚାଲିଯାଇଛି ରାସ୍ତାରେ ରାସ୍ତାରେ ବୁଲି ବହି ବିକିବାକୁ ଶୁଣି ବାଉଳା ହେଲି ।

ସେଦିନ ହୃଷୀକେଶବାବୁ ଥିଲେ । ଘନଶ୍ୟାମକୁ 'ଗ୍ରନ୍ଥବିନୋଦ'ରେ ନ ଦେଖି ମୁଁ ତାଙ୍କୁ ହିଁ ପ୍ରଥମେ ତା' ବିଷୟ ପଚାରିଥିଲି । ହୃଷୀକେଶବାବୁଙ୍କ ... ମତେ ଆଶ୍ଚର୍ଯ୍ୟ କରିଦେଲା ।

ତାଙ୍କ ସୁନାଫ୍ରେମ୍‌ର ଚଷମାଟିକୁ ଟାଣି ସୁନା... ପୋଛୁ ପୋଛୁ ହୃଷୀକେଶବାବୁ ଘନଶ୍ୟାମର ସମ୍ପର୍କ... ବିଷୟରେ ଯାହା ଚିନ୍ତା କରିଥିଲେ କହିଲେ:

"ବୁଝିଲେ ସୁବୋଧବାବୁ! ଆପଣ ତ ଲେଖ... ମଣିଷ ଚରିତ୍ର ବିଷୟରେ ଆପଣଙ୍କୁ ଅଧିକ କ'ଣ କହିବି... ଘନଶ୍ୟାମକୁ ଏଠାର ନିରାପଦ ଜୀବନ, ନିୟମିତ ଦରମା... ଓ 'ଗ୍ରନ୍ଥବିନୋଦ' ଛାତ ତଳର ଶୀତଳ ଛାଇ ଭଲ ଲାଗିଲାନି, ଯେମିତି ଘୁଷୁରିକୁ ପାଚିଲା କଦଳୀ ଭଲ ଲାଗେନି । ନଚେତ୍ କି ସେ ଖରାଦିନରେ ବୁଲି ବୁଲି ବହି ବିକିବାକୁ ଯାଆନ୍ତା ଡାକ୍ତରଙ୍କ ନିଷେଧ ସତ୍ତ୍ୱେ ।"

ଚଷମାଟି ପୁନଶ୍ଚ ନାକରେ ଦେଉଦେଉ ତାଙ୍କ ବାଆଁ ହାତ ବିଶି ଅଙ୍ଗୁଠିର ଦାମିପଥର ଖଞ୍ଜା ଅଙ୍ଗୁରୀୟଟି, ମୋ ଆଖି ସାମନାରେ ଝଲସି ଉଠିଲା ।

ସତକଥା, ହୃଷୀକେଶବାବୁ ବେଶ୍ ଦୁ... ଧନୀ ହୋଇଯାଉଛନ୍ତି । ସେ ଉଲ୍ଲେଖଯୋଗ୍ୟ ସଂଖ୍ୟକ ପାଠ୍ୟବହି ଓ ଉପନ୍ୟାସ ଛପାଇ ପ୍ରକାଶକ ମଧ୍ୟରେ ଅଗ୍ରଣୀ ହୋଇପାରିଛନ୍ତି । ମୋର କବିତା ଲେଖା ବନ୍ଦ କରିବାରେ ତାଙ୍କର ପ୍ରେରଣା ... କମ୍ ନୁହେଁ ।

ମୋର ଲେଖକମନ କିନ୍ତୁ ସେଦିନ ଘନଶ୍ୟାମ... ବେଶ୍ କେତେଟା ମିନିଟ୍ ଚିନ୍ତାକୁଳ ହୋଇଯାଇଥିଲା ।

ଏବଂ ଦିନେ ଦି'ପହରରେ ଆମ ଡୋମପଡ଼ାର ... ଘରେ ବସି କିଛି ଲେଖିବାର ଉଦ୍ୟମ କରୁଛି, ଶୁଣି... ଘନଶ୍ୟାମର ସୁଲଳିତ ସ୍ୱର । ଦି'ପହରର ... ବି ସଙ୍ଗୀତର ମୂର୍ଚ୍ଛନାରେ ଅନୁରଣିତ କରି ... ଗାଉଥିଲା :

"କହ ହନୁ ମୋର କାନ୍ତର କୁଶଳ
ଲକ୍ଷ୍ମଣଙ୍କ ସର୍ବ କୁଶ...
ମରକତ ହେମ ବେନି କଳେବର
ହୋଇ ନାଆନ୍ତି ନା ଦୁର୍ବଳ ?"

କି ସୁନ୍ଦର ସେ ସ୍ୱର : ଶୋକ ଭରା ... ପ୍ରତିଟି ଶବ୍ଦ, ପ୍ରତିଟି ପଂକ୍ତି କି ମନୋହର ନିର୍ଭେ... ଅଶୋକବନର ସୀତାଙ୍କର ଶୋକଚ୍ଛାୟାରେ ମୁଁ ... ଯେମିତିକି ସଂକ୍ରମିତ ହୋଇଗଲି । ଏତ ... ସଂଗୀତ ନୁହେଁ, ଏହା ଜୀବନ, ଏହା ପ୍ରାଣ ଓ ହୃଦ...

ତୁଣ୍ଡରୁ ମୁଁ ପଦାକୁ ଆସିଲି ଓ ସେହି ଉପରୁ ହିଁ ଶୁଣିଲି: "ଘନଶ୍ୟାମ" !

ଡାକ ଶୁଣିବାକ୍ଷଣି ସେ ଗୀତ ବନ୍ଦ୍ କରି ଅବାକ୍ ହୋଇ ଯୋଉଁଠୁ ଚାହିଁଲା ଓ ମତେ ଦେଖିଲା । ମୁଁ ତାକୁ ହାତଠାରି ଦେଇ ଉପରକୁ ଆସିବାକୁ କହିଲି ।

କିଛି ସମୟରେ ଖାଦି ଲିଙ୍ଗ ବୋହିପଡ଼ୁଥିବା ଘନଶ୍ୟାମ, ମୋ ଆଗରେ ଠିଆ ହୋଇ ଦୁଇମୁଣ୍ଡିରେ ଝିଡାଏ ବହିଧରି ମୋ ରୁମ୍ ଦୁଆରେ ପହଞ୍ଚିଲା ।

ମୋ ଆଗରେ ହାତ ଯୋଡ଼ି ଯୋଡ଼ି ଦର ଦର ହସି କହିଲା: "କେମିତି ଅଛନ୍ତି ବାବୁ ?"

ମୁଁ ଉତ୍ତର ଦେବାକୁ ଚେଷ୍ଟାକରି କହିଲି:

"ତୁମେ ପୁଣି କି ପାଗ ଘନଶ୍ୟାମ ? ତୁମ ମୁଣ୍ଡ ଠିକ୍ ଅଛି ? ଡାକ୍ତରଙ୍କ କଥା ଭୁଲିଗଲ ନା କ'ଣ ?"

ଘନଶ୍ୟାମ ହଠାତ୍ କିଛି କହିପାରିଲାନି । ଅନେକ ସମୟ ପରେ ନୀରବତାପରେ କହିଲା:

"ସୁବୋଧ୍‌ବାବୁ ! ଆପଣ ଲେଖକ । ମୋର ବିଶ୍ୱାସ ଲେଖକମାନେ ମଣିଷ ମନକଥା ବୁଝିପାରନ୍ତି । ମତେ ଆପଣ ନିଶ୍ଚୟ ବୁଝିବେ ଆଉ ଯିଏ ନବୁଝୁ ପଛେ । ମୁଁ ମରି ଯାଉଥିଲି, ମୋର ହୃଦୟ ମରିଯାଉଥିଲା । ଆଜି ମୁଁ ପୁଣି ବଞ୍ଚି ଉଠିଲି....."

ଅବାକ୍ ହୋଇ ମୁଁ ଘନଶ୍ୟାମକୁ ଚାହିଁଥିଲି । ଉର୍ଣ୍ଣନାଭ ଚେରିବଦ୍ଧ ଭଳି ତା କଥା ମୋତେ ଅବୋଧ୍ୟ ଲାଗିଲା । ଘନଶ୍ୟାମ ପୁନଶ୍ଚ କହିଲା :

"ଏଇ ଗୀତ, ଏଇ ସଂଗୀତ ମୋର ଜୀବନ, ମୋର ପ୍ରାଣ । ଆମ ଓଡ଼ିଆ କବିଙ୍କର ପଦସବୁ ଆବୃତ୍ତି କରୁ କରୁ ମୋର ମନେହୁଏ, ସେଇ ଗୀତର ନିର୍ଯ୍ୟାସରେ ମୋର ଶରୀର, ମନ, ହୃଦୟ, ସମଗ୍ର ଚେତନା ନୂଆପ୍ରାଣ ପାଇ ଏକ ନୂତନ ମଧୁରତାରେ ପୂରିଉଠୁଛି ! ସମୟ ଓ ସ୍ଥାନର କଥା ମୁଁ ସମ୍ପୂର୍ଣ୍ଣ ଭୁଲିଯାଏ ସେଇ ସଂଗୀତ ଆବୃତ୍ତି କରୁ କରୁ ! ଆଉ ମୁଁ ଅନୁଭବ କରେ, ଆମର ସେ କବିମାନଙ୍କର ପୁଲକିତ ପଦସବୁ ମୋତେ ବି ଏକ ଅବତାର କରିଦେଇଛନ୍ତି ଯେପରି ! ମୋର ଗୀତସବୁ ଶୁଣି ଶୁଣି ଅସଂଖ୍ୟ ସ୍ତ୍ରୀ, ପୁରୁଷ, ଶିଶୁ ଯେମିତି ଶ୍ରଦ୍ଧାନ୍ୱିତ ହୋଇ ଉଠୁଛନ୍ତି ! ସେମାନଙ୍କ ହୃଦୟ ବି ଯେମିତି ତରଳି ଉଠୁଛି, ମୁଁ ଯେତେବେଳେ ଗାଏ:

ଲୋ ସଖି ! କେଶବ ଯେ ମଥୁରାକୁ ଗଲା
ତାହା ବୋଲେ ବଳି ପୁତ୍ର ବାହୁଡ଼ି ନୋଇଲା.....
ଲୋ ସଖି ! ଖରଖିର ଦେବି ମୁଁ କାହ୍ନୁକୁ
ଖାଇବାର ପୁତ୍ରଗଲା ମଥୁରା ପୁରକୁ.....

ଦେଖିଛି, ବହୁ ନାରୀଙ୍କ ଆଖିରେ ଦୁଃଖର ଛାୟା, ସେମାନଙ୍କ ହୃଦୟରେ ମଧ୍ୟ ଯେମିତିକି ଯଶୋଦାଙ୍କର ଗୁରୁ ଗୁରୁ ବ୍ୟଥାର ତରଙ୍ଗ । କହନ୍ତୁ ତ ସୁବୋଧବାବୁ । ମୁଁ କଣ କଳାକାର ନୁହେଁ ? ମଣିଷର ଅନ୍ତରକୁ ସ୍ପର୍ଶ କରିବା ଏଇତ କଳାକାରର ଧର୍ମ !".....

ତା' ନିଜସ୍ୱଭାବରେ ଏତିକ ବ୍ୟକ୍ତକରି ଘନଶ୍ୟାମ ପୁଣି ମୌନ ହେଲା । କିନ୍ତୁ ମୁଁ ଘନଶ୍ୟାମକୁ ମନେପକାଇ ଦେବାକୁ ଚାହୁଁଥିଲି, ଡାକ୍ତରଙ୍କ କଡ଼ା ତାଗିଦ୍ । ମୋ ମନକଥା ସେ ଯେମିତିକି ଜାଣିପାରିଲା । କହିଲା:

"ଡାକ୍ତରଙ୍କ ଉପଦେଶ ଯାହାହେଉ ପଛେ 'ଗୀତବିନୋଦ'ର ସେ ଜୀବନ ମୋତେ ରୁଦ୍ଧଶ୍ୱାସ କରିଦେଉଥିଲା । ମୁଁ କେମିତି ଅବରୁଦ୍ଧ ହୋଇଗଲା ଭଳି ଅନୁଭବ କରୁଥିଲି । ମୋର ମନେହେଉଥିଲା, ଯେମିତିକି ଏକ ପଞ୍ଜୁରୀରେ ମୁଁ ଏକ କରୁଣ ଚିତ୍ରକ ପକ୍ଷୀ । ମୋର ଡେଣା କିଏ ଯେମିତିକି କାଟି ଦେଇଛି । ମୋର କଣ୍ଠ କିଏ ଯେମିତି ଅବରୁଦ୍ଧ କରିଦେଇଛି । ମୋ ନିଜଠାରୁ ମୁଁ ଯେପରି ଏକ ବିକଳାଙ୍ଗରଣ, ଏକ ବିରୂପ । ଦୀର୍ଘ ଅଠବର୍ଷର ସେଇ ଗୀତିମୟ ଜୀବନ । ବାରବର୍ଷରେ ମୁଁ ଗ୍ରହଣ କଲି ଏ ପେଶା ଆଉ ଅଠବର୍ଷ ଧରି ସଂଗୀତର ସୁରଧୁନୀରେ କି ଆତ୍ମ ବିସ୍ମୃତ ହୋଇଛି ମୁଁ । କି ମଧୁମୟ ସେଇ ଜୀବନ । କେତେ ହର୍ଷ ଓ ଆନନ୍ଦର ଲୁହ, ଦୁଃଖ, ଯନ୍ତ୍ରଣା, ଦାରିଦ୍ର୍ୟ ଭିତରେ ବି ଏକ ଅପାସୋର୍ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ତାହା !.....ମୁଁ ସେଇ ଜୀବନର କ୍ଷୋଭକୁ ଆଉ ଅବହେଳା କରିପାରିଲିନି ସୁବୋଧ୍‌ବାବୁ । କିମିତି ବା ପାରନ୍ତି ?"

ତା' ନିଜସ୍ୱଶୈଳୀରେ ସେ ଏଇକଥା ବ୍ୟକ୍ତ କଲା । କିନ୍ତୁ ମୁଁ ଘନଶ୍ୟାମକୁ କିଛି ଉତ୍ତର ଦେଇପାରିଲିନି । ହୃଷୀକେଶବାବୁଙ୍କ ପ୍ରେରଣାରେ କବିତା ଲେଖା ବନ୍ଦ୍ କରିଦେଇଥିବା ସୁବୋଧ କି ଉତ୍ତର ଦେବ ଘନଶ୍ୟାମକୁ ?

କେବଳ ତାର ଶୁଭ ମନାସିଲି ଓ ବିଦାୟ ଦେଲି ।

ରାସ୍ତା ଉପରୁ ପୁଣି ଭାସି ଆସିଲା ଗୀତର ମୂର୍ଚ୍ଛନା :

"ଖଣ୍ଡି ଯେ ଖଣ୍ଡି ହେଉ ପଞ୍ଜର କାଠି
ଖାଉଣ ଥିବେ ଶ୍ୱାନ ଶୃଗାଳ ବାଣ୍ଟି....."

ମୁଁ ଆଖି ବନ୍ଦକରି କେତେକ ମୁହୂର୍ତ୍ତ ନିଶ୍ଚଳ, ନିର୍ବାକ ରହିଯାଇଥିଲି । ସେହିପରି ରହି ଜଣାଇଲି : "ଭଗବାନ, ଘନଶ୍ୟାମର ମଙ୍ଗଳକର । ବି. ବି. କଟକରୁ ତାକୁ ରକ୍ଷାକର ପ୍ରଭୁ !"

---

ଆକାଶବାଣୀ (କଟକ) ସୌଜନ୍ୟରୁ । ( ମେ ୧୯୭୨ରେ ଓଡ଼ିଆ ଓ ପରେ ପରେ ହିନ୍ଦି ଓ ଅନ୍ୟାନ୍ୟ ଭାରତୀୟ ଭାଷାରେ ଅନୂଦିତ ହୋଇ ଭାରତର ବିଭିନ୍ନ କେନ୍ଦ୍ରରୁ ପ୍ରସାରିତ )।

C/o ଶ୍ରୀ ଆର. କେ. ଦାସ ଷ୍ଟୋନିରୋଡ୍, କଟକ-୨

# ପାଠ ପଢ଼ିବା ପାଇଁ ପିଲାଙ୍କୁ ଦଣ୍ଡଦେବା ଉଚିତ କି ?

> ପିଲାଙ୍କୁ ମଣିଷ କରିବା ଜମ୍ମୁନ୍ଦାଲେ ସହଜ କାର୍ଯ୍ୟ ନୁହେଁ—ପିଲ୍ଲୁ ମଣିଷ କରିବାର ପନ୍ଥା କେବେ ଜାଣି ନ ଥିବାରୁ ଅନେକ ସମୟରେ ଏଥିଁ ଗଳୁ ବଳୁ ବାନର ଭଳି ଅକାରଣେ ବାପା ମା' ପିଲାମାନଙ୍କ ଜୀବନ ବିପନ୍ନ କରିଥାନ୍ତି—ଶିଶୁଶିକ୍ଷାର ସୁସ୍ଥ ମନସ୍ତତ୍ତ୍ୱ ପ୍ରେମ ସ୍ନେହ ଉପରେ ଆଧାରିତ—ଅସହଯୋଗ ଆଚରଣ ଶିଶୁପାଇଁ କଠିନ ଦଣ୍ଡ ସୁଦୃଢ଼—ଦେଣ୍ଟ ତାଡ଼ନା କାହିଁକି, କିପରି ଓ କେତେବେଳେ ଦରକାର ଏ ସମ୍ପର୍କରେ ଏହି ଆଲୋଚନା....

ଶ୍ରୀ ସମୋଦ କୁମାର ମହାନ୍ତି

ପିଲାଏ ମଣିଷ ହେବେ । ଭଲ ପାଠ ପଢ଼ିବେ । ସେମାନଙ୍କୁ ମଣିଷ କରିବା ହିଁ ବାପା ମାଆଙ୍କର କେତେ ଚିନ୍ତା । ସେଥିପାଇଁ ଚାରି ପାଞ୍ଚ ବର୍ଷ ବୟସରୁ ପିଲାକୁ ପାଠ ପ୍ରତି ଆକୃଷ୍ଟ କରାଯାଏ । ଉଦ୍ୟମ ଆରମ୍ଭ ହୁଏ ସେ କିପରି ଭଲ ଶିକ୍ଷା ଲାଭ କରି ଭଲ ମଣିଷ ହୋଇ ପାରିବ, ଭବିଷ୍ୟତରେ ଉପାର୍ଜନକ୍ଷମ ହୋଇ ପ୍ରତିଷ୍ଠିତ ହୋଇ ପାରିବ । ପାଠପଢ଼ା ଆରମ୍ଭ ବେଳକୁ ସ୍ରତୋପନୟନ ଜାନ:ପାଡ଼ା ପ୍ରଭୃତି ସଂସ୍କାର ସରିଥାଏ । କେହି କେହି ଅଭିଭାବକ ପିଲାର ଜାତକ, ହାତ ଇତ୍ୟାଦି ଦେଖାଇ ପିଲା କିପରି ପଢ଼ିବ ସେ ବିଷୟରେ ଅନୁକୂଳ ଓ ପ୍ରତିକୂଳ ସମ୍ଭାବନାମାନ ଜପଡ଼ିବାର ଏପରିକି ପିଲା ସାମ୍ନାରେ ବି ଆଲୋଚନା କରିଥାନ୍ତି । ଜ୍ୟୋତିଷ କହିବା ଅନୁସାରେ ଏ ପିଲାର ପାଠ ହେବ ନାହିଁ ବୋଲି ପିଲାଟି ଶୁଣିଲା ମାତ୍ରେ ତା ମନ ନିରୁତ୍ସାହରେ ମରିଯାଏ । ସାଧାରଣତଃ ଦୁଇ ପ୍ରକାର ଅଭିଭାବକ ଅଛନ୍ତି । ପ୍ରଥମ ଶ୍ରେଣୀର ଅଭିଭାବକ ପିଲାଟି ଖୁବ ଶୀଘ୍ର ସବୁ ପାଠ ଆୟତ କରି ନେଉ ବୋଲି ଭାରି ଔତ୍ସୁକ୍ୟ ଦେଖାଇ ଥାଆନ୍ତି । ସେମାନେ ପିଲାର ସାମାନ୍ୟ କିଛି ତ୍ରୁଟି ଦେଖିଲେ ଭାରି ବିରକ୍ତ ହୁଅନ୍ତି । ପିଲା ସବୁବେଳେ ପାଠ ପଢ଼ିବ ଦୁଷ୍ଟାମୀ କରିବ ନାହିଁ । ବଡ ପାଟିରେ ହସି ଖେଳି ଭିଆଁ ଡେଇଁ କରି ହୁମ ଦୁମ ହେବ ନାହିଁ । ସୁବୋଧ ଶିଷ୍ଟ ଅଥଚ ଶୀଘ୍ର ପାଠ ଆୟତ କରିପାରୁଥିବା ପିଲାଟିଏ ସେ ହେବ । ସେଥିପାଇଁ କଡ଼ା ଶାସନ ପାଠ ନ ଆସିଲେ 'ଗଧ' ଯା ହେଉ କିଛି ହେବ ନାହିଁ । ଯା ମୁଣ୍ଡରେ ଗୋବର ଅଛି ଏବଂ ଅଧିକନ୍ତୁ ଶାରିରୀକ ଦଣ୍ଡ ମଧ୍ୟ ଏମାନେ ଦେଇଥାଆନ୍ତି । ଏ ପ୍ରକାର ଅଭିଭାବକ ମାନେ ନିଜ ପିଲାଟିକୁ ତା ସାମ୍ନାରେ ପ୍ରଶଂସା କରନ୍ତି ନାହିଁ ଏହି ଭୟରେ ଯେ କାଳେ ସିଏ ମନମୋଟିଆ ହୋଇଯିବ । ଦ୍ୱିତୀୟ ଶ୍ରେଣୀର ଅଭିଭାବକ ହେଲେ ଖାମଖିଆଲି, ଯାହା ଭାଗ୍ୟରେ ଥିବ ହେବ ଭାବନ୍ତି [illegible] ସେମାନେ ପିଲାକୁ ସାଂସାରିକ ଜଂଜାଳର ଏକ ଅଲଗା [illegible] ଗଡ଼ିକ ଅଂଶ ମନେ କରି ତା ଭାଗରେ ଛାଡ଼ି [illegible] ଦେଇଥାଆନ୍ତି । ପିଲାଟି ବହିବାକ୍ସ ବା ବହିଥଳି [illegible] ବୋଝେ ବହି, ଖାତା, ଡବା, ପେନସିଲ ବା କଲମ [illegible] ସ୍କୁଲକୁ ଯାଏ ଓ ସେଠାରୁ ପ୍ରତିଦିନ ଗୋଟିଏ କଲମ ବା ପେନସିଲ ହଜାଇ, ହାତଗୋଡ଼, ସାର୍ଟକୁ ଘାଣ୍ଟିଘୁଣ୍ଟି ଛିଣ୍ଡିଆ ଖାବରା ହୋଇ, କାଗଜ ଓ ଖାତା ଚିରି, କାନ୍ଦୁ [illegible] ସିଂହାଣି ବୁହାଇ ଆସିଲେ ବି କାହାର [illegible] ଭ୍ରୂକ୍ଷେପ ନଥାଏ । ସେହିଭଳି ସେହେ ଘା, ଭାତ ଦୁଇମୁଠା [illegible] ନଖାଉ ମଲି ଭର୍ତ୍ତି, ତଥାପି ସେମିତି ଭାରି [illegible] ଲ୍ଲୁ ନୀତିରେ ସେମାନେ ଥାଆନ୍ତି । ଶୁଣ [illegible] ପାରିଲେ ଗୋଟିଏ ସାହିତ୍ୟ ବହିରୁ ପଦ୍ୟ ବା ଗଦ୍ୟାଂଶ [illegible] ପଢ଼ିବା ଦେଖିଲେ ବାପା ଓ ମାଆ ଭାବନ୍ତି ବହୁ [illegible] ଅଛି । କିନ୍ତୁ ଏ ସବୁ ପ୍ରକୃତରେ ଭଲ ପାଠପଢ଼ା [illegible] ଆଦୌ ଅନୁକୂଳ ନୁହେଁ । ମଞ୍ଜିଟିଏ ପୋତି [illegible] ଉପଯୁକ୍ତ ମାଟିରେ ପର୍ଯ୍ୟାପ୍ତ ଆଲୋକ, ଜଳ ଓ ବାୟୁ ପ୍ରଦାନ କଲେ ଯେଉଁଭଳି ସେଇଟି ସୁସ୍ଥ ହୋଇ [illegible] ମଣିଷର ଯତ୍ନରେ ଅନିଷ୍ଟକାରୀ ପୋକ, ଗୋରୁଗାଈ, [illegible] ଇତ୍ୟାଦିରୁ ରକ୍ଷାପାଇ ଗଛରେ ପରିଣତ ହୁଏ [illegible] ଭଳି ସାନ ପିଲାକୁ ଭଲ ପାଠ ପଢ଼ାଇବାକୁ [illegible] ବିଜ୍ଞାନସମ୍ମତ ପ୍ରୟାସର ଆବଶ୍ୟକ । ସେଥିରେ [illegible] ଶାସନ ତଥା ଦଣ୍ଡର ସ୍ଥାନ ନାହିଁ । ଏ ସମ୍ପର୍କରେ ସବିଶେଷ ଆଲୋଚନା କରାଯାଉ ।

ପିଲାଠାରୁ ବୁଢ଼ାଯାଏ ସଚେତନ ଚିନ୍ତା [illegible] ସମସ୍ତେ କିଛିନା କିଛି ଶିଖୁଛନ୍ତି । ଆମର ପୂର୍ବ [illegible] ପରିପ୍ରେକ୍ଷୀରେ ଆମର ଆଚରଣରେ ଦେଖାଯାଉଥିବା [illegible] ପରିବର୍ତ୍ତନକୁ ଶିକ୍ଷାଲବ୍ଧ କୁହାଯିବ । ଶିକ୍ଷାଯୋଗୁଁ [illegible] ଆଚରଣରେ ବାଞ୍ଛିତ ପରିବର୍ତ୍ତନ ହୋଇଥାଏ [illegible]

...ମଧ୍ୟ ଥାଏ । ଉଦାହରଣ ସ୍ୱରୂପ, ଜଣେ ... ଶିଶିବା ଆଗରୁ ଜାଣି ନ ଥିଲା, ଏହାକୁ ଶିଖି ... ଜଣେ । ଏହା ଫଳରେ ସେ ଆଗରୁ ଯେଉଁ ... କରି ପାରୁ ନଥିଲା ସେ ସବୁ କରି ପାରିଲା । ... ତାର ଆଚରଣରେ ଶିକ୍ଷଣଜନିତ ଅଭ୍ୟାସ ... ପରିବର୍ତ୍ତନ ଲକ୍ଷିତ ହେଲା । କିନ୍ତୁ ପିଲା ଶଶିଲା ... ଆମେ କିପରି ଜାଣିବା ? ପିଲା କ'ଣ କରୁଛି ... ତାର ପାଠ ପଢାର ମାତ୍ରା ତଥା ଗୁଣ ... । ପିଲାକୁ ନିଜର ତ୍ରୁଟି ଓ ପରକାଷ୍ଠା ଦେଖା- ... ସୁଯୋଗ ଦେଲେ ସେ କେତେ କଣ ଆୟତ୍ତ ... ଶୋଚରେ ଅର୍ଥାତ ଶିକ୍ଷା ଧରପଡେ ପିଲାର ... । କେବଳ ସେତିକି ନୁହେଁ ଶିଖାର ମାତ୍ରା ... ଥିବ ହୁଏ ତାର ସଠିକ ଉତ୍ତରର ପରିମାଣ ... ଭିତରେ ଲାଗେ ଓ ତ୍ରୁଟି କମିଯାଏ । ବର୍ତ୍ତମାନ ... ଜଣ କଲେ ପିଲାଏ ଭଲ ପଢିବେ । ଏହାର ... ହେଉଛି, ପିଲାଏ ଯଦି ପାଠର ଭଲ ଅଭ୍ୟାସ ... ତେବେ ଯାଇ ଭଲ ପଢିବେ । କିନ୍ତୁ ଭଲ ଅଭ୍ୟାସ ... ହେବ ? ଭଲ ଅଭ୍ୟାସ ହେବା ଉତ୍ତମ ପ୍ରଣୋଦନା ...), ଆଗ୍ରହ ଓ ଅଭିପ୍ରେରଣା (motive) ଥିଲେ । ... ପାଠ ପିଲାଟି ପଢିବା ପାଇଁ ଅଭିଭାବକ ଚାହାଁନ୍ତି । ... ପାଠ ପ୍ରତି ପିଲାର ଯଦି ପ୍ରଣୋଦନା, ଆଗ୍ରହ ଓ ...ପ୍ରେରଣା ନଥାଏ ତେବେ ଯେତେ ବାଧ୍ୟ ବାଧ୍ୟକତା ... ବି ପିଲାର ପାଠ ଅଭ୍ୟାସ ହେବନାହିଁ । ହଲ୍ ... ଜଣେ ବିଶିଷ୍ଟ ମନୋବିଜ୍ଞାନୀଙ୍କ ମତରେ ... ବିଦ୍ୟାଭ୍ୟାସ ହେଉଛି ତାହାର ଅଭ୍ୟାସ ଓ ...ଣୋଦନାର ଗୁଣଫଳ । ଅର୍ଥାତ୍, ବିଦ୍ୟାଭ୍ୟାସ ... ଆଗ୍ରହ ତଥା ପ୍ରଣୋଦନା ସହିତ ବିଦ୍ୟାକୁ ... ଥର ଅନ୍ୱେଷଣା କରିବା ବା ପୁନରାବୃତ୍ତି କରିବା । ... ଏହିଭଳି ପୁନରାବୃତ୍ତି କଲାପରେ ପିଲାଟି ଯଦି ସେଥିରୁ ... ଆନନ୍ଦ ବା ସନ୍ତୋଷ ଲାଭ କରୁନାହିଁ, ବା କୌଣସ ...ପୁରସ୍କାର ପାଉ ନାହିଁ ତେବେ ସେ ଆଉ ଅଭ୍ୟାସ ... ନାହିଁ । ଅଭିଭାବକ—ଶିକ୍ଷକ—ବା ସାଙ୍ଗସାଥୀ ... ତାହାର ବାହାରରୁ ହେଉ ବା ନିଜ ଭିତରୁ ହେଉ ... ତୃପ୍ତି ନଥାଇ ଦଣ୍ଡ ବା ଗାଳି ଭୟରେ କେବଳ ... ଅଭ୍ୟାସ କଲେ ଭଲ ପାଠପଢା ହୁଏନାହିଁ କି ...ପଢାର ଗୁଣାତ୍ମକ ମାତ୍ରାବୃଦ୍ଧି ହୁଏନାହିଁ । ଏତିକି- ... ତାହାର ପାଠପଢାର ତ୍ରୁଟି ଯୋଗୁଁ ଯଦି ...ମାତା ତାକୁ ଦଣ୍ଡ ଦିଅନ୍ତି । ତେବେ ଆହୁରି ...ସୁବିଧା ସୃଷ୍ଟି ହୁଏ । ସେ ନିଜ କାର୍ଯ୍ୟରୁ ସନ୍ତୋଷ ଓ ...ପାଇ ଗାଳି, ମାଡ ଭୟରେ ଖାଲି ଅଭ୍ୟାସ ... କିଛି ଫଳ କିଛି ହୁଏ ନାହିଁ ।

କିନ୍ତୁ ପିଲା ଭୋକମାଳ କଲାବେଳେ ଦଣ୍ଡଦେବା ଅନୁଚିତ୍ କି ? ଅନେକ ଶିକ୍ଷକ ଓ ଅଭିଭାବକ ଗୋଳମାଳ କଲାବେଳେ ପିଲାଙ୍କୁ ଶାରିରୀକ ଦଣ୍ଡଦେଇ ଚୁପ୍‌କରି ଭଲଫଳ ପାଉଛନ୍ତି । କିନ୍ତୁ ବହୁ ପରୀକ୍ଷାରୁ ଦେଖାଯାଇଛି ଯେ ଦଣ୍ଡଦେଲେ, କୌଣସ ଅବାଞ୍ଛିତ ଆଚରଣ ବିଦୂରିତ ହୋଇଯାଏ ନାହିଁ । ଅନବାଇକ ବୋଲି ଜଣେ ବିଶିଷ୍ଟ ମନୋବିଜ୍ଞାନୀଙ୍କ ପ୍ରମାଣ ଅନୁସାରେ ଦଣ୍ଡଦେଲେ ଅବାଞ୍ଛିତ ଅଭ୍ୟାସ ଲୁକିଯିବା ଦୂରେଥାଉ ଆଦୌ ହ୍ରାସ ପାଏନାହିଁ । ଘରେ ବା ଶ୍ରେଣୀ ଗୃହରେ ଗୋଳମାଳ କଲାବେଳେ, ଯେଉଁ ପିଲାକୁ ଦଣ୍ଡ ଦିଆଗଲା, ସେ ସେହିକ୍ଷଣରେ ସେ ଚୁପ୍ ହେଲା ସତ, କିନ୍ତୁ ଏଠାରେ ତା'ର ପାଟିତୁଣ୍ଡ କରିବା ଅଭ୍ୟାସଟି ସାମୟିକ ଭାବରେ ଲୁଚିଗଲା, କିନ୍ତୁ ଆଦୌ ଦୁର୍ବଳ ହେଲାନାହିଁ । ଯେତେ-ବେଳେ ଦଣ୍ଡ ପାଇବାର ଆଶଙ୍କା ଅପସରି ଯିବ, ସେତେବେଳେ ସେ ପୁଣି ପାଟିତୁଣ୍ଡ କରିବ । ସୁତରାଂ ଦଣ୍ଡ ଦେବା ଫଳରେ କେବଳ ପିଲାର ଅବାଞ୍ଛିତ ଆଚରଣର ପ୍ରତିରୋଧ କରଯାଏ । ଏହା ସଂପୂର୍ଣ୍ଣ ଲୋପପାଇ ପାରେନାହିଁ । ଦଣ୍ଡଦେଇ ପିଲାର ପାଠପଢାକୁ ଆଗେଇ ନେବା କେବଳ ଦୁରାଶାମାତ୍ର ।

ଚାଣକ୍ୟନୀତିରେ ପାଞ୍ଚବର୍ଷ ପର୍ଯ୍ୟନ୍ତ ପିଲାକୁ ଲାଳନ ପାଳନ କରିବ, ଦଶବର୍ଷ ପର୍ଯ୍ୟନ୍ତ ତାଡନା ଅର୍ଥାତ୍ ଶାରିରୀକ ଦଣ୍ଡ ଇତ୍ୟାଦି ଦେଇ କଡାଶାସନରେ ରଖିବ, ଏବଂ ଷୋଳବର୍ଷପରେ ପୁତ୍ର ସହିତ ମିତ୍ରପରି ଆଚରଣ କରିବା ଉଚିତ ବୋଲି କୁହାଯାଇଛି । ସେହିପରି ଗୋଟିଏ ପୁରୁଣା ଇଂରାଜୀ ସୂକ୍ତି, "spare the rod and spoil the child" ମଧ୍ୟ ଅନେକେ ଉଲ୍ଲେଖ କରିଥାଆନ୍ତି । କେବଳ ସେତିକି ନୁହେଁ, ପୃଥିବୀର ପ୍ରାୟ ସବୁଦେଶର ସରକାର ଦୋଷୀମାନଙ୍କ ଠାରୁ ଆରମ୍ଭକରି ବେତ୍ରାଘାତ ଏପରିକି ଜେଲ୍‌ରେ ରଖିବା ଆଦି ଦଣ୍ଡବିଧାନ କରି ସାମାଜିକ ନିୟନ୍ତ୍ରଣ ଜାରି କରିଥାଅନ୍ତି । କିନ୍ତୁ ଇତିହାସର ଧାରକୁ ଆଜିପର୍ଯ୍ୟନ୍ତ ଲକ୍ଷ୍ୟକଲେ ସ୍ପଷ୍ଟ ଜଣାପଡିବ କିପରି ଶିକ୍ଷାଦାନ କ୍ଷେତ୍ରରେ କ୍ରମେ ଦଣ୍ଡଠାରୁ ପ୍ରାଧାନ୍ୟ କମକମ ହୋଇ ପୁରସ୍କାର ଉପରେ ବେଶୀ ଗୁରୁତ୍ୱ ଦିଆଯାଉଛି । ବହୁ ମନୋବିଜ୍ଞାନ—ପରୀକ୍ଷାରୁ ଜଣାପଡିଛି ଯେ ପୁରସ୍କାର ତୁଳନାରେ ଦଣ୍ଡର ପ୍ରଭାବ ଅତି ସାମାନ୍ୟ ଓ ଅସ୍ଥାୟୀ । କେବଳ ସେତିକି ନୁହେଁ ନିର୍ଦ୍ଦୟ ଓ କଠୋର ଦଣ୍ଡବିଧାନ ଦ୍ୱାରା ପିଲାଠାରେ ଏଭଳି ଅସ୍ୱାଭାବିକ ଉଦ୍‌ବେଗ ସୃଷ୍ଟି ହୁଏ ଯେ ଏହା-ଫଳରେ ଦଣ୍ଡିତ ବ୍ୟକ୍ତି ଓ ଶିଶୁର ଘୋର ଅପକାର ହୁଏ ।

ପାଠ ଭୟରେ ସ୍କୁଲ୍‌କୁ ନଯାଇ ମିଛକହି ଘରେ ରହିଯିବା ଫଳରେ କେତେକ ଶିକ୍ଷକ ଅଭିଭାବକ ପିଲାକୁ ନିର୍ଦ୍ଦୟ-ଭାବେ ଦଣ୍ଡପ୍ରଦାନ କରିଥାଆନ୍ତି । ପଢ଼ାପାଠ ପରଷିପାରି ଠିକ୍ ଉତ୍ତର ନମିଳିଲେ, ଛେଳି, ଗୁଲ୍‌ବାଡ଼ି, ବେତ ପ୍ରଭୃତିର ଅଭିମୁଖୀ ବ୍ୟବହାର ଅନେକେ କରିବାକୁ ପଛାନ୍ତି ନାହିଁ । ସେହିପରି ଦଣ୍ଡ, କୋଡ଼ିଏ ଥର ବସ୍‌ଉଠ, କାନ ଧରିବା, ଗୋଡ଼ି ଉପରେ ଆଣ୍ଠେଇବା ପ୍ରଭୃତି ଦଣ୍ଡମଧ୍ୟ ଅଦ୍ୟାପି ଦିଆଯାଉଛି । ପିଲାମାନଙ୍କୁ ଅତ୍ୟଧିକ ଦଣ୍ଡପ୍ରଦାନ ଫଳରେ ତାହାର ସ୍ୱତଃପ୍ରବଣତା ମୂଳକ ଅସ୍ୱାଭାବିକ ଓ ବିକୃତ ଆଚରଣ ଦେଖାଯାଏ । ଦଣ୍ଡପାଇବା ଭୟଯୋଗେ ଆଦୌ ପାଠଭଲ ହୁଏନାହିଁ ।

ପୁରସ୍କାର କହେ—"ଯାହା କହୁଚ ବା କରୁଚ
ତାହାର ପୁନରାବୃତ୍ତି କର ।

ଦଣ୍ଡକହେ—'ଯାହା କରୁଚ ବା କହୁଚ
ତାହାକୁ ବନ୍ଦ କର ।'"

ତହୁଁରେ କ'ଣ ଲାଭ ହୁଏ ? ଭୟ ଓ ଆଶଙ୍କା ଭିତରେ କେହି ସୁନ୍ଦର ସର୍ଜନାତ୍ମକ କଥା ଚିନ୍ତାକରିପାରେ ନାହିଁ କି । କରି ନୂଆକଥା ଶିଖିପାରେ ନାହିଁ । ତେଣୁ ମନୋବିଜ୍ଞାନୀ ଓ ଶିକ୍ଷା ବିଜ୍ଞାନୀଙ୍କ ମତରେ ଶିକ୍ଷାଭ୍ୟାସ ପାଇଁ ଦଣ୍ଡ ସଂପୂର୍ଣ୍ଣ ଅନାବଶ୍ୟକ ।

ପୁରସ୍କାର ଦେଇ ଜାଣିହେବ ଏହା ଫଳରେ ପରେ ପିଲାଟି କେଉଁ ପ୍ରକାର ଆଚରଣ ଦେଖାଇବ ଅର୍ଥାତ୍, ପୁରସ୍କାର ଦେଇ ଆଚରଣର ପୂର୍ବସୂଚନା ଓ ପୂର୍ବାନୁମାନ କରାଯାଇ ପାରିବ । କିନ୍ତୁ ଦଣ୍ଡ ପ୍ରଦାନ କରି ନୁହେଁ । ଦଣ୍ଡ ନିଜେ ପିଲାକୁ କରୁଥିବା ଆଚରଣ ବନ୍ଦ କରିବାକୁ କହିବା ବ୍ୟତୀତ ଆଉ କ'ଣ କରିବାକୁ ହେବ କହିବାରେ ବିଫଳ ହୁଏ ।

ଦଣ୍ଡର ଅନ୍ୟଏକ ମନ୍ଦ ଦିଗ ମଧ୍ୟ ଅଛି । କେତେକ ପରିସ୍ଥିତିରେ ଦଣ୍ଡଦେବା ଫଳରେ ମନ୍ଦ ଆଚରଣଟି ଦୂର ନହୋଇ ପିଲାଠାରେ ସ୍ଥିର ହୋଇ ରହିଯାଏ । ଏହାର ମୁଖ୍ୟ କାରଣ ଦଣ୍ଡପ୍ରତି ପିଲାର ଭୟ ଓ ଉଦ୍‌ବେଗ । ଉଦାହରଣ ସ୍ୱରୂପ, ବିଛଣାରେ ପରିସ୍ରା କରୁଥିବାରୁ ପିଲାକୁ ଦଣ୍ଡଦେବା ଫଳରେ ଦେଖାଯାଇଛି ଯେ, ଆଗରୁ ସେ ଯେତେଥର ବିଛଣାରେ ପରିସ୍ରା କରୁଥିଲା ତା'ଠାରୁ ମାଡ଼ଦେବା ଫଳରେ ବେଶୀ-ଥର ପରିସ୍ରା କରୁଛି । ସୁତରାଂ ଦଣ୍ଡଦେବାଦ୍ୱାରା ପିଲାର ଗୋଟିଏ ବଦ୍‌ଖୋଇ ନିରନ୍ତର ତାଜା ହୋଇଥାଏ ।

ଅନ୍ୟ ଗୋଟିଏ କାରଣରୁ ମଧ୍ୟ ପିଲା ପକ୍ଷରେ ଦଣ୍ଡଦେବାର ଫଳାଫଳ ଦୁର୍ଭାଗ୍ୟଜନକ ହୋଇଥାଏ । ଦଣ୍ଡର ପରିମାଣ ଅନୁସାରେ ପିଲା ଦଣ୍ଡଦେଉଥିବା ବ୍ୟକ୍ତିକୁ ଘୃଣାକରିବା ଓ ତା'ଠାରୁ ଦୂରେଇ ରହିବା ଆରମ୍ଭକରେ । ସେ ବାପା, ବୋଉ, ଶିକ୍ଷକ, ... ମାଲିକ—ଯେକେହି ହୁଅନ୍ତୁନା କାହିଁକି ଦଣ୍ଡପାଇ ... ପିଲା ସେହି ମୁହୂର୍ତ୍ତରେ ଘୃଣାଭାବ ପୋଷଣ କରେ ଏବଂ ପିଲାଟି ଯେଉଁ କାର୍ଯ୍ୟପାଇଁ ଦଣ୍ଡ ପାଇଛି ... ଘୃଣାକରିପାରେ । ଏପରିକି ଏଥିଯୋଗୁ ପ୍ରତିକ୍ରିୟା... ହୋଇ ସେ ଗୋଟିଏ ଖରାପ ଆଚରଣ ପରିବର୍ତ୍ତେ ଆଉ ଗୋଟିଏ ଉତ୍କଟ ଖରାପ ଆଚରଣ ପ୍ରଦର୍ଶନ କରିପାରେ । ଯେଉଁ ବାପା ତାକୁ ସ୍କୁଲ୍‌କୁ ନଯାଇ ମିଛକହି ଘରେ ରହିଥିବାରୁ ଦଣ୍ଡଦେଇଛନ୍ତି ତାଙ୍କ ପ୍ରତି ଅବଚେତନ ସ୍ତରରେ ଘୃଣାଭାବ ପୋଷଣ କରି ସେ ଏପରି କେତେକ କାର୍ଯ୍ୟକରିପାରେ ଯେଉଁଥିରେ ବାପା ଅତ୍ୟନ୍ତ ମର୍ମାହତ ହେବେ ଓ ଅଧିକ ... ମାନସିକ ଆଘାତ ପାଇବେ । ଉଦାହରଣ ସ୍ୱରୂପ, ... ସେ ବେଶୀରାତିରେ ଘରକୁ ଫେରିପାରେ, ... ଅଧାରୁ ସିନେମା ଦେଖିବାକୁ ଚାଲିଯାଇପାରେ, ... ସୃଷ୍ଟିକରି ଖଟିରେ ଯୋଗ ଦେଇପାରେ, ତାର ... ଶିକ୍ଷକଗଣଙ୍କୁ ପିଟାପିଟି କରିପାରେ । ଏହିପରି ... ଦିନ ଦୁର୍ବଳ ପାଠପଢ଼ା ପ୍ରଦର୍ଶନ କରି ... ସେ ପିତାମାତାଙ୍କୁ ଗଭୀର ମାନସିକ ଆଘାତ ଦେଇପାରେ । ସେହିପରି ସିଗାରେଟ୍ ଖାଇବା ପାଇଁ ଦଣ୍ଡିତ ... ସେ ହୁଏତ ଗୋପାଳ ଜରଦା, ବାବା ଜରଦା ... ମାରି ଗୁଞ୍ଜିଆ—ଏପରିକି ହିପ୍‌ଟୋଜେନ୍, ମାନ୍‌ଡ୍ରେକ୍ସ ଇତ୍ୟାଦି ମଧ୍ୟ ଖାଇପାରେ ।

ତେବେ ଜଣେ ମିଛକହି ସ୍କୁଲ୍‌ରୁ ଅନୁପସ୍ଥିତ ରହିଲେ ତାକୁ କ'ଣ ଦଣ୍ଡଦେବା ଅନୁଚିତ୍ ? ଜଣେ ସ୍କୁଲ୍‌କୁ ପାଠପଢ଼ା ଭୟରେ ନଯାଇ ମିଛକହି ଘରେ ରହିଲେ ... ପରେ ଏହା ଜଣା ପଡ଼ିଲେ ଅଭିଭାବକ ତାକୁ ... ଦଣ୍ଡଦେବା ସଂପୂର୍ଣ୍ଣ ଅନୁଚିତ । ବରଂ ସେ ... ଅଙ୍କ କି ଇଂରାଜୀ ଗ୍ରାମାର କରିନାହିଁ ଓ ସେଥିପାଇଁ କ୍ଲାସ୍‌ରେ ଲଜ୍ଜା ପାଇବ ବୋଲି ଯାଉନାହିଁ—ସେ ... ତାହାର ସହପାଠୀମାନଙ୍କଠାରୁ ପ୍ରକାଶ୍ୟରେ ... ସେଇ ବିଷୟଗୁଡ଼ିକରେ ଦୁର୍ବଳତା କିପରି ଦୂର ... ପାରିବ—ସେ ଦିଗରେ ଅଭିଭାବକ ଉଦ୍ୟମ ... ଆବଶ୍ୟକ । ଅତ୍ୟନ୍ତ ନିର୍ଭରଯୋଗ୍ୟ ଭାବରେ ... ପାରେ, ବିଦ୍ୟାଭ୍ୟାସରେ ଶାରୀରିକ ଦଣ୍ଡର କୌଣସି ଉପଯୋଗିତା ନାହିଁ । କିନ୍ତୁ ... ବାହାରେ ଅନ୍ୟାନ୍ୟ ଆଚରଣକୁ ... ଅସହଯୋଗମୂଳକ ମାନସିକ ଦଣ୍ଡର ... ପରିମାଣରେ ଅଛି । ଉଦାହରଣ ସ୍ୱରୂପ, ଗୋଟିଏ ... ବିଛଣାବଦର ଉପରେ ବା ପଢ଼ା ଟେବୁଲ ଉପରେ ...

ବାପାଙ୍କୁ ଅତି ଡରାଉଛି । ଏଠାରେ ସେ ଯେଉଁମାନଙ୍କ ଉପରେ ନିର୍ଭରଶୀଳ ସେହି ବାପା କିମ୍ବା ମା' ତାଙ୍କୁ କହୁଛନ୍ତି, "ଛୋଟାପୁଅ ଘର ବିଛଣା ଉପରେ ଶୋଇବା ଉଚିତ ନାହିଁ । ଏହା ଖୁବ୍ ଖରାପ କଥା । ବର୍ତ୍ତମାନ ତୁ ତୋ ଛୋଟାପୁଅକୁ ନିଜ ହାତରେ ତୁ ସଫା ନକଲେ ତୋ ସହିତ ଆମେ କେହି କଥାବାର୍ତ୍ତା କରିବୁ ନାହିଁ । ତତେ କିଛି ଖାଇବାକୁ ଦେବୁନାହିଁ । ତୁ ତେଣୁ ଏବେ ନିଜ ହାତରେ ସଫା କରି ଦେ ।" ପିଲା ସହିତ ଏହିଭଳି ଅସହଯୋଗ ମନୋଭାବ ପ୍ରକାଶ କରିଦେଲେ ସେ ଏଥିଯୋଗୁ ବହୁ ମାନସିକ ଯନ୍ତ୍ରଣା ଭୋଗିବ ଓ ଅନନ୍ୟୋପାୟ ହୋଇ କିଛି ସମୟ ପରେ ନିଜେ କିଛି କାଳି ତା ଛୋଟାପୁଅ ବିଛଣା ଉପରୁ ସଫା କରିଦେବ । ଯଦିଓ ତା'ର ସାନ ହାତରେ ସେ ଏସବୁ ଭଲଭାବରେ ସଫାକରି ପାରିବ ନାହିଁ, ତଥାପି ଯେତିକି ସେ କରିପାରିବ ସେତିକି ପ୍ରାୟଶ୍ଚିତ ଯଥେଷ୍ଟ । ଏହାପରେ ତା'ର ବାପା ମା' ହୁଏତ ବିଛଣା ଚଦର ବଦଳାଇ ତାଙ୍କୁ ବୁଝାଇ ଦେବେ ଓ ଆଉ ଏପରି ନ କରିବାପାଇଁ ତାଙ୍କୁ ପରାମର୍ଶ ଦେବେ । ତାଙ୍କୁ ଆଦର କରି ଭା' ସହିତ ଭଲଭାବେ କଥାବାର୍ତ୍ତା କରିବେ । ଅସହଯୋଗମୂଳକ ଦଣ୍ଡଦ୍ୱାରା ପିଲାର ଆଚରଣ ଏହିପରି ଭିନ୍ନମୁଖୀ ହୋଇପାରିବ ।

ଶିକ୍ଷାଭ୍ୟାସ କ୍ଷେତ୍ରରେ ଦଣ୍ଡର କୌଣସି ଗୁରୁତ୍ୱ ନାହିଁ ଏହା ଆମକୁ ମନେରଖିବାକୁ ହେବ । କିନ୍ତୁ ଅନ୍ୟାନ୍ୟ କ୍ଷେତ୍ରରେ ଦଣ୍ଡ ପ୍ରତି—ମର୍ଯ୍ୟାଦାହାନି ପ୍ରତି ଆମେ ଭୟ ପୋଷଣ କରିଥାଆନ୍ତି ଯେଉଁଥିଯୋଗୁ ଏହାଦ୍ୱାରା କେତେକ ଉପକାର ମଧ୍ୟ ହୋଇଥାଏ । ଉଦାହରଣ ସ୍ୱରୂପ, ପୋଲିସ୍ ଆମକୁ କେବେ ଧମକ ଦେଇନାହିଁ, କି ଗିରଫ୍ କରିନାହିଁ । ଏପରି ନକରି ମଧ୍ୟ ପୋଲିସ୍ ଆମକୁ ଶାସନ କରିପାରୁଛି । ଏହା କିପରି ସମ୍ଭବ ହୋଇପାରୁଛି ? ପୋଲିସ୍ ପ୍ରତି ତଥା ଶାସନ ପ୍ରତି ଆମର ମନରେ ଥିବା ଭୟ ଓ ଉଦ୍‌ବେଗ ଯୋଗୁଁ ଏପରି ହୋଇପାରୁଛି । କେତେକ ଲୋକମାନଙ୍କୁ କୋର୍ଟରେ ଗାଡ଼ି ଚଳାଉଥିବାରୁ ପୋଲିସ୍ ଧରିବାରୁ ଅନ୍ୟ ଡ୍ରାଇଭର୍‌ମାନେ ଗାଡ଼ିର ବେଗ କମାଇ ଦେଉଛନ୍ତି । ଅନ୍ୟ ମାନଙ୍କର ରେଡ଼ିଓ ଓ ସାଇକେଲ୍‌ମାନ ଲାଇସେନ୍ସ ନଥିବାରୁ ଧରପଗଡ଼ ହେଲାବେଳେ ଲୋକେ ନିଜ ନିଜ ସାଇକେଲ୍ ଓ ରେଡ଼ିଓମାନ ଲାଇସେନ୍ସ କରାଉଛନ୍ତି । ଆୟକର ଲୁଚାଇଥିବା ଅଭିଯୋଗରେ କେତେକ ଦଣ୍ଡପାଇବାର ଜଣାପଡ଼ିଲେ ଅନେକେ ତୁରନ୍ତ ନିଜ ନିଜ ଆୟକର ରିଟର୍ଣ୍ଣ ଦାଖଲ କରିଥାଆନ୍ତି । ସୁତରାଂ ଅସହଯୋଗ ମନୋଭାବ-ଦଣ୍ଡକୁ ପରିତ୍ୟାଗ କରିବା ଫଳରେ ପିଲାମାନଙ୍କୁ ନିଜର ନିରପତ୍ତା ଦୃଷ୍ଟିରୁ ସନ୍ତୋଷ ମିଳିଥାଏ । ଏହିପରି ଘରବାହାରେ ପିଲା ଶାରିରୀକ ଓ ମାନସିକ ଦଣ୍ଡ ଭୋଗିବା ଅନେକ ଅବାଞ୍ଛିତ ଆଚରଣ କରିନଥାଏ । ଫଳରେ ନିଜର ସାମାଜିକ ସାଧୁତା ସଂପର୍କରେ ତାହାର ମନୋବଳ ଦିନକୁ ଦିନ ଦୃଢ଼ତର ହୁଏ ।

ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ କେତେକ ଜ୍ଞାନମୂଳକ ଦଣ୍ଡଅଛି । ପିଲା ନିଜର ବୟସ ଅନୁପାତରେ ଏଥିରୁ ନିଜେ ନିଜକୁ ରକ୍ଷାକରିଥାଏ । ଅର୍ଥାତ୍ ଏଭଳି କେତେକ ଦଣ୍ଡ ଅଛି ଯାହା ଆଦୌ ଶାରିରୀକ ନୁହେଁ, କିମ୍ବା ଶାରିରୀକ ହେଲେ ବି ତାକୁ କେହି ଜାଣିଶୁଣି ପିଲା ଉପରେ ପ୍ରୟୋଗ କରିନଥାନ୍ତି । ପିଲା ନିଜର ଅଜ୍ଞତା ଯୋଗୁ କିମ୍ବା ତା ଅନୁସନ୍ଧିତ୍ସା ଯୋଗୁ ହେଉ ସେ ଭଳି ଦଣ୍ଡ ପାଇଥାଏ ଓ ପରେ କି ଭଳି ଆଉ ଦଣ୍ଡିତ ନହେବ ସେଥିପାଇଁ ଅପେ ସତର୍କ ହୁଏ, ଉଦାହରଣ ସ୍ୱରୂପ, ପିଲାଟି ଇଲେକ୍‌ଟ୍ରିକ୍ ସୁଇଚ୍ ଇତ୍ୟାଦିରେ ହାତମାରୁଥିଲାବେଳେ ସକ୍ ପାଇବା ଫଳରେ, ବା କାହାର ସାଇକେଲ୍‌ଟିକୁ ନୁଆକରି ଚଢ଼ି ଶିଖିବାପାଇଁ ନେଇଯାଇ ସେଥିରେ ପଡ଼ି ଆଘାତ ପାଇଲାବେଳେ, କିମ୍ବା ମହୁଫେଣକୁ ଟେକାମାରି ମହୁମାଛି ଦ୍ୱାରା ଆହତ ହେଲାବେଳେ, କୋଠା ଉପରେ ବାରଣକରିବା ସତ୍ତ୍ୱେ ଗୁଡ଼ି ଉଡ଼ାଇ ସେଠାରୁ ପଡ଼ି ଗୋଡ଼ ହାତ ଭାଙ୍ଗି ବିକଳାଙ୍ଗ ହେଲାବେଳେ, ସେ ହୁଏତ ଜାଣିପାରେ ଠିକ୍ କ'ଣ ଭୁଲ୍ କ'ଣ । ପିଲାର ପରୀକ୍ଷା ଖାତାରେ ଶିକ୍ଷକଙ୍କ ସଂଶୋଧନ ଫଳରେ ତା'ର ନମ୍ବର କମିଯାଏ । ଡେରି-କରି କ୍ଲାସ୍‌କୁ ଅସିଲେ ହାଜିର ପଡ଼େନାହିଁ । ଏସବୁ ଜ୍ଞାନମୂଳକ ଦଣ୍ଡର ଦୃଷ୍ଟାନ୍ତ । କିନ୍ତୁ ଏହା ଫଳରେ ନିଜର ତ୍ରୁଟି ସଂପର୍କରେ ପିଲା ଜାଣିବା, ପରବର୍ତ୍ତୀ ପରିସ୍ଥିତିରେ ସଠିକ ଉତ୍ତର ଶିଖାକରିବାର ଗୋଟିଏ ସୁଯୋଗ ଦେଇ । ଏହିଭଳି ଜ୍ଞାନ ମୂଳକ ଦଣ୍ଡ (informative punishment) ପିଲାର ଆଚରଣକୁ ଭିନ୍ନମୁଖୀ କରାଇ ପରବର୍ତ୍ତୀ ଆଚରଣକୁ ସନ୍ତୋଷଜନକ କରାଇଥାଏ ।

ଭଲ ପାଠପଢ଼ା ପାଇଁ ଦଣ୍ଡ ତୁଳନାରେ ପୁରସ୍କାରର ଗୁରୁତ୍ୱ ଅନେକ ବେଶୀ । ପୁରସ୍କାର ଯୋଗୁ ଅଭ୍ୟାସ ଯେତିକି ଦୃଢ଼ତର ହୁଏ, ଦଣ୍ଡ ଦେଲେ ଏହା ସେତିକି ଅନେନମିତ ହୋଇଯାଏ । ପାଠାଭ୍ୟାସକୁ ପ୍ରେରଣା ତଥା ପ୍ରୋତ୍ସାହନ ପ୍ରଦାନ କରିବା ପାଇଁ ପୁରସ୍କାର ଦେବା ଆବଶ୍ୟକ । ବିଦ୍ୟାଭ୍ୟାସର ସ୍ପୃହା ଛାତ୍ର ମନରେ ଅକ୍ଷୁର୍ଣ୍ଣ ରଖିବାପାଇଁ ପୁରସ୍କାର ଦିଆଯିବା ଏକମାତ୍ର ବାଟ । କୌଣସି ପାଠକୁ ଅଭ୍ୟାସ କରି ଆୟତ୍ତ କଲେ କ'ଣ ମିଳିବ ତା' ଉପରେ କେତେ ଶୀଘ୍ର ଜଣେ ବିଦ୍ୟାଭ୍ୟାସ କରୁଛି ନିର୍ଭରକରେ । ପାଠର ସଠିକ ଉତ୍ତର ପାଇଁ ପୁରସ୍କାର ମିଳିଲେ ଯେତିକି ଉନ୍ନତି ହୋଇଥାଏ, ପ୍ରମାଦ ପାଇଁ ଦଣ୍ଡମିଳିଲେ ଆଦୌ ସେତିକି ପ୍ରାୟ ହୋଇନଥାଏ । ପୁରସ୍କାର ଓ ଦଣ୍ଡତୁଳନାତ୍ମକ ପ୍ରୟୋଗକରି ପ୍ରଫେସର

ଡକ୍ଟର ଜଗନ୍ନାଥ ପ୍ରସାଦ ଦାଶ ଓ ଅଧ୍ୟାପକ ଅଶୋକ କୁମାର ମିଶ୍ର ଦୁଇଗୋଷ୍ଠୀ କଲେଜ ପିଲାଙ୍କ ଉପରେ ଗୋଟିଏ ପରୀକ୍ଷା କରିଥିଲେ । ସେମାନଙ୍କ ପରୀକ୍ଷାରେ ଠିକ୍ ଉତ୍ତରକଲେ ଗୋଟିଏ ଗୋଷ୍ଠୀକୁ ପ୍ରଶଂସା ମିଳୁଥିଲା । ଭୁଲ୍‌କଲେ କିଛି ଶାସ୍ତି ନଥିଲା । ଅନ୍ୟ ଗୋଷ୍ଠୀର ପିଲାଙ୍କୁ ଭୁଲ୍‌କଲେ ସାମାନ୍ୟ ବିଦ୍ୟୁତ ସକ୍ ଦିଆଯାଉଥିଲା । ଠିକ୍ ଉତ୍ତର ଦେଲେ ସେମାନଙ୍କୁ କୌଣସି ପୁରସ୍କାର ମିଳୁ-ନଥିଲା । ପରୀକ୍ଷାରୁ ଦେଖାଗଲାଯେ ଦୁଇଟିଯାକ ଦଳ ବିଷୟଟିକୁ ଶିଖାକରିବାକୁ ପ୍ରାୟ ଏକା ସମୟ ନେଇ-ଥିଲେ । କିନ୍ତୁ ପ୍ରଶଂସା ପାଇଥିବା ପିଲାଙ୍କର କୃତି ଉଚ୍ଚ-କୋଟୀର ଥିଲା । ଜେ. ପି. ଦାସଙ୍କର ସମସ୍ୟାଟି ଏପରି-ଥିଲାଯେ, ଯେ କୌଣସି ଗୋଟିଏ ଉତ୍ତର ଦେଲେ ତାହା ଠିକ୍ ହେବ । ପ୍ରଶଂସିତ ଗୋଷ୍ଠୀର ପିଲାମାନେ ଲକ୍ଷ୍ୟକରି ପାରିଲେ ଯେ ଚାରିଟି ଯାକ ଉତ୍ତର ଠିକ୍ । ତେଣୁ ସେମାନେ କେତେବେଳେ ପ୍ରଥମଟି, କେତେବେଳେ ଦ୍ୱିତୀୟଟି ଏହିପରି ଚାରିଟି ଯାକ ଉତ୍ତର ବ୍ୟବହାର କଲେ । ବିଦ୍ୟୁତ୍ ସକ୍ ପାଇଥିବା ଦଳର ପକ୍ଷେ ଗୋଟିଏ ଉତ୍ତର ଠିକ୍‌ବୋଲି ଜାଣିବା ମାତ୍ରକେ ( ଅର୍ଥାତ୍, ସକ ନ ପାଇ ଥିବାରୁ ) କେବଳ ସେହି ଉତ୍ତରଟି ବରାବର ଦେଲେ । ଅନ୍ୟ ତିନୋଟି ଉତ୍ତର ଠିକ୍ କି ନାହିଁ ପରୀକ୍ଷା କରି ଦେଖିଲେ ନାହିଁ । ତେଣୁ ସେମାନଙ୍କର ଉତ୍ତର ସଂକୀର୍ଣ୍ଣ ଥିଲା । ଉତ୍ତର ପ୍ରଦାନର ବ୍ୟାପକତା ଦୃଷ୍ଟିରୁ ଦେଖିଲେ ପ୍ରଥମ ଗୋଷ୍ଠୀର କୃତି ଅପେକ୍ଷାକୃତ ଉତ୍କୃଷ୍ଟ ବୋଲି ପ୍ରମାଣ ମିଳୁଛି ।

ପୁରସ୍କାର ବହୁ ପ୍ରକାରର ଅଛି । କୌଣସି କାର୍ଯ୍ୟର ସମାପନ, ସନ୍ତୋଷଜନକ ହେଲେ ତାହା ପୁରସ୍କାର ଭଳି କାର୍ଯ୍ୟ କରିଥାଏ । ସାଧାରଣତଃ ଗୋଟିଏ କାର୍ଯ୍ୟପାଇଁ ସନ୍ତୋଷଜନକ ପୁରସ୍କାର ପାଇଲେ ତାହା କରିବା ପାଇଁ ଆଗ୍ରହ ବଢ଼େ । ରବୀନ୍ଦ୍ରନାଥ ପିଲାଦିନେ କବିତାର ପାଦ ପୂରଣ କରିଦେଇ ତାଙ୍କର ବାପାଙ୍କଠାରୁ ସେ କାଳରେ ପାଞ୍ଚଶହ ଟଙ୍କା ପୁରସ୍କାର ପାଇଥିଲେ । ହୁଏତ ତାଙ୍କର ପରବର୍ତ୍ତୀ ଜୀବନର ସୌନ୍ଦର୍ଯ୍ୟପ୍ରୀତି ଓ ସାରସ୍ୱତ ସାଧ-ନାକୁ ପିଲାଦିନର ଏହି ପୁରସ୍କାର ପ୍ରାପ୍ତି ପ୍ରଭାବିତ କରି-ଥିଲା । ବହୁ ପରୀକ୍ଷାରୁ ଜଣାଯାଇଛି ଯେ ପୁରସ୍କାର ଠିକ୍ ଆଚରଣକୁ ଶକ୍ତିଶାଳୀ କରେ । ଗୋଟିଏ ଘଟଣାରେ ପୁରସ୍କାର ବ୍ୟବସ୍ଥା ପ୍ରୟୋଗକରି ଗୋଟିଏ ତିନିବର୍ଷ ବୟସର ଝିଅର ଆଚରଣରେ ବାଞ୍ଛିତ ପରିବର୍ତ୍ତନ ଅଣା-ଯାଇପାରିଥିଲା । ନର୍ସରୀ ସ୍କୁଲର ସେ ଝିଅଟି ସବୁ ପିଲାଙ୍କଠାରୁ ଅଲଗା ହୋଇ ଭୀରୁ ଲାଜକୁଳି ହୋଇଯାଏ । ସେ ଅନ୍ୟ ପିଲାଙ୍କ ସାଙ୍ଗରେ ନଖେଳି ସବୁବେଳେ ଏକୁ-ଟିଆ ବାରଣ୍ଡାରେ ବୁଲୁଥିଲେ । ଅନ୍ୟ ପିଲାଙ୍କ ସହିତ ଏକାଠି

ହୋଇ ଖେଳୁ ଏଥିପାଇଁ ତା'ର ଶିକ୍ଷକମାନେ
ଚେଷ୍ଟାକଲେବି ସେ ସେମାନଙ୍କର ଉଦ୍ୟମକୁ ବ
ତା'ର ଏପ୍ରକାର ଆଚରଣରେ ପରିବର୍ତ୍ତନ ଅ
ଗୋଟିଏ ପୁରସ୍କାର ବ୍ୟବସ୍ଥା ଖଞ୍ଜାଗଲା । ଏହି
ସ୍କୁଲରେ ଯେତେବେଳେ କେବଳ ଛିଡ଼ା ହେଉ
ବେଳେ ଶିକ୍ଷକମାନେ ତା'ପ୍ରତି ମନୋଯୋଗ
କିନ୍ତୁ ଅନ୍ୟସମୟରେ ସେ ଯେତେବେଳେ ବୁଲୁ
ସଂପୂର୍ଣ୍ଣ ଅବହେଳା କଲେ । ଏହିପରି କିଛିଦି
ପରେ, ଝିଅଟିର ଆଚରଣରେ ଦୈନିକ ଶତକ
ଭାଗ ପରିବର୍ତ୍ତନମୂଳକ ଉନ୍ନତି ଲକ୍ଷ୍ୟ କରଗ
ଘଟଣାର ତିନିଚାରିଦିନ ପରେ ତା'ର ଖେଳିବା,
ସ୍କୁଲ ଖେଳଣା ଆଦି ବ୍ୟବହାର କରିବାରେ
ଅନ୍ୟାନ୍ୟ ପିଲାଙ୍କଠାରୁ ଅଲଗା ବୋଲି ଜାଣିହେ
( ହ୍ୟାରିସ୍, ୧୯୬୫ ) ।

ପିଲାମାନଙ୍କୁ ପାଠପଢ଼ାରେ ଭଲ କଲେ
ବେଳେ ଯେ ନଗଦ ପୁରସ୍କାର ଦେଇହେବ
ନୁହେଁ । ପ୍ରତୀକାତ୍ମକ ଗୌଣ ପୁରସ୍କାର ଦେଇ
ଓ ଅନ୍ୟାନ୍ୟ ଆଚରଣରେ ବେଶ୍ କିଛି ସୁଫଳ
ପାରିବ । କପ୍, ସିଲଡ୍, ମେଡାଲ୍, ସାର୍ଟିଫିକେ
ଏହି ଗୌଣ ପୁରସ୍କାରର ଦୃଷ୍ଟାନ୍ତ । ଏଗୁଡ଼ିକ ସି
କାହାରି ଭୋକ, ଶୋଷ କିମ୍ବା ଦୈହିକ ଅ
ପୂରଣ କରନ୍ତି ନାହିଁ । ସ୍କୁଲରେ ଦୁଷ୍ଟ ପିଲାଙ୍କୁ
ଦେଇ କୌଣସି ଦାୟିତ୍ୱ ଦେଇ ଦେଲେ ସେମାନେ
ଭଲ କାମ କରିଥାଆନ୍ତି କିମ୍ବା ଦୁଷ୍ଟାମୀ କରୁଥି
କୁହାଯାଇ ପାରିବ, ତୁ ୨୫ ମିନିଟ୍ ଗୋଳମାଳ
ତତେ ନାଲି ଓ ନେଳି ଚକ୍ ଦିଆ ଯିବ
କଲେ ପିଲାର ଗୋଳମାଳ ଆଚରଣ ବି କମିଯି
ତାକୁ ଶାରିରୀକ ଦଣ୍ଡଦେଇ ଅସୁଖୀ କରାଇବା
ଜନ ବି ଆଉ ରହିବନାହିଁ । ବିଭିନ୍ନ ପ୍ରକା
ପୁରସ୍କାର ଦ୍ୱାରା ବହୁ ମାନସିକ ରୋଗୀଙ୍କର
ନିୟନ୍ତ୍ରିତ ହୋଇପାରୁଛି । ଏହି ଆଚରଣ ନି
ତିକୁ ମନୋବିଜ୍ଞାନରେ "Token Eco
ବୋଲି କୁହାଯାଏ ।

କିନ୍ତୁ ପୁରସ୍କାର ଦେବାରେ ଅସାବଧାନତା
ପୁରସ୍କାରର ଗୋଟିଏ ଅସୁବିଧା ଦିଗ ଦେଖାଦେ
ପୁରସ୍କାର କେଉଁମାନେ ଦିଅନ୍ତି ? ବାପା, ମାଆ,
ସଂପର୍କୀୟ ଅଭିଭାବକ ପ୍ରଭୃତି । ସେମାନେ ଯ
ବୟସାନୁରୂପେ ଆବଶ୍ୟକତା ଓ ଅଭିପ୍ରେରଣା ଦ
ରେ ସେ କେଉଁ ପୁରସ୍କାର ପାଇବା ଯୋଗ୍ୟ ତି
ନିଜେମାନଙ୍କୁ ପୁରସ୍କାର ସ୍ଥିରକରି ପିଲାକୁ ଦିଅନ୍ତି

ଶୈଶବରେ ଲକ୍ଷଣଦେଖାଇଲି କାର୍ଯ୍ୟକରିଥାଏ । ଯୌଥିଯୋଗୁ ସେହିସବୁ ଗୁରୁଜନ କିମ୍ବା **ଶିକ୍ଷକଙ୍କ** ଛାତ୍ରର ମୌଳିକତା ଓ ସ୍ୱତଃସ୍ଫୁର୍ତ୍ତ କାର୍ଯ୍ୟ ଦେଖାଯାଏ ନାହିଁ । ବରଂ ଦୈନ୍ୟତା ଦେଖାଦିଏ । ପିଲାଟି ଲୋଭରେ ପୁରସ୍କାର ପାଇବା ଫଳରେ ପିଲା ଅଭ୍ୟାସରେ—ମୁଁ ଏଥିରୁ କ'ଣ ପାଇବି ? ଏହି କାମ କଲେ ଲାଭ କ'ଣ ହେବ ?' ଯଦି ଟିକେ ଫଳରେ ପ୍ରଶଂସା, ମନୋଯୋଗ କିମ୍ବା ମିଳିପାରୁଥିବ ତେବେ ଯାଇ ଏହା କରିବା ବୋଲି ପିଲା ବିଚାର କରିବ । ପରୀକ୍ଷାରେ ଠକିବା ଏହିଥିରୁ ଜନ୍ମ । କାରଣ କୌଣସିମତେ ଭଳିକରି ପ୍ରଶଂସା ଓ ପୁରସ୍କାର ପାଇବାର ପରିଶ୍ରମକରି ପୁରସ୍କାର ଲାଭକରିବାର ଇଚ୍ଛା ବୁଡ଼ାଇପକାଏ । ସୁତରାଂ ପୁରସ୍କାରର ଅପ- ସେଭଳି ନ ହୁଏ ସେଥିପ୍ରତି ଶିକ୍ଷକ ଓ ପିତାମାତା ଦେବା ଆବଶ୍ୟକ । ( କିନ୍ତୁ ଏସବୁର ଅର୍ଥ ନୁହେଁ ବିଫଳତା ଭିତରେ ଦେଇ ବଢ଼ିବ ନାହିଁ । ବିଫଳତା ଭିତରେ ବଢ଼ିବ । କିନ୍ତୁ ବିଫଳତା ଠିକୋଇ ଦଣ୍ଡ ନୁହେଁ ) ।

ଭଲ ପୋଷ୍ୟ ପିଲାଟି ଯେଉଁ ଦିଗରେ ଯିବାପାଇଁ ଦେଖାଉଛି, ଅଭିଭାବକ ସେହି ଦିଗରେ ନିଜର ମନକୁ ଅଭିପ୍ରେରିତ କରନ୍ତୁ । ଅର୍ଥାତ୍ ସେହି ପାଠ ବା ବିଷୟ ବସ୍ତୁ ପ୍ରତି ପିଲାର ଆଗ୍ରହ ମାତ୍ରେ ତାକୁ ଉତ୍ସାହ ଦିଆଯିବା ଆବଶ୍ୟକ । ଠାରୁ ପ୍ରାପ୍ତ ବୟସ୍କ ପର୍ଯ୍ୟନ୍ତ ପିଲାର କ୍ରମବିକାଶର ପ୍ରସ୍ତୁତକରି ବିଭିନ୍ନ ପର୍ଯ୍ୟାୟର ଆବଶ୍ୟକତା କ'ଣ ହୋଇପାରେ ସେ ସଂପର୍କରେ ଅଭିଭାବକମାନେ ହୋଇଥିବା ଆବଶ୍ୟକ । ପିଲାଟି ଯାତ୍ରା କରୁଛି ବୁଝି ସେଥିରେ ଅଯଥା ହସ୍ତକ୍ଷେପକରି ତାହାର ବିଶ୍ୱାସକୁ କେହି ଦୁର୍ବଳ କରିଦେବା ଉଚିତ ନୁହେଁ । ହେବ—ଶିଶୁ ଅନନ୍ତ ସମ୍ଭାବନାର । ତାହାର ଶୈଶବ ଓ କୈଶୋର କାଳରେ ଅର୍ଥ, ସହନ, ଯତ୍ନ ଓ ଧୈର୍ଯ୍ୟ ବିନିଯୋଗ କରୁ- —ସେଥିରେ ତାର ଯେଉଁ ଉପକାର ପରିଣତ ମିଳିବ, ତା ତୁଳନାରେ ଏହି ଅର୍ଥ, ସମୟ ଓ ତାହାର ପରିଣତ ବୟସରେ ବିନିଯୋଗ କଲେ ସୁଫଳ ଆଶାତୀତ ପରିମାଣରେ ମୂଲ୍ୟହୀନ ଦେଖାଯାଇଛି । ପିଲାର ବଢ଼ିଆଳ ଅବସ୍ଥାରେ ଖାଦ୍ୟ, ଉତ୍ସାହ, ଆଗ୍ରହ ଓ ଅଭିପ୍ରେରଣା କଲେଜ ପଢ଼ାବେଳେ କିମ୍ବା ମାଟ୍ରିକ ରେ ଯେତେ ଟିଉସନ୍ ଖଞ୍ଜିଲେ ବି ଶେଷ ପରିଣତି ବିଶେଷ ଭଲ ହୁଏନାହିଁ । ପିଲାର ଭଲପାଠପଢ଼ା ଦେଖି ତାକୁ ସାଙ୍ଗ ପିଲାଙ୍କ ଗୋଷ୍ଠିରେ ଯୋଗଦେବାକୁ ଉତ୍ସାହଦେବା, ବନ୍ଧୁପାଟିରେ ଗୀତଗାଇବା, ସମବେତ ଗାନରେ ଯୋଗଦେବା, ନାଟକ, ରୂପକରେ ଭାଗନେବା ଶିକ୍ଷାମୂଳକ ଭ୍ରମଣରେ ପଠାଇବା, ସାଙ୍ଗରେ ନେଇ ଫୁଟବଲ କିମ୍ବା ଅନ୍ୟାନ୍ୟ କ୍ରୀଡ଼ା ଦେଖାଇବା ଅଭିଭାବକଙ୍କର ଅବଶ୍ୟ କର୍ତ୍ତବ୍ୟ । ପଢ଼ାସମୟ ଛାଡ଼ିଦେଲେ, ପିଲା ଯେପରି ବେଶୀସମୟ ସାଙ୍ଗମାନଙ୍କରେ କାଟେ ସେଥିପ୍ରତି ଦୃଷ୍ଟିଦେବା ଆବଶ୍ୟକ । ତାର ସାଙ୍ଗମାନଙ୍କୁ – ସେତେ ସାନ ହୁଅନ୍ତୁ ନା କାହିଁକି ଆଦୌ କେହି ଅପମାନ କରିବା ଉଚିତ ନୁହେଁ ।

ପାଠ ପ୍ରେମରେ କିପରି ପିଲା ପଡ଼ିବ ସେଥିପାଇଁ ଗୁଡ଼ାଏ ବଡ଼ର ବଡ଼ର ହେଇ ଉପଦେଶ ଦେବା ଅପେକ୍ଷା, 'ବାଃ' 'ଖୁବ୍‌ଭଲ' 'ଆମ ଝିଅର ବୁଦ୍ଧି ଭଲ, ସେ ଖୁବ୍ ଭଲ ଅଙ୍କ କରୁଛି' 'ଆଜି ସେ ସୁନ୍ଦର ଗୋଲ ଗୋଲ ହସ୍ତାକ୍ଷର ଲେଖିଛି' । 'କାଲିଠାରୁ ଆଜି ସେ ବେଶୀ ପଢ଼ିଛି', 'ଏମିତି ଭଲ ପିଲା ମୁଁ ଆଉ ଦେଖିନାହିଁ' ପ୍ରଭୃତି ତାକୁ ଶୁଣାଇ ଅନ୍ୟମାନଙ୍କ ଆଗରେ କହିବା ଆବଶ୍ୟକ । ପ୍ରଶଂସାକଲେ ପିଲାର ମୁହଁ ବଢ଼ିଯାଏ—ଏ ଧାରଣା ଘୋର ଭ୍ରମାତ୍ମକ । ଭଲ ଆବୃତ୍ତିଟିଏ କଲେ, ଗପଟିଏ ମନରୁ ଫାନ୍ଦି ଲେଖିଲେ, ବିଜ୍ଞାନ ବିଷୟଟିଏ ନିଜଭାଷାରେ ବୁଝାଇ ଦେଇପାରିଲେ, ନିଜ ମନକୁ କାହାରି ସାହାଯ୍ୟ ନନେଇ ସ୍କୁଲପଢ଼ା ଠିକ୍‌ମତେ କଲେ ତାକୁ ଅଭିଭାବକ, ଖେଳଣା, କଲମ, ଷ୍ଟିକର୍, ଡ୍ରଇଁ ପେନ୍‌ସିଲ ବାକ୍‌ସ, ତୁଳି ପରୀକ୍ଷା ଖେଳଣାମାନ, ଗୋଟିଏ ଅଧେ ନୂଆ ଶିଶୁସାହିତ୍ୟ-ପତ୍ରିକା ଆଦି— 'ଏଥିପାଇଁ ତତେ ଦିଆଗଲା' ବୋଲି କହିଦେବା ଉଚିତ୍ । ନିଜର ଆର୍ଥିକ ଅବସ୍ଥା ସଂପର୍କରେ କୌଣସି ସଂକୋଚ ନକରି ପିଲାମାନଙ୍କୁ ଅଭିଭାବକ ମାନେ ସତ୍‌କଥା କହିଦେବା ଆବଶ୍ୟକ । ଏହା ଗୋଟିଏ ସୁସ୍ଥଲକ୍ଷଣ । ଫଳରେ ତାହାର ମନରେ ବାପା ମତେ ଏକଥା ଦେଲେ ନାହିଁ ବୋଲି କୌଣସି ଅଭିଯୋଗ ଆଉ ରହିନାହିଁ । ଅବସ୍ଥାପନ୍ନ ପରିବାରରେ ପିଲାମାନେ ଏକ ନିର୍ଦ୍ଦିଷ୍ଟ ପର୍ଯ୍ୟାୟରେ ପହଞ୍ଚିଲେ, ଟାଉନ୍‌ବସ ଓ ରିକ୍‌ସା ଭଡ଼ା ବାଦ୍ ଦେଇ ସେମାନଙ୍କୁ କିଛି କିଛି ପକେଟ ଖର୍ଚ୍ଚ ଦୈନିକ ବା ଏକକାଳୀନ ମାସିକ ଦିଆଯାଇପାରେ । ଉଦାହରଣ ସ୍ୱରୂପ, ଅଷ୍ଟମ ଶ୍ରେଣୀରେ ପ୍ରତି ଦୁଇଦିନକୁ ୧୦ ପଇସା, ନବମରେ ପ୍ରତିଦିନ ୧୦ ପଇସା, ଦଶମରେ ଦୈନିକ ୧୫ ପଇସା ଓ ଏକାଦଶରେ ଦୈନିକ ୨୦ ପଇସା ଦିଆଯାଇପାରେ । ତାହାକୁ ସେ ସଂଚୟକରି ପାରିଲେ ତ ଆହୁରି ଭଲ । ଟଙ୍କା ଅଙ୍କରେ କେଉଁଠୁ

କିଛି ପୁରସ୍କାର ପାଇଲେ ବା ଉପହାର ପାଇଲେ ସେ ତାହାକୁ ନିଜ ସଂଚୟରେ ଜମା କରିପାରେ । ଯେଉଁଦିନ ସେ ଦୁଷ୍ଟାମୀ କରିଥିବ ତା ପରଦିନ ତା'ର ପକେଟ-ଖର୍ଚ୍ଚ ବନ୍ଦ କରାଯାଇପାରେ । କଲେଜରେ ପଢିଲାବେଳେ ଆଇ.ଏ. ଶ୍ରେଣୀରେ ଦିନକୁ ଦୁଇଅଣା' ବି.ଏ. ଶ୍ରେଣୀରେ ଦିନକୁ ଆଠଅଣା, ଏମ୍.ଏ. ପ୍ରଥମ ବର୍ଷ ଦୈନିକ ଟଙ୍କା ଓ ଶେଷ ବର୍ଷ ଦୈନିକ ଦୁଇଟଙ୍କା କରି ପକେଟ ଖର୍ଚ୍ଚ ଦିଆଯାଇପାରେ । ସ୍ଥଳବିଶେଷରେ ଏହା ଠାରୁ କମ୍ ବା ବେଶୀ ମଧ୍ୟ ଦେଲେ ଚଳିବ ।

ପାଠାଭ୍ୟାସର ନାମ ବାହାନାରେ ଯଦି ପିଲାର ଦୁଷ୍ଟାମୀ ଅଧିକ ହୁଏ ତେବେ ତାହାକୁ ବୁଝେଇ ସୁଝେଇ ଭୁଲେଇ ଦିଆଯାଇପାରେ । ଖୁବ୍ ଅସହ୍ୟ ହେଲେ କ'ଣ କରିବା ଉଚିତ୍ ଓ କ'ଣ ନକରିବା ଉଚିତ କହି ଅସହଯୋଗ ମୂଳକ ମାନସିକ ଦଣ୍ଡ ଦିଆଗଲେ ଭଲ ଫଳ ମିଳିବାର ଦେଖାଯାଇଛି । ଯଦି ନିହାତି ଶାରିରୀକ ଦଣ୍ଡ ଦେବାକୁ ପଡ଼େ ତେବେ ନିର୍ଦ୍ଦିଷ୍ଟ ଖରାପ ଆଚରଣଟି ଦେଖିବାମାତ୍ରେ ହିଁ ସଙ୍ଗେ ସଙ୍ଗେ ଶାରିରୀକ ଦଣ୍ଡଦେଇ ଆଶାନୁରୂପ ଉତ୍ତମ ଆଚରଣ ଦେଖିଲେ ସଙ୍ଗେ ସଙ୍ଗେ ପୁରସ୍କୃତ କରିବା ଆବଶ୍ୟକ । ଖାମଖିଆଲୀ ଖୁବରେ କେବେ କେବେ କଡ଼ା ଶାସନ, କେବେବେବେ ସବୁକିଛି ଛୁଟ୍ ଏଭଳି ଅନିୟମିତତା ବାଞ୍ଛନୀୟ ନୁହେଁ । ପିଲାମାନେ ଅନେକ ସମୟରେ ବାପା ମାଆଙ୍କର ସହିବା ସୀମା ପରୀକ୍ଷା କରନ୍ତି । ଅର୍ଥାତ୍ ସେମାନଙ୍କୁ ଯେଉଁକଥା ବାରଣ କରାଯାଇଛି ସେମାନେ ତାକୁ କେତେ ଯାଏ କରିପାରୁଛନ୍ତି ଜାଣିବା ଯାଏ ସେମାନେ ମନାକରା ଯାଇଥିବା କାର୍ଯ୍ୟଟିକୁ କରନ୍ତି । ଏପରି ଭଳିବେଳେ ପିଲାମାନଙ୍କୁ ଶାସନ … ଉଚିତ, କିନ୍ତୁ ଚପେଇ ଦେବା ଉଚିତ ନୁହେଁ । … ସମୟରେ ପିଲାମାନଙ୍କୁ ଅସ୍ପଷ୍ଟ ଓ ସ୍ଥଗିତ ଦଣ୍ଡଦ୍ୱାରା … ଭୟ ଦେଖାଯାଏ ତାହାଅଧିକ ଭଲ ଫଳଦିଏ । ଉଦାହରଣ ସ୍ୱରୂପ, 'ଆଜି ତୋ'କଥା ବାପା', ଦାଦା ଘରକୁ ଆସ … ଲୁହାଯିବ', 'ହଉ ଆଜି ସାର୍ ଆସନ୍ତୁ, କହୁଛି', '… ଏଥିକି ହଷ୍ଟେଲ୍ ପଠାଇ ଦିଆଯିବ' 'ତୋର ସାତ … ଆଗରେ ଏକଥା ମୁକାବିଲା ହେବ' 'ଆଉ … ଠାରୁ ପକେଟ ଖର୍ଚ୍ଚ ଦିଆଯିବନାହିଁ', 'ଏପରି … ତତେ ଆମେ ବୁଲି ନେବୁନାହିଁ', ପ୍ରଭୃତି … ଓ ସ୍ଥଗିତ ଦଣ୍ଡର ଦୃଷ୍ଟାନ୍ତ । ନିଜର ଦୁଷ୍ଟାମୀ … ସଙ୍ଗେ ସଙ୍ଗେ ଦଣ୍ଡପାଇ ପଡିବାରେ ମିଳିମିଶି … ପିଲାମାନଙ୍କ ତୁଳନାରେ ଅସ୍ପଷ୍ଟ ଓ ସ୍ଥଗିତ ଦଣ୍ଡରେ … ଭଲକାମ ଦେଇଥାଏ ।

ନିଜର ବିଫଳତା ଓ ଅକୃତକାର୍ଯ୍ୟତା ଯୋଗୁ … ଅଶାନ୍ତି ଭୋଗୁଥିବା, ଅଫିସ ଓ କର୍ମକ୍ଷେତ୍ରରେ … ହୋଇ ଘରକୁ ଫେରିଥିବା, କିମ୍ବା ନିଜର … ଅଭାବ ବୋଧରେ ପୀଡ଼ିତ ହୋଇଥିବା ମାଆ … ବାପାବି ମାନେ ଦୟାକରି ନିଜର ପିଲାମାନଙ୍କ … ନିଜ ନିଜର ମାନସିକ ଗ୍ଲାନିସବୁ—ଦଣ୍ଡ, ମାଡ଼, … ବାଟଦେଇ ବାହାର୍ ନକରନ୍ତି । ତାକୁ ସେଣ୍ଟିମେଣ୍ଟ, … ଦୁର୍ବଳମନା, କିମ୍ବା ଅନାୟତରେ ପ୍ରତିକ୍ରିୟାଶୀଳ, … ଅସାମାଜିକ କରି ଗଢନ୍ତୁ ନାହିଁ । ପିଲାର … ଆଚରଣ ଦଣ୍ଡ ଦେଇନୁହେଁ—ପ୍ରଶଂସା ଓ ପୁରସ୍କାର … ନିୟନ୍ତ୍ରଣ କରନ୍ତୁ । ପାଠପଢ଼ାର ସାମାନ୍ୟ କଥା ।

ଅଧ୍ୟାପକ, ମନୋବିଜ୍ଞାନ ବିଭାଗ
ରେଭେନ୍ସା କଲେଜ, କଟକ



# ମୀରାବାଈ

ଶ୍ରୀ ଜୟକୃଷ୍ଣ ବାରିକ

ମୀରାବାଈ !
ଗାଉ ଗା !
ଲହଡାଇ ଲହଡାଇ ଅସୁ
ତୋଡନ ପ୍ରତ୍ୟେକ ସୁର.........
ଗାଉ ଶୁଣୁ ଶୁଣୁ
ମୁଁ ହୋଇଯିବି
ଅତେ ସୂର୍ଯ୍ୟୋଦୟର ପ୍ରତିଶ୍ରୁତି ।
ପଥଘାଟ ଗ୍ରାମ ଓ ନଗର ବୁଲି
ଦେଖିଛୁ ଅନେକ ପୃଥିବୀ,
'ଆଖି' ଦେଖିଛି ଅନ୍ଧାରର ଅବ୍ୟୟ ରୂପାଶ୍ୱସ
'ପାଦ' ଚାଲିଛି ପ୍ରତିବନ୍ଧକର ଉର୍ବର ଶ୍ମଶାନ ଉପରେ
'ହାତ' ଛୁଇଁଛି ଜୀବନର ଅସ୍ୱସଜ୍ଜିତ ଶବ
ଅନ୍ଧାରର ରୂପାଶ୍ୱସ ବଢ଼ୁଛି, ବଢ଼ୁ
ପ୍ରତିବନ୍ଧକର ଶ୍ମଶାନ ଜଳୁଛି, ଜଳୁ
ଅସ୍ୱେଚ୍ଛିତ ଶବର ଦାନ୍ତି ଦିଶୁଛି, ଦିଶୁ

କିଏ ବଢ଼ୁଛି ?
କିଏ ଜଳୁଛି ?
କିଏ ଦିଶୁଛି ?

ଉମର
ଡାହାଣରେ-ବାମରେ
ରସ୍ତାରେ, ପ୍ରାନ୍ତରରେ
ପକ୍ଷେର ବିରୋଧୀ ଅନେକ କଥା
ବୁଲୁଛନ୍ତି ପୋକଯୋକ ଭଳି,
ଲଢ଼ାଇ ଚାଲିଛି
ପୃଥିବୀ ଓ ଆକାଶର
ଆତ୍ମପ୍ରଶ୍ନର ଢାଇଁ,
ଅଜସ୍ର ହିଁ ନାଇଁ ତ ଶୂନ୍ୟ ପାତ୍ରରେ
କେତେ ଦୁର୍ଘଟଣା ଉଡୁଛି
ଶିମୂଳିତୁଳା ରୂପେ,
କେବୁ ସତ୍ୟ,—ସତ୍ୟ ବୋଲି ମନେହୁଏନା
ହୁଏତ ସତ୍ୟର ଲୀଳା
ନିରୁପାୟ ମହାଶୂନ୍ୟରୁ
ଖସି ପଡୁଛି ଉଲ୍‌କାର ବିଲୀୟମାନ ରୂପଧରି,

ଛାତି ଭିତରେ ସମସ୍ତ ସ୍ୱତଂସ
ଏକାବେଳେକେ ଦେଖିବାକୁ ଖୋଜନ୍ତି
ଶେପସଗ୍ର ନିଃଶବ୍ଦ ଦୃଶ୍ୟ,
ସେ ଦୃଶ୍ୟ କଣ ?
ସେ କ'ଣ
ତମେ ନା ମୋର ସ୍ୱଗତ ଶୀତ୍କାର ?
ସନ୍ଦେହ ଭିତରେ ଉକେଇ ଉଠେ ବିଶ୍ୱାସ
ଦର୍ପଣ ସଲିଳ ଭିତରେ ଜାଗିଉଠେ ପ୍ରତୀକ୍ଷା
ଶରୀର ଭିତରେ ଚିତ୍କାର କରେ
ପୃଥିବୀର ସମସ୍ତ ନଦୀଙ୍କ ଅସ୍ଥିରତା ।
ତମେ କହିଥିଲ
ଘର ଭିତରେ ମାନଭଂଜନର
ଗୀତ ଶୁଭିବ, — ଶୁଭିଲା ନାହିଁ.....
କହିଥିଲ
କୌଣସି ଏକ ଘଡ଼ିରେ
ଉଚ୍ଛନ୍ନ କାମନାର
ଆମ୍ନାୟ ରୂପାନ୍ତର ହେବା ସଂଗେ ସଂଗେ
ନୂପୁରର ଉଦ୍ଧତାନ ଶବ୍ଦ ଶୁଭିବ, ଶୁଭିଲା ନାହିଁ
ବିଭିନ୍ନ ଦୃଶ୍ୟ ଭିତରେ
ଉଦରର ସଂଘବଦ୍ଧ ମତୋଲ୍ଲାସର
ଖସିପଡେ
ନିରପରାଧ ଉଲ୍ଲଳନ୍ତର ଅବଗୁଣ୍ଠିତ ଶିଳ୍ପରୂପ
ଆତ୍ମାର ନିବିଡ଼ କୌତୁକ
ବାମ ହାତର ପାପୁଲିକୁ ଛୁଇଁ
ଉହୁଙ୍କି ଦେଖେ ମୋର ଶରୀର
ଡାହାଣ ହାତର ପାପୁଲିକୁ ଛୁଇଁ
ବହିଁରହେ କ୍ଷୀର ସମୁଦ୍ର ଆବେ
ନଗ୍ନ ଦାରିଦ୍ର୍ୟରେ ।
ବହୁଜଣ ଖାଲି
ଅପମାନବିକତାର ପ୍ରଦର୍ଶନୀ ?
କିଏ କେଉଁଆଡେ ବୁଲେ ?
କେହି କୁଆଡେ ଯାଏନା
ତମେ ନୁହଁ, ମୁଁ ନୁହେଁ
ସନ୍ନ୍ୟାସୀ ନୁହେଁ
ଗୃହସ୍ଥ ବି ନୁହେଁ...... ........

ଟ୍ରେଜେରୀ ଅଫିସର
ପୋ: ଅ: ଭଦ୍ରକ
ଜି: ବାଲେଶ୍ୱର

# ସନାତନ ସଂସ୍କୃତିର ସ୍ମାରକୀ

ଆମ ପୁରାଣର ପ୍ରତ୍ୟେକଟି କାହାଣୀ ପ୍ରତୀକାତ୍ମକ—ଅସତ୍ୟର ପରାଜୟ ଓ ସତ୍ୟର ବିଜୟ ପ୍ରତିପାଦିତ କରିବା ଏହାର ଲକ୍ଷ୍ୟ—ସାବିତ୍ରୀ ଉପାଖ୍ୟାନ ସତ୍ୟ ସାଧନାର ଅନ୍ୟତମ ଦୃଷ୍ଟାନ୍ତ ବ୍ୟତୀତ ଅନ୍ୟ କିଛି ନୁହେଁ—ସାବିତ୍ରୀ ଜ୍ୟୋତିର ପ୍ରତୀକ—ସେହି ଜ୍ୟୋତି ସତ୍ୟ, ଅନୁପମ ଓ ଚିରନ୍ତନ—ସଂସାରର କଣ୍ଟକି ପଥରରେ ତାହା ମ୍ଳାନ ହୁଏ ନାହିଁ କି ଖଣ୍ଡିତ ହୁଏ ନାହିଁ—ଉପନିଷଦ୍‌ର 'ଏକଂ ସତ୍' ପରି ସେ ଚିର ସ୍ୱପ୍ନ—ଆଜିର ସାମାଜିକ ପରିପ୍ରେକ୍ଷୀରେ ସେହି ସତ୍ୟାନ୍ୱେଷୀ ସାଧନାର ମହତ୍ତ୍ୱ ପୁନଃ ପୁନଃ ସ୍ମରଣୀୟ..

# ସାବିତ୍ରୀ ବ୍ରତ

ଅଧ୍ୟାପିକା ଶ୍ରୀମତୀ ମନୋରମା ମହାପାତ୍ର

ଭାରତୀୟ ସଂସ୍କୃତି, ପରମ୍ପରା ଓ ହିନ୍ଦୁ ଧର୍ମର ମୂଳ ... ଗଭୀର, ତାତ୍ତ୍ୱିକ ସାଙ୍କେତିକ ତଥା ବ୍ୟାପକ । ... ଧର୍ମର ସକଳ ପଦ୍ଧତି, ଧର୍ମାଚରଣର ରୀତି ... ଓ ପୂଜା ପାର୍ବଣ ବ୍ରତ ଗୁଡ଼ିକ ଏଭଳି ... ଭାବରେ ଗ୍ରଥିତ ଯେ ଏହା ପ୍ରଚ୍ଛନ୍ନ ଭାବରେ ... ଚେତନାର ସ୍ତରକୁ ଉନ୍ନତ ତଥା ପରିପୁଷ୍ଟ ... ନିୟତ ସହାୟକ ହେଉଛି । ଏକାଧାରରେ ... ସକଳ ନିୟମାବଳୀକୁ ଅନୁଧ୍ୟାନ କରି ..., ଶୁଦ୍ଧ, ନୈତିକ ବାତାବରଣକୁ ପରିବ୍ୟାପ୍ତ ... ସକଳ ମହୋତ୍ସବର ବର୍ଣ୍ଣାଢ୍ୟ ସୁଷମା ... ବୈଚିତ୍ର୍ୟର ଅପରୂପ ଲାଳିତ୍ୟରେ ଶ୍ରୀମଣ୍ଡିତ କରି ... ଭିତରେ ସତ୍ ପ୍ରବୃତ୍ତି ଜାଗ୍ରତ କରାଇବା ... ଏଭଳି ଅନବଦ୍ୟ, ଅନୁପମ, ସର୍ବଜନଗ୍ରାହୀ ... ଅନ୍ୟ କୌଣସି ସଂସ୍କୃତିରେ ପରିଲକ୍ଷିତ ... ଅନ୍ତତଃ ବୋଧ ହୁଏ ନାହିଁ । ଉତ୍କଳର ..., ଭୌଗୋଳିକ ତଥା ମାନସିକ ସ୍ଥିତିକୁ ଆଖି ... ରଖି ଉତ୍କଳୀୟ ପର୍ବ ପର୍ବାଣୀ ଓ ବ୍ରତ ... ପାଳିତ ହେଉଛି । ସରଳ ବିଶ୍ୱାସୀ, ଗଭୀର ... ଅନୁଧ୍ୟାନରେ ଅସମର୍ଥ, ଶାସ୍ତ୍ରରେ ଅନଭିଜ୍ଞ ... ଲୋକଙ୍କୁ ଶୁଭ ଅନନ୍ଦ ମାଧ୍ୟମରେ ଶୁଚିବନ୍ତ ... ପରିପ୍ଳାବିତ କରାଇ ଏକନିଷ୍ଠ କରାଇବା ... ବହୁ ଉତ୍ସବର ବୈଚିତ୍ର୍ୟରେ ଶୋଭନୀୟ ... ପରିପୂର୍ଣ୍ଣ କରିବା ଦିଗରେ ଏ ସକଳ ବ୍ରତ ... ଓ ପର୍ବ ପର୍ବାଣୀର ଯଥାର୍ଥ ଗୁରୁତ୍ୱପୂର୍ଣ୍ଣ ଭୂମିକା ... । ଅପର ପକ୍ଷରେ ସୁପଣ୍ଡିତ, ବୈଜ୍ଞାନିକ, ... ଭିତ୍ତିର ସମସ୍ତ ଜଟିଳ ପ୍ରଶ୍ନବାଚୀର ସମାଧାନ ଉତ୍ତର ପ୍ରଦାନ କରିବାରେ ଏବଂ କ୍ଷେତ୍ର ବିଶେଷରେ ବୁଦ୍ଧିଜୀବୀ, ପ୍ରଗତିଶୀଳ, ଆଧୁନିକ ଜିଜ୍ଞାସୁ ଚିତ୍ତକୁ ସନ୍ତୋଷ ଦେବାରେ ମଧ୍ୟ ଏହି ପର୍ବ ତଥା ବ୍ରତର ସାଙ୍କେତିକ ପ୍ରତୀକ ଧର୍ମୀ ବ୍ୟାଖ୍ୟା ସର୍ବଦା ସହାୟକ ହୋଇ ଆସିଛି ।

ଯୁଗର ଅଗ୍ରଗତି ସଂଗେ ସଂଗେ ସାମାଜିକ ପୃଷ୍ଠଭୂମିର ପରିବର୍ତ୍ତନ ଅବଶ୍ୟମ୍ଭାବୀ, ପରିବର୍ତ୍ତିତ ସାମାଜିକ ପୃଷ୍ଠଭୂମିରେ ମୂଲ୍ୟବୋଧର ପରିବର୍ତ୍ତନ ଘଟିବ ଏବଂ ଏହି ଘଟିବା କ୍ଷେତ୍ର ବିଶେଷରେ ଶୁଭଙ୍କର ତଥା ଉନ୍ନତିର ସ୍ମାରକ ଏକଥା ପ୍ରଗତିଶୀଳ ବିଚାରବନ୍ତ ମନୁଷ୍ୟ କେବେହେଲେ ଅସ୍ୱୀକାର କରି ନପାରେ । ଅଗ୍ରଗତି ହିଁ ଜୀବନ ! ପୁନଶ୍ଚ ସ୍ଥାଣୁ ଅବସ୍ଥା ହିଁ ମୃତ୍ୟୁ । ଶାନ୍ତି ଓ ସମନ୍ୱୟ ସହ ଗତି ହିଁ ପ୍ରଗତି । କିନ୍ତୁ କେତେକ ମୂଲ୍ୟବୋଧ ରହିଛି ଯାହା ଚିରନ୍ତନ ! ଅବହମାନ କାଳରୁ ତାର ରୂପ ସମାନ ! ସେଗୁଡ଼ିକ ମାନବିକତାର ଲକ୍ଷଣ । ତାର ବ୍ୟାଖ୍ୟା ଓ ପରିସର ନିଶ୍ଚିତ ଭାବରେ କ୍ଷେତ୍ରାନୁସାରେ ପ୍ରସାରିତ, ପରିବର୍ତ୍ତିତ ଓ ବ୍ୟାପକ ହେବ, ମାତ୍ର ଅନ୍ତର୍ନିହିତ ପ୍ରକୃତ ଅର୍ଥ ତଥା ସଂଜ୍ଞା ରହିବ ଅପରିବର୍ତ୍ତିତ ! ସେହି ଚିରନ୍ତନ ମୂଲ୍ୟବୋଧ ଗୁଡ଼ିକର ପରିବର୍ତ୍ତନ ହେବା ଜାତି ପକ୍ଷରେ ଶୁଭଙ୍କର ନୁହେଁ । ସେହିଭଳି ମୂଲ୍ୟବୋଧ ଉପରେ ପ୍ରତିଷ୍ଠିତ ଏ ଦେଶର ପର୍ବପର୍ବାଣୀ ମଧ୍ୟରୁ ପବିତ୍ର ସାବିତ୍ରୀ ବ୍ରତ ଅନ୍ୟତମ । ଶ୍ରୀମଦ୍ ଭଗବତ୍ ଗୀତାର ବିଭୂତି ଯୋଗରେ ଶ୍ରୀକୃଷ୍ଣ ନାରୀର ଯେଉଁ ସକଳ ସଦ୍‌ଗୁଣାବଳୀର ବର୍ଣ୍ଣନା କରିଛନ୍ତି ସେଗୁଡ଼ିକ ସବୁ ଯୁଗରେ,

ସବୁ କାଳରେ ମହତ୍ତ୍ୱପୂର୍ଣ୍ଣ । "କୀର୍ତ୍ତି ଶ୍ରୀ ବାକ୍ ଚ ନାରୀଣାମ୍, ସ୍ମୃତି, ମେଧା ଧୃତି କ୍ଷମା" । ଏହି ସକଳ ଗୁଣର ଅଧିକାରୀଣି ପ୍ରତ୍ୟେକ ଯୁଗରେ ମାନବ ସମାଜର କଲ୍ୟାଣ କରିବାକୁ ସମର୍ଥା ହୋଇଥାଏ । ହିନ୍ଦୁ ଧର୍ମରେ ନାରୀକୁ ଆଦିଶକ୍ତି ତଥା କଲ୍ୟାଣମୟୀ ଆଖ୍ୟା ଦିଆଯାଇଛି, ଏବଂ ସତୀତ୍ୱ ନାରୀର ଶ୍ରେଷ୍ଠ ଧର୍ମ ବୋଲି ଶତ ମୁଖରେ ପ୍ରଶଂସିତ ହୋଇଛି । 'ସତ୍' ଶବ୍ଦର ଅର୍ଥ ଚିରନ୍ତନ, ଭଗବାନ ବା ସ୍ଥିତି । 'ସତ୍ୟ' ଏଭଳି ଅଭି-ବ୍ୟକ୍ତି ଯାର ରୂପ ଅପରିବର୍ତ୍ତିତ । ଏହି ସତ୍ୟକୁ ଯିଏ ଆଚରଣ କରେ ସେ ନାରୀ ସତୀ ନାରୀ, ସତୀର ଗୁଣ ସତୀତ୍ୱ । ଅଗ୍ନିକୁ ସାକ୍ଷୀରଖି ଯେଉଁ ସତ୍ୟକୁ ଆଶ୍ରୟ—ତାର ପ୍ରତିପାଳନହିଁ ସତୀତ୍ୱର ଏକ ଅଙ୍ଗ । ଏହାର ସରଳ ତଥା ଗୁଢ଼ ତାତ୍ତ୍ୱିକ ବ୍ୟାଖ୍ୟା ମଧ୍ୟ କରଯାଇ ପାରେ । ସକଳ ତତ୍ତ୍ୱଜ୍ଞାନକୁ ଉପଲବ୍ଧି କରିବା ନିମନ୍ତେ ଜନସାଧାରଣଙ୍କର ସେଭଳି ମାନସିକ ପ୍ରସ୍ତୁତି ନଥାଏ । ଫଳରେ ଚିରନ୍ତନ ମୂଲ୍ୟବୋଧକୁ ତରଳ ଔଷଧ ରୂପେ ପରିବେଷଣ କରି ସେମାନଙ୍କ ଜୀବନକୁ ସୁସଂଯତ, ସୁସ୍ଥ, ସୁନ୍ଦର କରିବାର ସହଜ ପନ୍ଥା ଆମ ବ୍ରତ ତଥା ପର୍ବ-ପର୍ବାଣୀ ମଧ୍ୟରେ ପ୍ରତିଫଳିତ ହୁଏ । 'ସତ୍ୟ' ଏଭଳି ଏକ ଉପଲବ୍ଧି ଯାହାକୁ ଆଶ୍ରୟ କଲେ ମନୁଷ୍ୟ ଅସାଧ୍ୟ ସାଧନ କରିପାରେ । ଏହି ସତ୍ୟ କାବ୍ୟର ସରଳ ପ୍ରକାଶ ସାବିତ୍ରୀ ବ୍ରତ । ନାରୀ ଯେଉଁ ସକଳ ପ୍ରାକୃତିକ ତଥା ବିଭୂତିର ଗୁଣାବଳୀରେ ଭୂଷିତ, ତହିଁରେ ଯଦି ସେ 'ସତ୍'କୁ ଆଶ୍ରୟ କରି ଚଳେ ତେବେ ସେ ମାନବ ସମାଜର ନମସ୍ୟା ହୋଇ ସମୂହ କଲ୍ୟାଣସାଧନ କରିବା ସଙ୍ଗେ ସଙ୍ଗେ ଦୁର୍ବାର ମୃତ୍ୟୁକୁ ମଧ୍ୟ ଜୟ କରି ପାରିବ ।

ଜ୍ୟେଷ୍ଠ, କୃଷ୍ଣ ଅମାବାସ୍ୟା ତିଥିରେ ଆଚରିତ ଏହି 'ସାବିତ୍ରୀ ବ୍ରତ' ସେଭଳି ଏକ ତତ୍ତ୍ୱପୂର୍ଣ୍ଣ ସତୀବ୍ରତ । ଯାହାର ଅନ୍ତର୍ନିହିତ ତଥ୍ୟ ସତ୍ୟ ସାଧନା ଉପରେ ପ୍ରତିଷ୍ଠିତ । ଏହି ବ୍ରତର ମହତ୍ତ୍ୱ ଉପଲବ୍ଧି କରି କେବଳ ହିନ୍ଦୁନାରୀ ନୁହେଁ, ବିଶ୍ୱର ସକଳ ନାରୀ ଏହା ଆଚରଣ କରିବା ଉଚିତ । ଏହି ବ୍ରତର ଆଖ୍ୟାୟିକା ସହିତ ପ୍ରାୟ ସମସ୍ତେ ପରିଚିତ । ବହୁ ପୂର୍ବ କାଳର ଘଟଣା । ସତ୍ୟ-ଯୁଗରେ ଜଣେ ରାଜକନ୍ୟା କିପରି ସତୀତ୍ୱ ଓ ନିଷ୍ଠା ବଳରେ ମୃତ୍ୟୁକୁ ମଧ୍ୟ ଜୟ କରିଥିଲେ, ତାହା ବର୍ଣ୍ଣନା କରଯାଇଛି । ଆମ ଓଡ଼ିଆ ଘରେ ନବବଧୂକୁ ଆଶୀର୍ବାଦ କରଯାଏ, ସାବିତ୍ରୀ ସମାନ ହୁଅ । କୌଶଲ୍ୟା ବନବାସ ଯାତ୍ରା ସମୟରେ ସୀତାଙ୍କୁ ଆଶୀର୍ବାଦ କରିଥିଲେ—ବନରେ ପତିବ୍ରତା ସାବିତ୍ରୀ ନିଜ ସ୍ୱାମୀଙ୍କୁ ରକ୍ଷା କରିଥିଲେ, ତୁମେ ମଧ୍ୟ ଅନୁରୂପ ଆଚରଣ କର । ଯୁଗେ ଯୁଗେ ସେ ମହନୀୟ ଆଦର୍ଶ ଅବିସ୍ମରଣୀୟ ତଥା ଅନୁକରଣୀୟ ।

ଘଟଣା—ସତ୍ୟଯୁଗର—"ସତ୍ୟ ସେହି ଯୁଗ" ...
ଯୁଗରେ ଅଶ୍ୱପତିଙ୍କର ବହୁ ତପସ୍ୟାର ଫଳ—...
ସୁନ୍ଦରୀ ସର୍ବଗୁଣସମ୍ପନ୍ନା କନ୍ୟା "ସାବିତ୍ରୀ" ...
ସରସ୍ୱତୀଙ୍କର ଉପାସକ ଧର୍ମପ୍ରାଣ ରାଜା ...
ଅଶ୍ୱପତି ଗଭୀର ଜନ୍ତୁସଙ୍କୁଳ ବନାନୀ ମଧ୍ୟରେ ...
୭ ବର୍ଷ କାଳ କଠୋର ତପସ୍ୟା କରି ...
ଲଗାଇଥିଲେ । ସାଧନା ଫଳପ୍ରସୂ ହେଲା—...
ଅଭିଳଷିତ ବରଦାନ ନିମନ୍ତେ ...
ହେଲେ । ରାଜାଙ୍କ ମୁଖରୁ ଝରି ପଡ଼ିଲା ...
ପ୍ରାର୍ଥନା..........ପୁତ୍ର.....ପୁତ୍ର । ପୁତ୍ ନାମକ ନରକରୁ ...
ଉଦ୍ଧାର କରିବ । ବାଣୀଙ୍କ କଣ୍ଠ ଫରି ଉଠିଲା ପୁତ୍ର ...
ରାଜା—ମାତ୍ର ତୁମେ କନ୍ୟାଲାଭ କରିବ । ...
କନ୍ୟା ହେତୁ ତୁମେ ଶତପୁତ୍ରର ଜନକ ...
ସୌଭାଗ୍ୟ ଲାଭ କରିବ । (ଏଥିରୁ ଅନୁମେୟ, ...
ପୁତ୍ରଠାରୁ କୌଣସି ଗୁଣରେ ନ୍ୟୂନ ନୁହେଁ । ଏହି ...
ହିନ୍ଦୁ ଶାସ୍ତ୍ରକାରମାନେ ପ୍ରତିପାଦିତ କରିଛନ୍ତି ।) ...
ଏହି କନ୍ୟା ନିଜ ଇଚ୍ଛାରେ ପତି ନିର୍ବାଚନ କରି ...
ଉଦ୍ଧାର କରିବ ।

ନର୍କରୁ ଉଦ୍ଧାର କରିପାରେ କେବଳ ପୁଣ୍ୟ ...
ସାବିତ୍ରୀ ସତ୍ୟକୁହିଁ ବରଣ କଲେ । ଏ ସତ୍ୟ ...
ଦ୍ୱାରାହିଁ ମିଳେ । ସତ୍ୟକୁ ଏକାଗ୍ର ଚିତ୍ତରେ ସମସ୍ତ ...
ବିପତ୍ତି ସତ୍ତ୍ୱେ ଆଶ୍ରୟ କଲେ ମୃତ୍ୟୁ ଭୟ ଦୂର ...
ଯଥାର୍ଥରେ—

"ସତ୍ୟକୁ ଯେଉଁ ଜନ ଦୃଢ଼େ ଧରଇ,
ଭୀମ ଭବାର୍ଣ୍ଣବ ସେ ହେଳେ ତରଇ"

(ରାଧାନାଥ ...

ସରସ୍ୱତୀଙ୍କ ମୁଖ ନିଃସୃତ ବାଣୀ ଫଳବତୀ ହୁଏ ...
ମାଘ ଶୁକ୍ଳ ଦ୍ୱାଦଶୀ ଗୁରୁବାର ପୁଷ୍ୟା ନକ୍ଷତ୍ରରେ ...
ନିଏ ସର୍ବ ସୁଲକ୍ଷଣୀ କନ୍ୟା—ସାବିତ୍ରୀ—ସବିତୃ ...
ସାବିତ୍ରୀର ତତ୍ତ୍ୱ । ସୂର୍ଯ୍ୟ ଶାଶ୍ୱତ ଓ ଅନନ୍ତ ...
ଆଲୋକ ବନ୍ୟା ପୃଥିବୀର ସକଳ କନ୍ୟାଙ୍କର ପ୍ର...
କରେ । ସାବିତ୍ରୀ ଆଲୋକର କନ୍ୟା । ଆମେ ...
ଆଲୋକର ସନ୍ତାନ । ମାତ୍ର ଏ ମାୟା ...
ଅନ୍ଧକାରରେ ଆମେ ସେହି ପରମାତ୍ମାଙ୍କ ...
ଧାମକୁ ବିସ୍ମୃତ ହୋଇଯାଉ । ଅନ୍ଧକାର ମଧ୍ୟରେ ...
ଭୁଲୁ ଅମୃତତ୍ୱ—ଜ୍ଞାତସାରରେ ବା ଅଜ୍ଞାତ ...
ଅମୃତତ୍ୱ ଅନ୍ୱେଷଣ କରେ ମନୁଷ୍ୟ । ମାୟା ମୋହି ...
ପାର୍ଥିବ ବସ୍ତୁକୁ ସୁଖ ଓ ଆନନ୍ଦର ହେତୁ ବୋଲି ...
କରେ । ପ୍ରାପ୍ତ ହେଲେ ମଧ୍ୟ ଦେଖେ ଆନନ୍ଦ ...
ମିଳେ ନାହିଁ । ଅନବଦ୍ୟ ଆନନ୍ଦ ଲାଭ ଓ ...

...ଙ୍କୁ ଜୟ କରିବାର ଆକାଂକ୍ଷା ମାନବ
...ନରେ ଲୁଚି ରହିଥାଏ । ମାତ୍ର ସେଇ
...ରେ ଚିର ପ୍ରକୃତ ସତ୍ୟକୁ ଖୋଜି ପତିରୂପେ
...ନର ଶ୍ରେଷ୍ଠ ଆଶ୍ରୟ ରୂପେ ଗ୍ରହଣ କରେ ସେ
...କୁ ଯମକୁ ଜୟ କରିପାରିବ ଏଥିରେ ବା
...କେଉଁଠି ?

...ଯୌବନର ପ୍ରାକ୍‌କାଳରେ ନିଜେ ବାଛି-
...। ଶ୍ରେଷ୍ଠ ଆଶ୍ରୟ ସ୍ଥଳ ! ପତି କାନ୍ତିବାନ
... ଅଥଚ ଋଦ୍ଧାଶୂନ୍ୟ, ତପସ୍ୱୀ । ଅଂଧ
... ଚିତ୍ତ ପୁତ୍ର ସତ୍ୟବାନ—ସତ୍ୟାଶ୍ରୟୀ !
... ହେଲା ମାୟାନ୍ଧ ବ୍ୟକ୍ତି ସତ୍ୟକୁ
... ସାବିତ୍ରୀ ଅର୍ଥାତ୍ ଆଲୋକ ଲାଭ
...। ଚେତନା ଉଦ୍ରେକ ହୁଏ । ତରୁଣ
... ପୁରୁଷ ସତ୍ୟବାନ । ତାଙ୍କ ନାମର ସାର୍ଥ-
...ରେ କାଠ ହାଣି ଜୀବନ ଧାରଣ ବୃତ୍ତି
... ଗାଳିଖାନା ସତ୍ତ୍ୱ ନୁହେଁ—ଶାରୀରିକ ଶ୍ରମ
... ଟଲଷ୍ଟୟଙ୍କର Bread labour—
... ଅବଶ୍ୟକତା ସୀମିତ ପ୍ରୟୋଜନ) । ଏଭଳି
... ଜୀବନଯାପନ ନିଶ୍ଚିତରେ କଷ୍ଟସାଧ୍ୟ ।
... ଆଶ୍ରୟ କଲେ ହିଁ କଷ୍ଟସାଧ୍ୟ ଜୀବନଯାପନ
... ହୁଏ । ସତ୍ୟ ଅପାତ ମଧୁର ଓ ପରିଣାମରେ
...। ଧନ ସମ୍ପଦ ଶୂନ୍ୟ ରାଜଦମ୍ପତି ଅନ୍ଧ
...ଙ୍କର ତାତ୍ପର୍ଯ୍ୟ ହେଲା—ପାର୍ଥିବ ସମ୍ପଦ ହରଣ
... ଦୃଷ୍ଟିଶକ୍ତି—ଦିବ୍ୟଦୃଷ୍ଟି । ସତ୍ୟ କ୍ଷୁରଧାର—
... କଣ୍ଟକ ମାର୍ଗ, ଏହା ଚିରନ୍ତନ । ତେଣୁ
...କୁ ପତିରୂପେ ବରଣ କଲେ କଠୋର ଶ୍ରମ-
... ଜୀବନ ନିର୍ବାହ କରିବାକୁ ହେବ । ତଥାପି
... କନ୍ୟା ସତ୍ୟକୁ ହିଁ ବାଛିନେବ । ସତ୍ୟ
..., ମଙ୍ଗଳମୟ ।

...............ପିତାମାତା—ନିଜର ଅନିନ୍ଦ୍ୟା
... ପୂର୍ଣ୍ଣ ଯୌବନା ପ୍ରଫୁଲ୍ଲିତା ବହ୍ନିଶିଖା ମୁଖରୁ
... ଅପୂର୍ବ କାହାଣୀ । ହଁ ଅପୂର୍ବ—ଅଶ୍ରୁତ ପୂର୍ବ ।
...—ସନିଷ୍ଠ କଣ୍ଠସ୍ୱର—'ମତେ ଭଲ ଲାଗିଛି ।
... କରିଛି ପତିରୂପେ' । "କିଏ—କିଏସେ ଭାଗ୍ୟ-
..." 'ସତ୍ୟବାନ୍ ଏତିକି ପରିଚୟ । ଧନ
... ପ୍ରତିପତ୍ତି, ପ୍ରାସାଦ, ପୌରୁଷ ସବୁ ଅତିକ୍ରମ
... ଗୋଟିଏ ପରିଚୟ ସେ ସତ୍ୟବାନ' ।

...କୁ ଆଶ୍ରା କଲେ ଭୟ ନାହିଁ । ପରାଜୟ
..., ଅକମ୍ପ ସାହାସରେ ଦୁଃଖ ଦୈନ୍ୟକୁ ବରଣ
କରିଛନ୍ତି ରାଜଜେମା ସାବିତ୍ରୀ । ଦୁଃଖ, ଦୈନ୍ୟ,
ଅରଣ୍ୟବାସ ? କେବଳ ଏତିକି ? ନା—ନା—ନା

ତା ଠାରୁ ବଳି ଭୟାବହ ପରିଣତି ! ହେ କନ୍ୟା—
ତମେ କରନାହିଁ ଏ ଭଳି ପ୍ରତିଜ୍ଞା ! ବହୁ ସୁଦର୍ଶନ
ରାଜପୁରୁଷ ତମ ଚିତ୍ତ ହରଣ କରି ପାରିବେ—ସମଗ୍ର
ରାଜପ୍ରାସାଦର ରୁଦ୍ଧ ବାତାବରଣ ହତାଶାର ଦୀର୍ଘ-
ଶ୍ୱାସରେ ପ୍ରକମ୍ପିତ ହେଲା !

ଏ ନିଷ୍ଠୁର ସତ୍ୟକୁ ଶ୍ରବଣ କରିବାର ସାହାସ
କାହାର ନାହିଁ । ନିଜର କର୍ଣ୍ଣପଥ ରୁଦ୍ଧକରି ଶୋକରେ
ଭାଙ୍ଗିପଡ଼ିଲେ ରାଜଦମ୍ପତି ! "ଏ ନିର୍ମମ ବାକ୍ୟ
କାଂଣ ସତ୍ୟ" ???

କିନ୍ତୁ—କିଏ—କିଏ କହୁଛନ୍ତି ଏ ବାକ୍ୟ ଉଚ୍ଚାରଣ
ବ୍ରହ୍ମାଙ୍କ ପୁତ୍ର ନାରଦ ! ସେହି ନାରଦ ଧୂମକେତୁ
ପରି—ନା ନା—ବିଭୁ ଆଶୀର୍ବାଦ ପରି ଏହି ଲଗ୍ନରେ
ଉପସ୍ଥିତ । ସର୍ବ ସୁଲକ୍ଷଣୀ କନ୍ୟା ମୁଖରୁ ବାର୍ତ୍ତା ନ
ସରୁଣୁ—ଏଭ ନିଦାରୁଣ ସନ୍ଦେଶ ଦେଲେ ମୁନି—
ବଜ୍ରପାତ ପରି ବାକ୍ୟପାତ୍ । ମାତ୍ର ଆଉ ଏକ ବର୍ଷ
ଆୟୁଷ ସତ୍ୟବାନ୍‌ଙ୍କର । ତାପରେ..........ତା
ପରେ............—ଅନିନ୍ଦିତା ସାବିତ୍ରୀ ତେବେ ..........

ନା—ନା—ନା—

ପିତା ଅନୁନୟ କଲେ—ଭିକ୍ଷା କଲେ କନ୍ୟା
ନିକଟରେ । "ମା ମୋର, ଅନ୍ୟପତି ବରଣ କର—
ଏ ନିଷ୍ଠୁର ଭୟାବହ ବାକ୍ୟ ଶ୍ରବଣ ପରେ..............
ନା ଅସମ୍ଭବ !

ହଁ ସତ୍ୟ ନିଷ୍ଠୁର, ଭୟାବହ' ମାତ୍ର ସର୍ବ ଶକ୍ତି-
ବାନ ସତ୍ୟକୁ ଆଶ୍ରୟ କରି ବିରୁଦ୍ଧାଚରଣ କରି
ପାରିବେ ବୋଲି ହୃଦୟ ଅର୍ପଣ କରିଛନ୍ତି—ଏହାହିଁ
ସତ୍ୟ ।

ଏ ଯୁଗର ଶ୍ରେଷ୍ଠ ସାଧକ ସ୍ୱାମୀ ବିବେକାନନ୍ଦ
କହିଛନ୍ତି—

" ଯାହାସ ସେ ଦୁଃଖ ଦୈନ୍ୟ ଭୟ
ମୃତ୍ୟୁରେ ଯେ ବାନ୍ଧେ ବାହୁପାଶେ ।
କାଳ ନୃତ୍ୟ କରେ ଉପଭୋଗ
ମାତୃରୂପା ତାରି କାଛେ ଆସେ ।"

ଏହି ସେହି ସତୀ ସାବିତ୍ରୀ । ସାହସର ମୂର୍ତ୍ତିମନ୍ତ
ପ୍ରତୀକ । କୃତାଞ୍ଜଳୀପୁଟରେ ଅନୁନୟ କରେ ଜ୍ୟୋତିର୍ମ-
ମୟୀର ଯୌବନଦୀପ୍ତ କାନ୍ତ ତନୁ !

"ଅପଣ ବୃଦ୍ଧାଙ୍କ ପୁତ୍ର, ଅଶୀର୍ବାଦ କରନ୍ତୁ ! ମୁଁ ମୋ ପ୍ରତିଜ୍ଞା ରକ୍ଷା କରିପାରେ ।"

ସାହସ, ଧୈର୍ଯ୍ୟ, ସତ୍ୟନିଷ୍ଠା, ଅତୁଳନୀୟ ଅନବଦ୍ୟ ଅଶ୍ରୁତପୂର୍ବ ପ୍ରେମ, ସତୀତ୍ୱ, ସତ୍ୟର ଦୁର୍ଲଙ୍ଘ୍ୟ ଆକର୍ଷଣ ! ସେ ଭୟରୁ ଅଭୟକୁ ଯାତ୍ରା କରିବେ । ସାଥୀ ସତ୍ୟ—ସତ୍ୟବାନ୍ ! ସେ ସତୀ ନୁହେଁ ତ ସତୀ କିଏ ? ହଁ ସଂଗ୍ରାମ, କଠୋର ଜୀବନ ସଂଗ୍ରାମ ! ଦୀପ୍ତ ସୂର୍ଯ୍ୟର ବହ୍ନିତେଜ ନିଃସୃତ କନ୍ୟା । ଏ ମୂର୍ତ୍ତି ନିକଟରେ ପ୍ରତିବାଦ କରିବେ ସ୍ୱଚ୍ଛନ୍ଦମତି ? ମହର୍ଷି ନାରଦ ? ନା—ପ୍ରାଣଭରି କରିବେ ଆଶୀର୍ବାଦ ! ସତ୍ୟର ଜୟ ହେଉ !

ବନଭୂମିର କାନ୍ତ—ଶାନ୍ତ—ପରିବେଶ ! ଗଭୀର ରାତ୍ରି । ଅପୂର୍ବ ଦୀପ୍ତିମୟୀଙ୍କର ପ୍ରଥମ ସ୍ୱାମୀ ସମ୍ଭାଷଣ । ଆଜିଠାରୁ ଏକ ବର୍ଷ ଧରି ମୁଁ ବ୍ରତ ଆଚରଣ କରିବି ।

ଯଜ୍ଞ, ବର୍ଷେକାଳ ସଂଯମ, ତପସ୍ୟା..............., ହେ ପରମ ପ୍ରିୟ ! କଠୋର ସଂଯମ ଅବଲମ୍ବନ କରିବାକୁ ହେବ ଆମକୁ । ଏହି ସାଧନା ଉଜ୍ଜ୍ୱଳ ଗୋଟିଏ ବର୍ଷ ! ପରମ କାମ୍ୟ ସତ୍ୟବାନଙ୍କ ପଦସେବା ବ୍ୟତୀତ ଅନ୍ୟ ସମ୍ପର୍କ ନିଷେଧ । ବର୍ଷେ ପରେ ତିନିଦିନ ଧରି ଉପବାସ କରି ବ୍ରତ ଉଦ୍‌ଯାପନ ! କିନ୍ତୁ ଗୋଟିଏ ଅନୁନୟ ! ଲାବଣ୍ୟମୟୀର ବାସର ଲଗ୍ନରେ ପ୍ରାଣପ୍ରିୟ ତରୁଣ ସ୍ୱାମୀଙ୍କୁ ଗୋଟିଏ ଅନୁନୟ—ଶେଷ ଦିନ ପର୍ଯ୍ୟନ୍ତ ସେ ଲାଭ କରିବେ ସ୍ୱାମୀ ସଙ୍ଗ । ସତ୍‌-ସଙ୍ଗ—ଏ ବାଣୀ ଆଲୋକ କନ୍ୟାର ମୁଖ ନିଃସୃତ—ସତ୍ୟାଶ୍ରୟୀ କେବେ ଅସମ୍ମାନ କରିପାରେ ଏ ବାଣୀକୁ (ତ୍ୟାଗ, ସଂଯମ, ନିଷ୍ଠା ବଳରେ ଗଭୀର ଆତ୍ମପ୍ରତ୍ୟୟ ଏକାନ୍ତ ସତ୍ୟ ପ୍ରୀତି ଦ୍ୱାରା ବ୍ୟକ୍ତି ଅସାଧ୍ୟ ସାଧନ କରିପାରେ । ଆଉ କୌଣସି ଧର୍ମ ଏଭଳି ଚମତ୍କାର ଆଖ୍ୟାୟିକା ଓ ପ୍ରତୀକ ମାଧ୍ୟମରେ ଏ ଚିରନ୍ତନ ସତ୍ୟକୁ ଉପସ୍ଥାପିତ କରି ଏଭଳି ଯୁଗୋପଯୋଗୀ ଲୋକ ଶିକ୍ଷା ଦେଇ ପାରିଛି କି ?) ଗୃହକାର୍ଯ୍ୟ, ଦେବାର୍ଚ୍ଚନ, ଜ୍ଞାନଚର୍ଚ୍ଚା—ଶାଶୁ ଶ୍ୱଶୁରଙ୍କ ସେବା, ପତି ସେବା—ଯଜ୍ଞ—ଅର୍ଥାତ୍ ଯାହାର ଅନ୍ୟ ନାମ ପରୋପକାର, ଯୋଗ ଯାହାର ଅନ୍ୟ ନାମ—କର୍ମରେ କୁଶଳତା । ଅପର ପକ୍ଷରେ ସତ୍ୟବାନ୍—କାୟିକ ଶ୍ରମରେ ସଂସାର ପାଳନ ଯେ କରେ—ସେ ସତ୍ୟବାନ୍ । ଦେଖୁଁ ଦେଖୁଁ ଅତିବାହିତ ହେଲା ଏକ ବର୍ଷ, ପ୍ରତିଟି ମୁହୂର୍ତ୍ତ ମୂଲ୍ୟବାନ୍......... ଆସନ୍ନ ମୃତ୍ୟୁ..........., ପରିଶେଷରେ ସେହି ଭୟାବହ ଲଗ୍ନ ଉପସ୍ଥିତ । ତିନି ଦିନ ବ୍ରତ ଉପବାସ ପରେ ସାବିତ୍ରୀଙ୍କ ଇଚ୍ଛାନୁସାରେ ଧର୍ମାତ୍ମା ସତ୍ୟବାନ୍ ପତ୍ନୀ ସହ ପିତା ମାତାଙ୍କ ଅନୁମତି ନେଇ ଗଲେ ଅରଣ୍ୟକୁ, ପ୍ରତିଶ୍ରୁତି ରକ୍ଷା କରିବେ । ପ୍ରିୟାର ପ୍ରଥମ ଅନୁନୟ ।

ତା'ପରେ ସେହି ଭୟାବହ ଲଗ୍ନ ! କ୍ରୋଡରେ ସ୍ୱାମୀଙ୍କ ଶବକୁ ଧରି [illegible] ସାବିତ୍ରୀ । ଯମଦୂତମାନେ କହିବେ ପ୍ରତ୍ୟକ୍ଷଭାବରେ ... ଏଥିରେ ସନ୍ଦେହ କ'ଣ ? ପରମ ସାହସ ... ସତ୍ୟକୁ ଆଶ୍ରୟ କରି ଯିଏ ଦୁଃଖ ଦେବାକୁ ... —ମୃତ୍ୟୁ ତା'ର ବାହୁ ପାଶରେ ... ଆପ୍ତ ବାକ୍ୟ ! ପ୍ରମାଣିତ, ଦୃଷ୍ଟାନ୍ତ ସାବିତ୍ରୀ । ... କାଳ—ଆସିଛନ୍ତି ସ୍ୱୟଂ—କୋଟି ସୂର୍ଯ୍ୟ ତୁଲ୍ୟ ... ମାନ ଆଲୋକ ତନୟାକୁ ଦେଖି ପାଖକୁ ... ନାହାନ୍ତି—ଦୂରରୁ ଅନୁନୟ କରିଛନ୍ତି ସଂହାର ... କହିଛନ୍ତି—ପତିବ୍ରତେ । ଅନ୍ୟ ବର ମାଗ—... ବ୍ୟତୀତ—ଯେ କୌଣସି କାମନା..............।

"କାମନା ! କି କାମନା ଆଉ ଥାଇପାରେ ।"

ହଁ—ଅନ୍ଧକୁ ଚକ୍ଷୁଦାନ—ମୋହମୟ ... ମାନବ ସତ୍ୟକୁ ଦେଖି ପାରୁନି—ସେ ମାନବ— ... ଦାନ କର ପ୍ରଭୁ—ଆଲୋକ ଦିଅ । ଭଗବତ୍ ... କାମ୍ୟ । ତାହାହିଁ ପ୍ରାର୍ଥନା—ଆଲୋକ ରୂପିଣୀ ... ବିଶ୍ୱକୁ ମୁକ୍ତି ଦେବ କିପରି ? ଚକ୍ଷୁଦାନ ଦ୍ୱାରା ... ସେଇଥିପାଇଁ ମୁଖରୁ ଝରିଛି ଦ୍ୱୈତାର୍ଥବୋଧକ ... ଅନ୍ଧ ଶାଶୁ ଶ୍ୱଶୁରଙ୍କୁ ଚକ୍ଷୁ ଦାନ କରନ୍ତୁ ପ୍ରଭୁ । ... ସାଙ୍କେତିକ, ଗଭୀର ତାତ୍ତ୍ୱିକ ଏ ପ୍ରାର୍ଥନା । ଦ୍ୱିତୀୟ ... ନିଅ—ନେଇଯାଅ—ସତ୍ୟବାନଙ୍କୁ ଛାଡ଼ିଦିଅ— ... ଶକ୍ତି ନାହିଁ ଏ ଆଲୋକ ଶିଖାକୁ ଅସ୍ୱୀକାର କରି ... ସ୍ପର୍ଶ କରିବି । ସ୍ୱୀକାର କରିଛନ୍ତି ଯମରାଜ । ... ମାଗିଛନ୍ତି—ପିତାଙ୍କର ଏକଶତ ପୁତ୍ର ହେଉ । ... ପୁତ୍‌ ନାମକ ନରକରୁ ଯେ ଉଦ୍ଧାର କରେ ସେ ... ଏ ସଂସାର ନର୍କରୁ ଉଦ୍ଧାର କରିବା ଭଳି ଶତ ... ହେଉ ପ୍ରଭୁ ! ନର୍କରୁ ଉଦ୍ଧାର ପାଉ ଶାପଗ୍ରସ୍ତ ... ପିତୃ ବଂଶର ଅକ୍ଷୟ ଗୌରବହିଁ ... ତପସ୍ୟାରେ ଜାତିର ମୁକ୍ତି ସମ୍ଭବ । ଏହାହିଁ ... ରହସ୍ୟ ।

ପରିଶେଷରେ କ୍ଳାନ୍ତ, ଶ୍ରାନ୍ତ, ବିଭ୍ରାନ୍ତ ହୋଇଛନ୍ତି ... ସତ୍ୟ ନିକଟରେ । ଚିତ୍ତ ବିଭ୍ରମର ସ୍ୱାରକ, ... ସାରରେ ମୁଖରୁ ଖସିଛି ବାକ୍ୟ : ଦେବୀ— ... ଔରସରୁ ଶତ ପୁତ୍ର ଲାଭ କର— ... ପତିଙ୍କୁ । ନିଅ ଶତ ପୁତ୍ର !

ସତ୍ୟକୁ ଛାଡ଼ି ଦେବି ? ଆଉ ସତ୍ୟର ... ହେବେ ଏ ପୃଥିବୀ ପୃଷ୍ଠର ସନ୍ତାନ ! ... ପୁଞ୍ଜ । କିଭଳି ? କିନ୍ତୁ ତେବେତ ଏ ସଂସାର ... ମଧୁମୟ, ମଙ୍ଗଳମୟ !

...ରେ ନିଜେ ପରାସ୍ତ ଯମରାଜା । ସତ୍ୟ କରି-
...ର୍ଥ ହେଲ ନାହିଁ—ପ୍ରତ୍ୟାବର୍ତ୍ତନ ସମ୍ଭବ ନୁହେଁ ।
...କୁ ପରାସ୍ତ କରି ପ୍ରାଣ ପ୍ରିୟତମ ସତ୍ୟବାନଙ୍କୁ ଫେରି
...ଲେ ସାବିତ୍ରୀ । ଏ ସେହି ପବିତ୍ର ଅବିସ୍ମରଣୀୟ
...ଘଟଣା ।

...ପୂର୍ବ ଏ ସାବିତ୍ରୀ ବ୍ରତ । ପବିତ୍ର ଚରିତ୍ରର ଊରସରେ
...ଜ୍ଜ୍ୱଳ ହେଲା—ଅନ୍ତର୍ନିହିତ ଅର୍ଥ ହେଲା—
...ସତ୍ୟକୁ ଅନ୍ୱେଷଣ କରେ, ସତ୍ୟକୁ ଆଶ୍ରୟ କରି
...ସହ ଯେ ଦୁଃଖ ବରଣ କଲେ ସେ ଅମୃତତ୍ୱ ଲାଭ
...ମୃତ୍ୟୁକୁ ପରାସ୍ତ କରେ ।

...ବ୍ରତ ଶ୍ରଦ୍ଧାପୂତ ଭାବରେ କରିବା ମୂଳରେ ରହିଛି
...ଚିରନ୍ତନ ସତ୍ୟର ଉପଲବ୍ଧି ତଥା ସାଧନା । ସମସ୍ତ
...ନାରୀ ସମାଜ ଆଜି ଏ ବ୍ରତର ତାତ୍ପର୍ଯ୍ୟ ହୃଦୟଙ୍ଗମ
...ପ୍ରକୃଷ୍ଟ ବ୍ରତ ଆଚରଣ କରିବାର ମହାଲଗ୍ନ ସମା-
...। ବିଶ୍ୱବାସୀଙ୍କୁ ଅନ୍ଧକାରରୁ ଆଲୋକକୁ ନେବା
ନିମନ୍ତେ ଏ ବ୍ରତ ଏ ସାଧନା ଆନ୍ତର୍ଜାତୀୟ ମହିମା
ଦଶଦିଗରେ ଏକାନ୍ତ କାମ୍ୟ, ଚିରନ୍ତନ ମୂଲ୍ୟବୋଧର
ପ୍ରତିଷ୍ଠା । ନୂତନ ଭାବରେ ପୁରାତନ ସତ୍ୟର ପୁନଃ ପ୍ରତିଷ୍ଠା
ଆଜି ବିଜ୍ଞାନ ବଳରେ କ୍ଷମତାଶାଳୀ ପୃଥିବୀକୁ ଧ୍ୱଂସ
ପଥରୁ ମଙ୍ଗଳମୟ ପଥକୁ ଓଟାରି ଆଣି ପାରିବ । ବିଜ୍ଞାନ
ବଳରେ ମାନବ ଜାଗତିକ ଉନ୍ନତିରେ ଅପୂର୍ବ ପରାକାଷ୍ଠା
ଅର୍ଜନ କରିଛି । କେବଳ ମାନବ ଚିତ୍ତରେ ସତ୍ ପ୍ରବୃତ୍ତି
ଜାଗ୍ରତ କରାଇ ପାରିଲେ, ସମଗ୍ର ବିଶ୍ୱର ଅଭାବ ମୋଚନ
ହେବ ଓ ଶାନ୍ତି ପ୍ରତିଷ୍ଠିତ ହେବ । ଏହା ମନୋବିଜ୍ଞାନୀ,
ସମାଜ ବିଜ୍ଞାନୀ ତଥା ଗୁଣୀଜନମାନଙ୍କର ସିଦ୍ଧାନ୍ତ ।

ହୃଦୟରେ ସତ୍‌ପ୍ରବୃତ୍ତି ଜାଗ୍ରତ କରି ସମଗ୍ର ମାନବ
ସମାଜର ଉଦ୍ଧାରହିଁ ସାବିତ୍ରୀ ବ୍ରତର ମହତ୍ୱ ।

ତମସୋମା ଜ୍ୟୋତିର୍ଗମୟ
ମୃତ୍ୟୋର୍ମା'ଅମୃତଂ ଗମୟ ॥

## ସମଗ୍ର ପାଟକୁରା ଥାନା ଅଞ୍ଚଳ ପାଇଁ ନୂତନ କାଜି ନିଯୁକ୍ତି

୧୯୪୯ ମସିହା ମୁସଲମାନ ସଂପ୍ରଦାୟ ବିବାହ ଓ ଛାଡପତ୍ର ରେଜିଷ୍ଟ୍ରାର ଆଇନ (୧୯୪୯ ମସିହା ଓଡ଼ିଶା ଆଇନ ୭)ର ୩ୟ ଧାରା ଏବଂ ୧୮୮୦ ମସିହା କାଜି ଆଇନ (୧୮୮୦ ମସିହା ଆଇନର ୧୨ ଧାରା)ର ୨ୟ ଧାରା ଅନୁଯାୟୀ ପ୍ରଦତ୍ତ କ୍ଷମତା ଫଳରେ ରାଜ୍ୟ ସରକାର କଟକ ଜିଲ୍ଲାର ସମଗ୍ର ପାଟକୁରା ଥାନା ଅଞ୍ଚଳ ପାଇଁ ମୁସଲମାନ ସଂପ୍ରଦାୟର ବିବାହ, ଛାଡପତ୍ର ରେଜିଷ୍ଟ୍ରାର ଓ କାଜି ରୂପେ ସୟଦ୍ ଅହମଦ ହୋସେନଙ୍କୁ ନିଯୁକ୍ତ କରିଛନ୍ତି । ଉପରୋକ୍ତ ଆଇନ ଅନୁଯାୟୀ ପାଟକୁରା ଥାନା ଅଞ୍ଚଳରେ ବାସ କରୁଥିବା ମୁସଲମାନ ସଂପ୍ରଦାୟର ସମସ୍ତ ବିବାହ ଓ ଛାଡପତ୍ରଗୁଡ଼ିକର] ରେଜିଷ୍ଟ୍ରେସନ କରିବା ପାଇଁ ତାଙ୍କୁ କ୍ଷମତା ଅର୍ପଣ କରାଯାଇଛି ।



# କ୍ଷୁଦ୍ର ସମ୍ବାଦପତ୍ର ଓ ଓଡ଼ିଶା

ଆର୍ଥିକ ଦୁରବସ୍ଥା କ୍ଷୁଦ୍ର ସମ୍ବାଦପତ୍ରର ବିକାଶପଥରେ ପ୍ରଧାନ ଅନ୍ତରାୟ—କିନ୍ତୁ ପଲ୍ଲୀକୁ ସମୃଦ୍ଧ କରିବାପାଇଁ କ୍ଷୁଦ୍ର ସମ୍ବାଦପତ୍ରର ହିଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି—କିପରି କ୍ଷୁଦ୍ର କ୍ଷୁଦ୍ର ସମ୍ବାଦପତ୍ର ଆର୍ଥିକ ଅନାଟନର ସମ୍ମୁଖୀନ ହୋଇ ମଧ୍ୟ ଜନକଲ୍ୟାଣପାଇଁ ଅବିରତ ଉଦ୍ୟମ କରୁଛନ୍ତି ତା'ର ଏକ ଚିତ୍ର...

ଶ୍ରୀ ରାମକୁମାର ଅଗ୍ରୱାଲ

ଭାରତରେ ସମ୍ବାଦପତ୍ର ପ୍ରକାଶନର ଇତିହାସ ଦୀର୍ଘଦିନର ପୁରାତନ ଇତିହାସ ହୋଇନଥିଲେ ହେଁ ବ୍ରିଟିଶ ସରକାରଙ୍କ ସଙ୍କଟ ସମୟରେ ଯେଉଁ କେତୋଟି ମୁଷ୍ଟିମେୟ ସମ୍ବାଦପତ୍ର ଭାରତୀୟଙ୍କର ନ୍ୟାଯ୍ୟଦାବୀ, ଅଧିକାର ଓ ମୁକ୍ତି ସଂଗ୍ରାମର ଅଭିମୁଖ୍ୟ ନେଇ ପ୍ରକାଶ ପାଉଥିଲା, ସେହି ଆଦର୍ଶ ଉପରେ ଆଜି ଭାରତୀୟ ସମ୍ବାଦପତ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକା ପ୍ରତିଷ୍ଠିତ । ଭାରତରେ ଦେଶାତ୍ମବୋଧ ସୃଷ୍ଟିପାଇଁ ସମ୍ବାଦପତ୍ରର ଜନ୍ମ । ସେ ଥିଲା କ୍ରାନ୍ତି ଓ ଜାଗୃତିର ସ୍ୱାରକୀ । ଜଣେ ପ୍ରତିଷ୍ଠିତ ସମ୍ବାଦିକ ଶ୍ରୀ ବି. ଏସ୍. ଶ୍ରୀନିବାସ ଶାସ୍ତ୍ରୀ ଭାରତର ସାମ୍ବାଦିକତାର ଭବିଷ୍ୟତ ବିଷୟରେ ନିଜସ୍ୱ ମତ ବ୍ୟକ୍ତକରି କହିଥିଲେ "ଭାରତୀୟ ସମ୍ବାଦପତ୍ର ଏକ ବୁଦ୍ଧିମାନ ଶିଶୁ ସଦୃଶ ଅଭିବୃଦ୍ଧି ପଥରେ ଅଗ୍ରେଇ ଚାଲିଛି । ଯଦି ଏହାର ଲାଳନ-ପାଳନପାଇଁ ବିହିତ ବ୍ୟବସ୍ଥା ନହୁଏ, ତେବେ ଏହି ଶିଶୁ ବିପଥଗାମୀ ହୋଇ ବିକଳାଙ୍ଗ ଏବଂ ଦୁର୍ଦ୍ଦାନ୍ତ ଦୈତ୍ୟରେ ପରିଣତ ହୋଇଯିବ । ଏହି ବୁଦ୍ଧିମାନ ଶିଶୁ ନିହାତି ନିଷ୍ପ୍ରଭ, ଦୁର୍ବଳ ଓ ରକ୍ତହୀନ । ଭାରତରେ ସମ୍ବାଦପତ୍ରର ବାସ୍ତବିକ ଅସୁବିଧା ହେଉଛି ଏହାର ପ୍ରସାର ଓ ପ୍ରଭାବର ହୀନତା ତଥା ଅର୍ଥନୈତିକ ଅସୁସ୍ଥ ବାତାବରଣ । ଏ ଦେଶରେ ଅନ୍ୟାନ୍ୟ ଦେଶ ଅପେକ୍ଷା ଖୁବ୍ କମ୍ ସମ୍ବାଦପତ୍ର ପ୍ରକାଶ ପାଏ ଏବଂ ଯାହା ପ୍ରକାଶିତହୁଏ ତାହାଁରୁ ଅତି କମ୍ ବିକ୍ରିହୁଏ । ଏଠାରେ ସମ୍ବାଦପତ୍ର ଆପଣା ନିଜସ୍ୱ ଆୟରେ ବଞ୍ଚି ରହିବା କଷ୍ଟକର ହୋଇଥାଏ । ସାମ୍ବାଦିକମାନେ ଏଠାରେ ସ୍ଥାୟୀ ବେକାରୀ ବା ଅର୍ଦ୍ଧ-ବେକାରୀ ସମସ୍ୟା ସୃଷ୍ଟି କରିଥାନ୍ତି । ସେମାନେ ପ୍ରକୃତରେ ଏତେ କମ୍ ପାରିତୋଷିକ ପାଉଥାନ୍ତି, ଯାହାକି ବ୍ୟକ୍ତ କରିବା ଲଜ୍ଜାଜନକ । ଏହାର ମୁଖ୍ୟ ଅସୁବିଧା ହେଉଛି—ଭାରତରେ ସାକ୍ଷରତା ସଂଖ୍ୟା କମ୍ । ତେଣୁ ବେଳେ-ବେଳେ ସମ୍ବାଦପତ୍ର ରାଜନୈତିକ ଅଭିମୁଖ୍ୟର ଶୀକାର ମଧ୍ୟ ହୋଇ ଅକାଳ ମୃତ୍ୟୁ ବରଣ କରିଥାଏ । ଯଦି ଭାରତରେ ସାକ୍ଷର ସଂଖ୍ୟା ବୃଦ୍ଧିହେବ, ତେବେ ନିଶ୍ଚୟ ଭବିଷ୍ୟତରେ ସମ୍ବାଦପତ୍ରର ପ୍ରସାର ସଂଖ୍ୟା ମଧ୍ୟ ବୃଦ୍ଧି ପାଇବ ।

## ପ୍ରାଦେଶିକ ସମ୍ବାଦପତ୍ରର ସମସ୍ୟା

ପ୍ରାଦେଶିକ ଭାଷାର ସମ୍ବାଦପତ୍ରମାନ ଜାତୀୟ ଭାଷା ଅର୍ଥାତ୍ ଇଂରାଜୀ ଓ ହିନ୍ଦୀ ଠାରୁ ଅତି ଅଧିକ ଅସୁବିଧା ଓ ଆର୍ଥିକ ଅନାଟନ ମଧ୍ୟରେ ଗତି କରିଆସୁଛି । ଏହାର ଅଶିକ୍ଷା, ଦାରିଦ୍ର୍ୟ ପାରିପାର୍ଶ୍ୱିକ ଅବ୍ୟବସ୍ଥା ଓ ଯୋଗାଯୋଗର ଅସୁବିଧା ଯୋଗୁଁ ଏହା ସର୍ବତ୍ର ପହଞ୍ଚିପାରୁ ନାହିଁ ।

ଧୀରେ ଧୀରେ ସମ୍ବାଦପତ୍ର ଶିଳ୍ପରେ ମଧ୍ୟ ପ୍ରଗତିର ସୂଚନା ପରିଲକ୍ଷିତ ହେଉଛି । ପ୍ରାଦେଶିକ ସ୍ତରରେ ଜନଚେତନା ସୃଷ୍ଟି, ଜନସାଧାରଣଙ୍କର ଅଭାବ ଅସୁବିଧାର ସମାଧାନପାଇଁ କ୍ଷୁଦ୍ର ସମ୍ବାଦପତ୍ରର ପ୍ରକାଶନ ସଂଖ୍ୟା ବୃଦ୍ଧି ଘଟୁଛି; ଏହି ଶିଳ୍ପରେ "More risk, Less gain" (ଦାୟିତ୍ୱ ତୁଳନାରେ ଲାଭ କମ୍) ଥିବାରୁ ଅର୍ଥ ଲଗାଣପାଇଁ ପୁଞ୍ଜିପତିମାନେ ମଧ୍ୟ ଏହିଗରେ ଉତ୍ସାହିତ ନୁହନ୍ତି । ବିଜ୍ଞାପନର ଆୟହିଁ ସମ୍ବାଦପତ୍ର ଆୟର ମୁଖ୍ୟ ଏବଂ ଏକମାତ୍ର ପନ୍ଥା ଏ ସମସ୍ତ ସାଂପ୍ରତିକ ସମସ୍ୟାର ପ୍ରକୃତ ଚିତ୍ର ଶ୍ରୀ ଆର୍. ଆର୍. ଭଟ୍ଟନାଗର "The rise and growth of Hindi Journalism" ପୁସ୍ତିକାରେ ଉଲ୍ଲେଖକରି ସମସ୍ୟା ଓ ତା'ର ସମାଧାନର ପଥ ପ୍ରଦର୍ଶନ କରିଛନ୍ତି ।

## ଜନତାର ପଥ ପ୍ରଦର୍ଶକ

ଗଣତନ୍ତ୍ର ରାଷ୍ଟ୍ରରେ ସମ୍ବାଦପତ୍ର ଭୂମିକା ଗୁରୁତ୍ୱପୂର୍ଣ୍ଣ । ସମ୍ବାଦପତ୍ରର ପ୍ରକାଶନ ଗଣତନ୍ତ୍ରର ଭିତ୍ତିଭୂମି, ଗଣତନ୍ତ୍ର ପଦ୍ଧତି ଓ ନୀତି ଆଦର୍ଶର ପରିପୂରକ । ଗଣତନ୍ତ୍ର

ଜନ୍ଙ୍କୁ ଲୋକପ୍ରିୟ କରିବା ଓ ସରକାରଙ୍କର ... ଦୁର୍ବଳତା ଦୃଢ଼ତାର ସହିତ ପ୍ରକଟନ କରିବା, ... ପ୍ରକୃତ ସମ୍ବାଦପତ୍ରର ଲକ୍ଷ୍ୟ ଓ ଆଭିମୁଖ୍ୟ । ...ଙ୍କୁ ପ୍ରକୃତ ମାର୍ଗ ପ୍ରଦର୍ଶନ କରିବା, ଜନତାର ... ଦାବୀ, ସୁବିଧା ଅସୁବିଧା ପ୍ରକାଶ କରି ତା'ର ...ନର ପଥ ସୁଗମ କରିବା ହେଉଛି ଏହାର ...ର୍ଯ୍ୟ । ଏକ ପକ୍ଷରେ ଜନସାଧାରଣ ଓ ସରକାରଙ୍କ ...ରେ ସେତୁପରି ଯୋଗସୂତ୍ର ରକ୍ଷାକରି ସରକାରୀ ...ମାନଙ୍କର ପ୍ରଚାର ଓ ପ୍ରସାର କରିବା, ତାକୁ କାର୍ଯ୍ୟରେ ...ଶୋଷଣ ଶାସନ କଳକୁ ନିୟନ୍ତ୍ରଣ କରିବା, କାର୍ଯ୍ୟ-...ରେ ନିଷ୍କାଷଣକରି ଦୋଷ ଦୁର୍ବଳତାକୁ ପ୍ରକାଶ କରିବା ...ପାଇରେ ଜନତାର ବାସ୍ତବ ସମସ୍ୟାକୁ ରୂପଦେଇ ...ସୁସ୍ଥ, ସବଳ, ସୁନ୍ଦର ସମାଜ ଗଠନ କରିବା ...ରେ ସମ୍ବାଦପତ୍ରର ଗୁରୁଦାୟିତ୍ୱ ରହିଛି । ଭାରତର ... ପ୍ରତିଷ୍ଠିତ ସାମ୍ବାଦିକ କହିଛନ୍ତି, "ଭାରତୀୟ ...ପତ୍ର ନୂତନ ଯୁଗର ଆହ୍ୱାନକୁ ଦୃଢ଼ତାର ସହ ...ଗ୍ରହଣ କରୁଛି" ।

## କ୍ଷୁଦ୍ର ସମ୍ବାଦପତ୍ରର ସଂଗ୍ରାମୀ ଭୂମୀକା

ଏହି ଅଧ୍ୟୟନର ଉଦ୍ଦେଶ୍ୟ ହେଉଛି ଓଡ଼ିଶାରୁ ...ଶିତ ହେଉଥିବା ଦୈନିକ ସମ୍ବାଦପତ୍ରର ଇତିହାସ ...କ୍ଷୁଦ୍ର ସମ୍ବାଦପତ୍ରର ଜୀବନ ସଂଗ୍ରାମର କାହାଣୀ ...ପଦିତ କରିବା ।

...୬୮ରେ ବାଲେଶ୍ୱରରୁ ଓଡ଼ିଶାର ପ୍ରଥମ ସମ୍ବାଦ-...ପ୍ରକାଶ । ତା'ପରେ ଗଂଜାମରୁ ଗଂଜାମ ଜାତୀୟ ...ଙ୍କ ଅନୁକୂଲ୍ୟରେ ପ୍ରଜାବନ୍ଧୁ ପତ୍ରିକାର ପ୍ରକାଶନ । ...ଙ୍କୁ ଅଖାର ପ୍ରକାଶନ ଓ ୧୯୨୮ରେ ଏହା ...କରେ ପରିଣତ ହୁଏ । ୧୯୩୩ରେ New Orissa ...ଙ୍କ ଦୈନିକ ବ୍ରହ୍ମପୁରରୁ ଶ୍ରୀ ଶଶିଭୂଷଣ ରଥଙ୍କ ...ନ ଓ ସଂପାଦନାରେ ପ୍ରକାଶିତ । ୧୯୧୯ରୁ ...ହିତ ସମାଜ ପଣ୍ଡିତ ଗୋପବଂଧୁଙ୍କ ପ୍ରଚେଷ୍ଟାରେ ...ଶିତ ହୋଇ ୧୯୩୧ରେ ଦୈନିକରେ ପରିଣତ ହୁଏ । ...୨ ଅଗଷ୍ଟ ୮ ରୁ ଡକ୍ଟର ହରେକୃଷ୍ଣ ମହତାବଙ୍କ ...ତ୍ୱରେ ଦୈନିକ ପ୍ରଜାତନ୍ତ୍ର ଓ ପରେ ପରେ ...ern Times ପ୍ରକାଶ ପାଏ । ୧୯୫୬ରେ ...ନର ପ୍ରକାଶନ ସଂସ୍ଥା ଉଦ୍ୟମରେ, ସୁରେନ୍ଦ୍ର ମହାନ୍ତିଙ୍କ ...ପାଦନାରେ ଦୈନିକ ଗଣତନ୍ତ୍ରର ପ୍ରକାଶନ ଓ ତାହା ...ପରେ ସ୍ୱରାଜ୍ୟ ନାମରେ ପ୍ରକାଶ ପାଇଲା । ୧୯୬୮-... ଶ୍ରୀ ବିଜୁ ପଟ୍ଟନାୟକଙ୍କ ଦ୍ୱାରା କଳିଙ୍ଗ ଓ ...ଧିକ ମିତ୍ରଙ୍କ ଦ୍ୱାରା ଜନଶକ୍ତି ୧୯୭୪ରେ ସମାଜ-...ମା ହୋଇଛନ୍ତି ଅନୁକୂଲ୍ୟରେ ଶ୍ରୀ ରମନାଥ ପଣ୍ଡାଙ୍କ ସଂପାଦନାରେ ଦୈନିକ ଧରିତ୍ରୀ, ୧୯୭୫ରେ ଇଂରାଜୀ ଦୈନିକ News of the World, ଆଦି ସଂବାଦ-ପତ୍ର ପ୍ରକାଶିତ ହୋଇଛି । ଏହା ହେଉଛି ଓଡ଼ିଶାର ଓଡ଼ିଆ ସମ୍ବାଦପତ୍ରର ପ୍ରବହମାନ ଇତିହାସ । ଏ ସମସ୍ତ କେବଳ ଅପେକ୍ଷାକୃତ ଉନ୍ନତ, ଉପକୂଳ ଅଂଚଳରୁ ପ୍ରକାଶିତ । କଟକ, ଭୁବନେଶ୍ୱର, ବ୍ରହ୍ମପୁର ଓ ବାଲେଶ୍ୱର ଏସବୁ ସମ୍ବାଦପତ୍ରର ପ୍ରକୃତ କର୍ମଭୂମି ଓ ଜନ୍ମଭୂମି ତଥା କେନ୍ଦ୍ରବିନ୍ଦୁ ହୋଇଥିବାରୁ ଓଡ଼ିଶାର ସାମାଗ୍ରିକ ପ୍ରତିନିଧିତ୍ୱ ସବୁବେଳେ ସମାନ ଭାବରେ ହୋଇପାରି ନାହିଁ ।

## କ୍ଷୁଦ୍ର ସମ୍ବାଦପତ୍ରର ଆବଶ୍ୟକତା

ଅବହେଳିତ ଅଂଚଳର ନ୍ୟାୟୋଚିତ ଦାବୀ, ସମସ୍ୟା, ଜନପଦବାସୀଙ୍କର ସୁଖ ଦୁଃଖର କାହାଣୀ ଆଦି ଏ ସବୁରେ ଯଥାଯଥ ଭାବେ ପ୍ରକାଶ ପାଇବା ସମ୍ଭବପର ହୋଇନାହିଁ, ଏହାର ମୁଖ୍ୟ ଅସୁବିଧା ହେଉଛି ସୀମିତ କଳେବର ଓ ସୀମିତ ସଦନ । ଅଭାବ, ଅଶିକ୍ଷା ଓ ଗମନା ଗମନର ଅସୁବିଧା ହେତୁ ଅବହେଳିତ ବା ଅନୁନ୍ନତ ଅଂଚଳ ମାନଙ୍କରେ ସମ୍ବାଦପତ୍ରର ପ୍ରସାର ଓ ସଂବାଦ ସଂଗ୍ରହରେ ଅସୁବିଧା ଦେଖାଦେଇଥାଏ । ଏଥିରେ ଯୋଗାଯୋଗ ମଧ୍ୟ ବାଧା ସୃଷ୍ଟିକରେ । ଏ ସବୁ ଅଂଚଳର ପ୍ରକୃତ ସମସ୍ୟା ଓ ଦାବୀ ଠିକ୍ ଭାବରେ ଓ ଯଥା ସମୟରେ ପ୍ରକାଶିତ ହୋଇ ପାରୁ ନଥିବାରୁ ବୋଧହୁଏ ଜନତାର ଆଶା ଆକାଂକ୍ଷାକୁ ରୂପ ଦେବା ପାଇଁ କ୍ଷୁଦ୍ର ଓ ମଧ୍ୟମ ଧରଣର ସମ୍ବାଦପତ୍ରର ଜନ୍ମ ହୁଏ ଓଡ଼ିଶାର ବିଭିନ୍ନ ଅଂଚଳରୁ ।

ଓଡ଼ିଶାକୁ ପ୍ରଶାସନିକ ସୁବିଧା ଦୃଷ୍ଟିରୁ ପୂର୍ବାଂଚଳ, ପଶ୍ଚିମାଂଚଳ ଓ ଉତ୍ତରାଂଚଳରେ ବିଭକ୍ତ କରାଯାଇଥାଏ । ପଶ୍ଚିମାଂଚଳ ଓ ଉତ୍ତରାଂଚଳରୁ ସମ୍ବାଦ ପତ୍ର ପ୍ରକାଶନ ହୋଇ ନଥିବାରୁ ସେଠାକାର ପ୍ରକୃତ ସମସ୍ୟା ଓ ଦାବୀ ଉପସ୍ଥାପିତ କରିବା ପାଇଁ ଏ ସବୁ ଅଂଚଳର ଶିକ୍ଷିତ ଜନତାଙ୍କ ଚେଷ୍ଟା ଓ ତତ୍ପରତା ଫଳରେ ବର୍ତ୍ତମାନ କେତେକ ଦୈନିକ କ୍ଷୁଦ୍ର ପତ୍ରିକା ନିୟମିତଭାବେ ପ୍ରକାଶିତ ହେଉଥିବାର ଲକ୍ଷ୍ୟ କରାଯାଉଛି ।

## କ୍ଷୁଦ୍ର ସମ୍ବାଦପତ୍ରର ପ୍ରବାହମାନ ଇତିହାସ

ଆଜିଠାରୁ ୬ ବର୍ଷତଳେ ସମ୍ବଲପୁରର ଯୁବ ସାମ୍ବାଦିକ ତଥା ସୁସାହିତ୍ୟିକ ଶ୍ରୀ ତ୍ରିବିକ୍ରମ ତ୍ରିପାଠୀଙ୍କ ସଂପାଦନରେ ୧୯୭୦ ପୂଜାଅବସରରେ କୋଶଳ ଦୈନିକ ଅମ୍ନ ପ୍ରକାଶ କରି ପ୍ରକାଶ ପାଉଛି । ବଲାଙ୍ଗୀରରୁ ୧୯୭୪ ଜାନୁୟାରୀ

୧୪ ତାରିଖରୁ ପଣ୍ଡିତ ରଘୁନାଥ ମିଶ୍ରଙ୍କ ସଂପାଦନାରେ ବୃନ୍ଦ-
ସୁରଭାର୍ତ୍ତା ପ୍ରକାଶିତ ହେଉଛି । ଏ ମଧ୍ୟରେ ବୃନ୍ଦ-
ପୁରରୁ ନବବାର୍ତ୍ତା ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦାସଙ୍କ
ସଂପାଦନାରେ ପ୍ରକାଶିତ ହେଉଛି । ସମ୍ବଲପୁରରୁ
ଶ୍ରୀ ଶିବ ନାରାୟଣ ବହିଦାରଙ୍କ ସଂପାଦନାରେ
କଟ୍‌ପ୍ଲଟ (ହିନ୍ଦୀ ଓ ଇଂରାଜୀ), କଟୁସତ୍ୟ (ଓଡ଼ିଆ),
ଭାଲେଶ୍ୱରରୁ ରାଧାଶ୍ରୀ ଉପେନ୍ଦ୍ର ନାୟକଙ୍କ ସଂପାଦନାରେ
"ରକ୍ଷକଦୂତ" ଦୈନିକ ସମ୍ବାଦପତ୍ର ପ୍ରକାଶିତ ହେଉଛି ।

## କ୍ଷୁଦ୍ର ସମ୍ବାଦପତ୍ରର ସାମ୍ପ୍ରତିକ ସମସ୍ୟା

ଏହି କ୍ଷୁଦ୍ର ସମ୍ବାଦପତ୍ରର ପ୍ରକାଶନ, ମୁଦ୍ରଣ, ପ୍ରସାର ଓ ଅର୍ଥିକ ସମସ୍ୟା ବିଷୟରେ ଅନେକ ପ୍ରଶ୍ନ ଆସେ । ସମ୍ବାଦପତ୍ରର ବିଭିନ୍ନ ବିଭାଗ ଓ ବିଷୟ ମଧ୍ୟରୁ ସମ୍ବାଦ ସଂଗ୍ରହ, ସମ୍ପାଦକୀୟ ଓ ବିଶେଷ ଲେଖା ଲିଖନ, ବିଭିନ୍ନ ବିଷୟ ପାଇଁ (ସାହିତ୍ୟ, କଳା, ନୃତ୍ୟ, କ୍ରୀଡ଼ା) ଚିତ୍ର ଓ ଲେଖା ସଂଗ୍ରହ ଆଦି ଗୁରୁତ୍ୱପୂର୍ଣ୍ଣ । ମୁଦ୍ରଣ କ୍ଷେତ୍ରରେ ଏହାର ପ୍ରକାଶନ, ପ୍ରେସ୍ ପରିଚାଳନା, ବ୍ୟବସାୟ କ୍ଷେତ୍ରରେ ପତ୍ରିକାର ପ୍ରସାର, ଏଜେଣ୍ଟ ନିଯୁକ୍ତି, ଡାକ-ଯୋଗେ ଗ୍ରାହକଙ୍କୁ ପତ୍ରିକା ଯୋଗାଣ, ଅର୍ଥିକ ଦିଗରେ ନୂତନ ଗ୍ରାହକ ସୃଷ୍ଟି, ବିଜ୍ଞାପନ ସଂଗ୍ରହ, ଆଦି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦନା କରିବାକୁ ହୋଇଥାଏ । ଅନ୍ୟାନ୍ୟ ସମ୍ବାଦପତ୍ରର କାର୍ଯ୍ୟର ପରିସର ଓ ସୁବିଧା ସୁଯୋଗ ସହିତ କ୍ଷୁଦ୍ର ସମ୍ବାଦପତ୍ରର ପରିବେଶ, ସୁବିଧା ସୁଯୋଗ, ସମ୍ପର୍କ ଏବଂ ଯୋଗାଯୋଗ କ୍ଷେତ୍ରରେ ଅନେକ ଅସୁବିଧା ଦେଖାଦିଏ । ଏଠାରେ ପତ୍ରିକା ମୁଦ୍ରଣ ପ୍ରକାଶନ ଓ ସମ୍ପାଦନା କାର୍ଯ୍ୟ ଏକାକୀ ସମ୍ପାଦକଙ୍କୁହିଁ ତୁଲାଇବାକୁ ପଡ଼ିଥାଏ ।

## ସଂପାଦକ ହିଁ କେନ୍ଦ୍ରବିନ୍ଦୁ

କ୍ଷୁଦ୍ର ସମ୍ବାଦପତ୍ରର ଭାଗ୍ୟ ନିୟନ୍ତା, ପ୍ରାଣ ପ୍ରତିଷ୍ଠାତା ହେଉଛନ୍ତି କେବଳ ସମ୍ପାଦକ । ସମ୍ପାଦକ ନିଜେ ସମ୍ବାଦ ସଂଗ୍ରହ କରନ୍ତି, ବିଭିନ୍ନ ଅଞ୍ଚଳରୁ ଆସିଥିବା ସମ୍ବାଦକୁ ପ୍ରକାଶନ ପାଇଁ ପ୍ରସ୍ତୁତ କରନ୍ତି, ନିଜେ ସଂପାଦକୀୟ ଲେଖିଥାନ୍ତି, ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତି ଓ ସ୍ଥାନମାନଙ୍କରେ ଯୋଗାଯୋଗ ରକ୍ଷାକରନ୍ତି । ଏହା ବ୍ୟତୀତ ସଭାସମିତି, ସାମ୍ବାଦିକ ସମ୍ମିଳନୀ, ରାଜନୈତିକ, ଧାର୍ମିକ, ସାଂସ୍କୃତିକ ଓ ଶିକ୍ଷାନୁଷ୍ଠାନମାନଙ୍କରେ ହେଉଥିବା ଦୈନନ୍ଦିନ କାର୍ଯ୍ୟ-ମାନଙ୍କରେ ଅଂଶ ଗ୍ରହଣ କରିଥାନ୍ତି । ସମୃଦ୍ଧିଶାଳୀ ସମ୍ବାଦପତ୍ରମାନଙ୍କରେ ସମ୍ବାଦ ସ୍ରୋତର ନିୟନ୍ତ୍ରଣ କର୍ତ୍ତା ସାମ୍ବାଦିକ ଓ ସମ୍ପାଦକଙ୍କ ଯୋଗସୂତ୍ର ରକ୍ଷାକାରୀ, ଜନତାଙ୍କ ଅନ୍ତରାଳରେ କାର୍ଯ୍ୟରତ ଅଜ୍ଞାତ ଯୋଦ୍ଧା, ଉପସମ୍ପାଦକ, ସହସମ୍ପାଦକ, ବାର୍ତ୍ତାସମ୍ପାଦକ, ଅନୁବାଦକ ବିଶେଷ ପ୍ରତିନିଧି, ସାହିତ୍ୟ ସମ୍ପାଦନା, ପ୍ରକାଶନ ଆଦି ଦାୟିତ୍ୱରେ ଥିବା ବିଭିନ୍ନ ବ୍ୟକ୍ତି... କ୍ଷୁଦ୍ର ସମ୍ବାଦପତ୍ରମାନଙ୍କରେ ଏକାନ୍ତ ଅଭାବ ଦେଖା ଯାଇଥାଏ । ଦୈନନ୍ଦିନ ଜୀବନଯୁଦ୍ଧରେ ଯୁଝୁଥିବା ପୁରୁଷ ନାଗର ପରି ସୂର୍ଯ୍ୟାସ୍ତରୁ ଅର୍ଦ୍ଧରାତ୍ରଯାଏ ପତ୍ରିକା ପ୍ରକାଶନପାଇଁ ଏହି ବିଶ୍ୱକର୍ମା, କୁଶଳୀ କାରିଗର ଆପଣାର ସର୍ବସ୍ୱ ବିନିମୟରେ ତାର ସ୍ୱପ୍ନକୁ ରୂପ ଜୀବନ୍ୟାସ ଦେଇଥାଏ । କ୍ଷୁଦ୍ର ସମ୍ବାଦପତ୍ରର ଭବିଷ୍ୟତ, ଲୋକପ୍ରିୟତା ଓ ଆଭିମୁଖ୍ୟ ସମ୍ପାଦକଙ୍କର ବ୍ୟକ୍ତିଗତ ପ୍ରତିଷ୍ଠା ବା ନିଜସ୍ୱ ମତବାଦ ଉପରେହିଁ ନିର୍ଭର କରିଥାଏ । ସେ ଯଦି ନିର୍ଭୀକ, ନିର୍ଦ୍ଦଳୀୟ, ସତ୍ୟ ସମ୍ବାଦ ପରିବେଷଣ ପାଇଁ ଉଦ୍ୟମୀ ହୋଇଥାନ୍ତି ତେବେ ସେହି ପତ୍ରିକା ସମାଜରେ ଆଦୃତି ଲାଭକରି ଲୋକ ସମର୍ଥନ ବୃଦ୍ଧି କରେ । ଏହାର ସମ୍ବାଦ ସଂଯୋଜନା ଓ ଉପସ୍ଥାପନା, ଚିତ୍ର ନିର୍ବାଚନ ଓ ଶିରୋନାମ ପ୍ରଦାନ, ସମ୍ପାଦକୀୟ ପାଇଁ ବିଷୟବସ୍ତୁ ଚୟନ ଆଦି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପୁଣି ସମ୍ପାଦକଙ୍କର । ସମ୍ପାଦକୀୟହିଁ ପତ୍ରିକାର ଲକ୍ଷ୍ୟ, ଆଦର୍ଶ ଓ ଆଭିମୁଖ୍ୟର ପ୍ରବକ୍ତା ତଥା କର୍ଣ୍ଣଧାର, ପାଠକ ସମ୍ବାଦ ପରିବେଷଣର ରୀତି, ସମ୍ପାଦକୀୟର ନୀତି ଭିତ୍ତିକରି ଏହାକୁ ସମ୍ମାନ ଦେଇଥାନ୍ତି । ଅନ୍ୟାନ୍ୟ ବଡ଼ ସମ୍ବାଦପତ୍ର, ସମ୍ବାଦ ଏଜେନ୍ସିମାନଙ୍କଠାରୁ ଟେଲିପ୍ରିଣ୍ଟର ଯୋଗେ ଦ୍ରୁତଗତିରେ ଗୁରୁତ୍ୱପୂର୍ଣ୍ଣ ସମ୍ବାଦ ମାନ ଲୋକଙ୍କ ସଙ୍ଗେ ସଙ୍ଗେ ପରିବେଷଣ କରିବାକୁ ସକ୍ଷମ ହେଉଥିବା ବେଳେ, କ୍ଷୁଦ୍ର ସମ୍ବାଦପତ୍ରମାନେ ସେ ସୁଯୋଗରୁ ବଞ୍ଚିତ । ଏହି ସମ୍ପାଦକମାନଙ୍କର ପରି-ବାରିକ ସମ୍ପର୍କ ଓ ସହଯୋଗ ପତ୍ରିକାକୁ ବଞ୍ଚାଇ ରଖିବାରେ ସାହାଯ୍ୟ କରିଥାଏ ।

## ଆଶା ଓ ଆଶଙ୍କାର ସନ୍ଧାନ

ସମାଜବାଦୀ ସାମ୍ପ୍ରତିକ ସରକାରଙ୍କର ନୂତନ ପ୍ରଗତିଶୀଳ ନୀତି କ୍ଷୁଦ୍ର ସମ୍ବାଦପତ୍ର ପ୍ରକାଶନ ସରକାରୀ ଅନୁଦାନ ଓ ବିଜ୍ଞାପନ ନୀତି, ପ୍ରତି... ଆଶାନ୍ୱିତ କରେ । ଆମର କେନ୍ଦ୍ର ତଥା ରାଜ୍ୟ ସରକାର ମାନେ ବର୍ତ୍ତମାନ ଶାସନପ୍ରଣାଳୀ ତଥା ଯୋଜନା ଗ୍ରାମାଭିମୁଖୀ କରି ଦେଶର ସର୍ବାଙ୍ଗୀନ ଉନ୍ନତି ପରିକଳ୍ପନା କରୁଥିବାବେଳେ କ୍ଷୁଦ୍ର ସମ୍ବାଦପତ୍ର, ଗ୍ରା... ମାନେ ଗାଁ ଗହଳରେ ସୁଖଦୁଃଖ, ଭଲମନ୍ଦ ...

...ପ୍ରତି ସମ୍ବେଦନଶୀଳ ହୋଇଥିବା ଏକ ଶୁଭ ... । ଆଶା କରୁଯାଏ—କ୍ଷୁଦ୍ର ସମ୍ବାଦପତ୍ର ସବୁର ... ଓ ସମ୍ପାଦକମାନେ ଯଦି ଧୈର୍ଯ୍ୟହରା ନ ... ସେମାନଙ୍କର ଉଦ୍ୟମ ଅବ୍ୟାହତ ରଖିପାରିବେ, ... ଭବିଷ୍ୟତରେ ସେମାନଙ୍କ ସମସ୍ୟା ଲାଘବ ହେବ ।

ସେମାନେ ଲକ୍ଷ୍ୟପୂରଣ ଦିଗରେ ଆଗେଇ ଦେଶର ପ୍ରକୃତ ଚିନ୍ତାଦ୍ୟୋତନାକୁ ରୂପାୟିତ କରି ସମାଜରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବାର ସହାୟକ ହେବା ସଙ୍ଗେ ସଙ୍ଗେ ଏକ ଶ୍ରେଣୀହୀନ ସମାଜବାଦୀ ସମାଜ ପ୍ରତିଷ୍ଠା ଦିଗରେ ସହାୟକ ହୋଇପାରିବେ ।

## ଜାଣନ୍ତି କି ?

* ଡାକଘର ସଂଚୟ ବ୍ୟାଙ୍କରେ ପ୍ରାୟ ୩୫ ନିୟୁତ ବ୍ୟକ୍ତି ନିଟ୍ ଆକାରରେ ୩୯ ନିୟୁତରୁ ଅଧିକ ଟଙ୍କା ସଂଚୟ କରିଛନ୍ତି ।

* ଗ୍ରାମାଂଚଳରେ ଥିବା ସମସ୍ତ ଡାକଘର ଗୁଡିକ ମଧ୍ୟରୁ ୧୮୦,୦୦୦ ଡାକଘରେ ସଂଚୟ ବ୍ୟାଙ୍କର ସୁବିଧା ସୁଯୋଗ ରହିଛି ।

* ୧୯୭୨ ସୁଦ୍ଧା ୨୬.୬ ନିୟୁତ ସଂଚୟ ଯୋଜନାରେ ୨୨,୬୨୦ ନିୟୁତରୁ ଊର୍ଦ୍ଧ୍ୱ ଟଙ୍କା ସଂଚୟ କରିଥିବା ସ୍ଥଳେ ୧୯୭୬ ମସିହା ସୁଦ୍ଧା ୩୪ ନିୟୁତ ସଂଚୟ ଯୋଜନାରେ ମୋଟ ୩୯,୧୨୦ ନିୟୁତ ଟଙ୍କା ସଂଚୟ କରାଯାଇଥିଲା । ଡାକଘରମାନଙ୍କରେ ସଂଚୟ ଯୋଜନା ଖୋଲିବା ନିମନ୍ତେ ସବ୍-ପୋଷ୍ଟମାଷ୍ଟରମାନଙ୍କୁ କ୍ଷମତା ଦିଆଯାଇଛି ଏବଂ ପ୍ରତ୍ୟେକ ଡାକଘରମାନଙ୍କରେ ଚେକ୍ ଦେବା ବ୍ୟବସ୍ଥା ପ୍ରବର୍ତ୍ତନ କରାଯାଇଛି ।

* ସଂଚୟକାରୀମାନଙ୍କ ଅଭାବ ଅସୁବିଧା ବୁଝାସୁଝା କରିବା ନିମନ୍ତେ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରାଯିବା ସଂଗେ ସଂଗେ ରେଳବାର ପେନ୍‌ସନ୍ ଗ୍ରହୀତାମାନେ ନିଜ ନିଜ ଅଂଚଳରେ ଥିବା ଡାକଘରମାନଙ୍କରେ ସେମାନଙ୍କର ପେନ୍‌ସନ୍ ଟଙ୍କା ଡାକଘର ସଂଚୟ ବ୍ୟାଙ୍କରେ ଜମା କରି ପାରିବେ ।

# ଓଡ଼ିଆ ଚଳଚ୍ଚିତ୍ର

## ପୁରସ୍କାର ପ୍ରଦାନ ଉତ୍ସବ : ଏକ ସମୀକ୍ଷା

ଶ୍ରୀ ଅଶୋକ ତ୍ରି

୧୯୭୬ ଅପ୍ରେଲ ୨୨ ତାରିଖ ସନ୍ଧ୍ୟା । ଭୁବନେଶ୍ୱର-ସ୍ଥିତ ରବୀନ୍ଦ୍ର ମଣ୍ଡପ ଠାରେ ବହୁ ଓଡ଼ିଆ ଚଳଚ୍ଚିତ୍ର ଅଭିନେତା, ଅଭିନେତ୍ରୀ, ପ୍ରଯୋଜକ, ନିର୍ଦ୍ଦେଶକ ତଥା ସଙ୍ଗୀତ ନିର୍ଦ୍ଦେଶକମାନଙ୍କର ବିରଳ ସମାବେଶ । ବାହାରୁ ଦେଖିଲେ ମନେ ହେବ ଯେପରି କୌଣସି ଓଡ଼ିଆ ଫିଲ୍ମର ସୁଟିଂ ଚାଲିଛି । କିନ୍ତୁ ପ୍ରକୃତରେ ତା ନୁହେଁ । ସେ ଦିନ ଥିଲା ତୃତୀୟ ଓଡ଼ିଆ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ ଉତ୍ସବ । ରାଜ୍ୟ ସାଂସ୍କୃତିକ ବ୍ୟାପାର ବିଭାଗ ତରଫରୁ ଏଭଳି ଏକ ଉତ୍ସବର ଆୟୋଜନ କରାଯାଇଥିଲା । ପୂର୍ବତନ ମୁଖ୍ୟମନ୍ତ୍ରୀ ଓ ସାଂସ୍କୃତିକ ବ୍ୟାପାର ବିଭାଗର ରାଷ୍ଟ୍ରମନ୍ତ୍ରୀ ଏବଂ ରାଜ୍ୟ ସାଂସ୍କୃତିକ ବ୍ୟାପାର ବିଭାଗ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏହି ଉତ୍ସବଟି ଆରମ୍ଭ ହୋଇଥିଲା । ଉକ୍ତ ଉତ୍ସବରେ ଶ୍ରେଷ୍ଠ ଚଳଚ୍ଚିତ୍ର ନିର୍ଦ୍ଦେଶକ ରୂପେ ଶ୍ରୀ ବ୍ୟୋମକେଶ ତ୍ରିପାଠୀଙ୍କୁ, ଶ୍ରେଷ୍ଠ ଅଭିନେତା ରୂପେ, ଶ୍ରୀ ପ୍ରଶାନ୍ତ ନନ୍ଦଙ୍କୁ; ଶ୍ରେଷ୍ଠ ଅଭିନେତ୍ରୀ ରୂପେ ଶ୍ରୀମତୀ ବନଜା ମହାନ୍ତି ଏବଂ ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ରୂପେ ଶ୍ରୀ ପ୍ରଫୁଲ୍ଲ କରଙ୍କୁ ପ୍ରମାଣପତ୍ର ଓ ନଗଦ ୧,୦୦୦ ଟଙ୍କା ଲେଖାଏଁ ପୁରସ୍କାର ଦିଆଯାଇଥିଲା । ଏହା ବ୍ୟତୀତ ଓଡ଼ିଆ ଛବି ମମତାର ପ୍ରଯୋଜକଙ୍କୁ ଶ୍ରେଷ୍ଠ ନିର୍ମାତା ରୂପେ ପ୍ରମାଣପତ୍ର ସହ ୪,୦୦୦ ନଗଦ ପୁରସ୍କାର ଦିଆଯାଇଥିଲା ।

ଏ ଧରଣର ଓଡ଼ିଆ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ ବ୍ୟବସ୍ଥା ୧୯୭୩ ଜୁନ ୨୭ ତାରିଖରେ ରାଜ୍ୟରେ ପ୍ରଥମ ଥର ପାଇଁ ଆରମ୍ଭ ହୋଇଥିଲା । ଏହି ଉତ୍ସବରେ ଓଡ଼ିଆ ଛବି 'ଅଦିନ ମେଘ'ର ନିର୍ମାତା ଶ୍ରୀ ରାଜୁ... ଘୋଷଙ୍କୁ ଶ୍ରେଷ୍ଠ ନିର୍ମାତା ରୂପେ "ବନ୍ଧନ" ଛବି... ନିର୍ଦ୍ଦେଶକ ଶ୍ରୀ ନିତାଇ ପାଲିତଙ୍କୁ ଶ୍ରେଷ୍ଠ ନିର୍ଦ୍ଦେଶକ ରୂ... ଏବଂ ଏହି ଛବିର ଅଭିନେତା ଅଭିନେତ୍ରୀ ଶ୍ରୀ ସାମୁ... ସାହୁ ଓ ଶ୍ରୀମତୀ ଝରଣା ଦାସଙ୍କୁ ଶ୍ରେଷ୍ଠ ଅଭି... ଓ ଅଭିନେତ୍ରୀ ରୂପେ ପୁରସ୍କୃତ କରାଯାଇଥିଲା । ଓ... ଚଳଚ୍ଚିତ୍ର ଶିଳ୍ପର ବିକାଶ ନିମନ୍ତେ ଏହା ବିଶେଷ ପ୍ରେର... ଯୋଗାଇଥିଲା । ଦ୍ୱିତୀୟ ଓଡ଼ିଆ ଚଳଚ୍ଚିତ୍ର ପୁରସ୍କାର... ଉତ୍ସବ ୧୯୭୩ରେ ଅନୁଷ୍ଠିତ ହୋଇଥିଲା । ଏହି ଉତ୍ସ... "ଧରିତ୍ରୀ" "ମନଆକାଶ" ଓ "ଘରସଂସାର" ଛବି... ପୁରସ୍କୃତ ହୋଇଥିଲା । ଏହା ବ୍ୟତୀତ ପ୍ରା... ଚଳଚ୍ଚିତ୍ର "ମା ଓ ଶିଶୁ" ମଧ୍ୟ ପୁରସ୍କୃତ ହୋଇଥିଲ...

ରାଜ୍ୟ ସରକାରଙ୍କ ତରଫରୁ ଏ ଧରଣର ପୁରସ୍କାର... ପ୍ରଦାନ ବ୍ୟବସ୍ଥା ପ୍ରବର୍ତ୍ତନ ପରଠାରୁ, ଓଡ଼ିଆ ଚଳ... ନିର୍ମାଣ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ଦେ... ଦେଖାଯାଉଛି । ସୁଖର କଥା ପୂର୍ବ ବର୍ଷଗୁଡ଼ିକ ତୁଳନାରେ କ୍ରମଶଃ ଓଡ଼ିଆ ଚଳଚ୍ଚିତ୍ର ନିର୍ମାଣ ହାର ଓ ପ୍ର... ମାନ ବୃଦ୍ଧି ପାଇବାରେ ଲାଗିଛି । ଯା ଫଳରେ ... ନୂଆ ନୂଆ ଓଡ଼ିଆ ଚଳଚ୍ଚିତ୍ର ମୁକ୍ତିଲାଭ କରୁଛି ଓ ... କେତେକ ଚଳଚ୍ଚିତ୍ର ନିକଟ ଭବିଷ୍ୟତରେ ମୁକ୍ତି... କରିବାର ସମ୍ଭାବନା ଅଛି । ଏଣୁ ଭାରତୀୟ ... ଆନ୍ତର୍ଜାତିକ ସ୍ତରରେ ଓଡ଼ିଆ ଚଳଚ୍ଚିତ୍ର ଯେ ଦିନେ ... ସ୍ଥାନ ଅଧିକାର କରିବ ଏଥିରେ ସନ୍ଦେହର ଅବ... ନାହିଁ ।

# ଧାନ ଓ ଚାଉଳ ଉପରେ ଜଳକଣାର ପ୍ରଭାବ

ଆଦ୍ୟ ମୌସୁମୀର ପ୍ରଥମ ବାତ୍ୟେଣା ମଣିଷ ମନରେ ଆଶା ଓ ଆନନ୍ଦର ଚମକ ଭରିଦିଏ—ବୃଷ୍ଟି ଯୋଗୁଁ ସୃଷ୍ଟି ହୁଏ ଶସ୍ୟ—ପୃଥିବୀ ହୁଏ ଶ୍ୟାମଳ ସ୍ନିଗ୍ଧ—ସେହି ଜଳକଣା ଯାହାକୁ ଶସ୍ୟରେ ରୂପାନ୍ତରିତ କରେ ସେ ଯଦି ଧାନ ଚାଉଳ ସହିତ ଦୀର୍ଘ ସମୟ ସଂଯୁକ୍ତ ରହେ ତେବେ ତାର ପ୍ରଭାବରେ ଖାଦ୍ୟ ହୁଏ ଦୋଷଯୁକ୍ତ—ଅସାଧୁ ବ୍ୟବସାୟୀମାନେ ଧାନ ଚାଉଳର ଓଜନ ବଢ଼ାଇବାପାଇଁ ଜଳ ସିଞ୍ଚନ କରନ୍ତି କିନ୍ତୁ ସେମାନେ କ'ଣ ଜାଣିଛନ୍ତି ତାର ପରିଣାମ ?

ଶ୍ରୀ ମହେନ୍ଦ୍ର କୁମାର ଦାସ

ଆମ ଦେଶରେ ବର୍ଷକୁ ୯.୩୩ ଲକ୍ଷ ଟନ୍ ଖାଦ୍ୟ ଶସ୍ୟ ବିଭିନ୍ନ କାରଣରୁ ନଷ୍ଟ ହୋଇ ଥାଏ। ସେଥିରୁ କେବଳ ଜଳକଣାର କୁପ୍ରଭାବରେ ୦.୨୮ ଲକ୍ଷ ଟନ୍ ଖାଦ୍ୟ ଶସ୍ୟ ନଷ୍ଟ ହୁଏ।

ସାଧାରଣତଃ ଶୀତଋତୁରେ ଆମଦେଶର କୃଷୀମାନେ ଧାନ ଅମଳ କରନ୍ତି। ଧାନଶସ୍ୟରେ ୨୦%ରୁ ୨୨% ଜଳକଣା ରହିଥିବା ବେଳେ ଧାନ ଅମଳ କରାଯାଏ। ଧାନ ଶସ୍ୟରେ ୧୨%ରୁ ୧୪% ଜଳକଣା ରହିଥିବା ସମୟରେ ଉକ୍ତ ଶସ୍ୟକୁ ସଂରକ୍ଷଣ କରାଯାଇ ପାରେ। କିନ୍ତୁ ନିରାପଦ ସଂରକ୍ଷଣ ପାଇଁ ଧାନ ଶସ୍ୟରେ ଜଳକଣାର ପରିମାଣ ୧୧.୩% ହେବା ଉଚିତ। ବ୍ୟାପାରିକ ବାଣିଜ୍ୟ ଦୃଷ୍ଟିକୋଣରୁ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡ ଇନଷ୍ଟିଚ୍ୟୁସନ ଧାନ ଓ ଚାଉଳରେ ସର୍ବୋଚ୍ଚ ଜଳକଣାର ପରିମାଣ ୧୫% ପର୍ଯ୍ୟନ୍ତ ସ୍ଥିର କରିଛନ୍ତି। ଧାନରେ ୧୭% ଜଳକଣା ଓ ଚାଉଳରେ ୧୬% ଜଳକଣାରୁ ଅଧିକ ହେଲେ ତାହା କ୍ରୟ କରାଯାଇ ପାରିବ ନାହିଁ।

କିନ୍ତୁ ଆମଦେଶର କୃଷୀ, ବ୍ୟବସାୟୀ, ଚାଉଳ ମିଲ ଓ ଚାଉଳ କଳ ମାଲିକମାନେ ସାଧାରଣତଃ ଜଳକଣା ପ୍ରତି ବିଶେଷ ଗୁରୁତ୍ୱ ଦେଇ ନ ଥାନ୍ତି। ଅନେକ କ୍ଷେତ୍ରରେ ଅସାଧୁ ବ୍ୟବସାୟୀମାନେ ତଥା କୃଷକମାନେ ଶୁଖିଲା ଧାନରେ ଜଳ ଢାଳି ଅଧିକ ଲାଭ ଆଶାରେ ବିକ୍ରୟ କରିଥାନ୍ତି। ଚାଉଳ କଳ ମାଲିକମାନେ କ୍ରୟ ଧାନ, ଚାଉଳ ବେପାରୀମାନଙ୍କର ଅଧିକ ଜଳକଣାଯୁକ୍ତ ସିଝାଧାନ ପେଶାଇ ଦେବା ଫଳରେ ବଜାରକୁ ଜଳକଣା ଯୁକ୍ତ ଚାଉଳ ଆସିଥାଏ। ସେଇଭଳି ବୃଦ୍ଧି ଶାନ୍ତ ଚାଉଳ କଳ ମାଲିକମାନେ ଅଧିକ ଲାଭ ଆଶାରେ ଜଳକଣାଯୁକ୍ତ ସିଝାଧାନ ପେଶାଇ ଚାଉଳ ତିଆରି କରନ୍ତି। ସେପରି ଉଷୁନା ପ୍ରସ୍ତୁତ ଚାଉଳରେ ଅଧିକ ଜଳକଣା ରହିଯାଇଥାଏ। ଧାନ ସମେତ ସମସ୍ତ ଶସ୍ୟ ଜୀବ ଜାତୀୟ ପଦାର୍ଥ। ପ୍ରାଣୀ ଓ ଉଦ୍ଭିଦ ଜଗତରେ ଯେପରି ଶ୍ୱାସକ୍ରିୟା ସଂଘଟିତ ହୁଏ ଧାନ ମଧ୍ୟ ସେହିପରି ଅମ୍ଳଜାନ ଗ୍ରହଣ କରି ଅଙ୍ଗାରାମ୍ଳଜାନ ତ୍ୟାଗ କରିଥାଏ। ଧାନରେ ଜଳକଣାର ପରିମାଣ ଅଧିକ ହେଲେ ଶ୍ୱାସ ଗ୍ରହଣ ଦ୍ରୁତ ଓ ଶିଘ୍ର ହୋଇଥାଏ। ଫଳତଃ ଉତ୍ତାପ ଉତ୍ପନ୍ନ ହୁଏ। ସାଧାରଣତଃ କ୍ରୟ କେନ୍ଦ୍ରମାନଙ୍କରେ ଧାନ ଖରିଦ କରାଯାଇ ଗୋଟିଏ ସ୍ଥାନରେ ଢାଳି ରଖାହୁଏ। କ୍ରେତା ଅଜ୍ଞତା ବଶତଃ ଶୁଖିଲା ଧାନ ସଙ୍ଗେ ଓଦା ଧାନ ମଧ୍ୟ ଢାଳି ଦେଇଥାଏ। ଫଳତଃ ଜଳକଣାଯୁକ୍ତ ଧାନର ପରିମାଣ ଅଳ୍ପ ହେଲେ ମଧ୍ୟ ସେ ସଂପୂର୍ଣ୍ଣ ଧାନ କାଣ୍ଡିକୁ ତାହାର କୁପ୍ରଭାବରୁ ବଞ୍ଚାଇବାକୁ ଅକ୍ଷମ ହୁଏ। କାରଣ ଜଳକଣାଯୁକ୍ତ ଧାନର ଦ୍ରୁତ ଶ୍ୱାସକ୍ରିୟା ଫଳରେ ଉତ୍ତାପ ସୃଷ୍ଟି ହୁଏ। ଉତ୍ତାପ ବାୟୁ ସଂଚରଣ କ୍ଷିପ୍ରତର କରେ। ଉତ୍ତପ୍ତ ବାୟୁ ଜଳକଣା ବହନକରି ଅପେକ୍ଷାକୃତ ଶୀତଳ ଅଞ୍ଚଳକୁ ସଂଚରିତ ହେବାଫଳରେ ଶୀତଳ ଅଞ୍ଚଳର ଜଳକଣା ଅଧିକ ଶୀତଳହୋଇ ଶସ୍ୟରେ ଜଳକଣାର ପରିମାଣ ବୃଦ୍ଧି ହୁଏ। ଶସ୍ୟର ଦ୍ରୁତ ଶ୍ୱାସକ୍ରିୟା ଫଳରେ ଶୀତଳ ଅଞ୍ଚଳ ମଧ୍ୟ ଉଷ୍ଣ ଅଞ୍ଚଳରେ ପରିଣତ ହୁଏ। ସମୟ ସମୟରେ ୧୨% ଆର୍ଦ୍ରତା ବିଶିଷ୍ଟ ଧାନ କାଣ୍ଡିରେ ଅଳ୍ପ ପରିମାଣରେ ଅଧିକ ଆର୍ଦ୍ରତା ବିଶିଷ୍ଟ ଧାନ ମିଶିଲେ ତାହା ହ୍ରାସ ହାରି ୧୮%ରୁ ୨୦% ଆର୍ଦ୍ରତା ବିଶିଷ୍ଟ ଧାନକାଣ୍ଡିରେ ପରିଣତ ହୁଏ।

ଧାନ ଓ ଗହମରେ ଅଧିକ ପରିମାଣରେ ଜଳକଣା ବା ଆର୍ଦ୍ରତା ରହିଲେ ଉତ୍ତାପ ସୃଷ୍ଟି ହୁଏ । ଏହି ଉତ୍ତାପ ବିଭିନ୍ନ ପ୍ରକାରର ଶସ୍ୟ-ଭକ୍ଷୀ କୀଟ ସୃଷ୍ଟିରେ ପରମ ସହାୟକ ହୁଏ । ଧାନରେ ସାଧାରଣତଃ ଧାନପୋକ ( କର୍ସିଆର ସେଫାଲୋନିକା ) Corcyra cephalonica ଓ ଗହମରେ ଉକୁଣିଆ ପୋକ (ରାଇଜୋପାର୍ଥା ଡୋମିନିକା) Rhizopertha dominica, ଘୋଡା– ମୁହାଁ ପୋକ (ସାଇଟୋଫିଲସ ଓରାଇଜା) Sitophilus Oryzae, ଓ ଖପରା ପୋକ ( ଟ୍ରୋଗୋଡର୍ମା ଗ୍ରାନାରିଅମ୍ ) Trogoderma Granarium ଆଦି ଅନିଷ୍ଟକାରୀ କୀଟ ସୃଷ୍ଟି ହୁଅନ୍ତି । ଏମାନେ ଧାନ ଓ ଗହମକୁ କଣା କରି ଶସ୍ୟ ଭକ୍ଷଣ କରିବା ସଙ୍ଗେ ସଙ୍ଗେ ତାଙ୍କର ମଳ ମୂତ୍ର, ଚମ ଓ ମୃତାବଶେଷରେ ଖାଦ୍ୟ ଶସ୍ୟକୁ ଯଥେଷ୍ଟ ପରିମାଣରେ ଦୂଷିତ କରି ଥାଆନ୍ତି । ପରି ସଂଖ୍ୟାନ ରୁ ଜଣା ଯାଇଛି କେବଳ ପୋକ ମାନଙ୍କ ଦ୍ୱାରା ଆମ ଦେଶରେ ବର୍ଷକୁ ୨୫୫ ମିଲିଅନ୍ ଟନ୍ ଖାଦ୍ୟ-ଶସ୍ୟ ନଷ୍ଟ ହୁଏ । କୀଟଦ୍ରଷ୍ଟ ଖାଦ୍ୟ ଶସ୍ୟ ଭକ୍ଷଣ କଲେ ଆମକୁ ବିଭିନ୍ନ ପ୍ରକାରର ପାକସ୍ଥଳି ଜନିତ ରୋଗ ମଧ୍ୟ ହୁଏ । କୀଟଙ୍କୁ ଛାଡ଼ି ଦେଲେ ଅଧିକ ଜଳକଣା ଯୁକ୍ତ ଖାଦ୍ୟ ଶସ୍ୟରେ ମାଇଟ୍ (Mite) ନାମକ ଏକ ପ୍ରକାର କ୍ଷୁଦ୍ରାତିକ୍ଷୁଦ୍ର ସ୍ୱଚ୍ଛ ଜୀବାଣୁ ସୃଷ୍ଟି ହୁଅନ୍ତି । ସେମାନଙ୍କୁ ଖାଲି ଆଖିରେ ଦେଖିବା କଷ୍ଟକର । ଅଧିକ ଶକ୍ତି ସମ୍ପନ୍ନ କାଚ ବା ଅଣୁବିକ୍ଷଣ ଯନ୍ତ୍ର ସାହାଯ୍ୟରେ ମାଇଟସ୍ ମାନଙ୍କୁ ଦେଖା ଯାଇ ପାରେ । ପାକସ୍ଥଳୀ ଓ କ୍ଷୁଦ୍ରାନ୍ତର ନାନା ପ୍ରକାରର ରୋଗ ଚର୍ମରୋଗ ଓ ଚକ୍ଷୁ-ରୋଗର କାରଣ ସ୍ୱରୂପ ପାଇଟସ୍ ଦୂଷିତ ଖାଦ୍ୟଶସ୍ୟକୁ ଧରି ଯାଇଅଛି । ମାଇଟ୍ସ ମାନଙ୍କ ମଧ୍ୟରେ ଟ୍ରାଫାଗସ୍ ପୁଟ୍ରେ ସେଣ୍ଟାଇଜ୍ (TraphagusPutres centiae), ଆକାରସ ସ୍ପାଇରୋ (Acarus Spiro) ଓ ଗ୍ଲାଇ...ଫେଗସ୍ ଡେଷ୍ଟ୍ରକ୍ଟର ( Glacyophagus Destructor) ଆଦି ମାଇଟ୍ସ ଅଧିକ ଅନିଷ୍ଟ କାରୀ ।

ଅଧିକ ଜଳକଣା ଯୁକ୍ତ ଖାଦ୍ୟ ଶସ୍ୟ ପିଠାଗୁଡ଼ି ହୋଇ ଯାଏ ଏବଂ ଶସ୍ୟର ପ୍ରାକୃତିକ ରଙ୍ଗ ପରିବର୍ତ୍ତିତ ହୋଇ ଯାଏ । ତହିଁରେ ଫିମି (... Moulds, ଫଙ୍ଗାଇ(Fungi), ଜୀବାଣୁ(Bacteria) ଓ ଇଷ୍ଟ (Yeast) ଆଦି ସୃଷ୍ଟି ହୁଏ । ଫଳରେ ... ଶସ୍ୟରେ ଆଫ୍ଲୋଟକ୍ସିନ (Aflotoxin) ଅଇଲାଣ୍ଡୋ ଟକ୍ସିନ (Islando toxin) ଆଦି ବିଷର ... ହୋଇ ଥାଏ ।

ଏହି ବିଷରୁ ଅଲଟର ନେରିଆ (Alternaria) ଫ୍ୟୁଜାରିଅମ୍ Fusarium), ଅସ୍ପରି ଜିଲସ (Asperigillus), ହାଲ ମିନ୍ଥେ ସ୍ପୋରିଅମ୍ (Helninthe sporium), କ୍ଲୋରେଡୋ ସ୍ପୋରିଅମ୍ (Chlosodo sporium), ପି: ଆଇଲାଣ୍ଡିଅମ୍ (P. Islandium), ରସୋପସ (Rhosopus) ଆଦି ବିଭିନ୍ନ ଜାତିର ଫଙ୍ଗାଇ ସୃଷ୍ଟି ହୁଅନ୍ତି । ... ଶସ୍ୟରୁ ଉତ୍କଟ ଗନ୍ଧ ବାହାରେ । ଅବଶେଷରେ ... ଅଖାଦ୍ୟ ରେ ପରିଣତ ହୁଏ ।

ଜଳକଣା କାରଣରୁ ଖାଦ୍ୟ ଶସ୍ୟରେ ପୋକ, ମାଇଟ୍ସ, ଫଙ୍ଗାଇ ଓ ଫିମି ଆଦି ସୃଷ୍ଟି ହେବା ଫଳରେ ... ଅମ୍ଳଜାନର ପରିମାଣ ହ୍ରାସ ହୋଇ ଯାଏ । ଫଳରେ ... ବୀଜ ତାହାର ଅଙ୍କୁରୋଦ୍‌ଗମ୍ କ୍ଷମତା ହରାଇ ବସେ ... ଉପରୋକ୍ତ କାରଣରୁ ମଧ୍ୟ ଖାଦ୍ୟଶସ୍ୟ ଖାଦ୍ୟସାର (Vitamins) ବିହୀନ ହୋଇ ଥାଏ ।

ଖାଦ୍ୟ-ଶସ୍ୟରେ ଆର୍ଦ୍ରତାର ପରିମାଣ ତଥା ସଂରକ୍ଷିତ ଖାଦ୍ୟ-ଶସ୍ୟର ପରିଣତି ସମ୍ବନ୍ଧୀୟ ଏକ ଚାର୍ଟ ନିମ୍ନରେ ପ୍ରଦତ୍ତ ହେଲା ।

| ଖାଦ୍ୟ-ଶସ୍ୟରେ ଆର୍ଦ୍ରତାର ପରିମାଣ (ରୁମ ଟେମ୍ପରେଚର ୨୫୦ ସେଣ୍ଟିଗ୍ରେଡ୍‌ରୁ ୩୫୦ ସେଣ୍ଟିଗ୍ରେଡ ମଧ୍ୟରେ) | | ସଂରକ୍ଷିତ ଖାଦ୍ୟ-ଶସ୍ୟର ପରିଣତି |
|---|---|---|
| (୧) | | (୨) |
| ୧। ୮% | | |
| ୨। ୧୧% ରୁ ୧୪% ମଧ୍ୟରେ | .. | ପୋକ ସୃଷ୍ଟିର ଅନୁକୂଳ ନୁହେଁ |
| | .. | ଉକୁଣିଆ ପୋକ, ଘୋଡାମୁହା ପୋକ ଧାନ ପୋକ ... ସୃଷ୍ଟି ହୁଅନ୍ତି । |
| ୩। ୧୪%ରୁ ଊର୍ଦ୍ଧ୍ୱ ୧୮% ମଧ୍ୟରେ | ... | ଶସ୍ୟରେ ଉତ୍ତାପର ପରିମାଣ ବଢ଼ିଯାଏ ... ଫିମି ବଢ଼ନ୍ତି । ଶସ୍ୟର ରଙ୍ଗ ପରିବର୍ତ୍ତନ ହୁଏ । |
| ୪। ୧୮%ରୁ ଊର୍ଦ୍ଧ୍ୱ ୨୦% ମଧ୍ୟରେ | ... | ଶସ୍ୟ ପିଠା ପରି ହୋଇ ଯାଏ । ଇଷ୍ଟ ଓ ବ୍ୟାକ୍ଟେରିଆ ... ବଢ଼ନ୍ତି । ଶସ୍ୟ ପଚି ଯାଏ । |

ଆମ ଯଦି ଏବେ ମାତ୍ର ଚିନ୍ତା କରନ୍ତେ ଅଦର ଅଧିକତା ଯୋଗୁଁ ଆମେ ଆର୍ଦ୍ରତା ର ଜଳକଣା ର ପ୍ରଭାବ ଦ୍ୱାରା ଏପରି ଭାବରେ ଶିକାର ହେଉଛନ୍ତି ତେବେ ଜଳକଣା କମିବ ? ଦିନ ପରିମାଣ ଯଥେଷ୍ଟ ପରିମାଣରେ ହ୍ରାସ ହୋଇ ପାରନ୍ତା, ଏଥିରେ ସନ୍ଦେହର ତିଳେ ମାତ୍ର ହେବାର ନାହିଁ । ଧାନ ଅମଳ ପରେ ଧାନକୁ ଭଲ ଭାବରେ ଓଦାରେ ସୂର୍ଯ୍ୟକିରଣରେ ଶୁଖାଇ ମରେଇ, ଗୋଲ, ଧାନ ବା ଓଳିଅରେ ସାଇତି ରଖିବା ଉଚିତ । ଧାନ କ୍ରୟ କେନ୍ଦ୍ର ମାନଙ୍କରେ କ୍ରେତା ସାବଧାନତା ଅବଲମ୍ବନ କଲେ ଶୁଖିଲା ଧାନରେ ଓଦା ଧାନ ଆଦୌ ମିଶି ପାରିବେ ନାହିଁ । ଧାନ କିଣିବା ପୂର୍ବରୁ ଦାନ୍ତ ସାହା-ଯ୍ୟରେ ଆର୍ଦ୍ରତା ପରୀକ୍ଷା କରାଯାଇ ପାରିବ । ଆର୍ଦ୍ରତା-ପରିମାପକ-ଯନ୍ତ୍ର ସାହାଯ୍ୟରେ ଆର୍ଦ୍ରତାର ପରିମାଣ ନିର୍ଭୁଲ ଭାବେ ନିର୍ଣ୍ଣୟ କରାଯାଇ ଏଫ୍: ଏ: କ୍ୟୁ ଷ୍ଟାଣ୍ଡାର୍ଡର ଧାନ କ୍ରୟ କରାଯାଇ ପାରିବ । କ୍ରୟ କେନ୍ଦ୍ରରୁ ଧାନ ମିଲକୁ ପହଞ୍ଚାଇ ଅଣିବାପରେ ମିଲ୍‌ର ଚତାଳରେ ଧାନକୁ ସୂର୍ଯ୍ୟ-କିରଣରେ ଶୁଖାଇ ତାପରେ ବସ୍ତାରେ ପୂରାଇ ରଖିବା ଉଚିତ । ସିଝାଧାନ ପେଣିବା ପୂର୍ବରୁ ଆର୍ଦ୍ରତା-ପରିମାପକ-ଯନ୍ତ୍ର ନ ଥିଲେ ଅନ୍ତତଃ ଦାନ୍ତ ସାହାଯ୍ୟରେ ଆର୍ଦ୍ରତାର ପରିମାଣ ଅନୁମାନ କରି ପେଣିଲେ ଚାଉଳରେ ଅତ୍ୟଧିକ ଭଙ୍ଗା ଉଚିତ ନାହିଁ । ଚାଉଳ ତିଆରି ହେବାପରେ ବସ୍ତାରେ ପୂରାଇ ରଖିବା ପୂର୍ବରୁ ଚୋଦାମରେ ଚାଉଳକୁ ଖୋଲାଇ ଦେଇ ଖୁବ୍ କମରେ ୪୮ ଘଣ୍ଟା ଧରି ବାରମ୍ବାର ଓଲଟ ପାଲଟ କଲେ ଚାଉଳରେ ଜଳକଣାର ପରିମାଣ ହ୍ରାସ ହୋଇଯିବ । ହଲର ମାଲିକମାନେ ଖୁଚୁରା ଧାନ ଚାଉଳ ବେପାରି ମାନଙ୍କୁ ସାବଧାନ କରାଇ ଦେଲେ ସେମାନେ ଅଧିକ ଜଳକଣା ଯୁକ୍ତ ସିଝାଧାନ ପେଣାଇବାକୁ ଆସିବେ ନାହିଁ । ଜଳକଣା କମିଗଲେ ଚାଉଳରେ ଖୁଦର ପରିମାଣ ଅଧିକ ହୋଇପାରେ । ଏହା ବ୍ୟବସାୟ ଦୃଷ୍ଟିରୁ ଲାଭଜନକ ନୁହେଁ । ମାତ୍ର ଜଳକଣା ଯୁକ୍ତ ଖାଦ୍ୟ ଶସ୍ୟ ଯେ ଜାତୀୟ ସ୍ୱାର୍ଥର ପରିପନ୍ଥୀ ଏକଥା ଆମର ଚିନ୍ତା କରିବା ଉଚିତ ନୁହେଁ କି ? ଜଳକଣା ଯୁକ୍ତ ଧାନ ଚାଉଳ କ୍ରୟ କରି ସାଇତି ରଖିଲେ ବା ଆର୍ଦ୍ରତାର ପରିମାଣ ଅଧିକ ରଖି ଚାଉଳ ତିଆରି କରି ସାଇତି ରଖିଲେ ତାହା ଅନିଷ୍ଟ କାରୀ କୀଟ ଦଂଷ୍ଟ୍ର ହେବା ସଂଗେ ସଂଗେ ୪ । ୬ ମାସ ମଧ୍ୟରେ କୁଇଣ୍ଟାଲ ପ୍ରତି ୩ରୁ ୪ କିଲୋଗ୍ରାମ ଯାଏ ଓଜନ ହରାଇ ଥାଏ । ଆମ ରାଜ୍ୟର ଚାଷୀ, ଧାନ ବ୍ୟବସାୟୀ, ଚାଉଳ କଳ ମାଲିକ, ଖୁଚୁରା ଧାନ ବେପାରୀ ଓ ହଲର ମାଲିକମାନେ ନିଜର ଦୃଷ୍ଟିକୋଣ ବଦଳାଇ ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ ଧାନ ଚାଉଳରେ ଆର୍ଦ୍ରତା କମାଇବାକୁ ଚେଷ୍ଟା କରିବା ଉଚିତ ।

ଯୋଗାଣ ନିରୀକ୍ଷକ, କଟକ



# ସୁନା, ସୁନା ଆହୁରି ସୁନା

ଆମ ଶାସ୍ତ୍ର କହେ, ସତ୍ୟ ମୁହଁରେ ସୁନାର ଢାଙ୍କୁଣି ପଡ଼ି- କଥାଟି ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ—ଆଧ୍ୟାତ୍ମିକ ସାଧନା କ୍ଷେତ୍ରରେ ଏକ ଉତ୍କଟ ପ୍ରତିବନ୍ଧକ—ଲୋଭ କେବଳ ସେ ତତ୍ତ୍ୱକୁ ଅନ୍ଧ କରି ଦେଇଥାଏ ତାହା ନୁହେଁ, ଏବେ ମଧ୍ୟ ଆମର ମୁହୂର୍ତ୍ତରେ ସେ ଆମ ମନରେ କାଞ୍ଚନ ବା କାମିନୀର ମାୟା କରୁଛୁ—କିନ୍ତୁ ତେଲ୍ ଲୁଣରେ ସଂସାରରେ ସୁନାର ମାୟା ସମ୍ପୂର୍ଣ୍ଣ ତ୍ୟାଗ କରି ହେବ—ଅନ୍ତତଃ ଚେଷ୍ଟା କରିବାକୁ ହେବ ଏକ ସ୍ୱର୍ଣ୍ଣୋଜ୍ଜ୍ୱଳ ଯୁଗର ସାର୍ଥକ ଦାୟାଦ ହେବାପାଇଁ—ସେହି ସ୍ୱର୍ଣ୍ଣାଭ କରିବାକୁ ହେବ—ରାଜା ମିଡାସ ପରି ବର୍ଦ୍ଧିନଗରକୁ ସ୍ୱର୍ଣ୍ଣରେ ରୂପାନ୍ତରିତ ନକରି ନିଜ ଭିତରେ ନିଜକୁ ଛୁଇଁ ଛୁଇଁ ବଦଳାଇବାକୁ ହେବ ନିଜର ପ୍ରବୃତ୍ତି, ନିଜର ଆଶା ଆକାଂକ୍ଷା ଓ ଭାବନାସମୂହ।

ମହାପାତ୍ର ନୀଳମଣି ସାହୁ

ବିଷ୍ଣୁପୁରର ଜମିଦାର ବିଘ୍ନରାଜ ଚୌଧୁରୀଙ୍କ ବଡ଼ ଝିଅ ଯେତେବେଳେ ବାହା ହୋଇଥିଲା—ସେତେବେଳେ ତାକୁ ଶହେ ଭରି ସୁନାର ଅଳଙ୍କାରରେ ବିଭୂଷିତ କରି ବେଦୀକୁ ଅଣାଯାଇଥିଲା । ତାର ପିନ୍ଧା ପାଟରେ ମଧ୍ୟ ସୁନାର ଜରୀକାମ ହୋଇଥିଲା ବୋଲି ଜନରବ ଆଜିବି ରହିଛି । ଚଉଧୁରୀ ତାଙ୍କ ଜ୍ୱାଇଁକୁ ମଧ୍ୟ ସୁନା ଚଷମା, ସୁନାଘଡ଼ି, ସୁନା ଚେନ୍ ଓ ଦଶ ଆଙ୍ଗୁଠିକୁ ଦଶଟି ସୁନାମୁଦୀ ଉପହାର ଦେଇଥିଲେ ।

ରାଧାଶ୍ୟାମ ପାଟଣାର ରାଜକିଶୋର ପଟନାୟକଙ୍କ ସାନବୋହୂ କୁଆଡ଼େ ସୁନାର ଖୋଳ ଭିତରେ ପଶିକରି ଆସିଥିଲା । ବୋହୂର ସ୍ୱର୍ଣ୍ଣାଳଙ୍କାର ମାନ ପେଟ୍ରୋମାକ୍ସ ଓ ଗ୍ୟାସ୍ ଆଲୁଅରେ ଏତେ ଜାଜ୍ୱଲ୍ୟମାନ ହୋଇ ଉଠିଥିଲା ଯେ ସେ ରାତିରେ ନିଜେ ଶଶୁର ମଧ୍ୟ ବୋହୂର ମୁଖ ଚନ୍ଦ୍ର-ମାଟିକୁ ଭଲ କରି ଦେଖି ପାରିନଥିଲେ । ଦେଖେଣାହାରୀଙ୍କ ଆଖି ଝଲକା ହୋଇ ଯାଇଥିଲା । ଲୋକେ କହିଲେ—ରାଜୁବାବୁଙ୍କ ସାନବୋହୂ ସୁନାଖଣିରେ ଜନ୍ମ ହୋଇଥିଲା ।

ସେକାଳେ ଚଉଧୁରୀଙ୍କ ବଡ଼ଝିଅ ଏବଂ ପଟନାୟକଙ୍କ ସାନବୋହୂ ମାନେ ଆଜି ପର୍ଯ୍ୟନ୍ତ ମଧ୍ୟ ଗାଁ ଗହଳରେ ଲୋକଙ୍କ ମନ ଭିତରେ ସ୍ୱର୍ଣ୍ଣାଢ୍ୟ ସ୍ମୃତି ହୋଇ ରହିଛନ୍ତି । ସେମିତି ମଧ୍ୟ ମଧ୍ୟ ଯୁଗର ରାଜକୁମାରୀମାନେ ସୁନାର ଲୀଳାପଦ୍ମ ଅଥବା ସ୍ୱର୍ଣ୍ଣକନ୍ଦୁକ ନେଇ ରମଣୀୟ କ୍ରୀଡ଼ା କରିବା ବିଷୟଟି ସମସ୍ତଙ୍କ ରୋମାଣ୍ଟିକ୍ ଚେତନାରେ ଲାଖିରହିଛି ।

କିଛି ବର୍ଷ ତଳର ଘଟଣା । ଦକ୍ଷିଣ ଓଡ଼ିଶାର ଗୋଟିଏ କ୍ଷୁଦ୍ର ସହର । ଦିନେ ଗୋଟିଏ ନଅବର୍ଷର ଝିଅ ସନ୍ଧ୍ୟା ସୁଦ୍ଧା ଘରକୁ ନଫେରିବାରୁ ପରିବାରର ଲୋକେ ଚିନ୍ତିତ ଓ ବ୍ୟସ୍ତ ବିବ୍ରତ ହୋଇ ପଡ଼ିଥିଲେ । ରାତି ପ୍ରାୟ ଦଶଟା ବେଳକୁ ଲୋକେ ଆଲୁଅ ଧରି ଝିଅଟିକୁ ଖୋଜୁ ଖୋଜୁ ଗୋଟିଏ ବଡ଼ ପୋଖରୀ ହୁଡ଼ା ଉପରେ ଘଞ୍ଚ ବୁଦା ଆଢୁଆଳରେ କେତୋଟି ବିଲୁଆଙ୍କୁ ଏକତ୍ର ଦେଖି ସେ ସ୍ଥାନରେ ପହଁଚି ଦେଖିଲେ—ସେଇ ଝିଅଟିର ଶବ, ଅତି କରୁଣ ଓ ବୀଭତ୍ସ ଭାବେ ସେଠି ପଡ଼ିଛି । ପିଲାଟି ଥିଲା ଖୁବ୍ ସୁନ୍ଦର ଆଉ ସୁଧାର । ପରେ ଜଣା ପଡ଼ିଲା ଯେ ଦୁର୍ବୃତ୍ତ ଝିଅଟିର ବେକରୁ ଦେଢ଼ଭରି ଓଜନର ସୁନା ହାର ଜବରଦସ୍ତି ଛଡ଼ାଇ ତାର ତଣ୍ଟି ଚିପି ମାରି ସେଠି ପକାଇ ଦେଇଛି । ଯୋଉ ଲୋକଟି ଏଇ ନୃଶଂସ କାର୍ଯ୍ୟ କରିଥିଲା ସେ ଧରାପଡ଼ିଲା ଓ ଏ ଅପକର୍ମ ମଧ୍ୟ ସ୍ୱୀକାର କରିଥିଲା । ଲୋକଟି ଝିଅର ପରିଚିତ ହୋଇଥିବା ହେତୁ ସୁନାଲୋଭ ଓ ପ୍ରାଣଭୟରେ ସେ ଝିଅଟିକୁ ମାରି ପକାଇଥିଲା । ପ୍ରକାଶ ଥାଉକି, ସେତେବେଳେ ସୁନାଦର ଭରି ମାତ୍ର ଦେଢ଼ଶହ ଟଙ୍କା ଥିଲା ।

ଦେଢ଼ଭରି ସୁନା ଲାଗି ଗୋଟିଏ ନିରୀହ ନିଷ୍ପାପ ନଅବର୍ଷର ପିଲାର ପ୍ରାଣ ଗଲା । କେବଳ ଏଇ ଘଟଣାଟି ନୁହେଁ—ସାମାନ୍ୟ ସୁନା ପାଇଁ ବହୁ ପିଲାଙ୍କର ପ୍ରାଣଯିବା ଘଟଣା ସଂଖ୍ୟାରେ ନିତାନ୍ତ ନଗଣ୍ୟ ନୁହେଁ । ତେଣୁ ମନେହୁଏ ସ୍ୱର୍ଣ୍ଣ ଧାତୁଟି ବର୍ଣ୍ଣରେ ଯେତେ ଉଜ୍ଜ୍ୱଳ, ପବିତ୍ର ଓ ମନୋରମ ହେଉନା କାହିଁକି ମନୁଷ୍ୟର ସ୍ୱର୍ଣ୍ଣ-ଲୋଭ ଠାରୁ ବଳି ବଡ଼ ପାଷାଣ୍ଡତା ଆଉ ନାହିଁ ।

ଏବଂ ସୁନାପ୍ରତି ଏହି ଲୋଭ ଏକ ସାର୍ବଜନୀନ ବ୍ୟାପାର । ସେଥିପାଇଁତ ସୁନ୍ଦରୀ ନାରୀର ଦେହର ରଙ୍ଗକୁ ଆମେ ସୁନା ସଙ୍ଗେ, ଭଲ ପିଲାର ଚରିତ୍ରକୁ ସୁନା ସଙ୍ଗେ, ଆମେ ଉପମା ଦେଇ ଆସିଛୁ । ସେଇଥିପାଇଁତ ଆମ ସ୍ୱପ୍ନ ଜଗତରେ

…ଗୁଡ଼ିକ ସୁନା ପାହାଡ଼, ମେଘମାନେ ସ୍ୱର୍ଣ୍ଣ ମେଘ, …ଥାଳିରେ ଶହେଟି ରାଜକୁମାରୀ ଭୋଜନ କରନ୍ତି ସୁନା …। ଆମ ସାଧବ ଘରର ଏକମାତ୍ର ଝିଅ ଡଥପୋଇ …ଚାହେଁ—ସୁନା ଗୁନ୍ଦଟିଏ ଧରି ଖେଳିବ ବୋଲି । …ପ୍ରେମିକାଙ୍କର ଆଦ୍ୟ ପ୍ରଣୟର ଦିନଗୁଡ଼ିକ ହେଉଛି …ସପନ" । ଇତିହାସର ସବୁଠାରୁ ଭଲ ସମୟଟି …କୁହାଯାଏ "ସ୍ୱର୍ଣ୍ଣଯୁଗ" । ରମଣୀୟ ପ୍ରଭାତ ମାତ୍ରେଇ …ପ୍ରଭାତ । କୀର୍ତ୍ତିମାନ ବ୍ୟକ୍ତିଙ୍କ ନାମମାନ ଇତିହାସର …ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇଥାଏ । ବୁଢ଼ୀମା …ଗପର ନାୟକ ଅମୁକ ରାଜପୁତ୍ର ସର୍ବଦା ସୁବର୍ଣ୍ଣପୁର …ରାଜାଙ୍କର ଜ୍ୟେଷ୍ଠ କୁମର । ଆଉ ସେ ଯାହା …ପାଗଳ ହୁଅନ୍ତି ସେ ହେଉଛନ୍ତି କୁଆଡ଼େ କନକପୁର …ସୁବର୍ଣ୍ଣ କେଶରୀଙ୍କର ଅତି ଅଲିଅଳୀ ସୁନାନାକୀ …କାଞ୍ଚନ କୁମାରୀ ।

…ଦେଖି ମନରେ ପ୍ରଶ୍ନ ଉଠେ—ଯୁଗ ଯୁଗ ଧରି …ଏକ ପାର୍ଥିବ ଧାତୁ ମନୁଷ୍ୟ ମନରେ କାହିଁକି …ପ୍ରଚଣ୍ଡ ପ୍ରଭାବ ବିସ୍ତାର କରି ଆସିଛି ? ପ୍ରକୃତରେ …ଆଶ୍ଚର୍ଯ୍ୟ କଥା ! ଇତିହାସର ପୃଷ୍ଠା ଉନ୍ମୋଚନ କଲେ …ଅନୁସନ୍ଧିତ୍ସୁ ମନରେ ସେହି ସ୍ୱର୍ଣ୍ଣୋଜ୍ଜ୍ୱଳ ଦିନଟି …ହୋଇଯାଏ । ଧରାପୃଷ୍ଠରେ ମାନବର ଅବତୀର୍ଣ୍ଣ …ସେ ଥିଲା ବାସ୍ତବରେ ସ୍ୱର୍ଣ୍ଣଯୁଗର ଦିନ । ଏକ …ରହସ୍ୟମୟ ଭୌଗୋଳିକ ପରିସ୍ଥିତି ସହ ଖାପ …ବଞ୍ଚିବା ପାଇଁ ସେ ଅହରହ ସଂଗ୍ରାମ କରୁଥିଲା । …ଅନ୍ୱେଷଣରେ ଗିରିବନ, କାନ୍ତାର, ନଦୀ,ସମୁଦ୍ର ସର୍ବତ୍ର …ବୁଲୁଥିଲା । ଏହି ପରି ସ୍ୱାଭାବିକ ଭାବେ ତାର …ଧାରା ବହି ଚାଲିଥାଏ ଦିନୁଁ ଦିନ । ଖାଦ୍ୟ ଅନ୍ୱେଷଣ …ତାର ଅନୁସନ୍ଧିତ୍ସୁ ମନ ଆହୁରୀ ବହୁକଥା ଖୋଜି …। ତାର ଦୃଷ୍ଟି ପ୍ରକୃତିର ବିଭିନ୍ନ ରୂପରାଗ ରଞ୍ଜିତ …ପ୍ରତି ଆକୃଷ୍ଟ ହୋଇ ଯାଉଥାଏ । କେବଳ ଖାଦ୍ୟା… …ନୁହେଁ—ମଣିଷର ଚିରବୃତ୍ତି ତାର ମନର ଲାଗି, ତାର …ଲାଗି, ପ୍ରକୃତିର ବିଭିନ୍ନ ଅନ୍ଧି ସନ୍ଧି ଖୋଜି ବୁଲି …। ତା' ଜୀବନର ବୃହତ୍ତର ଉପଯୋଗୀତା …ର ଜ୍ଞାନ ବୃଦ୍ଧିର ସହାୟକ ହେବା ଲାଗି ତାର …ଜୀବନ ଯାତ୍ରାକୁ ଆହୁରୀ ସହଜ, ସରଳ ଓ …କରିବା ଲାଗି ସେ ପ୍ରକୃତିରୁ ବିଭିନ୍ନ ଉପାଦାନ ଖୋଜି …କରୁ ଥାଏ । ଏମିତି ବହୁ ବହୁ ପଦାର୍ଥ ଆବିଷ୍କାର …ସେ ହୁଏତ ଦିନେ କୌଣସି କୌଣସି ନଦୀର …, କିମ୍ବା ପାହାଡ଼ ପର୍ବତରୁ ସ୍ଖଳିତ ପ୍ରସ୍ତର ଖଣ୍ଡର …ଭିତରେ ପ୍ରଥମ ଥର ପାଇଁ ଏକ ଅତ୍ୟନ୍ତ ଉଜ୍ଜ୍ୱଳ …ବା ବାଲିକଣା ସଙ୍ଗେ ମିଶି ରହିଥିବାର ଦେଖି …। ମାନବ ସଭ୍ୟତା ଇତିହାସରେ ସେ ଥିଲା ଏକ …ଗୁରୁତ୍ୱପୂର୍ଣ୍ଣ ସ୍ୱର୍ଣ୍ଣୋଜ୍ଜ୍ୱଳ ମୁହୂର୍ତ୍ତ । ଏହି ଦେଦୀପ୍ୟ- …ଧାତୁର ଔଜ୍ଜ୍ୱଲ୍ୟ ତାର ଦୃଷ୍ଟିକୁ ଉଦ୍ଭାସିତ କରିବା …ସଙ୍ଗେ, ତାର ମନକୁ ମଧ୍ୟ ଏକ ଅଜଣା ମୋହରେ ବିମୋହିତ କରିଦେଲା । ସେହିଦିନ ସେ ସୁନାକୁ ନିଜର ଏକ ବହୁମୂଲ୍ୟ ଆକାଂକ୍ଷିତ ବସ୍ତୁ ରୂପେ ଗ୍ରହଣ କଲା ଓ ପୃଥିବୀରେ ଏକ ଯୁଗାନ୍ତକାରୀ ସ୍ୱର୍ଣ୍ଣ ଯୁଗର ଆରମ୍ଭ ହୋଇ ଗଲା ।

ମହାମତି ବ୍ୟାସଦେବ ସୁନା କିପରି ଜନ୍ମ ହେଲା ସେ କଥା ଅତି ଚମତ୍କାର ଭାବେ ମହାଭାରତରେ ବର୍ଣ୍ଣନା କରିଛନ୍ତି । ଅନୁଶାସନ ପର୍ବରେ ଶର ଶଯ୍ୟାରେ ଶାୟିତ ଭୀଷ୍ମଦେବ ଧର୍ମରାଜ ଯୁଧିଷ୍ଠିରଙ୍କୁ ସୁନାର ମହିମା ଓ ଜନ୍ମ ସଂପର୍କରେ ଏକାଧିକ କିମ୍ବଦନ୍ତି ଶୁଣାଇଛନ୍ତି । ସେଥିରୁ ଗୋଟିଏ କିମ୍ବଦନ୍ତି ହେଲା—ବହୁକାଳ ପୂର୍ବେ ତାରକାସୁରର ପ୍ରତାପରେ ତ୍ରିପୁର ଥରହର ହେବାରୁ ଦେବଗଣ ଅଗ୍ନି ଦେବଙ୍କୁ ଏହାର ପ୍ରତିକାର ପାଇଁ ଅନୁରୋଧ କଲେ । କାରଣ ଅଗ୍ନିଦେବ ମହାଯୋଗୀ ମହାଦେବଙ୍କର ତେଜୋମୟ ବୀର୍ଯ୍ୟ ଧାରଣ କରିଥିଲେ । ଏକଦା ଅଗ୍ନି ଗଙ୍ଗା ଦେବୀଙ୍କ ରୂପ—ଯୌବନରେ ମୋହିତ ହୋଇ ତାଙ୍କ ସହ ରମଣ କଲେ । ମାତ୍ର ରମଣାନ୍ତେ ଗଙ୍ଗା ଦେବୀ ଅଗ୍ନିଙ୍କ ବୀର୍ଯ୍ୟକୁ ନିଜ ଗର୍ଭରେ ରଖି ନପାରି ଗର୍ଭ ବିମୋଚନ କରିଦେଲେ । ଏବଂ ଆଶ୍ଚର୍ଯ୍ୟ କଥା—ଗଙ୍ଗା ଗର୍ଭ ବିମୋଚିତ ସେହି ଅଗ୍ନି-ବୀର୍ଯ୍ୟ ଚତୁର୍ଦ୍ଦିଗକୁ ବିସ୍ତାରିତ ହୋଇ ସମଗ୍ର ପୃଥିବୀକୁ ବର୍ଣ୍ଣବିଭାରେ ଉଦ୍ଭାସିତ କରିଦେଲା । ତାହା ଥିଲା ଅତ୍ୟନ୍ତ ବିମଳ, ଏବଂ ତେଜରେ ସୂର୍ଯ୍ୟ ଓ ବୈଶ୍ୱାନର ସଦୃଶ ଓ କାନ୍ତିରେ ଦ୍ୱିତୀୟ ଚନ୍ଦ୍ରମା ସଦୃଶ । ସେହିଦିନୁ ଅଗ୍ନିଦେବ ମଧ୍ୟ ହିରଣ୍ୟରେତା ରୂପେ ପ୍ରସିଦ୍ଧି ଲାଭ କଲେ । ଏବଂ ପୃଥିବୀ ବସୁମତୀ ନାମରେ ଆଖ୍ୟାୟିତା ହେଲେ । ଏହି ସୁବର୍ଣ୍ଣ ତେଣୁ ଅଗ୍ନିଙ୍କର ଅପତ୍ୟ ଅଟେ । ନାନାବିଧ ସୁବର୍ଣ୍ଣ ଭିତରେ ଜମ୍ବୁନଦ ସୁବର୍ଣ୍ଣ ହିଁ ଉତ୍କୃଷ୍ଟତମ । ଏହି ଜମ୍ବୁନଦ ସୁବର୍ଣ୍ଣ ଦେବତାମାନଙ୍କର ଭୂଷଣ ଅଟେ ଓ ସେଥିପାଇଁ ସୁନାର ଅପର ନାମ ଜାତବେଦ । ଏହା ରତ୍ନମାନଙ୍କ ମଧ୍ୟରେ ସର୍ବୋତ୍ତମ । ଭୂଷଣମାନଙ୍କ ମଧ୍ୟରେ ବି ସର୍ବୋତ୍ତମ । ଏହା ପବିତ୍ର ବସ୍ତୁମାନଙ୍କ ମଧ୍ୟରେ ପବିତ୍ରତମ ଏବଂ ସର୍ବ ମଙ୍ଗଳମୟ ପଦାର୍ଥ ସମୂହର ମଙ୍ଗଳ ସ୍ୱରୂପ । ଏହି ସୁବର୍ଣ୍ଣ, ଭଗବାନ, ଅଗ୍ନି, ଈଶ ଓ ପ୍ରଜାପତିଙ୍କ ସ୍ୱରୂପ ଅଟେ । ଏହା ଜାତରୂପ ଓ ଅଗ୍ନି ସୋମାତ୍ମକ ରୂପେ ଉଦାହୃତ ହୋଇଥାଏ ।

ଭୀଷ୍ମଦେବ ସୁନାର ଉତ୍ପତ୍ତି ସମ୍ବନ୍ଧେ ଆଉ ଗୋଟିଏ ପ୍ରସିଦ୍ଧ ପୌରାଣିକ କିମ୍ବଦନ୍ତି ଯୁଧିଷ୍ଠିରଙ୍କୁ କହିଥିଲେ । ତା' ହେଉଛି—ଥରେ ପଶୁପତିଙ୍କ ବିରାଟ ଯଜ୍ଞରେ ଦେବକନ୍ୟା ଗଣଙ୍କୁ ଦେଖି ସ୍ୱୟମ୍ଭୁଙ୍କ ରେତ ସ୍ଖଳିତ ହୋଇ ଭୂତଳରେ ପଡ଼ିଲା । ପୂଷା ତାହାଙ୍କ ଶୁକ୍ରର ବିଶୁଦ୍ଧବଶରୁ ପାଣି-ଯୁଗଳ ଦ୍ୱାରା ରେତକଣା ସହିତ ପାଂଶୁ ସଂଗ୍ରହ କରି ସେହି ହୁତାଶନରେ ନିକ୍ଷେପ କଲେ । ପ୍ରଜ୍ୱଳିତ ପାବନ-ସମନ୍ୱିତ ସେହି ମନ୍ତ୍ର ସଂପନ୍ନ ହେଉଥିବା ସମୟରେ ହୋମକର୍ତ୍ତା ପ୍ରଜା-ପତିଙ୍କ ଠାରୁ ପରମ ଉତ୍କୃଷ୍ଟ ଧାତୁର ପ୍ରାଦୁର୍ଭାବ ହେଲା । ଧାତୁ ସ୍ଖଳିତ ହେବା ମାତ୍ରେ, ସେ ତାହା ସୁବଦ୍ଧାରା ଗ୍ରହଣ

କରି ମନ୍ତୋଚ୍ଚାରଣ ପୂର୍ବକ ଆଜ୍ୟ ସଦୃଶ ହୋମ କଲେ । ସେଥିରୁ ଉତ୍ପନ୍ନ ହେଲା ଏହି ଉତ୍କୃଷ୍ଟତମ ଧାତୁ ସୁବର୍ଣ୍ଣ । ଭୀଷ୍ମ କହିଲେ–ହେ ଯୁଧିଷ୍ଠିର ! ବ୍ରାହ୍ମଣମାନଙ୍କୁ ସୁବର୍ଣ୍ଣ ଦାନ କଲେ ମହାଫଳ ମିଳିଥାଏ । ସୁବର୍ଣ୍ଣ ଦାନ ଠାରୁ ବଳି ଦାନ ଆଉ ନାହିଁ ।

ସତ କଥା–ପୁରାଣ ଉପନିଷଦାଦିରେ ବର୍ଣ୍ଣିତ ଅଛି ଯେ ପୂର୍ବେ ରାଜାମାନେ ମହା ମହା ଯଜ୍ଞ ସଂପନ୍ନ କରିସାରି ବ୍ରାହ୍ମଣ ଓ ଋଷିମାନଙ୍କୁ ସହସ୍ର ସହସ୍ର ଦୁଗ୍ଧବତୀ ଗାଭୀ ଦାନ କରୁଥିଲେ । ଏବଂ ପ୍ରତି ଗାଭୀର ଶିଙ୍ଗ ଯୁଗଳ ସ୍ୱର୍ଣ୍ଣ ଖୋଳରେ ବିଭୂଷିତ ହେଉଥିଲା । ବିଶ୍ୱାମିତ୍ର ଯାଜ୍ଞବଲ୍କ୍ୟ ଆଦି ବୈଦିକ ଋଷିମାନେ ଏହିପରି ବହୁ ଗାଭୀ ଲାଭ କରି ଅଭିନନ୍ଦିତ ହୋଇଥିଲେ ।

ରାମାୟଣରେ ବର୍ଣ୍ଣିତ ଅଛି – ଶ୍ରୀରାମଚନ୍ଦ୍ର ଅଶ୍ୱମେଧ ଯଜ୍ଞ କାଳରେ ନିଜ ବାମ ପାର୍ଶ୍ୱରେ ପତ୍ନୀ ସୀତାଙ୍କର ଏକ ସ୍ୱର୍ଣ୍ଣ ନିର୍ମିତ ପ୍ରତିମା ନିର୍ମାଣ କରି ବସାଇ ଯଜ୍ଞ ସମାପନ କରିଥିଲେ । ସେଇ ସୀତା ପୁଣି ଅସମ୍ଭବ ସୁନା ମୃଗକୁ ଦେଖି ତା' ଚମଡ଼ା ଲୋଭରେ ରାମଙ୍କୁ ତାକୁ ବଧ କରିବାକୁ ପଠାଇ ଶେଷ ପର୍ଯ୍ୟନ୍ତ ରାବଣ ଦ୍ୱାରା ଅପହୃତା ହୋଇଥିଲେ । ଏତଦ୍ ବ୍ୟତୀତ ଆମ ପୁରାଣ, କିମ୍ବଦନ୍ତୀ ଓ କାହାଣୀଗୁଡ଼ିକ ସୁନା ମୟୂର, ସୁନା ନେଉଳ, ସୁନା ମିରିଗ, ସୁନା ନାଗ, ସୁନା ସିଂହ, ସୁନା ଦେଉଳ, ସୁନା ମାଛ, ସୁନା ଫରୁଆ, ସୁନା ପାହାଡ଼, ଆଦି ସ୍ୱର୍ଣ୍ଣ କଳ୍ପନାରେ ପରିପୂର୍ଣ୍ଣ ହୋଇଛି । ପ୍ରିୟ ବ୍ୟକ୍ତିକୁ ସୁନାର ପ୍ରତିମାରୂପେ ଭାବିବା ଏକ ପ୍ରେମିକ–ଜନୋଚିତ ଅନୁଭୂତି । ଏଣେ କିନ୍ତୁ ଶାସ୍ତ୍ର କହେ— ଯଥାର୍ଥ ସତ୍ୟକୁ ଏକ ସୁନାର ଢାଙ୍କୁଣୀ ଆଚ୍ଛାଦନ କରି ରଖିଛି । ତାର ଅର୍ଥ ହେଲା — ଯାହାକିଛି ଜକ୍ ଜକ୍ କରେ ସବୁ ଅବଶ୍ୟ ସୁନା ନୁହେଁ । ସର୍ବଦା ବାହ୍ୟ ଔଜ୍ଜ୍ୱଲ୍ୟ ଭିତରେ ସତ୍ୟ ଲୁଚିକରି ଥାଏ ।

ତେବେ ବୈଜ୍ଞାନିକ ଦୃଷ୍ଟିରୁ ଗୋଟିଏ ଧାତୁ ହିସାବରେ ସୁନାର ମୌଳିକତା ଖୁବ୍ ଆକର୍ଷଣୀୟ । ଏହାକୁ ଖୁବ୍ ସହଜରେ ସଂପ୍ରସାରିତ ଓ ସଙ୍କୁଚିତ କରା ଯାଇ ପାରିବ । କିନ୍ତୁ ଏହା ଦ୍ରବଣୀୟ ନୁହେଁ । ଯେ କୌଣସି ଅବସ୍ଥାରେ ରହିଲେ ବି ଓଜନରେ ଏହା ବିଶେଷ ହ୍ରାସ ପାଏ ନାହିଁ । ପରୀକ୍ଷା ସ୍ୱରୂପ ଦେଖା ଯାଇଛି–ଗୋଟିଏ ଓଜନର ସୁନାରେ ଖୁବ୍ ସୁନ୍ଦର ସୂକ୍ଷ୍ମ ସାମଗ୍ରୀମାନ ନିର୍ମିତ ହୋଇ ପାରିବ । ଅଧିକନ୍ତୁ ଆଉନ୍‌ସେ ଓଜନର ସୁନାରେ ଦୀର୍ଘ ଦୁଇ ମାଇଲ ଲମ୍ବର ତାର ପ୍ରସ୍ତୁତ କରାଯାଇ ପାରିବ ।

ପ୍ରାରମ୍ଭରେ ସୁନା ବିଭିନ୍ନ ଧାତୁ ସଙ୍ଗେ ମିଶ୍ରିତଭାବେ ଥାଏ । ପୃଥିବୀର ବହିରାବରଣରେ ଏହା ପର୍ଯ୍ୟାପ୍ତ ପରିମାଣରେ ଶୁଦ୍ଧ ଅବସ୍ଥାରେ ଥାଏ । ମୃତ୍ତିକାର କ୍ରମ ବର୍ଦ୍ଧମାନ କ୍ଷୟ ଘଟିଲେ ନଦୀ ଓ ସମୁଦ୍ରଗର୍ଭ ଶଯ୍ୟାରେ ସୁନାର ରେଣୁଗୁଡ଼ିକ ଜମା ହୁଏ । ବିଶୁଦ୍ଧ ସୁନା ପାଇବା ନିମିତ୍ତ ବିଭିନ୍ନ ବୈଜ୍ଞାନିକ ପଦ୍ଧତି ରହିଛି । ସୁନାକୁ ତରଳ ଅବସ୍ଥାରେ କ୍ଲୋରିନ୍ ଗ୍ୟାସରେ ବିଶୋଧିତ କରି ବୈଦ୍ୟୁତିକ ଶକ୍ତି ପ୍ରୟୋଗ ଦ୍ୱାରା ବିଶୁଦ୍ଧ ସୁନାରେ ପରିଣତ କରାଯାଏ । ମିଶ୍ରିତ ସୁନାକୁ ସୋଡ଼ିୟମ ସାଇନାଇଡ୍‌ରେ ଦ୍ରବୀଭୂତ କରି ଏହାର ରାସାୟନିକ ପ୍ରକ୍ରିୟା ସମ୍ପାଦନ କରାଯାଏ । ସ୍ୱର୍ଣ୍ଣତଥ୍ୟବିଦମାନେ କହୁଛନ୍ତି, ସମୁଦ୍ର ଗର୍ଭରେ ବହୁ ସୁନା ଗଚ୍ଛିତ ଅଛି । କିନ୍ତୁ ସମୁଦ୍ର ଜଳରୁ ଏହାକୁ ଆହରଣ କରିବାର ପନ୍ଥା ଏଯାବତ ଆବିଷ୍କାର କରାଯାଇ ନାହିଁ । ସୁନାକୁ ରାସାୟନିକ ପ୍ରକ୍ରିୟାରେ ରୂପା, ତମ୍ବା ଓ ନିକେଲର ଦ୍ରବଣରେ ଦ୍ରବୀଭୂତ କରା ଗଲେ ସୁନାର ରଙ୍ଗ ସବୁଜ, ଲାଲ ଓ ଶୁଭ୍ରରଙ୍ଗ ଆଦି ମିଶି ଏକ ବିଶେଷ ରଙ୍ଗ ଧାରଣ କରେ ।

ସୁନାର ଉପଯୋଗୀତା ବାସ୍ତବରେ ବହୁବିଧ । ଏହାଦ୍ୱାରା ବିଭିନ୍ନ ପ୍ରକାରର ସୌଖୀନ ସାମଗ୍ରୀମାନ ପ୍ରସ୍ତୁତ କରାଯାଇପାରିବ । ସେଗୁଡ଼ିକ ମଧ୍ୟରେ ବହୁବିଧ ଅଳଙ୍କାର, ସିଂହାସନ, ପଦକ, ... ପ୍ରଭୃତି ଅନ୍ତର୍ଭୁକ୍ତ । ସାଜସଜ୍ଜା ଉଦ୍ଦେଶ୍ୟରେ ... ମଧ୍ୟ ବିଭିନ୍ନ ସାମଗ୍ରୀରେ ବ୍ୟବହୃତ କରାଯାଉଥିଲା । ଏହା ମଧ୍ୟ ଏକ ଉତ୍ତମ ଧରଣର ବୈଦ୍ୟୁତିକ ପ୍ରବାହକ । ଗ୍ରହ ଉପଗ୍ରହ ସଂପର୍କୀୟ ଗବେଷଣା କାର୍ଯ୍ୟରେ ସୁନାର ବ୍ୟବହାର ଅପରିହାର୍ଯ୍ୟ । ଜେଟ୍ ବିମାନର ... ପଥକୁ ସୁନିୟନ୍ତ୍ରିତ କରିବା ନିମନ୍ତେ, ଇଞ୍ଜିନ୍‌ରେ ... ପରିମାଣରେ ସୁନା ଛାଉଣୀ କରାଯାଏ । ଏହା ... ସୂର୍ଯ୍ୟତାପର ହ୍ରାସ ନିମିତ୍ତ ମଧ୍ୟ ସୁନାର ... ଦିଆଯାଏ । ପାଶ୍ଚାତ୍ୟ ଦେଶମାନଙ୍କରେ ... ଯୋଗ ବ୍ୟବସ୍ଥାର ସୂକ୍ଷ୍ମ ଉନ୍ନତି ଲାଗି ଟେଲିଫୋନ ... ଓ ଟେଲି କମ୍ୟୁନିକେଶନ୍ ଯନ୍ତ୍ରପାତିରେ ସିଛିକ ସୁନା ବ୍ୟବହାର କରାଯାଉଛି ।

ଦୀର୍ଘ ୨,୮୦୦ ବର୍ଷ ପୂର୍ବେ ସିରାକ୍ୟୁସ୍‌ର ରାଜା ହିରୋଙ୍କ ମୁକୁଟରେ ଲାଗିଥିବା ସୁନାର ଓଜନ ମାପି ... ଲାଗି ବୈଜ୍ଞାନିକ ଆର୍କିମେଡିସ୍‌ଙ୍କ ମୁଣ୍ଡ ଘାରିଗଲା । ... ଅବଶେଷରେ ସେ ଗାଧୁଆଘରେ ପାଣି କୁଣ୍ଡରେ ... ସ୍ନାନ କରୁଥିଲା ବେଳେ, ଉପାୟଟି ତାଙ୍କ ମୁଣ୍ଡରେ ପଶି ଗଲା । ସେ "ଇଉରେକା" "ଇଉରେକା" (ପାଇଛି ପାଇଛି) ବୋଲି ଚିତ୍କାର କରି କରି ... ବାହାରି ଆସିଲେ । ସୁନାର ଓଜନ ସଂକ୍ରାନ୍ତ ... ଆର୍କିମେଡିସ୍‌ଙ୍କର ଥିଓରିଟି ହେଲା–ଆପେକ୍ଷିକ ... ତତ୍ତ୍ୱ ।

ଚତୁର୍ଦ୍ଦଶ–ପଞ୍ଚଦଶ ଶତାବ୍ଦୀରେ ୟୁରୋପରେ ... ଦଳେ ନକଲି ବୈଜ୍ଞାନିକ ନିଜକୁ ଆଲକେମିଷ୍ଟ୍ କ...

ଯେମିତି ଦେଉଥିଲେ । ସେମାନେ ଥିଲେ ଖୁବ୍ ଲୋଭୀ ଏବଂ ଉଚ୍ଚାଭିଳାଷୀ । ସେମାନଙ୍କ ସୁନା ପ୍ରତି ପ୍ରଚଣ୍ଡ ଲୋଭ ସେମାନଙ୍କୁ ପ୍ରାୟ ପାଗଳ କରି ଦେଇଥିଲା । ସେମାନେ ଘୋଷଣା ... ଯେ ସ୍ପର୍ଶମଣି ବା ପରଶ୍ରୁପଥର ସାହାଯ୍ୟରେ ସେମାନେ ଯେ କୌଣସି ଶସ୍ତା ସାଧାରଣ ଧାତୁକୁ ମଧ୍ୟ ସୁନାରେ ପରିଣତ କରି ଦେଇ ପାରିବେ । କେତେକ ଆଲକେମିଷ୍ଟ ପାଗଳଙ୍କ ଭଳି ନାନାଦି ରସ ରସାୟନ, କାରଣ, ... ପ୍ରକ୍ରିୟା ଦ୍ୱାରା ସ୍ପର୍ଶମଣି ଅଥବା ସୁନା ତିଆରି ... ପାଇଁ ଲାଗି ପଡ଼ିଲେ ଓ ସର୍ବସ୍ୱ ହରାଇଲେ । ... ଏହି ସୁନା ପାଗଳଙ୍କ ଉପରେ ଚିଡ଼ିଯାଇ ... ଧରି ନିଆଁରେ ପୋଡ଼ି ମାରିଦେଲେ । ... ସେମାନେ ତାଙ୍କର ପ୍ରତିଜ୍ଞା ପୂରଣ କରି ପାରିଲେ ନାହିଁ । ସେତେବେଳେ ସାରା ୟୁରୋପ ମଧ୍ୟ ... ପାଇଁ ପାଗଳ ହୋଇ ଯାଇଥିଲା । ଉର୍ଜବର୍ଗର ... ଫ୍ରେଡ଼େରିକ୍ ସୁନେଲୀ ରଙ୍ଗର ଶୂଳୀରେ ଚଢ଼ାଇ ... ଆଲକେମିଷ୍ଟଙ୍କୁ ଶୂଳୀ ଦେଇଥିଲେ । କିନ୍ତୁ ... ନୈରାଶ୍ୟ ଭିତରେ ବି ଆଶାର କଥା ହେଲା—ସୁନାର ... କରିବାକୁ ଯାଇ ସେମାନଙ୍କର ସ୍ୱର୍ଣ୍ଣ ଆଶା ... ହେଲା ସିନା, ମାତ୍ର ସେମାନେ ଆବିଷ୍କାର କରିପାରିଥିଲେ ଫସଫରସ୍, ନାଲି ସୀସା, ପାରିଦ୍ପ୍ରାଷ୍ଟର, ... ଆରସେନିକ୍, ନାଇଟ୍ରିକ୍ ଓ ସଲଫରିକ୍ ଏସିଡ୍ ଏବଂ ଏମିତି କେତେ ଆବଶ୍ୟକୀୟ ଜିନିଷ । କେତେକ ଲାବୋରେଟୋରୀ ସରଞ୍ଜାମ ମଧ୍ୟ ସେମାନେ ଆବିଷ୍କାର କରିପାରିଥିଲେ । ସେମାନଙ୍କୁ ଅବଶ୍ୟ ପ୍ରଥମ ଯୁଗର ରସାୟନବିତ୍ ବୋଲି କୁହାଯାଇପାରେ ।

ପ୍ରବାହମାନକାଳରୁ ପଣ୍ୟ ଦ୍ରବ୍ୟର କ୍ରୟ ବିକ୍ରୟର ମାଧ୍ୟମ ରୂପେ ସୁନା ମୋହର ବ୍ୟବହୃତ ହୋଇ ଆସିଛି । ବର୍ତ୍ତମାନ ମଧ୍ୟ ଆନ୍ତର୍ଜାତିକ ବଣିଜବେପାରରେ ସୁନାର ... କ୍ରୟବିକ୍ରୟର ମାଧ୍ୟମ ବୋଲି ଧରାଯାଏ । ୧୮୦୦ ଶତାବ୍ଦୀରେ ଭାରତୀୟ ସ୍ୱର୍ଣ୍ଣମୋହରଗୁଡ଼ିକ ସମକାଳୀନ ୟୁରୋପୀୟ ସୁନା ମୋହରର ଦୁଇଗୁଣ ଥିଲା । ଆମଦେଶରେ ସୁନା ମୋହର ସହିତ ଅସରଫୀ ନାମକ ସ୍ୱର୍ଣ୍ଣ ମୁଦ୍ରା ମଧ୍ୟ ପ୍ରଚଳିତ ଥିଲା ।

ଯେତେବେଳେ କଲମ୍ବସ୍ ପ୍ରଥମ କରି କ୍ୟୁବାରେ ପାଦ ଦେଲେ, ସେତେବେଳେ ସେ ଦେଖିଲେ ଯେ, ସେଠାରେ ପ୍ରଚୁର ପରିମାଣ ସୁନା ରହିଛି । କିନ୍ତୁ ... ଅଧିବାସୀଗଣ ତାକୁ ମାଟି ଗୋଡ଼ିଭଳି ... ଓ ବ୍ୟବହାର କରୁଛନ୍ତି । କେତେକେ ପୁଣି ... ବନସୀ କଣ୍ଟା ରୂପେ ବ୍ୟବହାର କରୁଛନ୍ତି । ... ଭାରତୀୟ ଦ୍ୱୀପପୁଞ୍ଜ ମେକ୍ସିକୋ ଓ ପେରୁ ... ଆଦିମ ଅଧିବାସୀମାନେ ପ୍ରଥମେ ଆଶ୍ଚର୍ଯ୍ୟ ହୋଇଥିଲେ, କାହିଁକି ସବୁ ଦେଶର ଲୋକେ ସୁନାଭଳି

ଗୋଟାଏ ତୁଚ୍ଛ (ହେଉ ବା ଚିକିଏ ଝକ୍ ମକ୍—ମାଟି ପଥରର ।) ଜିନିଷ ପାଇଁ ଏତେ ପାଗଳ ଆଉ ଆପଣା ଭିତରେ ଏତେ ହାଣକଟା ହେଉଛନ୍ତି । ସେମାନେ କ'ଣ ଯାଣନ୍ତି, ସଭ୍ୟ ମଣିଷର ସୌନ୍ଦର୍ଯ୍ୟବୋଧ ଓ ବଞ୍ଚିବାର ଅର୍ଥନୀତି ସଙ୍ଗେ ଏଇ ଉଜ୍ଜ୍ୱଳ ଗୋଡ଼ିମାଟିଟିର କି ଘନିଷ୍ଟ ଅପରିହାର୍ଯ୍ୟ ସଂପର୍କ ।

ସୁନାର କିନ୍ତୁ ଏହି ସାର୍ବଜନୀନ ସମ୍ମାନଜନକ ଆଦର ଯୋଗୁଁ ସମାଜରେ ଆପଣାକୁ ଜଣେ ବିଶିଷ୍ଟ ବା ସଂଭ୍ରାନ୍ତ ବୋଲି ଦେଖାଇବା ପାଇଁ ସମସ୍ତେ ନିଜ ହାତରେ, ବାହୁରେ, କାନରେ, ପଗଡ଼ିରେ, ମୁକୁଟରେ କିଛି ନ ହେଲେ ଆପଣା ଦାନ୍ତରେ ସୁନା ଲଗାଇବାକୁ ଆରମ୍ଭ କଲେ । ସୈନ୍ୟ ବିଭାଗରେ ମଧ୍ୟ ପୂର୍ବ ଓ ମଧ୍ୟ ଯୁଗରେ ଅସ୍ତ୍ର ଶସ୍ତ୍ରରେ ସୁନା ଲଗାଇବା ଗୋଟାଏ ଫେସନ ହୋଇ ଯାଇଥିଲା । ଯୋଦ୍ଧାମାନେ ଖଣ୍ଡାର ମୁଠିକୁ ସୁନା ଛାଉଣୀ କରୁଥିଲେ । ସୁନା ହେଲା ଗୋଟାଏ ଆଭିଜାତ୍ୟ ବା ମାନ ସମ୍ମାନର ଚିହ୍ନ । ଏହାର ତ୍ରେଜଲ୍ୟ ବା ଶକ୍ତିଯୋଗୁଁ ଏହାକୁ ସୂର୍ଯ୍ୟ ଓ ଶକ୍ତିର ପ୍ରତୀକ ରୂପେ ମଧ୍ୟ ଗ୍ରହଣ କରାଗଲା । ଆମ ଦେଶରେ ସୁନାକୁ ଲକ୍ଷ୍ମୀଙ୍କ ପ୍ରତୀକ ଭାବେ ପୂଜା ମଧ୍ୟ କରାଯାଏ । ଠାକୁରମାନଙ୍କର ସୁନା ବେଶ ହେଉଛି, ସବୁଠାରୁ ବଡ଼ ବେଶ । ସେଥିପାଇଁ ଏ ପର୍ଯ୍ୟନ୍ତ ବି ସୁନା ହଜିଲେ ବା କେଉଁଠୁ ସୁନା ପାଇଲେ ତାହା ଅଶୁଭ ବୋଲି ଆଶଙ୍କା କରାଯାଏ ।

ପୂର୍ବେ ପାରସ୍ୟର ପ୍ରତାପଶାଳୀ ରାଜାମାନେ ବିଶ୍ୱାସ କରୁଥିଲେ ଯେ, ସୁନା ଭିତରେ ହିଁ ଜୀବନର ନିର୍ଯ୍ୟାସ ଓ ଶକ୍ତି ନିହିତ ଅଛି । ତେଣୁ ବହୁ ପରିମାଣ ସୁନାରେ ରାଜ କୋଷ ପୂର୍ଣ୍ଣ ନ କଲେ, ରାଜ୍ୟ ସୁରକ୍ଷିତ ହୋଇ ପାରିବ ନାହିଁ । ସେଥିଲାଗି ସେମାନେ ହଜାର ହଜାର କ୍ରୀତଦାସଙ୍କୁ ଦୂରସ୍ଥାନମାନ ବୁଲି ସିନ୍ଦୁକ ଭରି ସୁନା ସଂଗ୍ରହ କରିବାକୁ ନିୟୋଜିତ କରୁଥିଲେ । ଏହି ସ୍ୱର୍ଣ୍ଣ କ୍ଷୁଧା ଦ୍ୱାରା ତାଡ଼ିତ ହୋଇ ସେମାନେ ଅନ୍ୟାନ୍ୟ ସ୍ୱର୍ଣ୍ଣ ସମୃଦ୍ଧ ରାଜ୍ୟ ସଙ୍ଗେ ଯୁଦ୍ଧ ବିଗ୍ରହରେ ମାତି ରହୁଥିଲେ । ଗଜନୀର ମାମୁଦ୍ ଯେ ଭାରତ ଆକ୍ରମଣ କରି ସୋମନାଥ ମନ୍ଦିର ଲୁଣ୍ଠନ କରିଥିଲେ, ତା' ପଛରେ ଥିଲା ମାମୁଦଙ୍କର ଏକ ପ୍ରଚଣ୍ଡ ସ୍ୱର୍ଣ୍ଣ ଲୋଭର ଉନ୍ମାଦନା ।

ପାରସ୍ୟ ରାଜ ତୃତୀୟ ଦାରିୟସ୍ ବହୁ ରାଜ୍ୟ ଜୟ କରି ପ୍ରଭୂତ ସ୍ୱର୍ଣ୍ଣ ଲୁଣ୍ଠନ କରିଥିଲେ—ଏବଂ ତଦ୍ୱାରା ସେ ନିଶ୍ଚିତ ହୋଇଥିଲେ ଯେ ଏଥର ତାଙ୍କ ରାଜ୍ୟ ସୁରକ୍ଷିତ ହେବ ଓ ସେନା ବାହିନୀ ସହ ରାଜ ଦରବାର ତାଙ୍କ ପ୍ରତି ଖୁବ୍ ଅନୁରକ୍ତ ରହିବ । ମାତ୍ର ସେ ସ୍ୱପ୍ନ ତାଙ୍କର ବିଫଳ ହେଲା । ବିଶ୍ୱବିଜୟୀ ଆଲେକ୍‌ଜାଣ୍ଡର ଦି ଗ୍ରେଟ୍‌ଙ୍କ ଦ୍ୱାରା ତାଙ୍କର ବିଶାଳ ସେନାବାହିନୀ ମୂଳପୋଛ୍ ହୋଇ ଯାଇଥିଲେ ।

ଭାରତବର୍ଷରେ ମଧ୍ୟ ଯୁଗୀୟ କାମୁକ ରାଜା ମହାରାଜା ଜମିଦାରମାନେ ବୃଦ୍ଧ ବୟସରେ ବି ବହୁ ନାରୀରମଣରେ ସକ୍ଷମ ହେବାଲାଗି ରାଜବୈଦ୍ୟମାନଙ୍କ ପରାମର୍ଶରେ ସ୍ୱର୍ଣ୍ଣ ଘଟିତ ବିବିଧ ଭସ୍ମ, ମୋଦକ, ବଟୀ ଓ ଶାଳସାଦି ସେବନ କରୁଥିଲେ । ଅବଶ୍ୟ ଆୟୁର୍ବେଦ, ବିଜ୍ଞାନରେ ସୁନା ସଂଯୋଗରେ ବହୁ ପ୍ରକାର ସଫଳ ଔଷଧ ପ୍ରସ୍ତୁତ ହେବାର ବିଧି ରହିଛି ।

ଆଧୁନିକକାଳରେ ଯାହା ଜଣାଯାଏ, ଦକ୍ଷିଣ ଆଫ୍ରିକାହିଁ ସ୍ୱର୍ଣ୍ଣଉତ୍ପାଦନରେ ସର୍ବବୃହତ୍ ଦେଶ । ତା' ପଛକୁ କାନଡ଼ା, ଯୁକ୍ତରାଷ୍ଟ୍ର, ଅଷ୍ଟ୍ରେଲିଆ, ଘାନା, ଓ ରୋଡ଼େସିଆ ସୁନା ଉତ୍ପାଦନରେ ବିଖ୍ୟାତ । ଏତଦ୍‌ବ୍ୟତୀତ, ତିନିଶହ ବର୍ଷ ପୂର୍ବେ ବହୁ ସ୍ୱର୍ଣ୍ଣ-ଭର୍ତ୍ତି ଜାହାଜକୁ ଜଳଦସ୍ୟୁମାନେ ସମୁଦ୍ରରେ ବୁଡ଼ାଇ ଦେଇଛନ୍ତି—ସେ ସୁନାସବୁ ଏପର୍ଯ୍ୟନ୍ତ ଉଦ୍ଧାର କରାଯାଇ ପାରିନାହିଁ ।

ସମଗ୍ର ପୃଥିବୀରେ ବହୁ ପରିମାଣରେ ସୁନା ହୁଏତ ଅଛି । ମାତ୍ର ମନୁଷ୍ୟର ଲୋଭ ତୁଳନାରେ ତାହା ଏମିତି କିଛି ନୁହେଁ । ଦିନଥିଲା—ଯେତେବେଳେ ଘରଣୀମାନେ ନିଜ ପାଇଁ ବହୁ ସ୍ୱର୍ଣ୍ଣାଳଙ୍କାର ଗଢ଼ାଇ ପିନ୍ଧୁଥିଲେ । କାରଣ ସୁନାଳଙ୍କାର ଦ୍ୱାରା ସୁଶୋଭନା ହେବାକୁ ନୁହେଁ—ଅଭାବ ବେଳେ ତାକୁ ବିକ୍ରି ଗୁଜୁରାଣ ମେଣ୍ଟାଇ ହେବ । ଆଉ, ଏଇଟା ବି ଜଣା କଥା ଯେ ସୁନାଦର କେବେ କମିବ ନାହିଁ । କ୍ରମାଗତ ଭାବେ ବଢ଼ି ଚାଲିବ ।

କିନ୍ତୁ ବର୍ତ୍ତମାନ ପରିସ୍ଥିତି ବଦଳିଲାଣି । ଏବେ ସ୍ୱର୍ଣ୍ଣାଳଙ୍କାର ପ୍ରଲୁବ୍ଧା ଲଳନା ଗଣ ହୃଦୟଙ୍ଗମ କଲେଣି ଯେ ଦେହରେ ସୁନାଥିଲେ ବା ବାକ୍‌ସରେ ସୁନା ସଞ୍ଚିତ ରହିଲେ ସବୁରାତିରେ ଚୋର ଡକାଏତଙ୍କ ଭୟରେ ଅନିଦ୍ରା ରହିବାକୁ ପଡ଼ିବ । ସେଥିଲାଗି ଟଙ୍କା ବଳିଲେ ତାକୁ ଜୀବନବୀମାରେ, ଡାକଘରେ ବା ବ୍ୟାଙ୍କ୍‌ରେ ସଞ୍ଚିତ ରଖିବା ସବୁଠାରୁ ବୁଦ୍ଧିଆ କାମ । ୟୁରୋପ ଆମେରିକା ପ୍ରଭୃତି ଦେଶମାନଙ୍କରେ ସ୍ୱାହାବତୀ ରମଣୀମାନେ ଖୁବ୍ କମ୍ ସୁନା ଅଳଙ୍କାର ରୂପେ ବ୍ୟବହାର କରନ୍ତି । ଆଜିକାଲି ବିଭିନ୍ନ ପ୍ରକାର ସୁନ୍ଦର ସୁନ୍ଦର ପ୍ଲାଷ୍ଟିକ୍ ନାଇଲନ, କାଚ ଓ କୃତ୍ରିମ ପଥରର ଅଳଙ୍କାରମାନ ବାହାରିଲାଣି । ବରଂ ଏହି ଧରଣର ଅଳଙ୍କାର ଗୁଡ଼ିକ ପିନ୍ଧିବା ଦ୍ୱାରା ସୁନ୍ଦରୀମାନଙ୍କର ଶ୍ରୀଅଙ୍ଗ ଶୋଭା ଅଧିକ ରମଣୀୟ ଓ ଆକର୍ଷଣୀୟ ହୋଇ ଉଠିଛି । ଅଧିକ ସୁନା ଯଦି ଆମ ପାଖେ—ମାନେ ଆମ ଦେହ ମୁଣ୍ଡରେ ବା ଆମ ବାକ୍‌ସରେ ନରହନ୍ତା, ତେବେ ବୈଦେଶିକ ରାଷ୍ଟ୍ରମାନଙ୍କ ସଙ୍ଗେ ବଣିକ ବେପାର କରିବା ଲାଗି ଆମ ସରକାରଙ୍କ ପକ୍ଷରେ କେତେ ଅଧିକ ସୁବିଧା ନହୁଅନ୍ତା !

ଶେଷ କଥା, ସୁନା ଯେ ଅର୍ଥନୀତିକ ଦୃଷ୍ଟିରୁ ଗୋଟିଏ ମୂଲ୍ୟବାନ ଧାତୁ, ତାହା ନୁହେଁ—ଏହାର ବୈଜ୍ଞାନିକ ଉପଯୋଗ ହୋଇ ପାରିଲେ ମନୁଷ୍ୟ ଜୀବନର ବହୁ କଲ୍ୟାଣ ସାଧନ ହୋଇ ପାରନ୍ତା ବୋଲି ବୈଜ୍ଞାନିକମାନେ ମତ ଦେଉଛନ୍ତି । ମାତ୍ର ଆମ ଦେଶରେ ସାଧାରଣ ... ଅସାଧାରଣ ସମସ୍ତେ ସୁନା ସଞ୍ଚିବା ଲାଗି ଓ ସୁନା ପିନ୍ଧିବା ଲାଗି ପାଗଳ ଓ ପାଗଳିନୀ ହୋଇଉଠନ୍ତି ।

ମାତ୍ର ଏହି ଦେଶରେ ଏଇ ଯୁଗ ଯୁଗ ଧରି ସାଧୁ ସନ୍ନ୍ୟାସୀମାନେ ସୁନାକୁ ମାଟି ଗୋଡ଼ି ବୋଲି ମୂଲ୍ୟହୀନ ଭାବିବାକୁ ବାରଂବାର ଉପଦେଶ ଦେଇ ଆସିଛନ୍ତି । ଅବଶ୍ୟ ସୁନା ଭଳି ପଦାର୍ଥକୁ ମାଟି ଗୋଡ଼ି ବୋଲି ଭାବିବା ଖୁବ୍ ବିଜ୍ଞତାର କାମ ନୁହେଁ । ମାତ୍ର ସୁନାର ବୈଜ୍ଞାନିକ ସଦ୍‌ବ୍ୟବହାର ନକରିପାରିବା ହେଉଛି ଆମର ... ମୂର୍ଖତା——ଏଥିରେ ସନ୍ଦେହ ନାହିଁ ।

ଆଉ ଗୋଟିଏ କଥାହେଲା—ସୁନା ପ୍ରତି ଆମ ... ମନୋଭାବର ପରିବର୍ତ୍ତନ । ସୁନା ଭଳି ଉତ୍କୃଷ୍ଟ ... ମୂଲ୍ୟବାନ୍ ଉପଯୋଗୀ ଧାତୁକୁ ସାମୂହିକ ଦୃଷ୍ଟିରୁ ବ୍ୟବହାର ... କରିବା ଉଚିତ । ସମଗ୍ର ଦେଶ ବା ସମାଜ ପାଇଁ ଏହାର ... କି ଅର୍ଥନୀତିକ ବା ବୈଜ୍ଞାନିକ ଉପଯୋଗୀତା ରହିଛି ତାହା ... ଦିଗରୁ ଆମର ଅଳଙ୍କାର ଲିପ୍‌ସାଠାରୁ ନିଷ୍ପୃହ ଥିବା ... ବିଜ୍ଞତା । ମାତ୍ର ଏହି ବିଜ୍ଞତା ଅର୍ଜନ କରିବାକୁ ଯେଉଁ— ସାଧୁ ସନ୍ନ୍ୟାସୀମାନଙ୍କ ପ୍ରଚାରିତ ବ୍ୟକ୍ତିଗତ ସ୍ୱର୍ଣ୍ଣ ବୈରାଗ୍ୟ ... ମଧ୍ୟ କେତେକାଂଶରେ ଅର୍ଜନ କରିବା ଉଚିତ ।


ମହାଭାରତରେ ଅଛି——ପାଣ୍ଡବ ବଂଶଧର ଧର୍ମପ୍ରାଣ ... ମହାରାଜା ପରୀକ୍ଷିତ କଳିଯୁଗ ପୁରୁଷଙ୍କୁ ବନ୍ଧନ କରି ... ନିପୀଡ଼ନ କରି ଯେତେବେଳେ ତାଙ୍କୁ କହିଲେ ଯେ ତୁମେ ... ଶୀଘ୍ର ମୋ ରାଜ୍ୟ ଛାଡ଼ି ଚାଲିଯାଅ—ସେତେବେଳେ ... କଳିଯୁଗପୁରୁଷ ତାଙ୍କୁ ଚାରୋଟି ମାତ୍ର ଜାଗାରେ ... କରିବାକୁ ଅନୁରୋଧ କରିଥିଲେ । ସେ ଚାରୋଟି ... ସ୍ଥାନ ଭିତରୁ ଗୋଟିଏ ହେଉଛି ବେଶ୍ୟାଳୟ ଓ ଅନ୍ୟଟି ... ହେଉଛି ସୁନା । ସୁନା ଶବ୍ଦର ଅର୍ଥ ମଧ୍ୟ ଥାଇ ଗୋଟିଏ ... ଦୃଷ୍ଟିରୁ ହିଂସା । ଆପଣଙ୍କ ସ୍ତ୍ରୀ ଯଦି ବହୁ ସ୍ୱର୍ଣ୍ଣାଳଙ୍କାରରେ ... ଭୂଷିତା ହୋଇ ଆମ ଘରକୁ ଆସନ୍ତି ତେବେ ତାଙ୍କର ସେ ... ସ୍ୱର୍ଣ୍ଣ ବିଭବକୁ ଦେଖିଲା ମାତ୍ରେ ମୋ ସ୍ତ୍ରୀ ହିଂସାରେ ... ଜଳିଯିବେ । ମାତ୍ର ସୁନାର ଗୌରାଙ୍ଗ ମୂର୍ତ୍ତି ଦେଖି ବା ... ଶ୍ରୀ ଜଗନ୍ନାଥଙ୍କ ସୁନାବେଶ ଦେଖି—ବା କୌଣସି ସ୍ୱର୍ଣ୍ଣ ... ମନ୍ଦିର ଦେଖି ମହାପ୍ରଭୁଙ୍କର ସ୍ୱର୍ଣ୍ଣ—ବିଭୂତି ଦର୍ଶକର ମନରେ ... ଅପୂର୍ବ ବିନୟ ଭକ୍ତି ସଞ୍ଚାର କରିଥାଏ ।

ଅର୍ଥନୀତିତତ୍ତ୍ୱବିଦ୍ ମାନେ କହନ୍ତି—ପ୍ରଜାମାନଙ୍କ ପାଖରେ ... ରାଷ୍ଟ୍ର ହାତରେ ଅଧିକ ସୁନା ରହିବା ଦେଶ ପକ୍ଷରେ ନିଶ୍ଚୟ ... ମଙ୍ଗଳ । ମାତ୍ର ଯେଉଁ ରାଷ୍ଟ୍ର ଏକଥା ବୁଝିବ ସେ ... ମଧ୍ୟ ସୁନାରାଷ୍ଟ୍ର ହେବା ଉଚିତ । ଏବଂ ରାଷ୍ଟ୍ରନେତା... ମାନଙ୍କ ଚରିତ୍ର ମଧ୍ୟ ସୁନାଭଳି ଉଜ୍ଜ୍ୱଳ ଓ ବିଶୁଦ୍ଧ ହେବା ... ଉଚିତ । ତା' ନହେଲେ ସ୍ୱର୍ଣ୍ଣଲଙ୍କାରେ ରାବଣ ...

ମାନଙ୍କରହି ବଶ୍ରୁଭୂମିରେ ପ୍ରାଦୁର୍ଭାବ ବଢ଼ିଯିବାର ସମ୍ଭାବନା । ତା' ଛଡ଼ା ଯେଉଁ ରାଷ୍ଟ୍ର ତା'ର ମାନଙ୍କ ହାତରୁ ସୁନା କାଢ଼ି ନେବାକୁ ଚାହେଁ—ପ୍ରଥମେ ସେ ରାଷ୍ଟ୍ର ଦୁର୍ଗମାନଙ୍କୁ ଆଗ ସ୍ୱର୍ଣ୍ଣଛତ୍ରତଳେ ନିରାପଦରେ ଭିତ୍ତିକୁ ପ୍ରତିଷ୍ଠିତି ଦେବା ଉଚିତ ।

ତା'ଛଡ଼ା ସୁନା ନିଜେ ମଙ୍ଗଳ ମାତ୍ର ସେହି ମଙ୍ଗଳମୟ ପଦାର୍ଥଟି ଯାହା ହାତକୁ ଯାଏ—ସେ ବ୍ୟକ୍ତି ହେଉ ରାଷ୍ଟ୍ର ହେଉ—ତାକୁ ଅମଙ୍ଗଳ ପଥରେ ଚାଲିବାକୁ ପ୍ରବର୍ତ୍ତାଏ ଓ ତା'ର ଚିତ୍ତ ବୃତ୍ତିକୁ ମଳିନ କରିବାରେ ସାହାଯ୍ୟ କରିଥାଏ । ଏଥିପାଇଁ କୁହାଯାଇଛି—ସୁନା ମିଳିଲେ ଦୋଷ ହଜିଲେ ବି ଦୋଷ । ସନ୍ଥମାନେ ବାରଂବାର କାମିନୀ ଓ କାଞ୍ଚନଠାରୁ ଦୂରରେ ରହିବାକୁ ଚେତାବନୀ ଶୁଣାଇଛନ୍ତି ।

ତେବେ ସୁନା ଭଲ କରୁ ବା ମନ୍ଦକରୁ—ଆମର ସ୍ୱପ୍ନ ହେଉ ସୁନେଲୀ—ଆମର ଚିତ୍ତ ହେଉ ସ୍ୱର୍ଣ୍ଣାଭ—ଏବଂ ଆମର ଚରିତ୍ର ହେଉ ସ୍ୱର୍ଣ୍ଣୋଜ୍ଜ୍ୱଳ । ଏବଂ ଆମର ଉପାସ୍ୟ ଦେବତା ହେଉନ୍ତୁ ସୁନାର ପ୍ରତିମା ।



# ଓଡ଼ିଶାରେ ଲବଣ ଶିଳ୍ପ

ଜଥାରେ କହନ୍ତି ଚେଲ ଲୁଣର ସଂସାର—ଲୁଣ ଅନ ଚେ... ମାନବରେ ଏକ ଅପରିହାର୍ଯ୍ୟ ପଦାର୍ଥ—ଏହି ଶିଳ୍ପରେ ସ୍ୱାବ... ଶୀଳତା ହାସଲ କରିବାପାଇଁ ଅନେ ସବୁ ନୂତନ ପ... ଗ୍ରହଣକରୁଁ ତା ହେଲେ ଅର୍ଥନୈତିକ ପ୍ରଗତିର ରାସ୍ତା ... ଅନ୍ୟ ଏକ ମାଇଲ ସ୍ତମ୍ଭ..

ଶ୍ରୀ ଜଗଦୀଶ ପଟ୍ଟନ...

ଓଡ଼ିଶାର ଗଞ୍ଜାମ ଜିଲ୍ଲାରେ ଲବଣ ଶିଳ୍ପ ବହୁଦିନ ଧରି ଚାଲି ଆସିଛି । ଶହ ଶହ ପରିବାର ସେମାନଙ୍କର ବଂଶ ପରଂପରା ଧରି ଲୁଣ ମାରିବା କାମକୁ ନିଜର ଜୀବିକା ରୂପେ ବାଛି ନେଇଛନ୍ତି । ଗଂଜାମ ଜିଲ୍ଲାର ଜଳବାୟୁ ଲୁଣ ମାରିବାପାଇଁ ଅପେକ୍ଷାକୃତ ଅନୁକୂଳ ହେତୁ ଓଡ଼ିଶାର ଲବଣ ଶିଳ୍ପ ଏହି ଜିଲ୍ଲାରେ ଦୃଢ଼ୀଭୂତ ହୋଇଥିବା ଅନୁମାନ କରାଯାଏ । ଓଡ଼ିଶାରେ ଗଂଜାମ ଜିଲ୍ଲାକୁ ଛାଡ଼ିଦେଲେ ପୁରୀ ଜିଲ୍ଲାରେ ମଧ୍ୟ କେତେକ କ୍ଷେତ୍ରରେ ଲୁଣ ଚାଷ କରାଯାଉଥିବା ଦେଖିବାକୁ ମିଳିଥାଏ । କିନ୍ତୁ ଗଂଜାମ ଜିଲ୍ଲାର ବ୍ୟାପକ ଲୁଣ ଚାଷ ଭଳି ଏଠାରେ ତାହା ଏତେ ବ୍ୟାପକ ନୁହେଁ ।

ବର୍ତ୍ତମାନ ଓଡ଼ିଶାର ମୋଟ ୭,୨୨୪ ଏକର ପରିମିତ ଜମିରୁ ଲୁଣଚାଷ କରାଯାଉଛି । ଅବଶ୍ୟ ଲୁଣ ମାରିବା ପାଇଁ ଓଡ଼ିଶାରେ ଏହାର ଅନେକଗୁଣ ଅଧିକ ସ୍ଥାନ ରହିଛି । କିଂନ୍ତୁ ବର୍ତ୍ତମାନ ସେ ସମସ୍ତ ଅଂଚଳ ଲୁଣ ଚାଷ ପାଇଁ ବ୍ୟବହୃତ ହୋଇ ପାରିନାହିଁ । ଭାବନଗର ଲବଣ ଏବଂ ସାମୁଦ୍ରିକ ରସାୟନ ଗବେଷଣା ସଂସ୍ଥା ତଥା ଭୁବନେଶ୍ୱର-ସ୍ଥିତ ଆଂଚଳିକ ଗବେଷଣାଗାରର ସହାୟକତାରେ ଓଡ଼ିଶାର ଉପକୂଳବର୍ତ୍ତି ଅଂଚଳଗୁଡ଼ିକରେ ଲୁଣ ମାରିବା ସମ୍ଭାବନାର ଠିକ୍ ନିର୍ଣ୍ଣି ପରୀକ୍ଷା କରାଯିବାପାଇଁ ଉଦ୍ୟମ ଚାଲୁ ରହିଛି । ଏହି ସର୍ଭେପାଇଁ ଉକ୍ତ ସଂସ୍ଥାଗୁଡ଼ିକ ବୈଷୟିକ ପରାମର୍ଶ ଦେବା ସଂଗେ ସଂଗେ ଆଧୁନିକ ପ୍ରଣାଳୀ ପ୍ରୟୋଗ କରି ଲବଣ ଉତ୍ପାଦନର ହାର ବୃଦ୍ଧି କରାଯିବା ପାଇଁ ମଧ୍ୟ ପରାମର୍ଶ ଦେବେ । ଭାରତର ଅନ୍ୟାନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାର ଲୁଣ ଉତ୍ପାଦନ ହାର ଖୁବ୍ କମ୍ । ଓଡ଼ିଶାରେ ହେକ୍ଟର ପିଛା ଲୁଣ ଉତ୍ପାଦନ ବାର୍ଷିକ ୩୫ ଟନ ହେଉଥିବା ବେଳେ ଆନ୍ଧ୍ର ପ୍ରଦେଶରେ ଏହି ହାର ୮୦ ଟନ୍, ମାନ୍ଦ୍ରାଜରେ ୧୨୫ ଟନ୍, ରାଜସ୍ଥାନରେ ୧୩୦ ଟନ୍ ଏବଂ ସର୍ବୋପରି ଗୁଜରାଟରେ ଏହା ୧୪୦ ଟନ୍ ହୋଇଥାଏ । ଭାରତରେ ଲୁଣ ଉତ୍ପାଦନ କ୍ଷେତ୍ରରେ ଗୁଜରାଟର ସ୍ଥାନ ସର୍ବୋଚ୍ଚ ହୋଇ ରହିଛି ।

ଓଡ଼ିଶାର ଆଭ୍ୟନ୍ତରୀଣ ଚାହିଦା ମେଣ୍ଟାଇବା ପାଇଁ ବାର୍ଷିକ ଦୁଇଲକ୍ଷ ଟନ ଲୁଣର ଆବଶ୍ୟକତା ଥିବା ସ୍ଥଳେ ଏଠାରୁ ବାର୍ଷିକ ମୋଟ ୬୦,୦୦୦ ଟନ୍ ଲୁଣ ... ହୋଇଥାଏ । ଏହାର ବିସ୍ତୃତ ଉପକୂଳ ଅଞ୍ଚ... ଉତ୍ପାଦନର ଅନୁକୂଳ ପରିସ୍ଥିତିରେ ରହିଥିଲେ ... ଓଡିଶା ଲୁଣ ପାଇଁ ଅନ୍ୟାନ୍ୟ ରାଜ୍ୟ ଉପରେ ... କରିଥାଏ । ଗଞ୍ଜାମ ଜିଲ୍ଲାର ଉପକୂଳ ଅଞ୍ଚଳରେ ... ଏବଂ ଆମୋନିୟମ କ୍ଲୋରାଇଡ୍ ଶିଳ୍ପ ପାଇଁ ... ପରିବେଶ ରହିଥିବା ଜାତୀୟ ପ୍ରୟୋଗାତ୍ମକ ... ଗବେଷଣା ପରିଷଦ, ନୂଆଦିଲ୍ଲୀ ପକ୍ଷରୁ ପ୍ରକାଶି... ବିବରଣୀରୁ ଜଣାପଡ଼େ । ଛତ୍ରପୁରଠାରେ ... ଉଦ୍ୟମରେ ଗୋଟିଏ କଷ୍ଟିକ୍ ସୋଡ଼ା କାରଖା... ବସିଛି । ସାଧାରଣ ଲୁଣକୁ କଂଚା ମାଲ ରୂ... କାରଖାନାରେ ବ୍ୟବହାର କରାଯାଏ ।

ଖାଇବା ପାଇଁ ବ୍ୟବହୃତ ହେବା ଛଡ଼ା ବିଭି... ମଧ୍ୟ ଲୁଣର ଚାହିଦା ଯଥେଷ୍ଟ ବେଶୀ । ଛତୁ... ଛେନାକୁ ଅଧିକ କାଳ ରଖିବା ପାଇଁ ମାଛକୁ ଶୁଖୁ... ବା ମାଂସକୁ ଡ଼ବାରେ ଭର୍ତ୍ତି କରି ଅଧିକ କାଳ... ପାଇଁ, ଏହାଛଡ଼ା ଗୋ-ଖାଦ୍ୟ ରୂପେ ମଧ୍ୟ ଲୁଣ... ରହିଛି । ସେହିପରି ସୋଡ଼ା, ଆମୋନିୟମ ... ଇତ୍ୟାଦି ରାସାୟନିକ ଶିଳ୍ପ, ସାବୁନ କାରଖା... କାରଖାନା, ବରଫ କାରଖାନା, କାଗଜ ... କାଚ କାରଖାନା ଏବଂ ଲୁଗା କଳ ପ୍ରଭୃତିରେ ଏହାର ଯଥେଷ୍ଟ ଚାହିଦା ରହିଛି ।

ଲୁଣର ବ୍ୟବହାର ଗୁଡ଼ିକରୁ ସହଜରେ ... କରାଯାଇ ପାରେ ଯେ, ଶିଳ୍ପ କାରଖାନା ପ୍ରଭୃତିରେ ... ପଡୁଥିବା ଲୁଣର ମାନ ଉତ୍କୃଷ୍ଟ ହେବା ଉଚିତ । ... କ୍ଷେତ୍ରରେ ଏ ଦିଗ ପ୍ରତି ଏତେ ଦୃଷ୍ଟି ନ ଦେ... ବିଶେଷ କିଛି କ୍ଷତିର ସଂଭାବନା ନାହିଁ । ... ପ୍ରଭୃତି କେତେକ ରାସାୟନିକ ଦ୍ରବ୍ୟ ଲୁଣରେ ... ଆକାରରେ ମୁଖ୍ୟତ ମିଶିଥାଏ । ଏହା ଛଡ଼ା ... ବାଲି, ସିଲିକା, ଜିପ୍ସମ ପ୍ରଭୃତି ଅନାବଶ୍ୟ... କାରଖାନାରେ ବ୍ୟବହାର କରା ଯାଉଥିବା ... ଏହି ମଇଳା ଯେତେ କମ୍ କରାଯାଏ ସେ... ଆମ ଓଡ଼ିଶାର ଲୁଣ ଅତି ନିକୃଷ୍ଟ ଧରଣର ।

ଲୁଣ ପାଣିକୁ ସୂର୍ଯ୍ୟାଲୋକ ଓ ବାୟୁଦ୍ୱାରା ଶୁଖାଇ ଲୁଣ ମରାଯାଉ ଥିବାରୁ ମାଟି ପଟାଳିରୁ ଲୁଣରେ ଏହି ମଇଳା ମିଶିବା ଅତି ସ୍ୱାଭାବିକ ।

ଲୁଣକୁ ସଫା କରିବା ପାଇଁ ଯେଉଁ କେତେଗୁଡ଼ିଏ ଆଧୁନିକ ଉପାୟ ଅବଲମ୍ବନ କରାଯାଉଛି, ଧୋଇ କରି ସଫା କରିବା ସେଥି ମଧ୍ୟରୁ ସର୍ବତ୍ର ଆଦୃତ ହୋଇଥାଏ । ଯନ୍ତ୍ର ପ୍ରଣାଳୀରେ ଲୁଣ ଚାଷ କରାଯାଉଥିବା ଅଞ୍ଚଳରେ ଲୁଣ ପଟାଳିରେ ୨–୩ ଇଞ୍ଚ ବହଳର ଲୁଣ ରଖିଦେଇ ସେହି ଉପରୁ ଲୁଣ ସାଉଁଟି ନିଅନ୍ତି । ତେଣୁ ତାହା ସଫା ରହିଥାଏ । ଏହାଛଡ଼ା ଲୁଣ ଉପରେ ପାଇପ୍ ସାହାଯ୍ୟରେ ପାଣି ସ୍ପ୍ରେ କରି ମଧ୍ୟ ସଫା କରାଯାଏ । ଆମ ଓଡ଼ିଶାରେ ଲୁଣ ସାଉଁଟି ଥଣିବା ପରେ ଗଦାମାରି କିଛି ଦିନ ରଖି ଦିଆଯାଏ । ବର୍ଷା ହେଲେ ଲୁଣର ମଇଳା ଅଂଶ ଧୋଇ ହୋଇଯାଏ ଓ ସଫା ଲୁଣ ରହିଯାଏ ।

ଆମ ରାଜ୍ୟ ଶିଳ୍ପ ବିଭାଗର ହିସାବରୁ ଜଣାଯାଏ ଯେ ବର୍ତ୍ତମାନ ୧୫ଟି ଲୁଣ ଚାଷ ସମବାୟ ସଂସ୍ଥା ଅଛି । ଏହି ୧୫ଟି ସଂସ୍ଥା ରାଜ୍ୟର ୧,୭୪୦ ଏକର ଜମିରୁ ଲୁଣ ମାରନ୍ତି । ଏହା ଛଡ଼ା ୩୫ଟି ଘରୋଇ ଅନୁଷ୍ଠାନ ମଧ୍ୟ ମୋଟ ୫,୫୦୦ ଏକର ଜମି ଲିଜ୍ ଆଧାରରେ ନେଇ ଲୁଣ ଉତ୍ପାଦନ କରୁଛନ୍ତି । ରାଜ୍ୟ ସରକାର ଲୁଣ ଉତ୍ପାଦନ ବୃଦ୍ଧି କରିବା ଦୃଷ୍ଟିରୁ ଏହି ସମବାୟ ସଂସ୍ଥା ଗୁଡ଼ିକୁ ଅଧିକ ଆର୍ଥିକ ସାହାଯ୍ୟ ଯୋଗାଇ ଦେଉଛନ୍ତି । ରାଜ୍ୟ ସରକାରଙ୍କ ଶିଳ୍ପ ଉନ୍ନୟନ କର୍ପୋରେସନର ଏକ ସହଯୋଗୀ ଶିଳ୍ପ ସଂସ୍ଥା ରୂପେ "ଇଷ୍ଟ କୋଷ୍ଟ ସଲ୍ଟ ଏଣ୍ଡ କେମିକାଲ ଇଣ୍ଡଷ୍ଟ୍ରିଜ ଲିମିଟେଡ୍" ଗଞ୍ଜାମ ଜିଲାର ସୁମାଣ୍ଡି ଠାରେ ବର୍ଷକୁ ପ୍ରାୟ ୭,୫୦୦ ଟନ୍ ଖାଦ୍ୟ ଓ ଶିଳ୍ପ ଉପଯୋଗୀ ଲୁଣ ଉତ୍ପାଦନ କରୁଛନ୍ତି । ରାଜ୍ୟରେ ଉତ୍କୃଷ୍ଟ ଧରଣର ଲୁଣ ଉତ୍ପାଦନ ହେଉ ନ ଥିବାରୁ, ଶିଳ୍ପ କ୍ଷେତ୍ରରେ ଲବଣ ଚାହିଦା ମେଣ୍ଟାଇବା ପାଇଁ ଶିଳ୍ପ ଉପଯୋଗୀ ଲବଣ ଉତ୍ପାଦନ ପାଇଁ ରାଜ୍ୟ ଶିଳ୍ପ ଉନ୍ନୟନ କର୍ପୋରେସନ ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି । ବର୍ତ୍ତମାନ ମଧ୍ୟ ଲବଣ ଉତ୍ପାଦନ କ୍ଷେତ୍ରରେ ଆମରାଜ୍ୟ ଆଧୁନିକ କାରିଗରୀ ବା କୌଶଳ ଗ୍ରହଣ ନ କରି ପାରଂପାରିକ ରୀତିରେ ଚାଲିଛି । ଆଶା କରାଯାଏ, ନୂତନ ବୈଜ୍ଞାନିକ ପଦ୍ଧତି ଅନୁସରଣ କରି ଆମରାଜ୍ୟ ଓଡ଼ିଶା ମଧ୍ୟ ଉତ୍କୃଷ୍ଟ ଧରଣର ଲବଣ ଉତ୍ପାଦନ କରିବାକୁ ସମର୍ଥ ହୋଇ ପାରିବ ।

ଲୁଣ ଉତ୍ପାଦନ କ୍ଷେତ୍ରରେ ଆମେରିକା, ଫ୍ରାନ୍ସ ଏବଂ ଇଟାଲି ପ୍ରଭୃତି ଦେଶ ବିଭିନ୍ନ ଯାନ୍ତ୍ରିକ ଉପାୟ ଅବଲମ୍ବନ କରି ବ୍ୟାପକ ପରିମାଣରେ ଲୁଣ ଚାଷ କରିଥାନ୍ତି । ଆମେରିକାରେ ଅନେକ ହେକ୍ଟର ଅଞ୍ଚଳକୁ ଗୋଟିଏ ଲେଖାଏ ଲୁଣ କିଆରୀ କରି ଲୁଣ ମାରିଥାନ୍ତି ! ସେଠାରେ ପ୍ରାୟ ୩୦ ରୁ ୪୦ ସେଣ୍ଟିମିଟର ବହଳରେ ଲୁଣ ବସିଯାଏ । ଟ୍ରାକ୍ଟର ସାହାଯ୍ୟରେ ଏହି ଲୁଣ ସାଉଁଟା ଯାଇ ଗଦାମାରି ରଖାଯାଏ । ସେଠାରେ ଘଣ୍ଟାକୁ ୧୦୦ ଟନ୍‌ରୁ ୧,୦୦୦ ଟନ୍ ପର୍ଯ୍ୟନ୍ତ ଲୁଣ ଉତ୍ପାଦନ କରିବା ଦେଖା ଯାଉଥାଏ । ମେକ୍ସିକୋ, କାଲିଫର୍ଣ୍ଣିଆ, ବାହାମାଦ୍ୱିପପୁଞ୍ଜ ଏବଂ ଅଷ୍ଟ୍ରେଲିଆ ପ୍ରଭୃତି ସ୍ଥାନରେ ମଧ୍ୟ ଏହି ଢାଞ୍ଚାରେ ଲୁଣ ଉତ୍ପାଦନ ହୋଇଥାଏ । ଫ୍ରାନ୍ସରେ ଆଧୁନିକ ଯନ୍ତ୍ରର ବ୍ୟବହାର ଦ୍ୱାରା ଲୁଣ କିଆରୀ ମାନଙ୍କରେ ଚାପ ପ୍ରୟୋଗ କରି ଲୁଣ ମରାଯାଉଥାଏ, ଫଳରେ ଏଠାରେ ୨୦ ରୁ ୩୦ ସେଣ୍ଟିମିଟର ବହଳରେ ଲୁଣ ବସିଯାଏ । ଏଠାରେ ପ୍ରତି ଘଣ୍ଟାରେ ପ୍ରାୟ ୩୦୦ ରୁ ୮୦୦ ଟନ୍ ଯାଏ ଲୁଣ ଉତ୍ପାଦନ ହୋଇଥାଏ । ଇଟାଲିରେ ସେହିପରି ଏକ ସ୍ୱତନ୍ତ୍ର ଯନ୍ତ୍ର ବ୍ୟବହାର କରି ଲୁଣ କିଆରିରେ ଚାପ ପ୍ରୟୋଗ କରାଯାଇଥାଏ । ଏହି ପଦ୍ଧତିରେ ଉକ୍ତ ମେସିନ ସାହାଯ୍ୟରେ ଘଣ୍ଟାକୁ ୧୦୦ ରୁ ୧୨୦ ଟନ ଯାଏ ଲୁଣ ଉତ୍ପାଦନ କରାଯାଏ ।

ଓଡ଼ିଶାର ଲୁଣ ମରା ପଦ୍ଧତି ସେ ଦୃଷ୍ଟିରୁ ଅତି ପୁରୁଣା କାଳିଆ ଏବଂ ପାରଂପାରିକ ରୀତିରେ ଚାଲି ଆସିଛି । ଏଠାରେ ସାଧାରଣତଃ ଦୁଇଟି ପଦ୍ଧତିରେ ଲୁଣ ମରାଯାଏ । ପ୍ରଥମତଃ ସମୁଦ୍ର କୂଳରେ ଛୋଟ ଛୋଟ କିଆରୀମାନ କରି ପାଣି ଛାଡ଼ି ଦିଆଯାଏ ଏବଂ ତାର ସ୍ୱାଭାବିକ ଗତିରେ ସୂର୍ଯ୍ୟ କିରଣ ଯୋଗୁ ପାଣି ବାଷ୍ପୀଭୂତ ହୋଇଯିବା ପରେ କିଆରୀର ଲୁଣ ପାଣି କ୍ରମେ ଘନିଭୂତ ହୋଇ ପରିପୃକ୍ତ ଅବସ୍ଥାକୁ ଆସେ ଓ ଲୁଣ ବସିବା ଆରମ୍ଭ ହୁଏ । କିଆରୀରେ ପ୍ରାୟ ୧୦ ସେଣ୍ଟିମିଟର ଯାଏ ଲୁଣ ବହଳ ଆକାରରେ ବସିଗଲେ ଲୋକେ ଘସି ଘସି ଲୁଣ ଗୁଡ଼ିକୁ ଗଦାମାରି ରଖି ଦିଅନ୍ତି ।


ଅନ୍ୟ ଗୋଟିଏ ପଦ୍ଧତି ହେଲା ଯେ, ପାଣିକୁ ଲୁଣମରା କିଆରୀକୁ ନେବା ପୂର୍ବରୁ ଛୋଟ ଛୋଟ ନାଳଦେଇ କିଛି ବାଟ ବୁହାଇ ନିଆଯାଏ ଏବଂ ପମ୍ପ ସାହାଯ୍ୟରେ ସେ କରାଯାଏ । ଫଳରେ କିଆରୀକୁ ଯିବା ପୂର୍ବରୁ ପାଣି ପରିପୃକ୍ତ ଅବସ୍ଥା ଲାଭ କରିଥାଏ ଓ ଲୁଣ ବସିବା ପାଇଁ ଅପେକ୍ଷା କୃତ କମ୍ ସମୟ ଲାଗେ । ଏହି ପଦ୍ଧତିଟିରେ ଲୁଣ ମାରିବା ତ୍ୱରାନ୍ୱିତ କରାଯାଇଥାଏ । ଫଳରେ ଉତ୍ପାଦନ ପରିମାଣ ମଧ୍ୟ ବୃଦ୍ଧି ପାଇଥାଏ ।

ଲୁଣ କିଆରୀରେ ଏକ ପ୍ରକାର ନୀଳ ରାସାୟନିକ ପ୍ରୟୋଗ କରି ମଧ୍ୟ ସୂର୍ଯ୍ୟକିରଣ ଅଧିକ ମାତ୍ରାରେ ଗ୍ରହଣ କରିବାକୁ ଏବଂ ଜଳର ବାଷ୍ପୀୟ କରଣ ପଦ୍ଧତିକୁ ତ୍ୱରାନ୍ୱିତ କରିବା ଦୃଷ୍ଟିରୁ ଉଦ୍ୟମ ଚାଲୁ ରହିଛି । ଯାହାହେଉ ବର୍ତ୍ତମାନ ଲବଣ ଶିଳ୍ପରେ ଆଧୁନିକ ପଦ୍ଧତିମାନ ଗ୍ରହଣ କରିବା ଦିଗରେ ଓଡ଼ିଶା ଯେ ଦୃଷ୍ଟି ଦେଉଛି ଏଥିରେ ସନ୍ଦେହ ନାହିଁ । ସରକାରୀ ଏବଂ ସମବାୟ ସଂସ୍ଥା ଗୁଡ଼ିକ ଜରିଆରେ ଲୁଣ ଉତ୍ପାଦନ କ୍ଷେତ୍ରରେ ପ୍ରଥମେ ଆଧୁନିକ ପ୍ରଣାଳୀ ଗୁଡ଼ିକ ପ୍ରୟୋଗ କରାଯିବା ପାଇଁ ସରକାର ଉତ୍ସାହିତ କଲେ ଯଥେଷ୍ଟ ସୁଫଳ ମିଳି ପାରନ୍ତା ।

ସନ୍ତୋଷର କଥା ଯେ ଗୁଣାତ୍ମକ ଦୃଷ୍ଟିରୁ ନ ହେଲେ ମଧ୍ୟ ପରିମାଣ ଦୃଷ୍ଟିରୁ ଆମ ରାଜ୍ୟର ଲବଣ ଶିଳ୍ପ କ୍ଷେତ୍ରରେ ଉତ୍ପାଦନର ଉନ୍ନତି ଘଟୁଛି । ୧୯୫୫ ମସିହାରେ ରାଜ୍ୟର ଲବଣ ଉତ୍ପାଦନ ପରିମାଣ ୩୪ ହଜାର ଟନ୍ ହୋଇଥିବା ସ୍ଥଳେ ଦଶ ବର୍ଷ ପରେ ଅର୍ଥାତ୍ ୧୯୬୫ ମସୀହାରେ ଏହା ପ୍ରାୟ ୫୦ ହଜାର ଟନ୍ ଓ ପୁଣି ଦଶ ବର୍ଷ ପରେ ଅର୍ଥାତ୍ ୧୯୭୫ ମସିହାରେ ଏହା ୬୦ ହଜାର ଟନ୍‌କୁ ବୃଦ୍ଧି ପାଇଛି । ଲବଣ ଉତ୍ପାଦନ ହାରର କମ୍ ବେଶୀ ସୂର୍ଯ୍ୟତାପ ଜନିତ ବାଷ୍ପୀୟକରଣ ଏବଂ ବାୟୁରେ ଜଳୀୟ

ବାଷ୍ପ ଅବସ୍ଥିତିର ମାତ୍ରା ଉପରେ ନିର୍ଭର କରିଥା
ଓଡ଼ିଶାରେ ୧୯୫୮ ମସୀହା ଲବଣ ଉତ୍ପାଦନ କ୍ଷେତ୍
ଏକ ଉଲ୍ଲେଖ ଯୋଗ୍ୟ ବର୍ଷ । ହଠାତ୍ ଏହି ବର୍ଷ ଉତ୍ପା
୮୧ ହଜାର ଟନ୍‌କୁ ବୃଦ୍ଧି ପାଇଲା । ଫଳରେ ଉତ୍ପା
କାରୀମାନେ ଲୁଣ ମହଜୁଦ ରଖିବାକୁ ଅସୁବିଧା ଭୋଗ
ଏବଂ ଲୁଣର ଦାମ ମଧ୍ୟ କମିଗଲା । ତେଣୁ ୧୯୬୧ ମସି
ପର୍ଯ୍ୟନ୍ତ ଲୁଣ ଉତ୍ପାଦନ ପାଇଁ ଦଆଯାଉଥିବା ସମୀ
ସେନ୍ସ ଗୁଡ଼ିକୁ ସ୍ଥଗିତ ରଖାଯାଇଥିଲା

ଶିଳ୍ପ ଉନ୍ନୟନ କର୍ପୋରେସନ
ଭୁବନେଶ୍ୱର



# ଟୋମସ୍ ସ୍ନଡ଼ଗ୍ରାସ

ଆମ ଇତିହାସର ବିସ୍ମୃତ କାହାଣୀ କ୍ରମ ଅବେଗପୂର୍ଣ୍ଣ ସ୍ୱରରେ ପୁଣି ମୁଖରିତ ହୋଇ ଉଠେ—ସ୍ନଡ଼ଗ୍ରାସ ଏକ ଅଜଣା ଅଧ୍ୟାୟ ଚରିତ୍ର—ଗଞ୍ଜାମର ଏକ ପ୍ରଶାସକ ଦିନେ ଯେ ଚିଲିକା କୂଳରେ ବିଳାସବହୁଳର ଜୀବନଯାପନ କରୁଥିଲେ ସେ କଥା ଆଜି ଅନେକଙ୍କର ମନେ ନାହିଁ—ତାଙ୍କ ପ୍ରଶାସନିକ ଜୀବନର ଅଜଣା ତଥ୍ୟ ଐତିହ୍ୟ ପ୍ରିୟମାନଙ୍କୁ ତତ୍କାଳୀନ ଓଡ଼ିଶା ସମ୍ପର୍କରେ ଅଧ୍ୟୟନ କରିବାପାଇଁ ଉତ୍ସାହ ପ୍ରଦାନ କରେ..

ଶ୍ରୀ ସଚ୍ଚିଦାନନ୍ଦ ମିଶ୍ର

ଇତିହାସର ରଙ୍ଗମଞ୍ଚରେ ବିଭିନ୍ନ ସ୍ୱଭାବର ଚରିତ୍ର-ମାନଙ୍କର ସମାବେଶ ଘଟିଥାଏ । ଟୋମସ୍ ସ୍ନଡ଼ଗ୍ରାସ୍ ଗଞ୍ଜାମ ଇତିହାସର ଜଣେ ବିଚିତ୍ର ଚରିତ୍ର ।

ଇଂରାଜୀ ଇଷ୍ଟ ଇଣ୍ଡିଆ କଂପାନୀର ଭାରତରେ ସାମ୍ରାଜ୍ୟ ପ୍ରତିଷ୍ଠାର ପ୍ରାଥମିକ ଅବସ୍ଥାରେ ଯେତେବେଳେ ଏ ନୂଆ ସିଭିଲ୍ ସର୍ଭିସ୍ ଗୁଡ଼ିକ ପ୍ରବର୍ତ୍ତନ କରାଗଲା ସେତେବେଳେ ଅନେକ ଶିକ୍ଷିତ ଇଂରାଜୀ ଯୁବକ ଭାଗ୍ୟୋଦୟର ସନ୍ଧାନ ନେବାକୁ ଭାରତକୁ ଆସୁଥିଲେ । ସେତେବେଳେ ଭାରତରେ ଲର୍ଡ କ୍ଲାଇଭ୍ଙ୍କ କୀର୍ତ୍ତିକୁ ଅନୁସରଣ କରିବା ଥିଲା ପ୍ରତ୍ୟେକ ଉତ୍ସାହୀ ଯୁବକର ଏକ ଲକ୍ଷ୍ୟ । ବ୍ରିଟିଶ ପାର୍ଲାମେଣ୍ଟ ମଧ୍ୟ ଲର୍ଡ କ୍ଲାଇଭ୍ଙ୍କ ଉତ୍କୋଚ ଗ୍ରହଣ ଆଚରଣକୁ ଦେଶସେବାରେ ଅନୁଚିତ ଲକ୍ଷଣ ବୋଲି ବୟାନ୍ ଦେଇ ସାରିଥିଲେ । "ଦେଶ ସେବା କରିବାକୁ ଲୋକଙ୍କୁ ଉତ୍ସାହିତ କରିବାର ଉଚିତ ଉପାୟ ହେଲା, ଯୁଗପତ୍ ସେମାନେ ଆପଣା ସ୍ୱାର୍ଥସାଧନ କରିବା ଲାଗି ସେମାନଙ୍କୁ ଛାଡ଼ିଦେବା ।"

ଟୋମସ୍ ସ୍ନଡ଼ଗ୍ରାସ୍ ଜଣେ ମେଧାବୀ ଛାତ୍ର ଥିଲେ । ତାଙ୍କ ଉତ୍ତମ ଚେହେରା ଥିଲା, କବିସୁଲଭ କଳ୍ପନା କବିତା ଥିଲା ଓ ଥିଲା ଅସାଧାରଣ ପ୍ରତ୍ୟୁତ୍ପନ୍ନମତି । ଏପରି ପ୍ରତିଭାବନ୍ତ ଯୁବକଙ୍କ ପକ୍ଷେ ଇଂଲଣ୍ଡ ମାଟିରେ ଏକ ଉତ୍ତମ ଜୀବିକା ଯୁଟି ପାରିଥାନ୍ତା । କିନ୍ତୁ ଉଚ୍ଚମନା ସ୍ନଡ଼ଗ୍ରାସ୍ ଯାବେ-ତୁମା-ତତ୍ସୁଖମ୍-ପକ୍ଷୀ ଥିଲେ ଓ ତାଙ୍କ ଭଳି ଭାଗ୍ୟାନ୍ୱେଷୀଙ୍କପାଇଁ ଭାରତ ହିଁ ଥିଲା ପ୍ରକୃଷ୍ଟ କ୍ଷେତ୍ର । ଏହି କାରଣରୁ ଇଂଲଣ୍ଡରେ ଭାରତ-ଫେରନ୍ତା ହୋଇବା ଦୁର୍ନାମ ପ୍ରତି ଖାତିର ନ କରି ସ୍ନଡ଼ଗ୍ରାସ୍ କମ୍ପାନୀର ସିଭିଲ ସର୍ଭିସରେ ଯୋଗ ଦେଲେ ।

ଏଠାରୁ କିଛିକାଳ ଅବସ୍ଥାପିତ ହେବା ପରେ ସ୍ନଡ଼ଗ୍ରାସ୍ ଖ୍ରୀ : ୧୭୮୦ରେ ଜିଲ୍ଲାର ବ୍ୟୟକର୍ତ୍ତା (Pay Master) ହୋଇ ଆସିଲେ ଗଞ୍ଜାମକୁ । ଏହା ଗଞ୍ଜାମ ସହ ତାହାଙ୍କର ପ୍ରଥମ ପରିଚୟ । ମଝିରେ ମଝିରେ ସ୍ନଡ଼ଗ୍ରାସ୍ ଅନ୍ୟଠିକି ବଦଳି ହେଉଥିଲେ ମଧ୍ୟ ତାହାଙ୍କର ଚାକିରି ଜୀବନଟି ମୁଖ୍ୟତଃ ଗଞ୍ଜାମରେ କଟିଥିଲା ଓ ତାହାଙ୍କର କୃତିତ୍ୱ ତଥା ଅପାରଗତା ସବୁ ଗଞ୍ଜାମରେ ହିଁ ପ୍ରକାଶ ପାଇଥିଲା ।

ଇଷ୍ଟ ଇଣ୍ଡିଆ କଂପାନୀ ଉତ୍ତର ସରକାର ନାମରେ ଅଭିହିତ ବଙ୍ଗୋପସାଗରର ଉପକୂଳବର୍ତ୍ତୀ ଅଞ୍ଚଳ ପାଇଲେ ୧୭୬୬ରେ । ଉତ୍ତର ସରକାରର ଉତ୍ତରତମ ଅଞ୍ଚଳ ଭାବରେ ସମଗ୍ର ଓଡ଼ିଶା ମଧ୍ୟରୁ ଗଞ୍ଜାମ ଜିଲ୍ଲାଟି ସେତେବେଳେ ପ୍ରଥମେ ଇଂରାଜୀଙ୍କ କରଗତ ହେଲା । ପ୍ରାଥମିକ ଅବସ୍ଥାରେ ଗଞ୍ଜାମରେ ଇଂରାଜୀମାନେ ଆସ୍ଥାନ ଜମାଇବା ଆୟାସସାଧ୍ୟ ବ୍ୟାପାର ଥିଲା କାରଣ ସେହି ଜୋର-ଯାର-ମୁଲକତାର ଯୁଗରେ ଗଞ୍ଜାମର ସୁବିଧାବାଦୀ ରାଜା ଜମିଦାରମାନଙ୍କର ଚରଣଚୁଟିଆ ନୀତିର ମୁକାବିଲା କରୁଥିଲା କଂପାନୀର ଅନଭିଜ୍ଞ କର୍ମଚାରୀମାନଙ୍କର ହୁଙ୍କାପିଟା ଶାସନ ।

ସ୍ନଡ଼ଗ୍ରାସ୍ ପ୍ରଥମରୁ ହିଁ ଗଞ୍ଜାମକୁ ଭଲ ପାଇଲେ । ସେତେବେଳେ ଜିଲ୍ଲାର ସଦରମହକୁମା ଥିଲା ଋଷିକୁଲ୍ୟା ମୁହାଣର ଗଞ୍ଜାମ ସହର (ଏହି କାରଣରୁ ଜିଲ୍ଲାଟି ଗଞ୍ଜାମ ନାମରେ ଅଭିହିତ ହେଲା) । ଗଞ୍ଜାମ ବା ସ୍ଥାନୀୟ ଲୋକତୁଣ୍ଡର ଗଂଜା ଏକ ଜନାକୀର୍ଣ୍ଣ ସମୃଦ୍ଧ ନଗର ଥିଲା ଓ ବ୍ୟବସାୟ ବାଣିଜ୍ୟର ପ୍ରଧାନତମ ପେଣ୍ଠ ସ୍ଥଳ ଥିଲା । ପୁଣି ଏହା ଥିଲା ଏକ ବନ୍ଦର । ଇଂରାଜୀମାନେ ସେଠାରେ ପହଞ୍ଚିବା ପରେ ପରେ ଏକ ସୁଦୃଢ଼ ପଞ୍ଚଭୁଜାକାର ଦୁର୍ଗ ମଧ୍ୟ ନିର୍ମାଣ କରିଥିଲେ (ଯାହାର ଭଗ୍ନାବଶେଷ ଅଦ୍ୟାପି ପୋତାଗଡ଼ ନାମରେ ରହିଛି) । ଗଞ୍ଜା ନଗରୀର ଉପବନ ବଳୟିତ ବଡ଼ ବଡ଼ କୋଠା ଘର ପ୍ରଶସ୍ତ ପଥ, ଋଷିକୁଲ୍ୟାର ଶାନ୍ତ ଉପକୂଳ ଓ ଆଶାନ୍ତ ସମୁଦ୍ରର ଶୀତଳ ଲୁଣି ପବନକୁ ଯେକୌଣସ ଯୁବକ ଭଲ ପାଇବା ସ୍ୱାଭାବିକ ଅଟେ ।

ସ୍ନଡ଼୍‌ଗ୍ରାସ୍ କିନ୍ତୁ ଅଧିକତର ଭଲ ପାଇଲେ ଗଂଜାମର ମାତ୍ର ଦଶ ମାଇଲ ଉତ୍ତର-ପୂର୍ବବର୍ତ୍ତୀ ଚିଲିକାକୁ । ମରାଳମାଳିନୀ ନୀଳାମ୍ବୁ ଚିଲିକାର ତରଙ୍ଗାୟିତ ମୃଦୁଳ ବକ୍ଷରେ ତାହାଙ୍କର କଳ୍ପନାବିଳାସ ଲୁବ୍‌ଧ ଚିତ୍ତ ଭାସିବାକୁ ଶିଖିଲା ।

ସେତେବେଳକୁ ଜିଲ୍ଲା କଲେକ୍ଟର, ଜିଲ୍ଲା ଜଜ୍, ଜିଲ୍ଲା ପୋଲିସ ସାହେବ ଆଦି ପଦ ସୃଷ୍ଟି ହୋଇ ନ ଥାଏ । ଜିଲ୍ଲାର କଂପାନୀ ଶାସନର ସର୍ବମୟ କର୍ତ୍ତାରୂପେ ଥାଆନ୍ତି ଜଣେ ରେସିଡ଼େଣ୍ଟ ଯାହାଙ୍କଠାରେ ସକଳ କ୍ଷମତା ନ୍ୟସ୍ତ ହୋଇଥାଏ । ସ୍ନଡ଼୍‌ଗ୍ରାସ୍ ରେସିଡ଼େଣ୍ଟଙ୍କ ପ୍ରତ୍ୟକ୍ଷ ଅଧୀନରେ ବ୍ୟୟକର୍ତ୍ତା ଓ ଅନ୍ୟାନ୍ୟ ପଦରେ କାର୍ଯ୍ୟକରୁଥିବା ହେତୁ ନିଜର ଉଚ୍ଚାଭିଳାସକୁ ପୂରା ଚରିତାର୍ଥ କରିବା ଲାଗି ନିରଙ୍କୁଶ ସୁବିଧା ନ ପାଇବା ସ୍ୱାଭାବିକ । ସୁବିଧା ପାଇବା ପାଇଁ ହାକିମଙ୍କ ମନ ଧରିବାକୁ ହୁଏ ଓ ସେଥିରେ ସ୍ନଡ଼୍‌ଗ୍ରାସ୍ ସୁଦକ୍ଷ ଥିଲେ ତେଣୁ କଂପାନୀର କାଗଜ ପତ୍ର ସ୍ନଡ଼୍‌ଗ୍ରାସଙ୍କର ପ୍ରତିଭା ସାଙ୍ଗକୁ ପ୍ରଶାସନିକ ଦକ୍ଷତାର ପ୍ରଶଂସା କରେ ।

କଂପାନୀ କାଗଜ ପତ୍ରରେ ସ୍ନଡ଼୍‌ଗ୍ରାସ୍ ଜଣେ ସମର୍ଥ ସିଭିଲ୍ ସର୍ଭେଣ୍ଟ ଥିଲେ ଓ ତାହାଙ୍କର ପଦୋନ୍ନତି ଶୀଘ୍ର ହୋଇଗଲା । ୧୭୯୧ରେ ସେ ତାଙ୍କର ପ୍ରିୟ ଗଞ୍ଜାମକୁ ଆସିଲେ ରେସିଡ଼େଣ୍ଟ ହୋଇ । ସେ ତାଙ୍କ ଦାୟିତ୍ୱ ନେଲାବେଳକୁ ଗଞ୍ଜାମ ଜିଲ୍ଲା ଘୋର ଦୁର୍ଭିକ୍ଷର କବଳରେ ପଡ଼ିଥାଏ । ଏହି ଦୁର୍ଭିକ୍ଷ ୧୭୮୯ରୁ ଦୀର୍ଘ ଚାରି ବର୍ଷ ଧରି ଲାଗି ରହିଥିଲା ଓ ବଡ଼ ସାଂଘାତିକ ଥିଲା । ରେସିଡ଼େଣ୍ଟ ଭାବରେ ସ୍ନଡ଼୍‌ଗ୍ରାସଙ୍କର ପ୍ରଥମ କାର୍ଯ୍ୟ ହେଲା ଜମିଦାରମାନଙ୍କର ଅମାରର ସଂଚିତ ଶସ୍ୟକୁ ଅପହରଣ କରି ଦୁର୍ଭିକ୍ଷ ପ୍ରପୀଡ଼ିତ ଜନତାକୁ ଯୋଗାଇବା । ଖଲ ଜମିଦାରମାନଙ୍କର ତାକତ୍ ତାଙ୍କୁ ବେଶ୍ ମାଲୁମ୍ ଥିଲା ତେଣୁ ସେମାନଙ୍କୁ ସାବାଡ଼୍ କରିବାରେ ସେ ଧୁରନ୍ଧର ଥିଲେ । ସରକାରୀ ରେକର୍ଡ ପତ୍ର ଉପରେ ଆଧାରିତ ଗଞ୍ଜାମ ଜିଲ୍ଲା ମ୍ୟାନୁଆଲ୍ ରେସିଡ଼େଣ୍ଟ ଭାବରେ ସ୍ନଡ଼୍‌ଗ୍ରାସଙ୍କର କାର୍ଯ୍ୟର ପ୍ରଶଂସା କରିଛି :--

During Mr. Snodgrass tenure of office as Resident, he seems to have exerted himself with considerable energy and zeal, not only in reducing the refractory Zemindars but in battling with the horrors of famine.

ସ୍ନଡ଼୍‌ଗ୍ରାସ୍ ଲୋକଙ୍କୁ ଦୁର୍ଭିକ୍ଷକାଳୀନ ସାହାଯ୍ୟ ଦାନ କରିବା ଲାଗି କଂପାନି ସରକାରଙ୍କଠାରୁ ମଞ୍ଜୁରି ଆଣିଲେ । ଜିଲ୍ଲାର ସମସ୍ତ ରାଜସ୍ୱକୁ ସେହି ଉଦ୍ଦେଶ୍ୟରେ ଖଟାଇଲେ । ଦୁର୍ଭିକ୍ଷ ସାହାଯ୍ୟ ପରିକଳ୍ପନା ଅତି ବ୍ୟାପକ ଓ ବିରାଟ ଆକାରରେ କାର୍ଯ୍ୟକାରୀ କରାଇଲେ । ଏତେବେଳେ ଦେଶ ସେବା ସହ ସ୍ୱାର୍ଥସିଦ୍ଧି ପାଇଁ ତାହାଙ୍କୁ ମଉକା ମିଳିଗଲା । ଦୁର୍ଭିକ୍ଷବେଳେ ଲୋକଙ୍କୁ ଭିକ୍ଷା ... ଖାଦ୍ୟଶସ୍ୟ ନ ଦେଇ ସେମାନଙ୍କୁ ବନ୍ଧ ତିଆରି, ... ଖୋଳା ଆଦି କାମରେ ଖଟାଇ ମଜୁରି ସ୍ୱରୂପ ... ଯୋଗାଇଲେ (ସ୍ନଡ଼୍‌ଗ୍ରାସ୍‌ଙ୍କ ଏହି ନିଷ୍ପତ୍ତିର ... ପ୍ରାୟ ୭୫ ବର୍ଷ ପରବର୍ତ୍ତୀ ନଅଙ୍କ ଦୁର୍ଭିକ୍ଷ ବେଳେ ... ହୋଇଥିଲା) । ଚିଲିକାର ଆକର୍ଷଣ ... ସବୁବେଳେ ରହି ଆସିଥିଲା । ଚିଲିକାର ... ତୀରରେ ରମଣୀୟ ରମ୍ଭାଠାରେ ଗୋଟିଏ ... ବାଛି ଏହି ଦୁର୍ଭିକ୍ଷ ବ୍ୟବସ୍ଥା ଭାବରେ ନିଜପାଇଁ ... ବଡ଼ ଧରଣର ବାସଗୃହ ନିର୍ମାଣ କରାଇ ନେଲେ । ରମ୍ଭାର ଏହି ପ୍ରମୋଦ ନିବାସଟିର ନିର୍ମାଣ କାର୍ଯ୍ୟ ... ୧୭୯୨ରେ ।

ସେ କାଳରେ ରେସିଡ଼େଣ୍ଟଙ୍କୁ ସାହାଯ୍ୟ କରିବା ... ପ୍ରତି ଜିଲ୍ଲାରେ ଜଣେ ଜଣେ ଦୋଭାଷ (Dubash) ରହୁଥିଲେ, ଯେଉଁମାନେ ଇଂରାଜୀ ହାକିମଙ୍କ ସହ ... ଜମିଦାରମାନଙ୍କର ସଂପର୍କବେଳେ ପ୍ରଧାନ ... ଗ୍ରହଣ କରୁଥିଲେ । ଭାରତୀୟମାନଙ୍କର ... ସରକାରୀ ପଦବୀ ମଧ୍ୟରେ ଦୋଭାଷ ଥିଲା ... ଶ୍ରେଷ୍ଠ । ରେସିଡ଼େଣ୍ଟଙ୍କ ଘନିଷ୍ଠ ସଂପର୍କରେ ... ହେତୁ ଓ ରେସିଡ଼େଣ୍ଟମାନେ ସ୍ଥାନୀୟ ଭାଷା ବୁଝୁ ... ହେତୁ ଦୋଭାଷମାନେ ପ୍ରତିପତ୍ତିଶାଳୀ ହେଉଥିଲେ । ଗଞ୍ଜାମ ଏକ ଓଡ଼ିଆ ଭାଷୀ ଅଞ୍ଚଳ ହେଲେ ହେଁ ... ତେଲୁଗୁମାନେ ହିଁ ଦୋଭାଷ ପଦବୀରେ ନିଯୁକ୍ତ ... ପାଉଥିଲେ । କାରଣ କଂପାନିର ରାଜଧାନୀ ... ମାନ୍ଦ୍ରାଜରେ ଓଡ଼ିଆମାନଙ୍କର ହାରିଗୁହାରିର ... ମୂଲ୍ୟ ନ ଥିଲା । ଗଞ୍ଜାମର, ବିଶେଷତଃ ... ଅଞ୍ଚଳର ଅନେକ ବଡ଼ ରଇତ ତେଲୁଗୁ ହେବାର ... କାରଣ ଏହି ଦୋଭାଷ ପଦବୀ । ନିଯୁକ୍ତି ... ମାତ୍ରେ ଦୋଭାଷଙ୍କର ପ୍ରଥମ କାର୍ଯ୍ୟ ହେଉଥିଲା ... ବେସରକାରୀ ବଞ୍ଜର, ପଡ଼ିଆ, ଜଙ୍ଗଲ ଆଦି ... ନିଜ ନାମରେ ତଥା ନିଜର ବନ୍ଧୁବାନ୍ଧବଙ୍କ ନାମରେ ... ରେକର୍ଡପତ୍ର କରାଇ ନେବା । ସ୍ନଡ଼୍‌ଗ୍ରାସଙ୍କର ... ଥିଲେ ଗୋପାଳକୃଷ୍ଣାମ୍ମା ଯେ କି ଅନ୍ୟ ଦୋଭାଷ ... ପରି ସ୍ୱାର୍ଥାନୁସନ୍ଧିତ୍ସୁ ଥିଲେ ଓ ହାକିମଙ୍କର ମନ ... କାମ କରୁଥିଲେ ।

ସ୍ନଡ଼୍‌ଗ୍ରାସ୍ ଗୋପାଳକୃଷ୍ଣାମ୍ମାଙ୍କୁ ଭାରି ... ପାଇଲେ, ତାଙ୍କ କଥାରେ ଚଳିଲେ । ଗୋପାଳ... କୃଷ୍ଣାମ୍ମା ସ୍ନଡ଼୍‌ଗ୍ରାସ୍‌ଙ୍କୁ ସକଳ ବିଭୋଗ ଯୋଗାଉଥିଲେ ... ସ୍ନଡ଼୍‌ଗ୍ରାସ୍ ଦୋଭାଷଙ୍କ ପରାମର୍ଶ ମାନି ଚଳୁଥିଲେ ... ଫଳରେ ଉଭୟେ ଯାହା ଯେପରି ଚାହୁଁଥିଲେ ... ଯାଉଥିଲେ । କିଛି କାଗଜପତ୍ର ରଖିବା, ... ରାଜସ୍ୱ ଦେଲା କି କେଉଁ ବାବଦରେ କେତେ ... ତାହାର ହିସାବ ରଖିବା ଆବଶ୍ୟକ ମନେ ହେଲା ନାହିଁ ...

ଅନୁମିତ ହୁଏ ଗୋପାଳକୃଷ୍ଣାମ୍ମାଙ୍କୁ ଏତେ ପ୍ରାଧାନ୍ୟ ଦେବା କଥାକୁ ଜିଲ୍ଲାର ସହକାରୀ ମାନେ ସୁନଜରରେ ମଣୁ ନ ଥିଲେ । ସ୍ନଡ଼- ପ୍ରତି ଗୋପାଳକୃଷ୍ଣାମ୍ମାଙ୍କୁ ଦୋଭାଷ ପଦବୀ ସରକାରୀ ବ୍ୟାଖ୍ୟାକାର (Pulic Interpreter ଦେଇଥିଲେ ଯଦିଓ ଏପରି ଦୁଇଟି ଉଚ୍ଚ ପଦବୀ ମଣିଙ୍କୁ ଦେବା ଦୋଷାବହ କର୍ମଥିଲା ଗୋପାଳ- ଙ୍କ ପ୍ରଭାବ ବୃଦ୍ଧି ଯୋଗୁଁ ଅନ୍ୟ କର୍ମଚାରୀମାନଙ୍କର ହେବା ସ୍ୱାଭାବିକ ହେଲେ ହେଁ ରେସିଡ଼େଣ୍ଟଙ୍କ କ୍ଷମତାକୁ ଡରସି କେହି କିଛି ପ୍ରତିକାର କରି ଥିଲେ । ଏପରି ଅବସ୍ଥାରେ ପାର୍ଲାମେଣ୍ଟର ଏକ ଅନୁସାରେ ରାଜସ୍ୱ-ଶପଥ ନେବା ଲାଗି ସବୁ ପ୍ରେସିଡ଼େନ୍‌ସିର ରାଜଧାନୀ ମାନ୍ଦ୍ରାଜକୁ ଯିବାକୁ ପଡ଼ିଲା । ସହକାରୀ ଉଇଲିୟମ ସ୍ୱର୍ଗ ଦେଇ ସ୍ନଡ଼ଗ୍ରାସ ଅଳ୍ପକାଳ ପାଇଁ ଗଞ୍ଜାମ । ତହିଁଆ ହାକିମମାନେ ଯେଉଁ ପ୍ରତିକାର ଖୁହୁଁଥିଲେ, ତାହା କରିବା ଲାଗି ସ୍ନଡ଼ଗ୍ରାସ୍ ସାମୟିକ ଅନୁପସ୍ଥିତ ହେବା ମାତ୍ରେ ସୁବିଧା । ଏହା ୧୭୯୩ ଆରମ୍ଭ ସମୟର କଥା ।

ଅନେକ ଜମିଦାର ଓ ଖଲିକୋଟର ଠିକାଦାର କଲେ ଯେ, ସେମାନେ ଗୋପାଳକୃଷ୍ଣାମ୍ମାଙ୍କୁ ଦେଇ କୌଣସି ରସିଦ୍ ପାଉନାହାନ୍ତି । ରେକର୍ଡ଼ରେ ମଧ୍ୟ ଏହି ଖଜଣା ପାଉତି ଥିଲା । ଏହି ବିଷୟ ତଦନ୍ତ କରି ରିପୋର୍ଟ ସରକାର ଅସ୍ଥାୟୀ ରେସିଡ଼େଣ୍ଟ ଗଠନ ଓ କଲେକ୍ଟର ଓ୍ୱେବ ସାହାବ୍‌ଙ୍କୁ ଆଦେଶ କଲେ ଶେଷ ହେବା ଯାଏ ସ୍ନଡ଼ଗ୍ରାସ ମାନ୍ଦ୍ରାଜ ସହରରେ ବୋଲି ସ୍ଥିର କଲେ । ତଦନ୍ତର ଫଳ ଭାବରେ ସ୍ନଡ଼ଗ୍ରାସ ଓ ବିଶେଷତଃ ଗୋପାଳ- ବିରୁଦ୍ଧରେ ଗଲା । ଗୋପାଳକୃଷ୍ଣାମ୍ମାଙ୍କୁ କ୍ଷମତା ଦେଇ ସ୍ନଡ଼ଗ୍ରାସ୍ ମନ୍ଦକାର୍ଯ୍ୟ କରିଛନ୍ତି କମ୍ପାନି ସରକାର ନିର୍ଦ୍ଧାରଣ କଲେ ଓ ଏଥିଲାଗି ଗ୍ରାସଙ୍କୁ ଭର୍ତ୍ସନା କଲେ । ଗୋପାଳକୃଷ୍ଣାମ୍ମା ଅର୍ଥ ତୋଷରପାତ କରିବା ଅଭିଯୋଗରେ ସାବ୍ୟସ୍ତ ହେଲେ ଓ ତାଙ୍କଠାରୁ ୧୭,୧୫୦ ଟଙ୍କା ଆସିବ ବୋଲି ସରକାର ସ୍ଥିର କଲେ । ଟଙ୍କା ନ ଫେରାଇବାରୁ ଗୋପାଳକୃଷ୍ଣାମ୍ମାଙ୍କୁ ରେ, ତାହାଙ୍କ ପ୍ରତିପତ୍ତିର ପୀଠସ୍ଥଳରେ, ଗୋଡ଼ରେ ପକାଇ ବନ୍ଦୀ କରାଗଲା ମଧ୍ୟ ସେ ପରେ ପରିଶୋଧ କରି ମୁକ୍ତି ପାଇଲେ । କିନ୍ତୁ ଅର୍ଥ ତୋଷରପାତ ଅଭିଯୋଗରେ ଏକ ଦେୱାନୀ ମାମଲା ହେଲେ ମଧ୍ୟ ତାଙ୍କୁ ଫୌଜଦାରୀ ଦିଆଯାଇ ପାରି ନ ଥିଲା । କାରଣ ଫୌଜଦାରୀ ମାମଲାରେ ଗୋପାଳକୃଷ୍ଣାମ୍ମା ଅଭିଯୁକ୍ତ ହେଲେ ସ୍ନଡ଼ଗ୍ରାସଙ୍କୁ ଖସାଇବାର ଉପାୟ ନ ଥିଲା ଓ ଇଂରାଜୀ ସାହେବମାନେ ଦଣ୍ଡିତ ହେଲେ ସରକାରଙ୍କ ସମ୍ମାନରେ ବାଧା ଆସିବ ବୋଲି ଧାରଣା ରହି ଆସିଥିଲା ।

ସ୍ନଡ଼ଗ୍ରାସଙ୍କ କାର୍ଯ୍ୟକଳାପ ନିନ୍ଦିତ ହେଲେ ହେଁ ସେ କୌଣସି ମତେ ଦାୟୀ ହେଲେ ନାହିଁ । ତାଙ୍କ ପ୍ରତି ଏ ତଦନ୍ତର ଫଳ ଚନ୍ଦ୍ରରେ କଳଙ୍କ ପରି ହେଲା । ଅବଶ୍ୟ ସେ ଏହା ପରେ ଗଞ୍ଜାମରେ ଅବସ୍ଥାପିତ ହେଲେ ନାହିଁ । ରେସିଡ଼େଣ୍ଟ ପଦବୀର କ୍ଷମତା ପରିସର ଅଧିକ ଥିବା ହେତୁ କ୍ଷମତାର ଅପବ୍ୟବହାର ହେଉଥିବା ଆଶଙ୍କାରେ ଗଞ୍ଜାମରୁ ରେସିଡ଼େଣ୍ଟ ପଦବୀ ଉଠିଗଲା ଓ ଓ୍ୱାଲଟର ବଲ୍‌ଫୋର ଗଞ୍ଜାମର ପ୍ରଥମ କଲେକ୍ଟର ଭାବରେ ୧୭୯୪ ଅପ୍ରିଲ ପହିଲା ତାରିଖରେ କାର୍ଯ୍ୟଭାର ଗ୍ରହଣ କଲେ । କିନ୍ତୁ ସୁଚତୁର ସ୍ନଡ଼ଗ୍ରାସ ଏଥିରେ ହତୋତ୍ସାହ ନ ହୋଇ ନିଜର ସ୍ୱଭାବସୁଲଭ କୌଶଳ ଦ୍ୱାରା ତିନି ବର୍ଷ ମଧ୍ୟରେ ବଲଫୋରଙ୍କୁ ତଡ଼ି ନିଜେ ଗଞ୍ଜାମର କଲେକ୍ଟର ହୋଇ ଅଧିଷ୍ଠିତ ହୋଇ ପାରିଥିଲେ । ସ୍ନଡ଼ଗ୍ରାସଙ୍କର ପରବର୍ତ୍ତୀ କ୍ରିୟାକଳାପ ଆହୁରି ବିଚିତ୍ର ।

ସ୍ନଡ଼ଗ୍ରାସ ଜିଲ୍ଲା କଲେକ୍ଟର ଭାବରେ ଗଞ୍ଜାମର ଶାସନଭାର ଦ୍ୱିତୀୟବାର ଗ୍ରହଣ କଲେ ୧୭୯୭ ମାର୍ଚ୍ଚ ପହିଲାରେ । ଗତ ଥରର ତିକ୍ତ ଅଭିଜ୍ଞତାରୁ ସେ ଏତିକି ଶିକ୍ଷା କରିଥିଲେ ଯେ, ନିଜେ ଫାଇଦା ମାରିବାକୁ ହେଲେ ସହକାରୀମାନଙ୍କୁ ମଧ୍ୟ ସୁବିଧା ଦେବାକୁ ହେବ । ଅନ୍ୟଥା ସେହିମାନେ ଶତ୍ରୁତା ଆଚରଣ କରି ଅଡ଼ୁଆ ସୃଷ୍ଟି କରିବେ । ତେଣୁ ସାତ ସମୁଦ୍ର ତେର ନଈ ସେପାରିରେ ଆତ୍ମୀୟ ସ୍ୱଜନମାନଙ୍କୁ ଛାଡ଼ି ଭାରତର ବୈରି ଜଳବାୟୁର ଘେର ମଧ୍ୟରେ ପଡ଼ିଥିବା ସହକାରୀ ସିଭିଲ ସର୍ଭେଣ୍ଟମାନଙ୍କୁ ସେ ସ୍ୱାର୍ଥାନୁସନ୍ଧାନ ପାଇଁ ଯଥେଷ୍ଟ ସୁବିଧା ଦେଲେ । ଗଞ୍ଜାମ ଜିଲା ମ୍ୟାନୁଆଲ ଏ ସମ୍ପର୍କରେ ଉଲ୍ଲେଖ କରୁଛି :—

"In 1797 Mr. Snodgrass returned to the district as Collector and made his administration notorious by the whole-sale corruption which he allowed to prevail in every department of Govt."

ଶାସନର ପ୍ରତ୍ୟେକ ବିଭାଗରେ ଦୁର୍ନୀତି ବ୍ୟାପିଗଲା । ସ୍ନଡ଼ଗ୍ରାସ ଜିଲ୍ଲାର ସଦର କାର୍ଯ୍ୟାଳୟ ଗଞ୍ଜାଠାରେ ମଧ୍ୟ ରହିଲେ ନାହିଁ । ଗଞ୍ଜାଠାରୁ ଦଶମାଇଲ ଦୂର ରମ୍ଭା ଠାରେ ନିଜର ଯେଉଁ ସୁରମ୍ୟ ପ୍ରମୋଦ ଆବାସଟି ଥିଲା ସେ ସେଠାରେ ହିଁ ରହିଲେ । ଏହି ଉପବନ ବେଷ୍ଟିତ ଆବାସଟି ନୈସର୍ଗିକ ଶାନ୍ତ ପରିବେଶ ମଧ୍ୟରେ ଚିଲିକାର ଶୀତଳ ତରଙ୍ଗାଇତ ବକ୍ଷକୁ ସ୍ପର୍ଶ କରି ରହିଥାଏ ।

ଅବାସର ଚିଲିକାଭିମୁଖୀ ପ୍ରସାରିତ ସୋପାନ ଶ୍ରେଣୀ ଉପରେ ଚିଲିକାର ଢେଉ ନାଚି ନାଚି ଗଲାବେଳେ ଜଳ ଧ୍ୱନିର ମଧୁରତା ସ୍ନଡଗ୍ରାସଙ୍କୁ ସ୍ୱପ୍ନ ବିଭୋର କରେ ଚିଲିକା ବକ୍ଷରେ ବିହାର କରିବା ଲାଗି ସେ ଏକ ପ୍ରମୋଦ-ପୋତ ମଧ୍ୟ ନିର୍ମାଣ କଲେ । କିହାତି ଆବଶ୍ୟକ ପଡିଲେ ସ୍ନଡଗ୍ରାସ ଗଞ୍ଜାମ୍ର ନିଜ କାର୍ଯ୍ୟାଳୟକୁ ଯାଆନ୍ତି, ଅନ୍ୟଥା ସେ ରମ୍ଭାରେ ହିଁ ରହନ୍ତି । ଟପାବାଲା ପ୍ରତ୍ୟହ କାଗଜ ପତ୍ର ଆଣେ, ତାକୁ ସେ ଦସ୍ତଖତ ଦେଇ ଫେରାଇ ଦିଅନ୍ତି । ପ୍ରକୃତ ଶାସନ ସେ କିଛି ବୁଝନ୍ତି ନାହିଁ, ତାଙ୍କର ଅଧସ୍ତନମାନେ ନିରଙ୍କୁଶ ଭାବରେ ଯଥେଚ୍ଛା କାର୍ଯ୍ୟ କରନ୍ତି ।

ଅଧସ୍ତନମାନଙ୍କ ମଧ୍ୟରେ ସ୍ନଡଗ୍ରାସ୍‌ଙ୍କର ଅଧିକ ପ୍ରିୟ ଥିଲେ ସେତେବେଳର ଦୋଭାଷ ଜଗନ୍ନାଥ ରାଉ, ଯେ କି ସଂପତ୍ତି ଓ ପ୍ରତିପତ୍ତି ଉଭୟ ପାଇଁ ଲଳାୟିତ ଥିଲେ । ସ୍ନଡଗ୍ରାସ ନିଜର ଅନେକ କ୍ଷମତା ରାଉଙ୍କୁ ଦେଇଥିଲେ । ଜଗନ୍ନାଥ ରାଉ ଗଞ୍ଜାର ନିଜ ବଙ୍ଗଳାରେ ଅଦାଲତ କରୁଥିଲେ. ଯେଉଁଠାରେ ଜମିଦାର, ପାତ୍ର, ଠିକାଦାର, ପେସ୍‌କାରମାନେ ଅର୍ଜି ପେସ୍ କରୁଥିଲେ ଓ ଶୁଣାଣୀ ପ୍ରାର୍ଥନା କରୁଥିଲେ । ରାଉଙ୍କର ବ୍ୟକ୍ତିଗତ ନଉକର ହୋଇ ବହୁ ସଂଖ୍ୟକ ସିପାହୀ, ପ୍ରଧାନ ଓ ଅନ୍ୟାନ୍ୟ ଗୁଇନ୍ଦାକର ରହିଥିଲେ । ଆହୁରି ମଧ୍ୟ ସେ ପୃଷ୍ଠ ପୋଷକତା କରୁଥିଲେ ଜଣେ ନୃତ୍ୟ ଗୀତ ବାଦ୍ୟକୁଶଳା ରୂପସୀ ବେଶ୍ୟାକୁ, ଯେ କି ନିଜର ମୋହିନୀ ଶକ୍ତି ବଳରେ ଜଗନ୍ନାଥ ରାଉଙ୍କର ବିରୋଧୀମାନଙ୍କୁ ବଶ କରୁଥିଲେ ଓ ବିରୋଧୀମାନଙ୍କ ମଧ୍ୟରେ ବିଭେଦ ସୃଷ୍ଟି କରୁଥିଲେ ।

ଜିଲ୍ଲାର ସବୁ ସରକାରୀ ବିଭାଗରେ ତଳୁ ଉପର ଯାଏ ସବୁ ସ୍ତରରେ ଅତିରେ ଉତ୍କଟ ଦୁର୍ନୀତି କାୟା ବିସ୍ତାର କଲା ଓ ଅର୍ଥ ଅପହରଣ ପାଇଁ ସକଳ ପ୍ରକାର ଶୋଷଣ ଓ ଦମନ ଲୀଳା ଚାଲିଲା । ରାଜସ୍ୱକୁ ଆତ୍ମ-ସାତ କରିବା, ତଞ୍ଚକତା କରିବା, ଜାଲ କରିବା ସାଧାରଣ ବିଷୟ ହୋଇ ପଡିଲା । ସ୍ନଡଗ୍ରାସ ଏ ବିଷୟରେ ଜମା ମୁଣ୍ଡ ଖେଳାଇଲେ ନାହିଁ । ତାହାଙ୍କ ସହକାରୀମାନେ ସ୍ୱେଚ୍ଛାଚାରୀ ହେଲେ, ଅସାଧୁତା ଶାସନରେ ସର୍ବବ୍ୟାପୀ ହୋଇଗଲା । ଜଣେ ମନ୍ଦ ବ୍ୟକ୍ତି କେବଳ ନିଜେ ମନ୍ଦ ହୁଅନ୍ତି ନାହିଁ, କ୍ରମଶଃ ସମଗ୍ର ପରିବେଶ ତାଙ୍କରି ଯୋଗୁଁ ମନ୍ଦ ହୋଇପଡ଼େ ।

ଏହି ଅବସ୍ଥା ଗଞ୍ଜାମରେ ସାଢ଼େ ତିନି ବର୍ଷ ଲାଗି ରହିଲା ବର୍ଷକୁ ବର୍ଷ ଜିଲ୍ଲାର ରାଜସ୍ୱ କମିବାରେ ଲାଗିଲା । ମାନ୍ଦ୍ରାଜରୁ ଏ ବିଷୟରେ ପତ୍ର ଆସିଲେ ତାହାର ଉତ୍ତର ଦେବା ତ ଦୂରର କଥା ଅନେକ ଲଫାପା ମଧ୍ୟ ଖୋଲି ପଢ଼ାଗଲା ନାହିଁ । ସେକାଳରେ ଗଞ୍ଜାମ ଓ ମାନ୍ଦ୍ରାଜ ମଧ୍ୟରେ ଡ଼ାକ ଚଳାଚଳ ବ୍ୟବସ୍ଥା ନ ଥିଲା । ଗମନାଗମନ ସଡ଼କ ତ ନ ଥିଲା । ମାସରେ ଥରେ ଦି ଥର ଜାହାଜ ଟିଏ ଗଞ୍ଜାର ସମୁଦ୍ର କୂଳରେ ଲାଗୁଥିଲା, ଯେଉଁଥିରେ ମାନ୍ଦ୍ରାଜରୁ ... ଆସୁଥିଲା । ସେହିପରି ମାସରେ ଥରେ ଦିଥର ... ଅଭିମୁଖୀ ଜାହାଜ କଲିକତାରୁ ଗଲାବେଳେ ... ଗଞ୍ଜାରୁ ଡାକ ନେଉଥିଲା । ତାହାର ମାନ୍ଦ୍ରାଜ ... ଆସିବାକୁ ଦଶ ଦିନ ଖଣ୍ଡେ ନିଏ । ମାନ୍ଦ୍ରାଜ ... ଚିଠି ଦ୍ୱାରା ଗଞ୍ଜାମର ଅବସ୍ଥା ବୁଝିବାକୁ ଚେଷ୍ଟା ... କଲେ ମଧ୍ୟ ବିଫଳ କାମ ହେଲେ । ୧୮୦୦ ରେ ସ୍ନଡଗ୍ରାସ୍‌ଙ୍କ ... କଲେକ୍ଟରିର ତିନି ବର୍ଷ ମଧ୍ୟରେ ରାଜସ୍ୱ ଏତେ ... କମିଗଲାମେ କମ୍ପାନୀ କର୍ତ୍ତୃପକ୍ଷ ସ୍ନଡଗ୍ରା... ପଦଚ୍ୟୁତ କଲେ ଓ ଜିଲ୍ଲାର ଅବସ୍ଥା ତଦନ୍ତ କରି... ଆଦେଶ ଦେଲେ ।

ସ୍ନଡଗ୍ରାସ୍ ରାଜସ୍ୱ ହ୍ରାସର ପ୍ରକୃତ ତଥା ... କଳ୍ପିତ ଅନେକ କାରଣ ଦର୍ଶାଇଲେ : ବର୍ଷା ... ଫସଲହାନି, ବଜାରରେ ଖାଦ୍ୟଶସ୍ୟର ମୂଲ୍ୟବୃଦ୍ଧି, ... ଘୋର ଅଭାବ, ଜମିଦାରମାନଙ୍କ ବୈରତା, ... ଗଣ୍ଡଗୋଳ, ଜିଲ୍ଲରେ ପର୍ଯ୍ୟାପ୍ତ ସାମରିକ ବଳର ... ଇତ୍ୟାଦି । କିନ୍ତୁ ମାନ୍ଦ୍ରାଜର ମୁଖ୍ୟ ଶାସନ ପରିଷଦ ... ଅଫ୍ ରେଭେନ୍ୟୁ ତାଙ୍କର ସପେଇକୁ ଅଗ୍ରାହ୍ୟ ... ରାଜସ୍ୱର ଆତ୍ମସାତ୍ କରଣ ହିଁ ରାଜସ୍ୱହ୍ରାସର ... ବୋଲି ନିର୍ଣ୍ଣୟ କଲେ ।

ସ୍ନଡଗ୍ରାସଙ୍କ ଉତ୍ତରାଧିକାରୀ ଭାବରେ ... ବ୍ରାଉନ୍ ନିଯୁକ୍ତ ହେଲେ । ବ୍ରାଉନ୍ ନିଜ ସଙ୍ଗରେ ... ବଳ ନେଇ ଆସିଲେ ୧୮୦୦ ର ଅଗଷ୍ଟ ମାସ ... କିନ୍ତୁ ସ୍ନଡଗ୍ରାସ୍ ତାଙ୍କୁ ସହଜରେ ଜିଲ୍ଲାର ଦାୟିତ୍ୱ ... ଦେଲେ ନାହିଁ । ବ୍ରାଉନ୍ ଆସୁଥିବା ଜାଣିପାରି ... ଜିଲ୍ଲାର ସଦର କାର୍ଯ୍ୟାଳୟର ବହୁ ଦରକାରି କାଗଜପତ୍ର ... ରମ୍ଭାରେଥିବା ନିଜ ଘରକୁ ଉଠାଇ ନେଲେ ଓ ... ଅଜ୍ଞାତସାରରେ ଚିଲିକାର ଗଭୀର ଗର୍ଭରେ ... ଦେଲେ । ନିଜେ ମଧ୍ୟ ନିଜର ପୋତରେ ବସି ଚିଲିକା ... ବିହାର କରିବାରେ ଲାଗିଲେ । ସୈନ୍ୟ ... ବ୍ରାଉନ୍ ତାଙ୍କୁ ଘେରିଯିବା ସତ୍ତ୍ୱେ ତାଙ୍କୁ ... ଯାଏଁ ଧରା ଦେଲେ ନାହିଁ । ଉଲ୍ଟା ଠାରେ ବ୍ରାଉନ୍‌ଙ୍କୁ ... କରିବା ଧମକ ମଧ୍ୟ ଦେଲେ । ବ୍ରାଉନ୍ ... ସ୍ନଡଗ୍ରାସଙ୍କୁ ଧରିଲେ ଓ ଅଗଷ୍ଟ ୩୧ ତାରିଖରେ ... ଦାୟିତ୍ୱ ଗ୍ରହଣ କଲେ ।

ଜଗନ୍ନାଥ ରାଉଙ୍କୁ ମଧ୍ୟ ବନ୍ଦୀ କରାଗଲା । ... ପ୍ରଥମେ ଉଭୟଙ୍କୁ ଅଦାଲତକୁ ପଠାଇ ବିଚାର ... ପାଇଁ ଚିନ୍ତା କରୁଥିଲେ କିନ୍ତୁ ସେତେବେଳକୁ ... ସାହେବଙ୍କ ବିଚାର ପାଇଁ କୌଣସି ଅଦାଲତ ... ହୋଇ ନ ଥାଏ । ବିଚାର କଥା ହେଲାନାହିଁ । ... ଆତ୍ମସାତ୍ ହେବା ଅର୍ଥର ନିର୍ଦ୍ଦିଷ୍ଟ ପରିମାଣ ... ନିରୂପିତ ହେଲା ନାହିଁ । ଯେତେବେଳେ ... କିଛି ଆତ୍ମସାତ କରିଛନ୍ତି – ସେତେବେଳେ ...

...ପାରେ ? ସାହେବ ପୁଣି ସିନା ଖସିଗଲେ, ...ପୁଅ ଜଗନ୍ନାଥ ରାଉ ଖସିପାରିଲେ ନାହିଁ । ...ମଜୁରୀ ରାଜ୍ୟର ୬୮,୦୦୦ ଟଙ୍କା ଓ ...ଜମିଦାରିରୁ ପ୍ରାୟ ଏକ ଲକ୍ଷ ଟଙ୍କା ଆତ୍ମସାତ୍ ...କରାଯାଇଥିଲା ।

...ତଦନ୍ତ କରି ସ୍ମଡ୍‌ଗ୍ରାସଙ୍କର ଅଭିଜ୍ଞତା ...ଠୋକାମି ଯୋଗୁଁ ସରକାରୀ ଅର୍ଥ ଆତ୍ମସାତ୍ ...ହୋଇଛି ବୋଲି ରିପୋର୍ଟ ଦେଲେ । ବୋର୍ଡ ଅଫ୍ ...ଏଥିରେ ହୃଦ୍‌ବୋଧ ହେଲା ନାହିଁ । ... ସ୍ମଡ୍‌ଗ୍ରାସ୍‌ଙ୍କ ଲେଖାରେ ତଥା ଆଚରଣରେ ... ହେଲେ ଛୁଟଚତୁର ଧୂର୍ତ୍ତତାର ଲକ୍ଷଣ ସେମାନେ ...ପାଇଲେ । ବୋର୍ଡ ସ୍ଥିର କଲେ ଯେ ଏହା ... ଜାତ, ଠୋକାମିରୁ ନୁହେଁ । ସ୍ମଡ୍‌ଗ୍ରାସଙ୍କୁ ...ବରଖାସ୍ତ କରାଗଲା ଯଦିଓ ତାହାଙ୍କୁ ଇଂରାଜୀ ... ବିଚାରର ପରମ୍ପରା ଅନୁସାରେ ସ୍ୱପକ୍ଷ ...ପାଇଁ ସୁଯୋଗ ଦେଇ କୌଣସି ବିଚାର ହୋଇ ...ନା ।

...ନାଥ ରାଉଙ୍କ ବିରୋଧରେ ତଦନ୍ତ ବର୍ଷ ବର୍ଷ ... ଲାଗି ରହିଲା । ବ୍ରାଉନ୍ ୧୮୦୨ରେ ତାହାଙ୍କର ...ଉତ୍ତରାଧିକାରୀଙ୍କୁ ଜିଲ୍ଲାର ଦାୟିତ୍ୱ ହସ୍ତାନ୍ତର କଲାବେଳେ ... ପତ୍ରର ଏକ ମୁଦ୍ରିତ ଲଫାପା ଦେଲେ ଯେଉଁଥିରେ ... ରାଉଙ୍କ କାର୍ଯ୍ୟକଳାପ ସଂପର୍କିତ ଅତି ...ପୂର୍ଣ୍ଣ ଦଲିଲ ରହିଥିବା କୁହାଯାଉଥିଲା । କିନ୍ତୁ ... ହେବାପରେ ସେଥିରେ ବିଶେଷ କିଛି ଥିବାର ... ପାଇଲା ନାହିଁ । କୌଣସି ଅଜ୍ଞାତ କାରଣରୁ ... ଆଚରଣ ମଧ୍ୟ ରହସ୍ୟମୟ ଓ ସନ୍ଦେହ- ... ହୋଇଥିଲା । ବ୍ରାଉନ୍ ଦାୟିତ୍ୱନେବା ପୂର୍ବ ...ଜିଲ୍ଲାର ସବୁ ରେକର୍ଡ ପତ୍ରକୁ ସେ ନିଜେ ପୋଡ଼ି ...ଦେଇଥିବା କଥା ତାହାଙ୍କ ପରବର୍ତ୍ତୀ କଲେକ୍ଟରଙ୍କ ...ରୁ ପ୍ରକାଶ ପାଉଛି । ବୋଧହୁଏ କଂପାନୀର ...କର୍ତ୍ତୃପକ୍ଷଙ୍କ ମଧ୍ୟରୁ କେତେକ ପ୍ରଭାବଶାଳୀ ... ଅପରାଧୀ ଅଫିସରଙ୍କ ସନ୍‌ମାନ କଂପାନୀର ସମ୍ମାନ ... ମନେ କରୁଥିଲେ ଓ 'ଅଳିଆ ଘାଣ୍ଡିବାକୁ' ... ଥିଲେ । ଶେଷକୁ ଜଗନ୍ନାଥ ରାଉ ମଧ୍ୟ ... ବର୍ଷ କାରାବାସ ଭୋଗିବା ପରେ ଫୌଜଦାରୀ ...ରେ ଅଦେଶ ବଳରେ ମୁକୁଳି ଗଲେ ।

ସ୍ମଡ୍‌ଗ୍ରାସ୍ ପୁଣି ଚାକିରୀ ପାଇବା ପାଇଁ ଭାରତରେ ... ହୋଇ ବିଫଳ ହେବା ପରେ ସ୍ୱଦେଶକୁ ବାହୁଡ଼ି. ... ସେ ତଥାପି ବୁଦ୍ଧି ଓ ପ୍ରତ୍ୟୁତ୍ପନ୍ନମତି ... ଥାନ୍ତି । ସେ ଏକ ଅଭିନବ ଉପାୟରେ ... ଉଦ୍ଦେଶ୍ୟ ସାଧନ ଲାଗି ଯୋଜନା କଲେ । ...ଇଣ୍ଡିଆ କଂପାନିର ମୁଖ୍ୟ କାର୍ଯ୍ୟାଳୟ (ଯୋହା- ...ଇଣ୍ଡିଆ ହାଉସ ବୋଲାଇଲା) ସମ୍ମୁଖରେ ପ୍ରତ୍ୟହ ଆସି ଚକଡ଼ାଏ ଖଣ୍ଡେ ଓଳାଓଳି କରି ସେଠାରେ ଦିନ ପରେ ଦିନ ଧାରଣା ଦେଇ ବସି ରହିଲେ । ତାହାଙ୍କ ବେଶଭୂଷା ଚରମ ଦୁସ୍ଥତା ପ୍ରକଟ କରୁଥାଏ । ସେ ତାଙ୍କ ଚାରିପଟେ ପ୍ଲାକାର୍ଡମାନ ରଖିଥିଲେ ଯେଉଁଥିରେ ଲେଖାଥାଏ "ଜଣେ ନିଷ୍ପାପର କଂପାନୀ ଚାକିରିଆର ଦୁର୍ଦ୍ଦଶା", "ବିନା ବିଚାରରେ କଂପାନୀର ମନମୁଖୀ ଶାସ୍ତିର ଶିକାର", ଇତ୍ୟାଦି ଇତ୍ୟାଦି ।

ସେ ଏପରି ଧାରଣା ଦେଇ ପ୍ରତିବାଦ ଜଣାଇବା (ଯୋହା ବିଂଶ ଶତାବ୍ଦୀର ପରିଭାଷାରେ ସତ୍ୟାଗ୍ରହର ଅଙ୍ଗୀଭୂତ ହୋଇଛି) ଏକ ଅଶ୍ରୁତପୂର୍ବ ଘଟନା । ସମଗ୍ର ଇଂଲଣ୍ଡରେ ଏହାର ପ୍ରଭାବ ପଡ଼ିଲା । କଂପାନୀ ପକ୍ଷରୁ ବାସ୍ତବ ବିଷୟ ଜଣାଇବାକୁ ଉଦ୍ୟମ କରାଗଲେ ମଧ୍ୟ ସ୍ମଡ୍‌ଗ୍ରାସ୍ ଅଧିକରୁ ଅଧିକ ସଂଖ୍ୟକ ଲୋକଂକୁ ଆକର୍ଷଣ କଲେ ଓ ନିଜର ବାକ୍‌ପଟୁତା ବଳରେ ଭାରତର ଜଳବାୟୁର ଏକ ଭୟଙ୍କର ବର୍ଣ୍ଣନା ଦେଇ କଂପାନୀ ବିରୁଦ୍ଧରେ ନାନା ଅଭିଯୋଗ କରିବାକୁ ଲାଗିଲେ । ସେହି ସମୟରେ ଭାରତରେ ଚାକିରୀ କରିବା ପାଇଁ ଯୋଗ୍ୟ ଯୁବକଙ୍କୁ ପାଇବା କଂପାନୀ ପକ୍ଷେ ଏକ ସମସ୍ୟା ଥିଲା । ସେଥିରେ ପୁଣି ସ୍ମଡ୍‌ଗ୍ରାସ୍‌ଙ୍କ ପରି ମେଧାବୀ ବ୍ୟକ୍ତି ବିଂଶାଧିକ ବର୍ଷ ଭଳି ଚାକିରୀ କରିବା ପରେ ବିନା ବିଚାରରେ ଡ଼ିସ୍‌ମିସ୍ ହୋଇ ଛିଣ୍ଡା ଲେଙ୍କଡ଼ା ପିନ୍ଧି ଆପଣା ଦୁଃଖ ଦୁର୍ଦ୍ଦଶାକୁ ବଖାଣି ବସିବା ଦ୍ୱାରା ସମସ୍ୟା ବହୁଗୁଣିତ ହେଲା । ଭାରତରେ ଚାକିରୀ ପାଇଁ ଭଲ ଯୁବକମାନେ ଆଗଭର ହେଲେ ନାହିଁ ।


ସାରା ଦେଶରେ ଚହଳ ପଡ଼ିବାରୁ କଂପାନୀର ଡ଼ିରେକ୍ଟରମାନେ ସ୍ମଡ୍‌ଗ୍ରାସଙ୍କ ସହିତ ଗୋଟିଏ ଆପୋଷ ସମାଧାନ କରିବାକୁ ରାଜି ହେଲେ । ସ୍ମଡ୍‌ଗ୍ରାସ୍ ଲେଙ୍କଡ଼ା କୋଟ୍, ଛିଣ୍ଡା ଜୋତା, ମସିଆ ଟୋପି ପିନ୍ଧି ବାରମ୍ବାର କଂପାନୀ କର୍ତ୍ତୃପକ୍ଷଙ୍କୁ ଭେଟିଲେ କିନ୍ତୁ ନିଜର ଦାବୀରୁ ତିଳେହେଲେ ହଟିଲେ ନାହିଁ । ତାହାଙ୍କର 'ଯୁକ୍ତିଯୁକ୍ତ' ଦାବୀ ଥିଲା ଯେ, ସେ ଚାକିରୀରେ ରହିଥିଲେ ଅବସର ଗ୍ରହଣ ପର୍ଯ୍ୟନ୍ତ ଯେତେ ବେତନ ପାଇଥାନ୍ତେ ତାହା ପାଇବେ ଓ ଅବସର ଗ୍ରହଣ ବୟସ ହେବା ପରଠାରୁ ଯଥାରୀତି ପେନ୍‌ସନ୍ ପାଇବେ । କଂପାନୀ କର୍ତ୍ତୃପକ୍ଷ ଏହି ଦାବୀକୁ କମାଇବାକୁ ଚେଷ୍ଟା କରି ବିଫଳ ହେଲେ ଓ ଶେଷରେ ବାଧ୍ୟ ହୋଇ ସ୍ମଡ୍‌ଗ୍ରାସ୍‌ଙ୍କ ସର୍ତ୍ତ ମୁତାବକ ସମାଧାନ କଲେ । ଏହାପରେ ଦିନେ ଜଣେ ମୂଲ୍ୟବାନ ପୋଷାକ ପରିହିତ ବ୍ୟକ୍ତି ରାଜକୀୟ ଘୋଡ଼ାଗାଡ଼ିରେ ଚଢ଼ି କଂପାନୀ କାର୍ଯ୍ୟାଳୟ ଆଗରେ ପହଞ୍ଚିଲେ । ସେତେବେଳକୁ ସ୍ମଡ୍‌ଗ୍ରାସ୍‌ଙ୍କ ଦୈନନ୍ଦିନ ଧାରଣା ସ୍ଥାନରେ ଅନେକ କୁତୂହଳୀ ବ୍ୟକ୍ତି ସ୍ମାଡ୍‌ଗ୍ରାସଙ୍କ ଆଗମନ ପ୍ରତୀକ୍ଷାରେ ଥିଲେ । ଗାଡ଼ିରୁ ଚପରାସି ଓହ୍ଲାଇ ଦ୍ୱାର ଖୋଲିବା ପରେ ସଂଭ୍ରାନ୍ତ

ବ୍ୟକ୍ତି ଜଣଙ୍କ କାର୍ଯ୍ୟାଳୟ ଭିତରେ ପଶିଲେ । କାର୍ଯ୍ୟ ଉପରେ ନିଜର ତଦବଧି ପ୍ରାପ୍ୟ ସମସ୍ତ ଧନ ଗ୍ରହଣ କରି ଡ଼ିରେକ୍ଟରମାନଙ୍କ ସହିତ ବନ୍ଧୁତା ବ୍ୟଞ୍ଜକ କରମର୍ଦ୍ଦନ ପରେ ସେ ପୁଣି ନିଜ ଘୋଡ଼ା ଗାଡ଼ିରେ ବସିଲେ ସେଠାରୁ ଘୋଡ଼ାଗାଡ଼ି ଚାଲିଯିବା ପରେ ମଧ୍ୟ ଅପେକ୍ଷମାଣ ଜନତା ଜାଣି ପାରିଲେ ନାହିଁ ଯେ ସେହି ସଂଭ୍ରାନ୍ତ ବ୍ୟକ୍ତି ଟୋମସ୍ ସ୍ନଡଗ୍ରାସ୍ : ନିର୍ଯ୍ୟାତିତ, ହତଭାଗ୍ୟ ଦୁଃଖୀ ସ୍ନଡ଼ଗାସ୍ ।

ଭ.ରତ ଛାଡ଼ିବା ପରେ ସ୍ନଡ଼ଗ୍ରାସ୍ ଗଞ୍ଜାମ ସହ ତାଙ୍କର ଶେଷ ସଂପର୍କକୁ ଛିନ୍ନ କଲେ । ଅସଦ୍ ଉପାୟରେ ଅର୍ଜିତ ରମଣୀୟ ଉଦ୍ୟାନ ବେଷ୍ଟିତ ତାଙ୍କର ରମ୍ଭାସ୍ଥ ନିବାସଟିକୁ ସେ ବିକି ଦେଲେ । କାଳକ୍ରମେ ସେହି ନିବାସଟିକୁ କିଣିଥିଲେ ଆସ୍କା ମଦ କାରଖାନା ଓ ଚିନିକଳର ସ୍ଥାପୟିତା (ଯେଉଁଥିରେ ଓଡ଼ି... ଯନ୍ତ୍ର ଯୁଗର ପ୍ରବର୍ତ୍ତକ) ଗଞ୍ଜାମର ଭୂମି... ଏଫ୍. ଜେ. ଭି. ମିଞ୍ଚିନ୍ । ପରେ ଖଲିକୋଟର ... ମହାରାଜ ପରିବାର ଏହାକୁ କିଣି ପ୍ରଥମେ ... ପ୍ରମୋଦ ନିବାସ ରୂପେ ବ୍ୟବହାର କରିଥିଲା ... ଶେଷକୁ ସ୍ଥାୟୀ ନିବାସ ଗୃହ (ନଅର) ଭାବରେ ବ୍ୟ... କରିଥିଲେ ।

ସ୍ନଡ଼ଗ୍ରାସଙ୍କ ସଂପର୍କିତ ଏହି ଐତିହାସିକ ଘଟଣା... ଏକ ମୂଲ୍ୟବାନ ଶିକ୍ଷା ଅଛି । ଶିକ୍ଷାଟି ହେ... ପ୍ରଶାସକ ହେବ ଲାଗି ଯୋଗ୍ୟତା ମଧ୍ୟରେ ବୈ... ବୁଦ୍ଧିତ୍ୱର ମୂଲ୍ୟ ଅପେକ୍ଷା ଚରିତ୍ରଗତ ସାଧୁତାର ମୂ... ଖୁବ୍ ଅଧିକ, କାରଣ ଜଣେ ପ୍ରଶାସକ ବୁଦ୍ଧିମାନ ହୋ... ଅସାଧୁ ହେବା ଅପେକ୍ଷା ବୁଦ୍ଧିହୀନ ହୋଇ ସାଧୁ ହେ... ଢେର ଭଲ ।

ଆଇନ ବିଭାଗ, ଓଡ଼ିଶା ସଚିବାଳୟ
ଭୁବନେଶ୍ୱର-୧



# ଠକଦଳ ଧରାପଡ଼ିଲେ

ଶ୍ରୀ ବଂଶୀଧର ପ୍ରଧାନ

ଗୋଟିଏ ପ୍ରବାଦ ଅଛି "ଠକଙ୍କର ବାରବାଟୀ ... । ଚାଷୋନୀ ଜମିର ମାଲିକ ଯେମିତି ଆଡ଼ୁଆ ... ଛନ୍ତି ମୋଟେ ଭଟିବାଡ଼ି ନଥିବା ତଥେ ... ସେମିତି ଚଳିଚାଂରେ ବୋଲି ବୋଧହୁଏ ଏ ... ପ୍ରବାଦ ରହିଛି । ଏବେତ ସିଲିଂ ବ୍ୟବସ୍ଥା ... ଡିଶା ପରି ବାରବାଟୀ ଜମି ଥିବା ମାଲିକଙ୍କ ... ପାରି ଗଜୁନଥିବ—ଖାଲି ଉଠ ବସ ହେଉ ..., ଜଳ ନିଦ ହେଉ ନଥିବ, ବେତେଳ ବେଳେ ... ପ୍ରତରେ ଏକି ହେଲା-ର କହିତ ନହୁଁଉ ... ଅବୃତ୍ତିକରି ମନକୁ ବୁଝେଇ ହେଉ-... । ହେଲେ ମୁଣ୍ଡର ଓଜନ କମୁ ନ ଥିବ । ଆଉ ... ଶୋ ? ସେମାନଙ୍କର ଭୂ-ସମ୍ପତ୍ତି ଥିଲେ ସିନା ... ବ୍ୟବସ୍ଥା କାର୍ଯ୍ୟକାରୀ ହୁଅନ୍ତା, ଠକାମି ଉପରେ ... ବ୍ୟବସ୍ଥା ନାହିଁ । ତେଣୁ ଉନ୍ନତ ଧରଣର ... ପ୍ରୟୋଗ କରି ସେମାନେ ମୋଟା ଆକାରର ... ଚୋର କରିବାରେ ସଫଳ ହେଉଛନ୍ତି । ଫଳରେ ... ଅବହିତ ହେଉଛି, ଅମିର ଫକିର ହେଉଛି— ... ପର ଚୂନା ହେଉଛି ଏବଂ ସମାଜର ନିରାପତ୍ତା ... ଦାୟିତ୍ୱରେ ଥିବା ପୁଲିସ କର୍ମଚାରୀମାନେ ... ଙ୍କୁ ଗିରଫ କରିବାପାଇଁ ଜାଉଳି ନିଶ୍ୱାସ ଛାଡ଼ୁ-... ଛି, ଘୋର ସେପାଖ ଦଉଡ଼ା ଧପଡ଼ କରି ଥାନରେ ... ବ ହେଉଛନ୍ତି ।

... ହେ, ଗତ ଜାନୁଆରୀ ମାସ କୋଡ଼ିଏ ତାରିଖର ...—୨୧ ଜଣିଆ ଏକ ଆନ୍ତଃପ୍ରାଦେଶିକ ଠକ ଦଳକୁ ଅମ ରାଜ୍ୟର ସି: ଅଇ: ଡି: ସଂସ୍ଥା ମଧ୍ୟପ୍ରଦେଶରୁ ଗିରଫ କରିଛନ୍ତି । ଏହି ଠକ ଦଳକୁ ଗିରଫ କରିବାପାଇଁ ଜୋଛନ୍ଦା ଅଫିସରଙ୍କୁ ଦେଡ଼ମାସ ପର୍ଯ୍ୟନ୍ତ ଅକ୍ଲାନ୍ତ ପରିଶ୍ରମ କରିବାକୁ ପଡ଼ିଥିଲା ସେକି ତାଙ୍କ ପିଲା ଛୁଆ ଓ ଘରସଂସାରକୁ ଏହି ଦେଢ଼ ମାସ ଏକ ପ୍ରକାର ଭୁଲି ଯାଇ ଠକ ଦଳକୁ ଧରିବାର ଉପାୟମାନ ଖୋଜି ବୁଲୁଥିଲେ ।

ଜଣା ପଡ଼ିଛି ଯେ ଉପର ବର୍ଣ୍ଣିତ ଠକ ଦଳ ବର୍ଷର ପ୍ରାୟ ଆଠମାସ କାଳ ନିଜ ରାଜ୍ୟ ବାହାରେ ଅନ୍ୟ ରାଜ୍ୟମାନଙ୍କରେ ବୁଲି ବୁଲନ୍ତି ଏବଂ ଠକାମି, ଡକାୟତି ଓ ଚୋରୀ ପ୍ରଭୃତି କରି ବିପୁଳ ଅର୍ଥ ଠୋଳ ଥାଆନ୍ତି । ପୁଲିସ ସନ୍ଦେହକୁ ଏଡ଼େଇ ଦେବା ପାଇଁ ହେଉ ଅଥବା ଗାର୍ହସ୍ଥ୍ୟ ଜୀବନର ସୁଖକୁ ଅବ୍ୟାହତ ରଖିବାକୁ ହେଉ, ଏମାନେ ସର୍ବଦା ସପରିବାର ବୁଲୁ ଥାଆନ୍ତି । ବିହାର, ମଧ୍ୟପ୍ରଦେଶ, ଓଡ଼ିଶା, ଗୁଜୁରାଟ୍ ଆଦି ରାଜ୍ୟଗୁଡ଼ିକରେ ଏମାନେ ବୁଲି ନାନା କିସମର ସମାଜ ବିରୋଧୀ କାର୍ଯ୍ୟସବୁ କରନ୍ତି । ଅଥଚ ସେମାନେ ନିଜ ରାଜ୍ୟରେ କୌଣସି ଅପରାଧ କରନ୍ତି ନାହିଁ ବୋଲି ଜଣାଯାଉଛି । ଏହି ଦଳଟି ଭାରତର ବ୍ୟାପକ ଅଞ୍ଚଳରେ ଘଟୁଥିବା ଠକାମି ଘଟଣା ସହିତ ସମ୍ପୃକ୍ତ । କେବଳ ଓଡ଼ିଶାର କଳାହାଣ୍ଡି ଜିଲ୍ଲାରେ ୧୯୭୩ ମସିହାରେ ୧୭୬ଟି ଏବଂ ସମ୍ବଲପୁର ଜିଲ୍ଲାରେ ୧୯୭୨ ମସିହାରେ ଦୁଇଶହ ଗୋଟି ଅପରାଧ ସହିତ ଏମାନେ ସମ୍ପୃକ୍ତ ଥିଲେ ବୋଲି ଜଣାଯାଏ ।

ସମ୍ବଲପୁର ଜିଲ୍ଲାର ଅମ୍ବାଭୋନା ଥାନା ଅନ୍ତର୍ଗତ ହୁଂଗ୍ରୀ ଅଞ୍ଚଳକୁ ଏ ଦଳ ୧୯୭୬ ମସିହାରେ ଆସି-ଥିଲେ । ସେମାନେ ଏଠାରେ ଏକ ଅଭିନବ ଧରଣର ଠକେଇ ଆରମ୍ଭ କରିଦେଲେ । ଆଖପାଖ ଗାଁ ଗହଳରୁ କଂସା ଓ ପିତ୍ତଳ ବାସନ ବଦଳି କରିବା ବ୍ୟବସାୟୀ ବୋଲି ନିଜକୁ ପରିଚୟ ଦେଇ ଖୁଲ୍‌ବାଡୀ ଆରମ୍ଭ କଲେ । ଗାଁ ଲୋକଙ୍କର ବିଶ୍ୱାସଭାଜନ ହେବା ପାଇଁ କେତୋଟି ଲୋକ ଦେଖାଣିଆ କାର୍ଯ୍ୟ ମଧ୍ୟ କରିଦେଲେ । ତା ପରେ ଆଖପାଖ ତେର ଗୋଟି ଗାଁ ଲୋକମାନଙ୍କଠାରୁ ଏତେ ବାସନ କୁସନ ସେମାନଙ୍କ ପାଖରେ ଆସି ପହଞ୍ଚିଲା ଯେ ତାହା ହୁଏତ କଳନା କରିବା ଅସମ୍ଭବ । ଏ ସବୁ ବାସନର ଆନୁମାନିକ ମୂଲ୍ୟ ୪୦ ହଜାର ଟଙ୍କା ହେବ । ଏତିକି ବେଳେ ଗାଁ ଲୋକଙ୍କୁ ଚିଡ଼ା କାଟିବାର ଠିକଣା ବେଳ ବୋଲି ଭାବି ସେମାନେ ବାସନ କୁସନ ସହ ଏ ଅଞ୍ଚଳରୁ କୌଶଳ କ୍ରମେ ଖସି ଚାଲିଗଲେ ।

ଚୋର ମା କାନ୍ଦେ ନି—ଯଦି କାନ୍ଦେ ତେବେ କବାଟ କିଳି କାନ୍ଦେ । ହେଲେ ଏ କ୍ଷେତ୍ରରେ କଥାଟା ଠିକ୍ ଓଲଟା ହେଲା । ଯେଉଁମାନଙ୍କର ବାସନ ପତ୍ର ଚୋରୀ ହୋଇଗଲା ବା ଠକେଇ ହୋଇଗଲା ସେମାନେ କବାଟ କିଳି କାନ୍ଦିବାକୁ ଲାଗିଲେ । ଆଉ ଯେଉଁମାନେ ନ କାନ୍ଦିଲେ ସେମାନଙ୍କ ନାକରୁ ଓ ଆଖିରୁ ଆପଣା ଛାଏଁ ଜଳ ନିର୍ଗତ ହେବାକୁ ଲାଗିଲା । ଏ ସଂକ୍ରାନ୍ତରେ ଅମ୍ବାଭୋନା ଥାନାରେ ଗୋଟିଏ ମୋକଦ୍ଦମା ରୁଜୁ କରାଗଲା ଏବଂ ଏହାର ଦାୟିତ୍ୱ ରାଜ୍ୟ ପୁଲିସର ଅପରାଧ ନିବାରଣ ସଂସ୍ଥା ଉପରେ ନ୍ୟସ୍ତ କରାଗଲା । ଗୋଇନ୍ଦା ଅଫିସର ଉପରୋକ୍ତ ଅଞ୍ଚଳକୁ ଯାଇ ଗ୍ରାମବାସୀଙ୍କ ନିକଟରୁ କେତେକ ତଥ୍ୟ ସଂଗ୍ରହ କଲେ । ନିରବଚ୍ଛିନ୍ନ ଅନୁସନ୍ଧାନ ପରେ ଜାଣିବାକୁ ପାଇଲେ ଯେ ଆସାମୀମାନେ ମ... ପ୍ରଦେଶର ରାୟଗଡ଼ା ଜିଲ୍ଲା ଧମ୍ତାରୀ ଗ୍ରାମରେ ... ସ୍ଥାନ କରୁଛନ୍ତି । ଅମ ଗଢ଼ା ଜାଗାରେ ... ସଂଖ୍ୟକ ଦୁର୍ବୃତ୍ତଙ୍କୁ ଗିରଫ କରିବା କିନ୍ତୁ ... ବ୍ୟାପାର ନୁହେଁ । ଯେ ... ଖୁଙ୍କୁରି' ଥାନା ପୁଲିସ କର୍ମଚାରୀଙ୍କ ସାହାଯ୍ୟ ନେଇ ସେତେବେଳକୁ ରାତି ପ୍ରାୟ ୧୦ଟା ହେବ । ... ଚାରିପାଖ ଘେରାଉ କରି ୧୯ ଜଣ ସମ୍ପୃକ୍ତ ଆସାମୀଙ୍କୁ ଗିରଫ କରାଗଲା । ସେମାନଙ୍କ ନିକଟରୁ ମିଳିଥିବା ... ମଧ୍ୟପ୍ରଦେଶରେ ପୁଟୁରାଟୁଆଁ ଗ୍ରାମରୁ ଆଉ ... ଜଣ ଆସାମୀଙ୍କୁ ମଧ୍ୟ ଗିରଫ କରାଗଲା ।

ଏହି ୨୧ ଜଣ ଆସାମୀଙ୍କ ନିକଟରୁ ବହୁ ... ମାଲ ଉଦ୍ଧାର କରିବା ସଙ୍ଗେ ସଙ୍ଗେ ... ସମ୍ବଲପୁରକୁ ଅଣାଗଲା । ବର୍ତ୍ତମାନ ଆସାମୀ... ବରଗଡ଼ ଜେଲଖାନାରେ । କଟି ମକଦ୍ଦମେ... କହେ । ଆସାମୀମାନେ ଏବେ ଜେଲଖାନା ... ଗୋଇନ୍ଦା ଅଫିସରଙ୍କୁ କେଉଁ କେଉଁ ସ୍ଥାନରେ ... ପତ୍ର ବିକ୍ରି କରିଛନ୍ତି ସେ ସବୁ ଚିହାଇ ଦେଇଛନ୍ତି ... ତାଙ୍କ କହିବା ଅନୁଯାୟୀ ହୁଙ୍ଗ୍ରୀ ଓ ବରଗଡ଼ ... ପୁଲିସ ବହୁ କଂସା ବାସନ ଜବତ କରିଛନ୍ତି । ... ଠକ ଦଳ ଭାବୁଥିଲେ ଯେ ସେମାନେ ନିରାପଦରେ ... ଅପରାଧମୂଳକ କାର୍ଯ୍ୟ କରି ଚାଲୁଥିବେ ଓ ତାଙ୍କୁ ... ବାଧା ଦେବାକୁ ସକ୍ଷମ ହେବେ ନାହିଁ । ... ଜଣ ହେବ ପୁଲିସ ତାଙ୍କୁ ଧରିବା ପାଇଁ ... ମାୟାଜାଲ ବିଛାଇ ଦେଲେ ସେଥିରୁ ଉଦ୍ଧାର ... ସମ୍ଭବ ହେଲା ନାହିଁ ।

ପୁଲିସ ପ୍ରଶିକ୍ଷୁ ଅଫିସର, କଟକ


# ଅସରପା

ଏଇ ଅବାଞ୍ଛିତ ବନ୍ଧୁ ଆମ ଅଜାଣତରେ ଘର ଭିତରକୁ ପଶି ଆସେ—କେତେବେଳେ ଗ୍ରେଟପିଲ୍ ଶେଷ ପାଖରେ ଶୁଣ୍ ହଲାଏ ତ କେବେ ରନ୍ଧାଘର ପଶିବା ଡ୍ରାଲ୍‌ରେ ବସିଥାଏ—ତାର ଜାତ ଗୋତ୍ର କ'ଣ ? ତାର ଜନ୍ମବୃଦ୍ଧି କେମିତି ? ତାର କାର୍ଯ୍ୟକଳାପ କ'ଣ ଗୁପ୍ତଚର ପରି ଅନ୍ତର୍ଘାତ ?

ଶ୍ରୀ ଗୋପାଳକୃଷ୍ଣ ମିଶ୍ର

ଅଥଚ କିଏ ନଦେଖିଛି । ଘାଲ୍‌କା ପିଆଚ ...ବେଳର ଛୋଟ ଅସରପା ସାଙ୍ଗକୁ ଗାଢ଼ କଳାମିଶା ...ହେଇ ବଡ଼ ବଡ଼ ଅସରପା ସବୁରି ଘରେ ଭଣା ...ଦେଖାଯାନ୍ତି । ରନ୍ଧାଘରେ ଓ ଭଣ୍ଡାର ଘରେତ ...ଉତ୍ପାତ କହିଲେ ନ ସରେ ।

...ହାର ମରୁଭୂମିରୁ ଆରମ୍ଭ କରି ସାଇବେରିଆର ...ଅଞ୍ଚଳରେ, ଯେ କୌଣସି ଜଳବାୟୁରେ, ...କୌଣସି ପରିବେଶରେ ଅସରପା ବଞ୍ଚି ପାରେ । ...ହୋର ପାଞ୍ଚ ଶହ ଉପଜାତିର ଅସରପା ଅଛନ୍ତି, ...ମଧ୍ୟରୁ ମାତ୍ର ଶତକଡ଼ା ଏକଭାଗ ଆମ



ଅସରପା - କଅପଟ୍ଟ

ଚିତ୍ର - ୧

...ରହିବାକୁ ଭଲ ପାଆନ୍ତି । ଅବଶିଷ୍ଟ ଉପଜାତିର ...ଅସରପା କୁଣ୍ଡୁରି ମୂଷା ଗାତରେ, ଅଥବା ବଣ ଜଙ୍ଗଲରେ ...ଛନ୍ତି । ଉଦ୍ଭିଦ, ଫୁଲ, ଫଳରୁ ଆରମ୍ଭ କରି ଜୋତା, ...ଦେହରେ ଲଗା ଯାଇଥିବା ଅଠା, ରଙ୍ଗ, ସାବୁନ୍, ...ଅନେକ ଖାଦ୍ୟ ପଦାର୍ଥ ଯାହା ପାଇବ ଅସରପା ...ଖାଇ ପାର କରିଦେବ । ଉଇମାନଙ୍କ ପରି କାଠ ...ରୁ ହେଉଛି ତା' ପ୍ରୟୋଜନୀୟ ପୁଷ୍ଟିକର ଖାଦ୍ୟ ...ସଂଗ୍ରହ କରିନେବାର ଶକ୍ତି ଅସରପାର ...ଛି । କୌତିକୁରେ ବହୁତ ଦିନ ଧରି କିଛି ନ ଖାଇ ...ରହିଲେ ମଧ୍ୟ ଅସରପାର ବିଶେଷ ଖତି ହୁଏ ନାହିଁ ।


ଉଭୟ ଖାଦ୍ୟ ଓ ପାଣି ବିନା ସେ ଆରାମରେ ମାସେ ଚଳିଯିବ, ଖାଲି ପାଣି ପିଇ ଦୁଇମାସ ପର୍ଯ୍ୟନ୍ତ ଓ କେବଳ ଶୁଖିଲା ଖାଦ୍ୟ ଖାଇ ପାଞ୍ଚମାସ ପର୍ଯ୍ୟନ୍ତ ଅସରପା ଆରାମରେ ଚଳିଯିବ ।

ଆଶ୍ଚର୍ଯ୍ୟ କଥା, ସତର କୋଟି ବର୍ଷ ତଳେ ଅର୍ଥାତ୍ ଡାଇନୋସାର ବଂଶର ଜୀବମାନେ ପୃଥିବୀ ପୃଷ୍ଠରେ ପ୍ରଥମ କରି ଦେଖା ଦେଇଥିବେ ମଧ୍ୟ ଅସରପା ଏ ପୃଥିବୀରେ ଥିଲା । ପ୍ରାୟ ଦଶକୋଟି ବର୍ଷ ତଳୁ ଡାଇନୋସାର ବଂଶ ଲୋପ ପାଇଗଲାଣି ତଥାପି ଅସରପା ବଞ୍ଚି ରହିଛି । ଆକାର ଦୃଷ୍ଟିରୁ ବିଚାର କଲେ ଅସରପାର ଦେହ ଡାଇନୋସାର ଦେହଠାରୁ ଯଥେଷ୍ଟ ଶକ୍ତ । ଅସରପାର ଦେହର ଗଠନ ଏମିତି ଯେ ତାହା ଚିପି ହୋଇଗଲେ କମିଯାଏ, ଦରକାର ବେଳେ ସଙ୍କୁଚିତ ହୋଇଯାଏ । ତେଣୁ ତା ଉପରେ ଅକସ୍ମାତ ଆମ ପାଦ ପଡ଼ିଗଲେ ଅସରପା ମରିଯାଏ ନାହିଁ, ପାଦ ଉଠାଇ ନେବା ମାତ୍ରେ ସେ ଧାଇଁ ପଳାଏ । ନିଜ ଦେହକୁ ସଙ୍କୁଚିତ କରିଦେଇ ଅସରପା ଅତି ସରୁ ଫାଙ୍କ ଦେଇ ବନ୍ଦଥିଆ ଅଲମାରୀ, ଟ୍ରଙ୍କ ବାକ୍ସ ଭିତରକୁ ପଶିଯିବା ସମସ୍ତେ ଲକ୍ଷ୍ୟ କରିଥିବେ । ରେଫ୍ରି ଭିତରେ କିଛି ସମୟ ରଖିଦେଲେ ମଧ୍ୟ ଅସରପା ମରି ଯାଏନାହିଁ । ଏହିସବୁ କାରଣରୁ ଅସରପା ଯେ କୌଣସି ସ୍ଥାନରେ, ଯେ କୌଣସି ଜଳବାୟୁ ଓ ପରିବେଶରେ ବଞ୍ଚିପାରେ ।

ଅସରପା ଦେହରୁ କେମିତି ଚୋବାଏ ଚିଟିଚିଟିଆ ଗନ୍ଧ ବାହାରେ । ସେଇଥିପାଇଁ ଅନେକ ଲୋକ ଅସରପାକୁ ଅସୁନ୍ଦର ଓ ଅପରିଚ୍ଛନ୍ନ ବୋଲି ଭାବିଥାନ୍ତି । ବାସ୍ତବରେ କିନ୍ତୁ ଅସରପା ଖୁବ୍ ପରିଷ୍କାର ପରିଚ୍ଛନ୍ନ, ନିଜ

ଯାଡ, ଗୋଡ଼ ଓ ଶୁଙ୍ଗ ସଫା କରିବାରେ ସେ ଘଣ୍ଟା ଘଣ୍ଟା କଟାଇଥାଏ । ତା' ଦେହରୁ ବାହାରୁଥିବା ଚିଟିଚିଟିଆ ଗନ୍ଧଟା ତାର ଏକ ଢାଲ ଭଳି, ଏହି ଗନ୍ଧ ଯୋଗୁ ଅଧିକାଂଶ ଜୀବ ଅସରପା ଖାଆନ୍ତି ନାହିଁ ।

ଛୋଟ ବଡ଼ ବହୁ ଆକାରର ଅସରପା ଅଛନ୍ତି । ଗ୍ରୀଷ୍ମ ମଣ୍ଡଳୀୟ ଘଞ୍ଚ ଜଙ୍ଗଲରେ ଗୋଟିଏ ପ୍ରକାରର ଖୁବ୍ ବଡ଼ ଅସରପା ଦେଖାଯାନ୍ତି । ତାଙ୍କ ଦେହ ପ୍ରାୟ ଅଢେଇ ଇଞ୍ଚ ଲମ୍ବା, ଡେଣା ବିସ୍ତାରି ଦେଲେ ସାତ ଇଞ୍ଚ ପର୍ଯ୍ୟନ୍ତ ଚଉଡ଼ା ହୋଇଥାନ୍ତି । ଆଉ କେତେକ ଉପଜାତିର ଅସରପା ଅଛନ୍ତି ଯେ ସେଗୁଡ଼ାକ ଗୁଅଳ ଠାରୁ ବି ସାନ । ଅସରପା ରଙ୍ଗ ସାଧାରଣତଃ ହାଲ୍କା ବାଦାମୀରୁ ଆରମ୍ଭ କରି କଳା ହୋଇଥାଏ, ହେଲେ କେତେକ ଉପଜାତିର ଅସରପା ଇନ୍ଦ୍ରଧନୁ ପରି ହରରଙ୍ଗି ହୋଇଥାନ୍ତି ।




ଅସରପା - ତଳପଟୁ

ଚିତ୍ର - ୨

ଅଧିକାଂଶ ଉପଜାତିର ଅସରପାଙ୍କର ଡେଣା ଥାଏ । ଜୀବନ ରକ୍ଷା କରିବାକୁ ଅନ୍ୟ ଉପାୟ ନ ପାଇଲେ ଅସରପା ଉଡ଼ି ପଳାଏ । କିନ୍ତୁ ଆତ୍ମରକ୍ଷା ପାଇଁ ସେ ସାଧାରଣତଃ ତାର ଲମ୍ବା ଲମ୍ବା, ଶକ୍ତିଶାଳୀ ଓ ଦ୍ରୁତଗାମୀ ଛ'ଟି ଗୋଡ଼ ଉପରେ ବେଶି ଭରସା କରେ । ଅସରପା ଶୁଙ୍ଗ ଦୁଇଟି ତା ଦେହଠାରୁ ବି ଲମ୍ବା । ଏ ଦୁଇଟି ଅସରପାର ଅତି ଦରକାରୀ ଯନ୍ତ୍ର । ଏହା ସାହାଯ୍ୟରେ ସେ ଅନ୍ଧାରରେ ବାଟ ଠଉରାଏ, ଖାଦ୍ୟ ଓ ପାଣି ଠାବ କରିପାରେ । ପ୍ରଜନନ ପ୍ରକ୍ରିୟାରେ ମଧ୍ୟ ଶୁଙ୍ଗ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଅଣ୍ଡିରା ଅସରପା ମାଈ ଅସରପାର ଶୁଙ୍ଗରେ ନିଜ ଶୁଙ୍ଗ ଘଷି ... ଅସରପାର ଜନନ ଉଦ୍ଦୀପନା ଜାତ କରିଥାଏ ।

ଅସରପାର ସବୁ ଅଙ୍ଗ ପ୍ରତ୍ୟଙ୍ଗ ମଧ୍ୟରେ ... ଯୌଗିକ ଆଖି ଦୁଇଟି ସବୁଠୁ ବିଚିତ୍ର । ବୃକ୍କ ବା ... ଆକୃତିର ଏହି ଆଖି ଦୁଇଟି ଅସରପା ମୁଣ୍ଡର ଦୁଇ ... ଦୁଇଟି ବଡ଼ କଳା ଦାଗ ପରି ଦେଖାଯାଏ । ଏହି ... ଦାଗକୁ ଉବକାଚ ଦେଇ ଦେଖିଲେ ତାହା ପ୍ରାୟ ... ହଜାର ପର୍ଯ୍ୟନ୍ତ ଅତି କ୍ଷୁଦ୍ର ଷଡ଼ଭୁଜାକାର ପ୍ରକୋଷ୍ଠ... ଗଠିତ ହୋଇଥିବାର ଜଣାଯାଏ । ଏହି ପ୍ରତ୍ୟେକ ପ୍ରକୋଷ୍ଠ... ଗୋଟିଏ ଗୋଟିଏ ସ୍ୱତନ୍ତ୍ର ଆଖି, ଓମାଟିଡ଼ିୟମ୍ ଅଟେ... କୌଣସି ବସ୍ତୁ ଦେଖିଲାବେଳେ ପ୍ରତ୍ୟେକ ଓମାଟିଡ଼ିୟମ୍... ଦୃଶ୍ୟ ବସ୍ତୁର ମାତ୍ର ସାମାନ୍ୟ ଅଂଶର ପ୍ରତିବିମ୍ବ ... ହୋଇଥାଏ । ବହୁ ସଂଖ୍ୟକ ଓମାଟିଡ଼ିୟମ୍‌ରେ ...



ଅସରପାର ଯୌଗିକ ଆଖିର ଏକ ଅଂଶ

ଚିତ୍ର - ୩

ଉଠିଥିବା ବିଭିନ୍ନ ଅଂଶର ପ୍ରତିବିମ୍ବ ଏକତ୍ରିତ ... ଅସରପା ଦେଖିଥାଏ । ଏହି ଯୌଗିକ ଆଖିରେ ଫୋ... ବ୍ୟବସ୍ଥା ନ ଥିବାରୁ ଅସରପା ଅଳ୍ପ କେତେ ମିଟର ... ବାହାରେ ଥିବା ବସ୍ତୁ ଆଦି ସ୍ପଷ୍ଟ ଦେଖିପାରେ ନା... କିନ୍ତୁ ସେ ଦୂରରେ ଚଳପ୍ରଚଳ ଜାଣିପାରେ । ... ଯୌଗିକ ଆଖି ଦୁଇଟି ଛଡ଼ା ଅସରପାର ଆହୁରି ଦୁଇଟି ... ସରଳ ଆଖି ଅଛି । ହେଲେ ସେଗୁଡ଼ିକର କାର୍ଯ୍ୟ... ଖୁବ୍ କମ୍ । ଆଖିଗୁଡ଼ିକ କୌଣସି କାରଣରୁ ନଷ୍ଟ ହୋ... ଗଲେ ବି ଅସରପା ଆଲୁଅ ଜାଣିପାରେ । ଅନ୍ଧାର ... ଭିତିରେ ଅସରପା ଖାଦ୍ୟ ସଂଗ୍ରହ କରି ବୁଲେ, ... ସହଜରେ ଶତ୍ରୁଙ୍କ ହାବୁଡ଼ରେ ପଡ଼େ ନାହିଁ ।

ଗୋଟିଏ ଅସରପା ବର୍ଷ ଭିତରେ ହାରାହାରି ... ଶହରୁ ଅଢେଇ ଶହ ପର୍ଯ୍ୟନ୍ତ ଡିମ୍ବ ଦେଇଥାଏ ।

ଅଧିକ ଦେଖୁ ଖୁବ୍ ବେଶି । କେତେକ ଉପ-
ଅସରପା ଶାବକ ପ୍ରସବ କରିଥାନ୍ତି କିନ୍ତୁ
ଅସରପାର ଗର୍ଭର ଶେଷକୁ ବାହାରିବୁ
ଥିବା ଏକ ମୁଣି ଝୁଲୁଥାଏ । ସେ ତାହା
ଗାଶରେ ପକାଇ ଦେଇ ଆବର୍ଜନା ଦ୍ୱାରା



ଅସରପା ଡିମ୍ବ

ଚିତ୍ର-୪

ପଡ଼େ । ଛିଣ୍ଡ ଫୁଟିଲେ ଛୁଆଗୁଡ଼ିକୁ ସାଙ୍ଗେ
ଖାଦ୍ୟ ମିଳିଯାଏ । ବେଳେ ବେଳେ ମାଇ
ଛିଣ୍ଡ ମୁଣିଟି ଇତସ୍ତତ ପକାଇ ଦେଲେ ବି
ଯଥା ସମୟରେ ଫୁଟିଥାଏ । ଛୁଆ ଅସରପା
ଖାଦ୍ୟ ନ ଖାଇ ସପ୍ତାହେ ପର୍ଯ୍ୟନ୍ତ ବଞ୍ଚି
ପାରେ ।

ଦୂର ଦୂରନ୍ତକୁ ଯାଇ ନୂତନ ସ୍ଥାନରେ
ଛନ୍ତି । ଜଳବାୟୁ ବା ଖାଦ୍ୟ ସାମଗ୍ରୀ ଆଦି
ପରିବେଶ ବଦଳିଗଲେ ବି ଅସରପା ବଂଶ
ବ୍ୟାହତ ରହେ । ପ୍ରଥମ ଔପନିବେଶିକମାନେ
ଅମେରିକା ଗଲାବେଳେ ତାଙ୍କ ସାଙ୍ଗରେ
ଜାହାଜରେ କେତୋଟି ଅସରପା ଯାଇ-
ସ୍ଥାନୀୟ କୀଟପତଙ୍ଗ ଅପେକ୍ଷା ଅସରପା

ଅତି ଦ୍ରୁତ ବେଗରେ ବଂଶବୃଦ୍ଧି କରିଗଲେ । ମେଡ଼େରିଆ
ଉପ ଜାତିର ଅସରପା ଚମତ୍କାର ମହାକାଶଚାରୀ ହୋଇ
ପାରିବ । ମଣିଷ ତୁଳନାରେ ତାହା ଶହେ ଗୁଣ ରଶ୍ମି
ବିକିରଣ ସହ୍ୟ କରିପାରିବ । ମଣିଷ ମାଧ୍ୟାକର୍ଷଣ ଶକ୍ତିର
ବାରଗୁଣ ଚାପ ସହିପାରିବ ନାହିଁ, ବେହୋସ ହୋଇଯିବ
ଏବଂ ମାଧ୍ୟାକର୍ଷଣ ଶକ୍ତିର ଅଠରଗୁଣ ଚାପ ପ୍ରୟୋଗ
କରାଗଲେ ମଣିଷ ଦେହର ଖଣ୍ଡବିଖଣ୍ଡ ହୋଇଯିବ । କିନ୍ତୁ
ଅସରପା ମାଧ୍ୟାକର୍ଷଣ ଶକ୍ତିର ଶହେ ଛବିଶଗୁଣ ଚାପ
ଅତି ଅକ୍ଲେଶରେ ସହ୍ୟ କରି ନିଜ କାମ କରି ଚାଲିଥାଏ ।

ଦ୍ରୁତ ପ୍ରଜନନ ସାମର୍ଥ୍ୟ ଓ କଷ୍ଟ ସହିବାର ଅସାଧାରଣ
ଶକ୍ତି ଥିବା ହେତୁ ଏବେ କର୍କଟ ରୋଗ, ହୃଦରୋଗ ଆଦି
ମାରାତ୍ମକ ରୋଗ ଚିକିତ୍ସା ଗବେଷଣାରେ ଅସରପା
ବ୍ୟବହାର କରାଯାଉଛି । ଅସରପା ବଣ ଜଙ୍ଗଲର ମଲ୍ଲ
ବଲ୍ଲି, ଇଟା, ପତ୍ର ଖାଇ ସଫା କରିଦିଏ । ଘରର ନାନା
ଆବର୍ଜନା ମଧ୍ୟ ଅସରପାର ଖାଦ୍ୟ । ଆମ ଘରେ
ଅସରପା ରହିବା ଆମେ କେହି ପସନ୍ଦ ନକଲେ ବି ତାଙ୍କ
ଦାଉରୁ ନିସ୍ତାର ପାଇବା ଏକପ୍ରକାର ଅସମ୍ଭବ । ଏବେ
ଘରୁ ଅସରପା ନିପାତ କରିବାକୁ ନାନା ପ୍ରକାର
ଅସରପା-ମାରି ଔଷଧ ଆବିଷ୍କୃତ ହେଲାଣି । ସେଥିରୁ
ଅଧିକାଂଶ ଔଷଧ ପ୍ରଥମେ ପ୍ରଥମେ ଖୁବ୍ କାମ କରେ ।
କିନ୍ତୁ ଉକ୍ତ ଔଷଧ କିଛିଦିନ ବ୍ୟବହାର କରାଗଲା ପରେ
ଅସରପା ତାକୁ ମଧ୍ୟ ଖାଇ ପାର କରିଦିଏ । ତେଣୁ
ଅସରପା ଦାଉରୁ ରକ୍ଷା ପାଇବାର ଏକମାତ୍ର ଉପାୟ
ହେଲା ଘରଦ୍ୱାର ଯଥା ସମ୍ଭବ ପରିଷ୍କାର ପରିଚ୍ଛନ୍ନ
ରଖିବା ।

ବି–୨୧, ହସ୍ପିଟାଲ ଛକ,
ୟୁନିଟ–୬, ଭୁବନେଶ୍ୱର

## ନନ୍ଦନକାନନ ପ୍ରବେଶିକା ଫିସ୍ ବୃଦ୍ଧି

ଦର୍ଶକମାନଙ୍କୁ ଅଧିକ ସୁବିଧା ସୁଯୋଗ ଯୋଗାଇ ଦେବା ସଙ୍ଗେ ସଙ୍ଗେ ବିଭିନ୍ନ ଦିଗରେ ଅଧିକ ଅର୍ଥ
ବ୍ୟୟ କରୁଥିବାକୁ ସବୁଥିବା ଦୃଷ୍ଟିରୁ ୧୯୮୭ ମଇ ମାସ ପହିଲୁଠାରୁ ନନ୍ଦନକାନନ ପ୍ରବେଶିକା ଫିସ୍ ଜଣପିଛା
୨୦ ପଇସାରୁ ୫୦ ପଇସାକୁ ବୃଦ୍ଧି କରାଯାଇଛି । ଏଠାରେ ଉଲ୍ଲେଖ କରାଯାଇପାରେ ଯେ ୩ ବର୍ଷରୁ କମ୍
ବୟସର ପିଲାମାନଙ୍କ ପାଇଁ କୌଣସି ପ୍ରବେଶିକା ଫିସ୍ ଦେବାକୁ ପଡ଼ିବ ନାହିଁ ।

# ସଦାଶିବପୁରରେ

# ସବୁଜ ବିପ୍ଳବ

ଉଦ୍ୟମ ଯଦି ଅଛି ତେବେ ଆମେ ବହୁକାର୍ଯ୍ୟ ମଞ୍ଜିରେ ସଫଳ
ସଂଘଟିତ କରି ପାରୁନାହୁଁ—ବ୍ରାହ୍ମଣୀ ନଦୀ କୂଳର ଗାଁ
ଗାଁରେ କୃଷି ଜାଗରଣ ପାଇଁ ଯେଉଁ ଉଦ୍ୟମ ଆରମ୍ଭ ହୋ
ଏବଂ ତା'ର ସୁଫଳ ଗ୍ରାମବାସୀଙ୍କ ମନରେ ଉତ୍ସାହର ଲହରୀ
ସୃଷ୍ଟି କରୁଛି..

ଶ୍ରୀ ଦିଗାମ୍ବର ଶ




କଠିନ ପରିଶ୍ରମ ଏବଂ ସଂଘବଦ୍ଧ ଉଦ୍ୟମ ଦ୍ୱାରା ଯେ ଦରିଦ୍ର ଜନତାର ଦୁଃଖ ଦୂର ହୋଇପାରିବ, ସଦାଶିବପୁର ଗାଁର ଭୂମିହୀନ ହରିଜନ ଚାଷୀମାନେ ଏହାର ପ୍ରମାଣ କରିଛନ୍ତି । ଗାଁଟି ବ୍ରାହ୍ମଣୀ ନଦୀ କୂଳରେ । ଢେଙ୍କାନାଳଠାରୁ ୧୧ କିଲୋମିଟର ଦୂର । ଏହି ଗାଁର ୧୨୦ ହରିଜନ ପରିବାର ମଧ୍ୟରୁ କାହାରି ଗୁଣ୍ଠେ ହେଲେ ଜମି ନ ଥିଲା । ବର୍ଷସାରା ମୂଲପାଟି ଖଟି ସେମାନେ ଚଳୁଥିଲେ କିନ୍ତୁ ବ୍ରାହ୍ମଣୀ ନଈ କୂଳରେ ଶହ ଶହ ଏକର ଜମି ପଡ଼ିଆ ପଡ଼ିଥିଲା । ନଈରେ ପାଣି, ପାଖରେ ଜମି ଗାଁରେ କାମିକା ମଣିଷ । ସବୁ ଥାଇ ଲୋକମାନେ ଦିନ ଦିନ ଧରି ପେଟରେ ଓଦାକନା ପକାଇ ଚଳୁଥିଲେ ।

ହରିଜନମାନଙ୍କ ଦୁଃଖ ଦୁର୍ଦ୍ଦଶା ଦୂର କରି
ଜଣେ ଉତ୍ସାହୀ ଯୁବକ ଅଣ୍ଟା ଭିଡ଼ିଲେ । ସେ
ଶ୍ରୀ ଗୌରହରି ତ୍ରିପାଠୀ । ଢେଙ୍କାନାଳଠାରେ
କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୃଷି
ଯୋଜନାର ବିଶେଷଜ୍ଞମାନେ ବ୍ରାହ୍ମଣୀ ନଈ
ଜମିକୁ ଦେଖି ସଦାଶିବପୁର ଚାଷୀମାନଙ୍କୁ
ଶ୍ରୀ ତ୍ରିପାଠୀ ଓ ଗାଁର ହରିଜନ ଶ୍ରମିକମାନଙ୍କର
ଦେଖି ସେମାନେ ଏହି ଗାଁକୁ ନିର୍ବାଚନ କରିନେଲେ
ଦେଖୁଦେଖୁ ସଢେ ହଳ ଖୋଲିଲା । ପଡ଼ିଆ ଜମି
ସମାନ ହେଲା । ଜଙ୍ଗଲ ଜମିରୁ ଗଛ ଓ ବୁଦା
କଟାଗଲା । ଶ୍ରୀ ଗୌରହରି ତ୍ରିପାଠୀଙ୍କ ସଂଗଠନ
ବୁଦ୍ଧି ଓ ଲୋକମାନଙ୍କୁ ନେଇ ଗାଁ

... ସେ ମେଷ୍ଟିତ ହେବ । ଜିଲ୍ଲା କୃଷି ଅଫିସର, ... ଗବେଷଣା ସଂସ୍ଥା, ମୃତ୍ତିକା ସଂରକ୍ଷଣ ବିଭାଗ, ... ସେଚନ ଓ ବିଦ୍ୟୁତ୍ ମଧ୍ୟ କୃଷକ ମାନଙ୍କ ପାଖକୁ ... ।

... ରବି ଋତୁରେ ଆରମ୍ଭହେଲା କୋଠଚାଷ । ... ଏକର ଜମିରେ ଅଧିକ ଅମଳକ୍ଷମ ଗହମ, ... ଏକରେ ଏକାଦିକ୍ରମେ ଆଖୁ ଓ ଚିନାବାଦାମ, ... ଜମିରେ କଖାରୁ, ଦୁଇ ଏକର ଜମିରେ ମକା, ... ଏବଂ ଏକରେ ଜମିରେ ଲଙ୍କା ବିଲାତି ବାଇ- ... ଅନ୍ୟାନ୍ୟ ପନିପରିବା ଚାଷ କରାଗଲା । ଏହା ... ଶେଷ ପୁରିଦିନିଆ ମୁଗ ଓ ଘଣି ଲଗିଲା । ଫସଲ ... ଦେଖି ଚାଷୀମାନେ ଆନନ୍ଦରେ କାମରେ ... । ଚେଙ୍କ ରାହୁଣୀ ନଈରେ ଦୁଇଟି ଉଠା ଜଳ- ... ପଣ୍ଡ କାମ କଲା ।

ନଈ କୂଳର ୬୦ ଏକର ଜମିର ବରାଦ କଲେ । ଅବଶିଷ୍ଟ ୬୦ ଏକରଜମିରେ ଧାନ ନ କରିବାର କାରଣ ସେମାନେ ଅଳ୍ପ ସମୟ ମଧ୍ୟରେ ପାଚିପାରିବା ଭଳି ଉଚ୍ଚଧାନ ଚାଷ କରିଥିଲେ । ଏଥିପାଇଁ ପରାମର୍ଶ ଦେଇଥିଲେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ । ଅନ୍ୟାନ୍ୟ ଫସଲ କେତେକାଂଶରେ ନଷ୍ଟ ହେଲା । କିନ୍ତୁ ସେଥିରେ ଭାଙ୍ଗି ନ ପଡ଼ି ପ୍ରକୃତି ସହିତ ସଂଗ୍ରାମ କରିବା ପାଇଁ ସେମାନେ ଆଗେଇ ଆସିଛନ୍ତି ।

ସଦାଶିବପୁର ଚାଷୀମାନଙ୍କର ଉତ୍ସାହ ଉଦ୍ଦୀପନାରେ ଅନୁପ୍ରାଣିତ ହୋଇ ପଡ଼ୋଶୀ ଗାଁ ସାନ ବଉଳପୁର ଚାଷୀ-ମାନେ ତାଙ୍କ ସହ ହାତ ମିଳାଇଲେ । ଏକାଠିକରେ ୨୩୦ ଏକର ଜମିରେ ଆରମ୍ଭ ହେଲା ରବି ଫସଲ । ଏଥିରୁ ୧୦୦ ଏକର ଜମିରେ ଗହମ, ୨୦ ଏକର ଜମିରେ ଆଳୁ, ୧୫ ଏକର ଜମିରେ ଚିନାବାଦାମ, ୪ ଏକରରେ ସୋରିଷ, ୫ ଏକର ମକା, ଚିରି ୧୦ ଏକର, ମାଣ୍ଡିଆ



... ଯୋଗୁ ଗତ ଖରିଫ ଋତୁରେ ଢେଙ୍କାନାଳ ... ଚାଷୀମାନେ ବିଶେଷ କ୍ଷତିଗ୍ରସ୍ତ ହେଲେ । ... ପୁର ହରିଜନ ଚାଷୀମାନେ ସେମାନଙ୍କର ... ଜମିରୁ ପୁରା ଫସଲ ପାଇଲେ । ବ୍ରାହ୍ମଣୀ

୧୦ ଏକର, ପୋଟଳ ୧ ଏକର, ଅଖୁ ୫ ଏକର ଓ ଅବ-ଶିଷ୍ଟ ଜମିରେ ଲଙ୍କା, ଓଳି ପିଆଜ, କାକୁଡ଼ି, କଖାରୁ ବାଇଗଣ, ମଟର ଆଦି ଚାଷ କରାଯାଇଥିଲା । ଉନ୍ନତ କୃଷି ଯନ୍ତ୍ରପାତି ବ୍ୟବହାର, ମାଟି ପରୀକ୍ଷା କରି



ସାର ପ୍ରୟୋଗ ଏବଂ ଅଧିକ ଅମଳକ୍ଷମ ବିହନ ବ୍ୟବହାର ଏମାନେ ଶିଖିଗଲେଣି । ଉତ୍ତମ ଶସ୍ୟ ସଂରକ୍ଷଣ ବ୍ୟବସ୍ଥାରେ ମଧ୍ୟ ସେମାନଙ୍କୁ ତାଲିମ ଦିଆଯାଉଛି । ରବି ଫସଲକୁ ଦେଖିଲେ ସେ ବାଟ ଦେଇ ଯାଉଥିବା ଯେ କେହି ଘଡ଼ିଏ ଅଟକିଯିବ । ଚାଷୀମାନଙ୍କର ଆନନ୍ଦ ସେହି ସ୍ଥାନକୁ ଗଲେ ହିଁ ବୁଝିହେବ । ବର୍ଷସାରା ପେଟପୁରା ଖଣ୍ଡେ ଖାଇବାକୁ ପାଇବାରେ ସେମାନଙ୍କର କିଛି ଅସୁବିଧା ନାହିଁ । ସଦାଶିବପୁର ସେବାସମବାୟ ସମିତିରୁ ସେମାନେ ଫସଲ ଉତ୍ତାରିବା ପାଇଁ ୨୭ ହଜାର ଟଙ୍କା ଋଣ ନେଇଥିଲେ । କେବଳ ଅଳ୍ପ ଫସଲରୁ ଏହି ଋଣ ଶୁଝି ପ୍ରତ୍ୟେକ ଲୋକ ୧୦୦ ଟଙ୍କା ଲେଖାଏଁ ଲାଭ ପାଉଛନ୍ତି । ଆଳୁଚାଷରୁ ଏକରପିଛା ୪ ହଜାର ଟଙ୍କାରୁ କମ୍ ଲାଭ ହେଉନାହିଁ । ଅମଳ ଏକର ପିଛା ହାରାହାରି ୮୦ କୁଇଣ୍ଟାଲ । ଗହମ ଅଦାୟ ହୋଇଛି ଏକର ପିଛା ହାରାହାରି ୧୭।୧୩ କୁଇଣ୍ଟାଲ । ହାରାହାରି ପ୍ରତି ଏକରରୁ ୫୦୦

କ୍ଷେତ୍ର ପ୍ରଚାର ଅଫିସର, ଭାରତ ସରକାର
ଅଶୋକ ନଗର, ଭୁବନେଶ୍ୱର ୯

ଟଙ୍କା ଲେଖାଏଁ ଲାଭ ମିଳିଛି । ଅନ୍ୟାନ୍ୟ ଫସ
ହେଉନାହିଁ । ମକା ଓ ପନିପରିବା ୧୦୧ ଚାଷୀଙ୍କ
ସମାନ ଭାବରେ ବଣ୍ଟା ଯାଉଛି ।

କୃଷି ବିଶେଷଜ୍ଞମାନଙ୍କର ପରାମର୍ଶକ୍ରମେ
ଏକ ସମବାୟ ଦୁଗ୍ଧ ଉତ୍ପାଦନ ଯୋଜନା
କାରୀ ହୋଇଛି । ହିନ୍ଦୁସ୍ଥାନ ଷ୍ଟିଲ କମ୍ପାନୀର
ସାର ଏଠାରେ ସୁନା ଫଳାଉଛି । ଏଥିରୁ ୫୦
ଜମିରେ ଗହମ ଏବଂ ୨ ଏକର ଜମିରେ ଅନୁସ୍ଥ
ପାଇଁ ମାଗଣାରେ ହିନ୍ଦୁସ୍ଥାନ ଷ୍ଟିଲ କମ୍ପାନୀ ପକ୍ଷରୁ
ସାର ଯୋଗାଇ ଦିଆଯାଉଛି । ବ୍ୟାଲିଶ
ବାୟାର କମ୍ପାନୀ ପ୍ରତ୍ୟେକ ୫ ଏକର ଲେଖାଏଁ
ରୋଗ ଓ ପୋକ ନାଶକ ଔଷଧ ଦେଉଛନ୍ତି ।
ପୁରେ ସବୁଜ-ବିପ୍ଳବ ଗ୍ରାମବାସୀଙ୍କ ଦାରିଦ୍ର୍ୟ ଦୂ
ଦେଶ ଗଠନ କରିବା ଦିଗରେ ଏକ ସଫଳ ପ୍ରଚେ

# ଟିଟିଲାଗଡ଼ ପଞ୍ଚାୟତ ସମିତିର ଅଗ୍ରଗତି

ଶ୍ରୀ ତପିଚରଣ ସାହୁ

ଟିଟିଲାଗଡ ପଞ୍ଚାୟତ ସମିତି ଚେୟାରମ୍ୟାନ ଶ୍ରୀ ତପ-ଚରଣ ସାହୁ ଏକଦା ପାଟଣା ଷ୍ଟେଟ ଗଡ଼ଜାତ ଶାସନ ସମୟର ରାଜଧାନୀ ପ୍ରଚଣ୍ଡ ନାମରେ କଥିତ ଟିଟିଲାଗଡ଼ ପଞ୍ଚାୟତ ସମିତିର ବିଭିନ୍ନ ଉନ୍ନୟନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଏକ ସମୀକ୍ଷା ନିମ୍ନରେ ପ୍ରଦାନ କରିଛନ୍ତି ।

ଏହି ସମିତି ବଲାଙ୍ଗିର ଜିଲ୍ଲାର ଏକ ପ୍ରାନ୍ତରେ ଅବସ୍ଥିତ ଓ ଏହାର ସୀମା କଳାହାଣ୍ଡି ଜିଲ୍ଲା ସହ ସଂଲଗ୍ନ । ଏହାର ମୋଟ କ୍ଷେତ୍ରଫଳ ୮୯,୬୯୪.୪୭ ଏକର ୧୯୭୧ ମସିହା ଜନଗଣନାନୁସାରେ ମୋଟ ଲୋକସଂଖ୍ୟା ...,୬୭୧ ଓ ତନ୍ମଧ୍ୟରୁ ଆଦିବାସୀ ହରିଜନଙ୍କ ସଂଖ୍ୟା ଯଥାକ୍ରମେ ୧୪,୯୮୮ ଓ ୧୪,୭୦୬ । ୧୩୩ ଟି ଗ୍ରାମ ଓ ୧୪ ଟି ଗ୍ରାମପଞ୍ଚାୟତ କୁ ନେଇ ଏହା ଗଠିତ । ଅଧିକାଂଶ ଲୋକ କୃଷି ଉପରେ ନିର୍ଭର କରନ୍ତି । ମୋଟ ..,୬୨୫.୩୧ ଏକର କୃଷୋପଯୋଗୀ ଜମି ଅଛି । ଗତବର୍ଷ ଏହି ପଞ୍ଚାୟତ ସମିତି ଉତ୍କଟ ମରୁଡ଼ିର ସମ୍ମୁଖୀନ ହୋଇଛି । ୧୨ ଟି ପଞ୍ଚାୟତରେ ୫୦. ଭାଗରୁ ଅଧିକ ଫସଲ ନଷ୍ଟ ହୋଇଛି ଓ ଗୋଟିଏ ପଞ୍ଚାୟତରେ ପ୍ରାୟ ୨୫ ଭାଗ ଫସଲ ନଷ୍ଟ ହୋଇଛି । ମରୁଡ଼ି ପରିସ୍ଥିତିର ପ୍ରତିକାର ସ୍ୱରୂପ ମଜୁରିଭିତ୍ତିକ କାର୍ଯ୍ୟକ୍ରମ ବ୍ୟାପକ ଭାବରେ ହାତକୁ ନିଆଯାଇଛି । ଜିଲ୍ଲା ପ୍ରାକୃତିକ ବିପର୍ଯ୍ୟୟ କମିଟିର ନିଷ୍ପତ୍ତିକ୍ରମେ ଏକଲକ୍ଷ ତିନିହଜାର ପାଞ୍ଚଶହ ଚଉରାଅଶି ଟଙ୍କା ଅଟକଳରେ ୨୩ ଟି ଗ୍ରାମ-ପଞ୍ଚାୟତର ପୋଖରୀର ପଙ୍କୋଦ୍ଧାର କାର୍ଯ୍ୟ ହାତକୁ ନିଆଯାଇଛି । ସେହିଭଳି ୪ ଟି ପଞ୍ଚାୟତ ସମିତି ପୋଖରୀର ପୁନରୁଦ୍ଧାର କାର୍ଯ୍ୟ ହାତକୁ ନିଆଯାଇଛି । ଏଥିନିମିତ୍ତେ ଜିଲ୍ଲାପାଳ ଟ ୩୪,୨୬୮.୦୦ ମଞ୍ଜୁର କରିଛନ୍ତି । ପାନୀୟଜଳ ଯୋଗାଣ କାର୍ଯ୍ୟକ୍ରମରେ ୩୬ ଟି ପାନୀୟଜଳକୂପ ମଞ୍ଜୁର ହୋଇଛି । ପ୍ରତ୍ୟେକ କୂପପାଇଁ ଟ ୪,୦୦୦.୦୦ ବ୍ୟୟ କରାଯିବାପାଇଁ ଟ୍ ୧,୪୮,୦୦୦.୦୦ ମଞ୍ଜୁର ହୋଇଛି । ୨୫ ଦଫା କାର୍ଯ୍ୟକ୍ରମର ବ୍ୟାପକ ପ୍ରଚାର କରାଯାଇ ସମିତି ବୈଠକଗୁଡ଼ିକରେ ଏହାର ପୁଂଖାନୁପୁଂଖ ଆଲୋଚନା ଓ ପର୍ଯ୍ୟାଲୋଚନା କରାଯାଇଛି । ବର୍ତ୍ତମାନ ସୁଦ୍ଧା କେବଳ ୨୬ ଟି ଗ୍ରାମକୁ ବିଦ୍ୟୁତଶକ୍ତି ଯୋଗାଇ ଦିଆଯାଇଛି । ଗ୍ରାମ୍ୟବିଦ୍ୟୁତ-କରଣ ଯୋଜନାରେ ଆସନ୍ତା ୫ ବର୍ଷ ମଧ୍ୟରେ ୫୬ ଟି ଗ୍ରାମ ବିଦ୍ୟୁତକରଣ କରାଯିବାପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି । ପରିବାର ନିୟନ୍ତ୍ରଣ କାର୍ଯ୍ୟକ୍ରମରେ ଏ ଅଞ୍ଚଳରେ ୬୯୫ ଟି ଅସ୍ତ୍ରୋପଚାର କରାଯାଇଛି । ଯୌତୁକ ନିଷେଧ-ପାଇଁ ଜନଜାଗରଣ ସୃଷ୍ଟି ହୋଇଛି । ବିଭିନ୍ନ ପଞ୍ଚାୟତ ସ୍ତରରେ ଅନୁଷ୍ଠିତ ଉତ୍ସବମାନଙ୍କରେ ଶିକ୍ଷିତ ଯୁବକମାନେ ଯୌତୁକବିରୋଧି ଶପଥପତ୍ରମାନ ପାଠକରୁଛନ୍ତି । ବିଭିନ୍ନ ପଞ୍ଚସମିତିରେ ୯ ପ୍ରକାର କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି । ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ସଫଳ କରିବା-ପାଇଁ ବିଭିନ୍ନ ପଞ୍ଚାୟତମାନେ ଉଦ୍ୟମ କରୁଛନ୍ତି । ଗେ ପବନ୍ଧୁ ଶତବାର୍ଷିକୀ ବର୍ଷରେ ଦିଆଟନ ଓ ସହିନୀ ଠାରେ ୨ ଟି ପ୍ରୌଢ଼ ଶିକ୍ଷାକେନ୍ଦ୍ର ସ୍ଥାପନ କରାଯାଉଛି । ଦିଆଟନ ଗ୍ରାମକୁ ୩ୟ ଜୟନ୍ତୀ ଗ୍ରାମବୋଲି ପଞ୍ଚାୟତ ସମିତି ନିଷ୍ପତ୍ତି ନେଇଛି । ବିନାନୁମତିରେ ଅଦିବାସୀ ଜମି କିଣିଥିବା ଲୋକମାନେ ଜନଜାଗରଣ ଦୃଷ୍ଟିରୁ ସେଚ୍ଛାକୃତଭାବରେ ଜମି ସଂପୃକ୍ତ ଅଦିବାସୀ ହରିଜନକୁ ଫେରାଇ ଦେଉଛନ୍ତି । ସେହିଭଳି ଶୋଷଣକାରୀ ଋଣ-ଦାତାଙ୍କ କବଳରୁ ବହୁ ସଂଖ୍ୟକ ନିତାନ୍ତ ଲୋକ ରକ୍ଷା ପାଇଛନ୍ତି । ହାଇସ୍କୁଲ ଓ ମ:ଇ: ସ୍କୁଲର ଛାତ୍ର ଛାତ୍ରୀ-ମାନଙ୍କ ମଧ୍ୟରେ ସଞ୍ଚୟଯୋଜନାର ପ୍ରସାର ହୋଇ-ପାରିଛି । ବିଶେଷତଃ ଅଦିବାସୀ ହରିଜନ ଛାତ୍ରମାନେ

ଏ ଦିଗରେ ଅଗ୍ରଗତି ପ୍ରକାଶ ଦେଖାଯାଉଥିବା ଲକ୍ଷ୍ୟ କରା-ଯାଉଛି । କେୟାଟଖାଦ୍ୟ କାର୍ଯ୍ୟକ୍ରମ ୨୫ ଗୋଟି ମହିଳା-ସମିତି ଓ ୯୮ ଟି ପ୍ରାଥମିକ ବିଦ୍ୟାଳୟରେ ଚାଲିଛି । ଏଥିରେ ମୋଟ ୫,୩୦୦ ଜଣ ଉପକୃତ ହେଉଛନ୍ତି । ଏଠାରେ ବାଲୱାଡ଼ି ଏବଂ ବାହାର ଡାଟୁଆପଲ୍ଲୀଠାରେ ଏକ ବାଲ୍‌ବାଡ଼ି କେନ୍ଦ୍ର ଅଛି । ଏହି ସମିତି ମଧ୍ୟରେ ୩ ଟି ହାଇସ୍କୁଲ, ୯ ଟି ମି:ଇ: ସ୍କୁଲ ଓ ଗୋଟିଏ ଅଶ୍ରମସ୍କୁଲ ଅବସ୍ଥିତ । ଏଥିରେ ପଢୁଥିବା ୧୦୮ ଜଣ ଆଦିବାସୀ ହରିଜନ ଛାତ୍ରଛାତ୍ରୀଙ୍କୁ ଚଳିତବର୍ଷ ବୃତ୍ତି ଗ୍ରାମମଙ୍ଗଳ ବିଭାଗ ତରଫରୁ ଦିଆଯାଉଛି । ୪୮ ଟି ଉ:ପ୍ରା: ସ୍କୁଲ, ୬୫ ଟି ନି:ପ୍ରା: ସ୍କୁଲ ଓ ୩ ଟି ସେବାଶ୍ରମ ଅଛି । ଏଥିରେ ପଢୁଥିବା ଆଦିବାସୀ ହରିଜନ ଛାତ୍ରଛାତ୍ରୀଙ୍କୁ ପାଠ୍ୟପୁସ୍ତକ ମାଗଣାରେ ଗ୍ରାମ ମଙ୍ଗଳ ବିଭାଗ ତରଫରୁ ଯୋଗାଇ ଦିଆଯାଉଛି । ଏହାଛଡ଼ା ଛାତ୍ରୀମାନଙ୍କୁ ଓ ଗରୀବ ଶ୍ରେଣୀର ଛାତ୍ରମାନଙ୍କୁ ମଧ୍ୟ ପୁସ୍ତକ ୧୨୪ ଜଣଙ୍କୁ ମାଗଣାରେ ଦିଆଯାଇଛି । ୧୧ ଜଣ ଛାତ୍ରଙ୍କୁ ପୋଷାକ ଦିଆଯାଇଛି । ୧୯୨ ଜଣ ଅସହାୟ ବ୍ୟକ୍ତିଙ୍କ ନାମରେ ବାର୍ଦ୍ଧକ୍ୟ ଭତ୍ତା ପାଇବାପାଇଁ ସୁପାରିଶ କରାଯାଇଛି । କ୍ଷୁଦ୍ର ଓ ନାମମାତ୍ର ଚାଷୀ ଉନ୍ନୟନ ସଂସ୍ଥା ମାଧ୍ୟମରେ ଏପର୍ଯ୍ୟନ୍ତ ୬୫୦ ଜଣ ଚାଷୀଙ୍କୁ ସେଚକୂପ ଖନନ, ଛେଳି, ଗୋ ଓ ମେଷ ଚାଷପାଇଁ ଋଣମଞ୍ଜୁର କରାଯାଇଛି । ଗତ ମରୁଡ଼ିବେଳେ କ୍ଷୁଦ୍ରଚାଷୀ ସଂସ୍ଥା ସବ୍‌ସିଡ଼ିରେ ୬ ଟି ଷ୍ଟା:ପ: ଓ ୫ ଟି ସେବାସମବାୟ ସମିତି ପାଣିପମ୍ପ କ୍ରୟ କରିଛନ୍ତି । ସମିତି ଅଞ୍ଚଳରେ ୧୨ ଟି ସେବା ସମବାୟ ସମିତି ୧,୯୭୫-୭୬ ରେ ୭,୩୯୧ ଜଣ ନେଇ କାର୍ଯ୍ୟକରୁଛି । ଜିଲାପାଳଙ୍କ ନିର୍ଦ୍ଦେଶ ସେଚକୂପ ଋଣଦାନ ଏକ ଶିବିର ମାଧ୍ୟମରେ ଯାଇଛି । ଗତ ନଭେମ୍ବର ୨୦, ୨୧ ତାରିଖରେ ଜାନୁୟାରୀ ୧୭, ୧୮ ତାରିଖରେ ଏହି ଶିବିର ସମିତି କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା ଦରଖାସ୍ତ ସଂଗ୍ରହ ଓ ଆନୁଷଙ୍ଗିକ କାର୍ଯ୍ୟ ଏହି ଶିବିରରେ ହିଁ ସମାହିତ ହୋଇଥିଲା ଓ ଚାଷୀମାନେ ନିଜ ଘରକୁ ଯାଇଥିଲେ । ସ୍ଥାନୀୟ ଏସ୍‌:ଡି:ଓ: ଶ୍ରୀ ଚନ୍ଦ୍ର ବେହେରା, ଆଇ:ଏ:ଏସ୍‌: ସ୍ୱହସ୍ତରେ ଏହି କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ଋଣ ବଣ୍ଟନ କରିଥିଲେ । ଏପର୍ଯ୍ୟନ୍ତ ଏ କାର୍ଯ୍ୟକ୍ରମରେ ୨୦୫ ଜଣ ଚାଷୀ ହୋଇଛନ୍ତି । ଏଦିଗରେ ୧୭୦ ଜଣଙ୍କ ଲକ୍ଷ୍ୟ ଥିଲା ଓ ତାହା ଅତିକ୍ରମ ହୋଇଯାଇଛି । ଆଇନଗତ ସାହାଯ୍ୟ କାର୍ଯ୍ୟକ୍ରମରେ ଏପର୍ଯ୍ୟନ୍ତ ଦରଖାସ୍ତ ମଞ୍ଜୁର ହୋଇଛି । ସେବାସମବାୟ ସମିତି ମାନେ କଣ୍ଟ୍ରୋଲ କପଡ଼ା ଓ ଚିନି କାରବାର ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ସବୁର ସୁଷମ ବଣ୍ଟନ ଅଛି । ଘରଭିଟ୍ଟି ଯୋଗାଣ କାର୍ଯ୍ୟକ୍ରମରେ ୫୦୦ ଦରଖାସ୍ତ ତହସିଲଦାରଙ୍କ ପାଖକୁ ଘରଭିଟ୍ଟି ମଞ୍ଜୁର ପଠାଯାଇଛି ।

ଚେୟାରମ୍ୟାନ୍‌, ପଞ୍ଚାୟତ ସମିତି,
ଟିଟିଲାଗଡ଼, ବଲାଙ୍ଗୀର



# ଜାଗିରି ସ୍ୱାଇଁ

## ସେତୁବନ୍ଧର ଗୁଣ୍ଡୁଚି ଟିଏ

ଶ୍ରୀ ଶୁକଦେବ ସାହୁ

ସ୍ୱାଧୀନତା ସଂଗ୍ରାମର ବାର୍ତ୍ତା ବହନ କରି ପ୍ରଥମେ ଅଖ୍ୟାତ ବ୍ୟକ୍ତି ଜଣକ ଏଇ ଗାଁ ମାଟିରେ ପାଦ ଥିଲେ—ସେଇ ଜାଗିରି ସ୍ୱାଇଁଙ୍କୁ ହୁଏ ତ ଆଜି ଅନେକ ଜାଣି ନ ଥିବେ । ସ୍ୱାଧୀନତା ଜାଗିରିର ଘର ଥିଲା କେନ୍ଦ୍ରାପଡ଼ା ସବଡ଼ିଭିଜନ ଗ୍ରାମରେ । ପିତାଙ୍କନାମ ଘନସ୍ୱାଇଁ । ଭିକାରୀ ଜାଗିରିର ଆଉ ଗୋଟିଏ ଖ୍ୟାତଥିଲା । ଦୁହେଁ ଙ୍କେ ନ ଥିଲେ । ସାମାନ୍ୟ ଚାଷ ବାସରେ ସରଳ ଜୀବିକା ନିର୍ବାହ କରୁଥିଲେ । ଏକ ଚାଷୀ ପରିବାର ଙ୍କୁ ଜାଗିରି ବିବାହ କରିଥିଲା । ଦାମୋଦର ଗୋଟିଏ ପୁତ୍ର ସନ୍ତାନ ଜାତ ହୋଇ ଖୁବ୍ ବୟସରେ ମୃତ୍ୟୁ ମୁଖରେ ପଡ଼ିଥିଲା । ଏହାପରେ କୌଣସି ସନ୍ତାନ ଜାଗିରିର ନ ଥିଲା ।

ଦିନରୁ ଜାଗିରିର ଥିଲା ସ୍ୱାଧୀନ ଚିନ୍ତା । ସେ ଉପରେ ଭରସା କରି କୌଣସି କାର୍ଯ୍ୟ କରୁ ନ । ନିଜର ସ୍ୱତନ୍ତ୍ର ବିଚାର ବୁଦ୍ଧି ଉପରେ ଯାହାଙ୍କୁ ଠିକ୍—ସେହି କାର୍ଯ୍ୟରେ ସେ ଆଗେଇ ଯାଉଥିଲା । ବିଷୟରେ ଅଟଳ ରହିବାକୁ ଜାଗିରିକୁ ଭଲ ଥିଲା । ସେଥିପାଇଁ ଗାଁରେ କେହିକେହି ତାକୁ ବୋଲି କହୁଥିଲେ ।

୧୯୨୦ ମସିହା ଡିସେମ୍ବର ମାସରେ ନାଗପୁରଠାରେ ସାଧାରଣ ଅଧିବେଶନରେ ସର୍ବସମ୍ମତକ୍ରମେ ଅସହଯୋଗ ଆନ୍ଦୋଳନକୁ ସ୍ୱାଗତକରି ପ୍ରସ୍ତାବ ଗୃହୀତ । ପରେ ପରେ ଏହି ଆନ୍ଦୋଳନ ଭରିଆଡ଼େ ଲା । ଏହି ଆନ୍ଦୋଳନ ସଂପର୍କରେ ଜାଗିରି ମୁଖରୁ ଅନେକ କଥା ଶୁଣିବାକୁ ପାଇଲା ।

ସେତେବେଳେ, "ସ୍ୱରାଜ ଭୟା ଅଲବତ ହୋଗା, ଛୋଡ଼କେ ଆଓ ଗୋଲାମି" ଧ୍ୱନି ଲୋକ ମୁଖରୁ ପ୍ରତିଧ୍ୱନିତ ହୋଇ ନଗର, ଗ୍ରାମ, ପ୍ରାନ୍ତର ଓ ଜନମନ ହୃଦୟର ବେଳାଭୂମିକୁ ସ୍ପର୍ଶକରି ଯାଉଥାଏ । ମହାତ୍ମା ଗାନ୍ଧୀ ଓ ପଣ୍ଡିତ ଗୋପବନ୍ଧୁ ଦାଶଙ୍କ ସଂପର୍କରେ ଲୋକମାନେ ନୂଆନୂଆ କଥା ଶୁଣି ଦେଶପ୍ରେମରେ ଉଦ୍‌ବୁଦ୍ଧ ହେଉଥାନ୍ତି । ସଂଗ୍ରାମର ଅଗ୍ରମାରୟ ମାତ୍ର— ପରାଧୀନତାର ଅନ୍ଧାର ଗଲି, ନୂତନ ଉଷାର ଆଲୋକ ଅଦୂରରେ । ସ୍ୱରାଜ ପାଇଁ ଗାନ୍ଧିଜୀଙ୍କ ସଂଗ୍ରାମ ଜାଗିରିର ସରଳ ପ୍ରାଣରେ ରେଖାପାତ କରିଥାଏ ।

ସାରା ଦେଶରେ ଅସହଯୋଗ ଆନ୍ଦୋଳନ ତୀବ୍ର-ଭାବରେ ଚାଲୁଥିବା ସମୟରେ ଗାନ୍ଧୀଜୀ ପ୍ରଚାର କାର୍ଯ୍ୟପାଇଁ ୧୯୨୧ ମସିହାରେ ପ୍ରଥମେ ଉତ୍କଳରେ ପଦାର୍ପଣ କଲେ । କଟକ କାଠଯୋଡ଼ି ନଈ ବାଲିରେ ପଣ୍ଡିତ ଗୋପବନ୍ଧୁ ଦାଶଙ୍କ ଉଦ୍ୟମ ଓ ଉତ୍ସାହରେ ୧୯୨୧ ମସିହା ମାର୍ଚ୍ଚ ତେଇଶ ତାରିଖ ଦିନ ଏକସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ଜାଗିରି ସ୍ୱାଇଁ ଉପସ୍ଥିତ ଥିଲେ । ଗାନ୍ଧୀଜୀଙ୍କ କଥା ଶୁଣି ତାଙ୍କୁ ସ୍ୱଚକ୍ଷୁରେ ଦେଖିବା ପାଇଁ ଗ୍ରାମରୁ ଚାଲି ଚାଲି ଜାଗିରି ନିର୍ଦ୍ଧାରିତ ସମୟ ପୂର୍ବରୁ କଟକ କାଠଯୋଡ଼ୀ ନଈ ବାଲି ସଭାରେ ପହଞ୍ଚିଥିଲା । ନୂତନ ଉନ୍ମାଦନା ଭିତରେ ସଭାକାର୍ଯ୍ୟ ଶେଷହେଲା । ସଭା ଶେଷରେ ଏହି ଅଖ୍ୟାତ ବ୍ୟକ୍ତି ଜଣକ ଶ୍ରଦ୍ଧା ଓ ଭକ୍ତିରେ ଗାନ୍ଧିଜୀଙ୍କୁ ନମସ୍କାର କରି ସମ୍ମୁଖରେ ଦଣ୍ଡାୟମାନ ହେଲା । ସେହି ସଭାରେ ଇନ୍ଦୁପୁରର ଶ୍ରୀ ବୀର ନାରାୟଣ ସାମନ୍ତ (ମିହିର ବାବୁ) ଉପସ୍ଥିତ ଥିଲେ । ମିହିର ବାବୁ ଜାଗିରିକୁ ଗୋଟିଏ ଖଦଡ଼ ଟୋପି ପିନ୍ଧାଇ ଦେଲେ ଓ ଜାତୀୟ ପତାକା

ହସ୍ତରେ ଦେଇ ଗାନ୍ଧୀ ତଥା ଗାଁହେଳରେ ପ୍ରଚାର କରିବାକୁ କହିଲେ ।

ବିପୁଳ ଉତ୍ସାହ ଓ ଉନ୍ମାଦନା ନେଇ ଜାଗିରି କଟକରୁ ଚାଲି ଚାଲି ଗ୍ରାମକୁ ଫେରିବା ବେଳେ ଗାନ୍ଧୀକଥା ପ୍ରଚାର କରି ଆସୁଥାଏ । ସତେ ଯେପରି ଶ୍ରୀକୃଷ୍ଣଙ୍କ ପାଦୁକ ନେଇ ଭରତ ଚାଲିଛନ୍ତି ଅରଣ୍ୟରେ ଆହା ! କି ସୁନ୍ଦର ସେ ପ୍ରଚାର ବାଣୀ । ଗ୍ରାମରେ ଆସି ପହଞ୍ଚିଲା—ଆଉ ତାକୁ ନିଦ ନାହିଁ ।

ଜାଗିରି ସତି ଅଖାଡରୁ ଉଠ ଖଦଡ଼ ଟୋପି ପିନ୍ଧି ଜାତୀୟ ପତାକାଧରି ଗ୍ରାମ ଚାରିପାଖେ ବୁଲିଆସେ । ତାର ବାର୍ତ୍ତା ଥିଲା ସ୍ୱରାଜ ଖିଆ ଅଲବତ ହୋଗା, ମହାତ୍ମାଗାନ୍ଧିକି ଜୟ । ଆମଦେଶରେ ଆମେ ରଜା । ସେ ସମୟରେ ତାର ଏହି ପ୍ରଚାରକୁ ଲୋକେ ହସରେ ଉଡାଇ ଦେଉଥିଲେ । ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ତାକୁ ପାଗଳ ବୋଲି କହୁଥିଲେ ।

କିନ୍ତୁ ସେ ପ୍ରତି ଭିନେହେଲେ ତାର ଭ୍ରୁକ୍ଷେପ ନ ଥିଲା । ସେ ପ୍ରଚାର କରୁଥିଲା ସେହି ଅଭୟବାଣୀ—

"ସ୍ୱରାଜ ଭିଆ ଅଲବତ୍ ହୋଗା" । ନିଜ ଗ୍ରାମ ଛାଡ଼ି ଆଖ ପାଖ ବହୁ ଗ୍ରାମରେ ତା'ର ଏହି ବାଣୀ ବଜ୍ରନିନାଦରେ ପହଞ୍ଚାଇ ଦେଉଥିଲା । ହାତରେ ଥିଲା ତାର ଜାତୀୟ ପତାକା—ମୁଣ୍ଡରେ ଗାନ୍ଧୀ ଟୋପି— ହୃଦୟରେ ଜାତୀୟତାର ବହ୍ନି—ମୁଖରେ ବିପ୍ଳବର ବାଣୀ । ସମ୍ମୁଖରେ ତାର ଅସରନ୍ତି ପଥ—ସେ ଚାଲିଛି । ଯାତ୍ରାର ସତେ ଯେପରି ବିଶ୍ରାମ ନାହିଁ । 'ମହାତ୍ମାଗାନ୍ଧୀଜି କୟ' ନାଦରେ ଗଗନ ପବନ ମୁଖରିତ । ଲୋକେ ତା'କୁ ପାଗଳ କୁହନ୍ତି—ସତେ ଯେପରି ଦେଶ ପ୍ରେମରେ ସେ ପାଗଳ । ମୂର୍ଖ ସେ—ସ୍ୱାଧୀନତାର ଅର୍ଥକଣ ତାକୁ ଜଣା ନ ଥିଲା । ତଥାପି ତାର ସେ ଦିନର ସେହି ଆନ୍ତରିକ ଗୁରୁ ଗମ୍ଭୀର ବାର୍ତ୍ତା ଏହି ଅଞ୍ଚଳରେ ପ୍ରଥମେ ଆଲୋଡନ ସୃଷ୍ଟି କରି ଅଗଣିତ ଜନ-ଜୀବନକୁ ପରୋକ୍ଷରେ ପ୍ରଭାବିତ କରୁଥିଲା ।

୧୯୨୭ ମସିହାରେ ପୁଣି ଥରେ ଗାନ୍ଧିଜୀ ଉତ୍କଳ ଗସ୍ତରେ ଆସି ଡିସେମ୍ବର ଅଠର ତାରିଖରୁ ଏକୋଇଶ ତାରିଖ ପର୍ଯ୍ୟନ୍ତ ଖପାକୋଷ ଲେନ୍‌ରେ ଗୋପାଳ ପ୍ରହରାଜଙ୍କ ଘରେ ରହିଲେ । ଏହି ସମୟରେ ବ୍ରାହ୍ମଣୀ, ବୈତରଣୀ ବନ୍ୟା ଭଦ୍ରକ ସବ୍‌ଡିଭିଜନକୁ ଧ୍ୱସ୍ତ ବିଧ୍ୱସ୍ତ କରି ଦେଇଥାଏ । ପଣ୍ଡିତ ଗୋପବନ୍ଧୁ ଦାଶ ଓ ଅନ୍ୟାନ୍ୟ ସାହେବଙ୍କ ସମ୍ମିଳିତ ସେବା କାର୍ଯ୍ୟ ଚାଲିଥାଏ । ଯେଉଁ କର୍ମୀ ଓ ସ୍ୱେଚ୍ଛାସେବକମାନେ କାର୍ଯ୍ୟ କରୁଥିଲେ

ତାଙ୍କ ସହିତ ଧୁମାର-ଭଦ୍ରପୁରର କର୍ମୀମାନେ ଥିଲେ । ସେହି କର୍ମୀମାନେ କଟକ ଆସି ଦେଖିଲେ—ଗାନ୍ଧୀ ସାଇଁ ପ୍ରହରାଜଙ୍କ ଫାଟକ ଦୁଆର ମୁହଁରେ ପତାକା ଓ ମୁଣ୍ଡରେ ଟୋପି ଲଗାଇ ବସିଛି । ଏହି କର୍ମୀମାନଙ୍କୁ ଦେଖି ଜାଗିରି ଆନନ୍ଦରେ ଆତ୍ମହରା ହୋଇ ପଡ଼ିଲା, କହିଲା ଗାନ୍ଧୀଜୀଙ୍କ ଆସିବା କଥା ଶୁଣି ଆଉ ଗାଁରେ ରହି ପାରିଲି ନାହିଁ । ଏକ ଆବେଗରେ ଚାଲି ଚାଲି ତାଙ୍କରି ଦର୍ଶନ ନିମନ୍ତେ କଟକରେ ଆସି ପହଞ୍ଚିଲି । ଦାସେ ଆପଣେ ଶ୍ରଦ୍ଧାରେ ମୋତେ ଏହି ଫାଟକ ଜଗିବା ଦାୟିତ୍ୱ ଦେଇଛନ୍ତି । ପ୍ରତିଦିନ ପ୍ରାର୍ଥନା ସଭାରେ ଯୋଗଦେଇ ଏହିଠାରେ ଆସି ବସିଥାଏ । କେହି ଗାନ୍ଧିଜୀ ବା ଦାସେ ଆପଣଙ୍କୁ ସାକ୍ଷାତ କରିବାକୁ ଆସିଲେ ଭିତରକୁ ଯାଇ ସଂବାଦ ଦିଏ ।

ଗାନ୍ଧିଜୀ ଉତ୍କଳରୁ ବାହୁଡିବା ପର୍ଯ୍ୟନ୍ତ ଜାଗିରି ବାପୁଜୀଙ୍କ ପାହାଣରେ ବରାବର ରହୁଥିଲା । ପଣ୍ଡିତ ଗୋପବନ୍ଧୁ ଦାଶ ଜାଗିରିକୁ ସ୍ନେହ-କରୁଣାରୁ ଦୂରେଇ ଜଣା କରୁ ନ ଥିଲେ । ଗାନ୍ଧିଜୀ ବାହୁଡିବା ପରେ ଜାଗିରି ମାତ୍ର ଦୁଇ ତିନି ଥର ଗ୍ରାମକୁ ଆସିଥିଲା ।

୧୯୩୦ ମସିହାର ଆଇନ ଅମାନ୍ୟ ଆନ୍ଦୋଳନ ସମୟରେ ଗୁଜରାଟର ଲୋକେ ସର୍ଦାର ବଲ୍ଲଭଭାଇ ପଟେଲଙ୍କ ନେତୃତ୍ୱରେ ବହୁ ନିର୍ଯ୍ୟାତନା ଭୋଗିଥିଲେ । ବର୍ଦ୍ଦୋଲି ତଥା ବୋରସାଦ ତାଲୁକର ଲୋକେ ଖଜଣା ବନ୍ଦ ଆନ୍ଦୋଳନ କରି ସର୍ବସ୍ୱାନ୍ତ ହୋଇଛନ୍ତି । ସେମାନେ ସରକାରଙ୍କୁ ଖଜଣା ଦେବେ ନାହିଁ ବୋଲି ଗାଁ କୁ ଗାଁ । ଲୋକେ ନିଜର ଧନ ସମ୍ପତ୍ତି ଘରଦ୍ୱାର ଛାଡ଼ି ପାଟିଲା ଧାନକ୍ଷେତରେ ନିଆଁ ଲଗାଇ ଦୂରସ୍ଥାନକୁ ବିଶେଷତଃ ବାରେଲା ରାଜ୍ୟ ଭିତରେ ଚାଲି ଯାଇଛନ୍ତି । ଏହି ବର୍ଦ୍ଦୋଲି ଆନ୍ଦୋଳନ ଅନୁପ୍ରାଣିତ ଜାଗିରି ଖଜଣା ଟିକସ ନ ଦେବାକୁ ତାର ଜମିବାଡ଼ି ନିଲାମ ହୋଇ ସେ ନିସ୍ୱହୋଇ ଗଲା ।

୧୯୨୮ ମସିହାରେ ଦାସେ ଆପଣେଙ୍କ ତିରୋଧାନ ପରେ ଜାଗିରି ବେଦନାରେ ଭାଙ୍ଗି ପଡ଼ିଲା । ଗୋପବନ୍ଧୁଙ୍କ ବିୟୋଗରେ ଉତ୍କଳ ନିରାଶ୍ରୟ ଓ ଶୂନ୍ୟ ହୋଇ ପଡ଼ିଛି । ଏତିକି ବେଳେ ଜାଗିରି ଭାବି ବାହାରିଲା—ବାପ ଛେଉଣ୍ଡ ହେଲୁ—ଆଉ ଅଛି କ'ଣ ଘରକୁ ଯାଇଛି—ଅସଲ ଘରକୁ ମନ ନ ଦେଇ ଘରେ ରହିଁ ଲାଭ କ'ଣ । ଏଇ ଶେଷ କଥା ପରେ ଜାଗିରି ୩୫ ବର୍ଷ ବୟସରେ ଗ୍ରାମ ଛାଡି ଚାଲିଗଲା

... ପେରି ନାହିଁ । ଆମମାନଙ୍କୁ ଛାଡ଼ି କେଉଁ ... ହୋଇଗଲେ—କେହି ତାର ସନ୍ଧାନ ... ନାହାନ୍ତି ।

... ତାର୍ଥୀବନ୍ଦନକରି ସେ ପ୍ରଥମେ ଏହି ... । ଏହି ଅଖ୍ୟାତ ବ୍ୟକ୍ତିଟିକୁ ଲୋକେ ... ଟିକିଏ ବି ଦେଇ ନ ଥିଲେ । ... ଟିକିଏ ହେଲେ ତାର ଶୋଚନା ନ ଥିଲା ... ଦେଶ ପ୍ରେମରେ ପାଗଳ । ତାଗିରି ଆନ୍ତ- ... ଛାଡ଼ି ଖୁଲିଯିବା ଆଜକୁ ଅଠର୍ଚ୍ଚଳିଶ ବର୍ଷ ... । ଏହି ଦୀର୍ଘ ବ୍ୟବଧାନ ଭିତରେ ତା ପରି ଗୋଟିଏ ବ୍ୟକ୍ତି ଆଉ ଆମେ ଦେଖିବାକୁ ପାଇନାହୁଁ । ଏହି ଅଖ୍ୟାତ ବ୍ୟକ୍ତି ଉଣଙ୍କ ଦେଶ-ପ୍ରେମର ଏକ ଉଜ୍ଜ୍ୱଳ ପରଂପରା ଓ ଆଦର୍ଶ ସୃଷ୍ଟି କରିଯାଇଛନ୍ତି । ନିକଟ ଅତୀତରେ ତାର ଜନ୍ମମାଟିର ପରିତ୍ୟକ୍ତ ଘରଭିତ୍ତି ଉପରେ ଗ୍ରାମବାସୀଙ୍କ ତରଫରୁ ଏକ ସ୍ମୃତିମନ୍ଦିର ନିର୍ମାଣ କରାଯାଇଛି ।

ତାଗିରି ବଂଚିଛି ଆଜି ସମସ୍ତଙ୍କ ହୃଦୟରେ । ସେ ନିଃସ୍ୱ ପଥର ଭିକାରୀ ହୋଇ ଆମମାନଙ୍କ ମଧ୍ୟରେ ଯେଉଁ ଜାତୀୟତାର ମୁକ୍ତିମସାଲ ଜାଳି ଦେଇଛି— ସେ ଲିଭିଯିବ ନାହିଁ । ତାର ଆତ୍ମା ଅଜୟ ଅମର ।

... ହେତା
... ବିନୋଦବିହାରୀ
... ସହ-୨

## ସମାଜର ଦୁର୍ବଳ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ପ୍ରୋତ୍ସାହନମୂଳକ ପରିକଳ୍ପନା

୧୯୭୭ ମାର୍ଚ୍ଚ ମାସ ଶେଷ ସୁଦ୍ଧା ସମାଜର ଦୁର୍ବଳ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ବିଭିନ୍ନ ପ୍ରୋତ୍ସାହନମୂଳକ ପରିକଳ୍ପନା ବାବଦରେ ୮·୧୧ ଲକ୍ଷ ଟଙ୍କା ବ୍ୟୟ କରାଯିବ ବୋଲି ରାଜ୍ୟ ସରକାରଙ୍କ ଶିକ୍ଷା ଓ ଯୁବ ସେବା ବିଭାଗ ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ।

ଏହି ପରିକଳ୍ପନା ଅନୁଯାୟୀ ୬ରୁ ୧୧ ବର୍ଷ ବୟସର ୨୭,୮୧୪ ଜଣ ଛାତ୍ରଛାତ୍ରୀଙ୍କୁ ୧·୨୬ ଲକ୍ଷ ଟଙ୍କା ମୂଲ୍ୟର ପାଠ୍ୟପୁସ୍ତକ ଓ ଲିଖନ ପଠନ ସାମଗ୍ରୀ ମାଗଣାରେ ଯୋଗାଇ ଦିଆଯାଇଥିଲା । ସେହିଭଳି ୧୧ରୁ ୧୪ ବର୍ଷ ବୟସର ୯,୦୮୫ ଜଣ ଛାତ୍ରଛାତ୍ରୀଙ୍କୁ ୦·୮୯ ଲକ୍ଷ ଟଙ୍କା ମୂଲ୍ୟର ପାଠ୍ୟପୁସ୍ତକ ଓ ଲିଖନ ପଠନ ସାମଗ୍ରୀ ମାଗଣାରେ ଯୋଗାଇ ଦିଆଯାଇଥିଲା । ୬ରୁ ୧୧ ବର୍ଷ ଏବଂ ୧୧ରୁ ୧୪ ବର୍ଷ ବୟସର ୧୩,୧୪୧ ଜଣ ଓ ୨,୩୩୨ ଜଣ ଛାତ୍ରୀଙ୍କୁ ଯଥାକ୍ରମେ ୧·୩୧ ଏବଂ ୦·୨୩ ଲକ୍ଷ ଟଙ୍କା ମୂଲ୍ୟର ସ୍କୁଲ ପୋଷାକ ଯୋଗାଇ ଦିଆଯାଇଛି । ୧୧ରୁ ୧୪ ବର୍ଷ ବୟସର ୨,୦୦୦ ଜଣ ଛାତ୍ରଛାତ୍ରୀଙ୍କୁ ୦·୬୦ ଲକ୍ଷ ଟଙ୍କା ଉପସ୍ଥାନ ବୃତ୍ତି ଆକାରରେ ଦିଆଯାଇଛି । ବିଭିନ୍ନ ହାଇସ୍କୁଲମାନଙ୍କରେ ଛାତ୍ରବୃତ୍ତି ପାଇ ଅଧ୍ୟୟନ କରୁଥିବା ଏକତୃତୀୟାଂଶ ଛାତ୍ରଛାତ୍ରୀଙ୍କୁ ୩·୬୯ ଲକ୍ଷ ଟଙ୍କାର ଲିଖନ ପଠନ ସାମଗ୍ରୀ ମାଗଣାରେ ଯୋଗାଇ ଦିଆଯାଇଛି । ଏହା ଫଳରେ ୨୬,୫୬୩ ଜଣ ଛାତ୍ରଛାତ୍ରୀ ଉପକୃତ ହୋଇଛନ୍ତି । ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନଙ୍କ ନାମ ଲେଖାଇବା ବାବଦରେ ୦·୬୯ ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଛି । ଫଳରେ ୬୮୯ ଜଣ ଛାତ୍ରଛାତ୍ରୀ ଉପକୃତ ହୋଇଛନ୍ତି । ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାର୍ଥୀ-ମାନଙ୍କର ପରୀକ୍ଷା ଫିସ୍ ବାବଦରେ ୯୮୬ ଜଣ ଛାତ୍ରଛାତ୍ରୀଙ୍କୁ ମୋଟ୍ ୦·୨୪ ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଥିଲା ।

# ଜାତୀୟ ସଞ୍ଚୟ ଯୋଜନାରେ ପୁଞ୍ଜି ଲଗାଣ କରି ଦେଶ ନିର୍ମାଣ କାର୍ଯ୍ୟରେ ଅଂଶୀଦାର ହେବାର ଗୌରବ ଅର୍ଜ୍ଜନ କରନ୍ତୁ

* ସ୍ୱଳ୍ପ ସଞ୍ଚୟ ଆପଣଙ୍କୁ ସାହାଯ୍ୟ କରେ ତଥା ଦେଶର ଉନ୍ନୟନମୂଳକ ଯୋଜନାକୁ ସାହାଯ୍ୟ କରେ
* ସ୍ୱଳ୍ପ ସଞ୍ଚୟ ସାର୍ଟିଫିକେଟ ଓ ଏକାଉଣ୍ଟଗୁଡ଼ିକରେ ମିଳୁଥିବା ସୁଧର ହାର ବିଶେଷ ଆକର୍ଷଣୀୟ
* କେତେକ ସାର୍ଟିଫିକେଟ ଓ ଏକାଉଣ୍ଟରେ ମିଳୁଥିବା ସୁଧ ଆୟକର ମୁକ୍ତ । ତେଣୁ ସ୍ୱଳ୍ପ ସଞ୍ଚୟରେ ଅ... ବିନିଯୋଗ କରିବା ଲାଭଜନକ ।

## ୬-ବର୍ଷିଆ ନ୍ୟାସନାଲ୍ ସେଭିଂସ୍ ସାର୍ଟିଫିକେଟ୍

(କ) ସେକେଣ୍ଡ ଇସୁ ..... ବାର୍ଷିକ ଶତକଡ଼ା ୬ ହାରରେ ଚକ୍ରବୃଦ୍ଧି ସୁଧ (କରମୁକ୍ତ) ମିଆଦ ଶେଷ... ମୂଳଧନ ସହିତ ମିଳେ ।

(ଖ) ଥାର୍ଡ ଇସୁ ..... ବାର୍ଷିକ ଶତକଡ଼ା ୬ ହାରରେ (କରମୁକ୍ତ) ସୁଧ ପ୍ରତି ବର୍ଷ ମିଳେ ।

(ଗ) ଫୋର୍ଥ ଇସୁ ..... ବାର୍ଷିକ ଶତକଡ଼ା ୧୦.୨୫ ହାରରେ ସୁଧ ପ୍ରତି ବର୍ଷ ମିଳେ ।

(ଘ) ଫିଫ୍ଥ ଇସୁ ..... ବାର୍ଷିକ ଶତକଡ଼ା ୧୪ ହାରରେ ସରଳ ସୁଧ କିମ୍ବା ୧୦.୨୫ ହାର... ଚକ୍ରବୃଦ୍ଧି ସୁଧ ମିଆଦ ଶେଷରେ ମୂଳଧନ ସହିତ ମିଳେ ।

## ପୋଷ୍ଟ ଅଫିସ୍ ଟାଇମ୍ ଡିପୋଜିଟ୍ ଏକାଉଣ୍ଟ

୧-ବର୍ଷିଆ ..... ବାର୍ଷିକ ଶତକଡ଼ା ୮ ହାରରେ ସୁଧ

୨-ବର୍ଷିଆ ..... ବାର୍ଷିକ ଶତକଡ଼ା ୮.୫୦ ହାରରେ ସୁଧ

୩-ବର୍ଷିଆ ..... ବାର୍ଷିକ ଶତକଡ଼ା ୯ ହାରରେ ସୁଧ

୫-ବର୍ଷିଆ ..... ବାର୍ଷିକ ଶତକଡ଼ା ୧୦ ହାରରେ ସୁଧ

## ମାସିକ ସଞ୍ଚୟ ପରିକଳ୍ପନା

୫-ବର୍ଷିଆ ଡାକଘର ପୌନଃପୁନିକ ଜମା—ବାର୍ଷିକ ଶତକଡ଼ା ୧୦ ସୁଧ

୧୦-ବର୍ଷିଆ କ୍ରମବର୍ଦ୍ଧମାନ ମିଆଦି ଜମା—ବାର୍ଷିକ ଶତକଡ଼ା ୬.୨୫ (କରମୁକ୍ତ) ସୁଧ


୧୦-ବର୍ଷିଆ ସି. ଟି. ଡି. ଜମା ମଧ୍ୟ ଇନ୍ସୁରେନ୍ସ ପ୍ରିମିୟମ, ପ୍ରୋଭିଡେଣ୍ଟ ଫଣ୍ଡ ଭଳି ଆୟକର ଛାଡ଼... ପାଇବାର ସୁବିଧା ପାଏ ।

ସଞ୍ଚୟୀ ପରିବାର ସୁଖୀ ପରିବାର

ଛୋଟ ପରିବାର ସୁଖୀ ପରିବାର

ବିଶଦ ବିବରଣୀ ପାଇଁ ଶ୍ରୀ [illegible] ପାଣିଗ୍ରାହୀ, ଡେପୁଟି ଡିରେକ୍ଟର, ସ୍ୱଳ୍ପ ସେଭିଂସ୍ ଅର୍ଥ ବି... ଭୁବନେଶ୍ୱର ଅଥବା ଆପଣଙ୍କ ନିକଟସ୍ଥ ଡାକଘର ସହିତ ଯୋଗାଯୋଗ ସ୍ଥାପନ କରନ୍ତୁ ।

ସ୍ୱଳ୍ପ ସଞ୍ଚୟ ନିର୍ଦ୍ଦେଶକ
ଅର୍ଥ ବିଭାଗ, ଓଡ଼ିଶା
ଭୁବନେଶ୍ୱର



ଜିଥେ ମୂଷିକ-ହୃଦୟ ଭୀରୁ ବ୍ୟକ୍ତି ତାର ଉପରିସ୍ଥ
ଙ୍କୁ ଖୁବ୍ ଭୟ କରୁଥିଲା । ତାଙ୍କ ଆଗରେ
ଲେ ତାର ଦେହ ଥରୁଥିଲା ଓ ପାଟି ଖନି ବାଜି
ଥିଲା । ସେଥିପାଇଁ ସେ ବହୁବାର ଭୟାତୁରତାରେ
ଗ୍ରେଟରେ ଭୁଲ ଲେଖିଦେଉଥିଲା ଓ ହାକିମଙ୍କ
ସେ କଥା କହିଲା ବେଳେ ଭୁଲ କହି ପକାଉ ଥିଲା ।
ସେ ତାର ସହକର୍ମୀମାନଙ୍କୁ କହିଲା—ଭାଇ !
ଯୋଗେ ମୁଣ୍ଡ ବିନ୍ଧୁଛି ଓ ଜରଜର ଲାଗୁଛି । ମୁଁ
ଅଫିସରେ ଅଧିକ କାମ କରି ପାରିବି ନାହିଁ । ଜଣେ
କର୍ମୀ କହିଲା—

ତାହେଲେ ଘୁଲିଯାଉନ କିଆଁ ଘରକୁ ?

କେଉଁ କାପରେ । ସେ ଆଉ ମୋ ମୁଣ୍ଡ ରଖିବ ?
ସେ କେତେବେଳେ ଡକାଇ ପଠାଇବ । ଆଉ, ମୁଁ
ଅଫିସ ନ ଥିବାର ଜାଣିଲେ, ମୋ କଳିଜା ଘୋଷାରି
ବ ।

ଅରେ ନା—ନା । ସେନାପତି ସାହେବ ଆଜି
ଙ୍କୋ ଦେକୁଁ ଟୁର୍‌ରେ ଚାଲିଛି । ସେ ଆଉ ଆଜି
ଫେରୁନି । ଏବେ ବାହିଲାଣି ଦେଖୁନ ।

ଅବଶେଷରେ ମୂଷିକ-ହୃଦୟ ଭୀରୁ ବ୍ୟକ୍ତିଟି ଅଫିସ
ରୁ ଘରକୁ ବାହାରି ଗଲା । ଘର ପାଖରେ ପହୁଁଚି,
ସେ ତା' ଶୋଇବାଘରର ବାରଣ୍ଡାକୁ ଉଠି ଝରକା
ବେ ଭିତରକୁ ଅନାଇଲା । ଦେଖିଲା ଯେ ତାର
ଉପରିସ୍ଥ ହାକିମ ସେନାପତି ସାହେବ ତା' ସ୍ତ୍ରୀ ସଂଗେ
ଗପସପରେ ରତ । ଏହା ଦେଖି ଭୟରେ ସେ
ସେଠାରୁ ପୁନଶ୍ଚ ଅଫିସ ଅଭିମୁଖେ ପଳାୟନ କଲା ।
ଅଫିସରେ ପହୁଁଚି । ଧଇଁ ସଇଁ ହୋଇ, ତାର ସହକର୍ମୀ-
ମାନଙ୍କ ଉଦ୍ଦେଶ୍ୟରେ କହିଲା—

ଭଲ ବନ୍ଧୁ ଏକା ତୁମେମାନେ । ଭଲ ଉପଦେଶ ଏଜା-
ଦେଲ । ଜାଣ ? ମୁଁ ପ୍ରାୟ ଧରାପଡ଼ି ଯାଉଥିଲି !
ସେନାପତି ସାହେବ ଆଖି ଆଗରୁ କିଏ ଖସିପାରିବ ?
ତୁମେ ଯୁଆଡେ ଯିବ, ସେ ଯାଇ ଆଗରୁ ତୁମକୁ ସେଠି
ଛକି ବସିଥିବ । ଓହୋ ! ଭଗବାନ ବଞ୍ଚାଇଲେ ।

ମୂଷିକ-ହୃଦୟ ବ୍ୟକ୍ତିଟି ନିଜ ସିଟରେ ବସି ରୁମାଲରେ
ଝାଳପୋଛି ହେଲା ।

୨ । ସାଇକେଲ୍‌ରେ ଯାଉଥିବା ଲୋକଟି ହଠାତ୍
ଛକ ପାରିହେଲା ବେଳକୁ ଗୋଟାଏ ଟ୍ରକ ଦୁର୍ଘଟଣାର
ପ୍ରାୟ ସମ୍ମୁଖୀନ ହେଉ ହେଉ କୌଣସି ମତେ ଖସିଗଲା ।
ଟ୍ରାଫିକ୍ ପୋଲିସ ଟ୍ରକ୍‌ବାଲାକୁ ଡାକି ଭର୍ତ୍ସନା କଲେ ।
କାରଣ ସେ ନାଲି ଆଲୁଅ ଦେଖି ମଧ୍ୟ ଦ୍ରୁତବେଗରେ
ଛକ ଭିତରକୁ ମାଡ଼ି ଆସିଥିଲା । ତା'ପରେ ପୋଲିସ
ଅଫିସର ସାଇକେଲ ଚଢ଼ାଳୀର ଉପସ୍ଥିତ ବୁଦ୍ଧି ଓ
ସଂହତ ସ୍ନାୟୁ ଲାଗି ଧନ୍ୟବାଦ ଦେଇ କହିଲେ—

ବାସ୍ତବିକ, ଆପଣ କେମିତି ଯେ ଏଇ ଭୟଙ୍କର
ଦୁର୍ଘଟଣାରୁ ନିଜକୁ ବଂଚାଇ ପାରିଲେ......................

ସାଇକେଲ ଆରୋହୀ ଖୁବ୍ ଗର୍ବର ସହିତ ଉତ୍ତର
ଦେଲା—

ମୋତେ ଈଶ୍ୱର ରକ୍ଷାକଲେ ଆଜ୍ଞା !

କେମିତି ? ସେ ସେତେବେଳେ କୋଉଠି ଥିଲେ ?

ସର୍ବଦା ସେ ମୋ ପଛରେ ଥାନ୍ତି ।

ତା'ହେଲେ ଆପଣଙ୍କୁ ଜରିମାନା ଦେବାକୁ ପଡ଼ିବ ।

କାହିଁକି ?

ଆପଣ କଣ ଜାଣନ୍ତି ନି ଯେ ଆମର ଏଠି ଡବଲିଂ-
ରାଇଡିଙ୍ଗ୍ ମନା ?

୧ମ—ମୁଁ ମୋର ବୁଦ୍ଧିକୁ ଦଶହଜାର ଟଙ୍କାରେ ବୀମା କରିଛି ।

୨ୟ—ତା'ହେଲେ ଏତେ ଟଙ୍କା ତୁ କଲୁ କଅଣ ?

* * *

ଏବେ ତିନୋଟି କଇଁଚ କଫି ଖାଇବା ଲାଗି ନିକଟତମ ହୋଟେଲକୁ ବାହାରିଲେ । ବଡ଼ କଇଁଚ, ମଝିଆ କଇଁଚ ଓ ସାନ କଇଁଚ । ବାଟରେ, ମାନେ ଘର ଦୁଆର ମୁହଁରୁ ଟିକେ ଗଡ଼ିଛନ୍ତି, ବର୍ଷା ଆରମ୍ଭ ହେଲା । ବଡ଼ କହିଲା—ହେ ସାନ କଇଁଚ । ଯା' ଘର ଭିତରୁ ଛତାଟା ନେଇଆ । ସାନ କହିଲା—କିନ୍ତୁ ଦେଖ । ମୁଁ ନ ଆସିବା ଯାଏ, ତୁମେ ଦୁହେଁ ହୋଟେଲକୁ ଯିବ

ନା— । ବଡ଼ ଆଉ ମଝିଆଁ କଇଁଚ ଦୁହେଁ

ଇତିମଧ୍ୟରେ ଦୁଇବର୍ଷ ବିତିଗଲା । ସାନ ନାହିଁ । ବଡ଼ କହିଲା—ମଝିଆଁରେ ! ସ୍ନ ଆସିବ ନାହିଁ । ଆମେ ହୋଟେଲକୁ ଯିବେ ସାନ କଇଁଚର ପାଟି ଶୁଭିଲା ଘର ବାହାରୁ କାନ୍ଦ କାନ୍ଦ ହୋଇ କହିଲା—

ଯଦି, ତୁମେ ଦୁହେଁ ମୋତେ ଛାଡ଼ିଦିବ, ଆଉ ଘର ଭିତରକୁ ଛତା ଆଣିବାକୁ ଯିବି ନାହିଁ



*With*

*Best Compliments of*

**HINDUSTAN AERONAUTICS LIMITED**

**KORAPUT DIVISION**

POST SUNABEDA-763002

DISTRICT KORAPUT

*With the Best Compliments from*

# OTTO INDIA PRIVATE LIMITED

## STRUCTURAL & MECHANICAL WORK

P. O. KALUNGA, DISTRICT SUNDARGARH
ORISSA

**Works**

P. O. Kalunga
District Sundargarh (Orissa)
Phone No. 3166-Rkl.
Phone No. 38-Klg.
Telex No. RL OTTOIND 210

**Head Office**

10, Middleton Row
Calcutta-71
Phone No. 21-3606
(PBX 5 Lines)
Telex No. 021-7079

DESIGNS, MANUFACTURES AND TURN-KEY CONTRACTORS FOR COKE OVEN PLANTS, BYPRODUCTS PLANTS, COAL AND COCK HANDLING PLANTS, GAS PRODUCER PLANTS, CARBONISING PLANTS, CHEMICAL PLANTS, SYNTHESIS GAS PLANTS, TOWN GAS PRODUCTION PLANTS, CONTINUOUS NEUTRALISATION PLANTS FOR TREATMENT AND PURIFICATION OF INDUSTRIAL EFFLUENT AND DOMESTIC SEWERAGE AND WATER CIRCULATION SYSTEMS.

EXPORTS OF SOFISTICATED MACHINERIES AND COMPONENTS FOR COKE OVEN PLANTS.

OGP—MP-VI [ Home (P. R.) 1—15,000—30,5-1977